ଆନନ୍ଦ-ଲହରୀ ଉପନ୍ୟାସମାଳା × × × ଷଷ୍ଠଖଣ୍ଡ—

odia.org

ଶ୍ରୀ ଚନ୍ଦ୍ରମଣି ମିଶ୍ର ବି. ଏ.

ପ୍ରିଣ୍ଟର
ସାରସ୍ୱତ ପ୍ରେସ
କଟକ

ମୂଲ୍ୟ—ଆଠଅଣା

ପ୍ରକାଶକ
ସାରସ୍ୱତ ଭଣ୍ଡାର
କଟକ

# ବିବାହ ରହସ୍ୟ

—ଏକ—

ଦିନ ପ୍ରାୟ ଦ'ପହର ହେବ । ପୁରା ଦିନ ଆଉ ରାତିଏ ଗାଡ଼ିରେ କଟାଇ ସାରି ଦ୍ୱିତୀୟ ଦିନର ଅଧେ ଭୋଗ ହୋଇଗଲାଣି, କ୍ରମାଗତ ୩୦ ଘଣ୍ଟା କାଳ ଗାଡ଼ିରେ ବସି ବସି ବଡ଼ ବ୍ୟସ୍ତ ଲାଗୁଥାଏ । ଉପରେ ଆଉ ରାତିଏ କଟିବ ମୁଁ ଯାଇ ଘରେ ପହଞ୍ଚିବ ଏଥିପାଇଁ ମନ ବଡ଼ ଉଦ୍‌ବେଗ୍ନ ହେଉଥାଏ । ଅଳ୍ପ ବାଟ ଯିବା ବାଲା ଯାତ୍ରୀମାନେ କେତେ ଗାଡ଼ିରେ ଉଠୁଥାନ୍ତି ।' ଘଣ୍ଟେ ଖଣ୍ଡେ ବସି ଦୁଇ ଷ୍ଟେସନ ଓହ୍ଲେଇ ଚାଲି ଯାଉଥାନ୍ତି—ତାଙ୍କ ସୌଭାଗ୍ୟ ଦେଖି ମନେ ମନେ ଈର୍ଷା ହେଉଥାଏ !

ଖାଲି ଯେ ମୁଁ ଏପରି ଲମ୍ବା ଯାତ୍ରା କରୁଥାଏ ତାହା ନୁହେଁ । ମୋ ସାଙ୍ଗେ ଆଉ ତିନିଜଣ ଥାନ୍ତି । ସେମାନେ ମୋର ପରି—ମୋର ପରି କାହିଁକି—ମୋ ଠାରୁ ବେଶୀ ବେଳ ଗାଡ଼ିରେ କଟାଇ ସାରିଥାନ୍ତି । ଜଣେ ମହିଳା । ବୟସ ପ୍ରାୟ ଚାଳିଶ ହେବ, ବୟସ ଗଡ଼ି ଚାଲିଣି; ସୌନ୍ଦର୍ଯ୍ୟ ବି ଗଲାଣି । ପୋଷାକ ତାଙ୍କର ବଡ଼ ଅପୂର୍ବ ଧରଣର, ପାଶ୍ଚାତ୍ୟ ଫେସନ୍‌ର ସବୁ ମେମଙ୍କ ପରି ଗୋଡ଼ ଠାରୁ ମୁଣ୍ଡ ଟୋପି ପର୍ଯ୍ୟନ୍ତ । ତେବେ ବିଚିତ୍ର ଏତିକି ଦେହରେ ପୁରୁଷ ଉପଯୋଗୀ ଖଣ୍ଡେ ଲମ୍ବା କୋଟ୍ । ତାଙ୍କ କୋଟ୍, ତାଙ୍କ ପୋଷାକ ଢଙ୍ଗ ଧୂଆଁଖିଆ ଏ ସବୁ ଦେଖି ତାଙ୍କ ପ୍ରକୃତି ଏବଂ ସ୍ୱର ଯେ ଭଲ ହେବ ବୋଲି ଅନୁମାନ କରିଥିଲି ସେ ଅନୁମାନ ମୋର ଭୁଲ୍ । ସ୍ୱରଟି ବେଶ୍

କୋମଳ । ତାହ୍ୟ ଆବରଣ ଛାଡ଼ିଦେଲେ ଆଉ ସବୁ ରମଣୀସୁଲଭ । ବଧୂଙ୍କନ କଷ୍ଟ ସହ୍ଯ ସହ୍ଯ ମୁହଁରେ ଗୋଟାଏ କାତର କରୁଣ ଭାବ ଫୁଟି ଉଠିତ ହୋଇଛି ।

ତାଙ୍କ ସାଙ୍ଗରେ ଆଉ ଜଣେ—ତାଙ୍କଠାରୁ ଜଣେ କେହି ପଚିଶତ ବର୍ଷ ହେବେ ପର—ନିଃସଂକୋଚ କଥାବାର୍ତ୍ତାରୁ ଜଣା ଯାଉଥାଏ, ଖୁବ୍ ନିକଟ ସମ୍ପର୍କୀୟ, ଆତ୍ମୀୟ—ବାବୁଙ୍କର ବୟସ ଓ ଚାଳିଶ ପାଖାପାଖି, ଭାରି ଗମ୍ଭୀର, ଭାର ଫିଟ୍ ଫାଟ, ନୂଆ କୋଟ, ନୂଆ ପାଇଜାମା, ନୂଆ କୋଟ୍—ସବୁ ନୂଆ; ଭାରି ଖୁସି ଚଞ୍ଚଳ । ମୁଣ୍ଡର କଳ ଗୁଡ଼ାକରୁ ଗୋଟାଏ ଯୋଡ଼ାଏ କେଉଁଠି ଜମିକି କଅଁଳ ପଡ଼ିଯାଇ ବାର୍ଦ୍ଧକ୍ୟର ଅପ୍ରିୟ ସୂଚନା ଦେଉଛି । କିନ୍ତୁ ସବୁ ପ୍ରସାଧନ ପରିପାଟୀ ଦ୍ୱାରା ସ୍ପଷ୍ଟ ଜଣାଇ ଦେଇଛନ୍ତି—ବାର୍ଦ୍ଧକ୍ୟକୁ ତାଙ୍କର ଅବଜ୍ଞା କେତେ । ଯୌବନସୁଲଭ ରସିକତା ଛାଡ଼ିବାକୁ ସେ ଏକଦାରେ ନାରାଜ ।

ବାକି ତୃତୀୟ ଜଣକ—ଏ ଦୁଇଜଣଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ—ପୋଷାକ ପକ୍ଷରେ ପରିପାଟୀ ନାହିଁ । କୁଞ୍ଚକୁଞ୍ଚିଆ ବାଳଗୁଡ଼ିକ ଧୂସର—ଫୁର୍ ଫୁର୍ ଉଡ଼ୁଛି । ବୟସ ବେଶୀ ହେବ ନାହିଁ; କିନ୍ତୁ ସବୁଗୁଡ଼ିକ ବାଳ ଉପଯୁକ୍ତ ସମୟର ବହୁ ଆଗରୁ ପାଚିଗଲାଣି, ଲୋକଟି ଖୁବ୍ ରୋଗା, ଖୁବ୍ ଗମ୍ଭୀର, ଖୁବ୍ ଉଦାସୀନ—କାହା ସଙ୍ଗେ କଥାବାର୍ତ୍ତା ନାହିଁ । ଯାହା କରୁଛନ୍ତି—ସତେ ଯେପରି ଉଦ ଉଦ କରୁଛନ୍ତି—ଆଖି ଦୁଇଟି ଭୟରେ ହେବ ପରି—କ୍ଷଣକୁ କ୍ଷଣ ଭିନ୍ନ ଭିନ୍ନ ଜିନିଷ ଉପରେ ବୁଲି ଆସୁଛି ।

ପୋଷାକ ପକ୍ଷରେ ପରିପାଟୀ ନାହିଁ ସତ, ପୋଷାକଗୁଡ଼ିକ ପୁରୁଣା ମଇଳା ସତ, ତେବେ ସେ ଗୁଡ଼ିକ ଖୁବ୍ ବଢ଼ିଆ କାଟ ଛାଣ୍ଟବାଲା—କଲିକତା Whiteway ସାହେବଙ୍କ ଦୋକାନରୁ ବାହାରିଲା ପରି ଜଣାଯାଉଥାଏ । ଲୋକଟି ନିଶ୍ଚୟ କୌଣସି ବଡ଼ପଦରେ ପଡ଼ି ଏପରି ହୋଇଛନ୍ତି ବୋଲି ମନେ ହେଉଥାଏ ।

ଭଦ୍ରଲୋକଟି କାହା ସାଙ୍ଗେ କଥାବାର୍ତ୍ତା ହେଉ ନ ଥାଆନ୍ତି । କେହି କୌଣସି ପ୍ରଶ୍ନ ପଚାରିଲେ ରୂଢ଼ ଭାବରେ ଗୋଟାଏ କିଛି ଉତ୍ତର ଦେଇ ସେ ଧୂଆଁ ଟାଣିବାରେ, ଗୁଆଖଆରେ ଜଳଖିଆରେ ବା ଝରକା ବାଟେ ମେଘକୁ ଚାହିଁ-ବାରେ ଏପରି ମନୋଯୋଗ ଦିଅନ୍ତି ଯେ, ଯେ ଥରେ ତାଙ୍କ ସଙ୍ଗେ କଥା

ବାର୍ତ୍ତା କରିବାର ଉଦ୍ୟମ କରିଥିବେ ସେ ସହଜେ ଦ୍ୱିତୀୟ ଚେଷ୍ଟାପାଇଁ ଇଚ୍ଛୁକ ହେବେ ନାହିଁ । ସେ ବେଳେ ବେଳେ ଏପରି ଗୋଟାଏ ଗୋଟାଏ ଶବ୍ଦ କାଶିଭଳି ବା ଜୁକ୍ ହସ ଭଳିଆ କରୁଥାନ୍ତି ଯେ ସେ ଅଭିନବଶବ୍ଦ ତାଙ୍କ ଅପୂର୍ବ ଢଙ୍ଗ ଢାଙ୍ଗକୁ ଆହୁରି ଅଦ୍ଭୁତ କରି ପକାଉଥାଏ ।

ଦ୍ୱିତୀୟ ଦିନର ସନ୍ଧ୍ୟାବେଳେ ଗାଡ଼ି ଗୋଟାଏ ବଡ ଷ୍ଟେସନରେ ରହିଲା । ଅଦ୍ଭୁତ ଭଦ୍ରଲୋକଟି ଗୃଢ଼ଆଚ କରିବା ପାଇଁ ଫୁଟନ୍ତା ପାଣି ଆଣିବାକୁ ପଦାକୁ ଗଲେ । ଓକିଲ ବାବୁଟି ଫିଟ୍ ଫାଟ୍ ବାବୁ । ଓକିଲ ବୋଲି ପରେ ବୁଝିଥିଲି— ମହିଳାଙ୍କ ସାଙ୍ଗରେ ଧରି ଖାନା ଖାଇବାପାଇଁ ବାହାରିଲେ. ଆଉ ମୁଁ ରହିଲି ଏକୁଟିଆ; ଏତକ ବେଳେ ପୁଣି ନୂଆ ଯାତ୍ରୀ କେତେ ଆସି ପହଞ୍ଚିଲେ । ଏମାନଙ୍କ ଭିତରେ ଜଣେ ବୟସ୍କ ଲୋକ । ଲୋକଟିକୁ ଦେଖିଲା ମାତ୍ରେ ସମ୍ଭ୍ରାନ୍ତ ଉଚ୍ଚବଂଶୀୟ ପରି ଜଣାଯାଉଥାଏ । ନାଗରା ଯୋତା, ପୁରୁଣା କାଳିଆ ଲମ୍ବା କୋଟ୍‌ରୁ ଜଣାଯାଉଥାଏ, ସେ ନୂଆ ଆଦବ କାଇଦାରୁ ଦୂର ଛଡା ହୋଇଅଛନ୍ତି । ଆଉ ଜଣଙ୍କ ଜଣେ ଟୋକା କରଣୀ ହେବେ ପରି !

ଏ ଦୁହେଁ ମୋ ପାଖରେ ବସି କଥାବାର୍ତ୍ତା ଆରମ୍ଭ କରିଦେଲେ । ଜମିଦାର ବାବୁ ପ୍ରଥମରୁ କଥା ଆରମ୍ଭ କରି କହିଲେ, ସେ ଅଳ୍ପ ଦୂରବର୍ତ୍ତୀ ତାଙ୍କ ଜମିଦାରୀକୁ ଯାଉଛନ୍ତି । ତା ପରେ ଆଜିକାଲି ପ୍ରଜାଙ୍କ ବଦମାସି— ଖଜଣା ଦେବାରେ ଗଫଲତି ବା ଅସାମର୍ଥ୍ୟ ଯାହା କହ—ଜମିଦାରଙ୍କ ଦୁର୍ଦ୍ଦଶା—ବାଏକଟ୍, ଜିନିଷ ପତ୍ର ଦରଦାମ—ଏହିପରି କେତେ କଥା ପଡ଼ିଗଲା । କରଣୀମାନଙ୍କର ବିଶେଷତ୍ୱ, ନିଜର କୌଣସି ବିଶିଷ୍ଟ ମତ ନ ଥିବାରୁ ସେମାନେ ସମାନ ଆଗ୍ରହରେ ସବୁ କଥାବାର୍ତ୍ତାରେ ଯୋଗ ଦେଇ ପାରନ୍ତି । ଆମ କରଣୀ ଭଦ୍ରଲୋକଟି କଥା ବାର୍ତ୍ତାରେ ବେଶ୍ ମଜି ଯାଇଥାନ୍ତି । କଥାର ଦିଗ ବଦଳିଲା । ଜମିଦାର ବାବୁ ଉପଯୁକ୍ତ ଶ୍ରୋତା ପାଇ ତାଙ୍କ ଯୌବନ ଓ ପ୍ରୌଢ଼ାବସ୍ଥାର କେତେଗୁଡ଼ାଏ କଥା କହିବାକୁ ଆରମ୍ଭ କଲେ । ତାଙ୍କ ଜମିଦାରୀରେ ଦାସୀନାଚ, ତାଙ୍କ ଯୌବନର ପ୍ରେମ ଇତିହାସର କେତେ ପୃଷ୍ଠା; ମୋତେ ଏ ସବୁ ଶୁଣିବାକୁ ସୁଖ ଲାଗିଲା ନାହିଁ, ମୁଁ ଉଠିଲି ପ୍ଲାଟ୍ ଫର୍ମରେ ଯାଇ ଟିକଏ ପଦ ଚାରଣ କରିବାକୁ ।

ପାଞ୍ଚ ମିନଟ୍ ବିତିଛି କି ନାହିଁ, ଗାଡ଼ି ଛାଡ଼ିବାର ଉପକ୍ରମ ହେଲା । ତର ବର ହୋଇ ଆସି ମୋ ସ୍ଥାନରେ ବସିଲି । ସମସ୍ତେ ଆସି ଆପଣା ଆପଣା ସ୍ଥାନରେ ବସି ପଡ଼ିଲେଣି ।

ଓକିଲ ବାବୁ ମହିଳାଙ୍କୁ ହସି ହସି କହୁଛନ୍ତି—ତା ବାଦ୍ ?

ତା ବାଦ୍ ଆଉ କଣ ? ସେ ଆସି ତା ସ୍ୱାମୀକୁ କହିଲା 'ମୁଁ ଆଜି ତମ ସାଙ୍ଗେ ରହି ପାରିବ ନାହିଁ, କାରଣ—'

ଆଉ କିଛି ଶୁଣି ପାରିଲି ନାହିଁ—ଗାଡ଼ି ଠିକ୍ ଛାଡ଼ିବା ବେଳକୁ ସାଧାରଣତଃ ଯେଉଁ ହଟ୍ଟଗୋଳ ହୁଏ ସେଥି ଯୋଗୁଁ ।

ଗଡ଼ି ଚାଲିଲା, ଗାଡ଼ି ଶବ୍ଦ କ୍ରମାଗତ ଲାଗିବାରୁ କାନ ସେ ଶବ୍ଦକୁ ଛାଡ଼ି ଶୁଣିବାକୁ କ୍ଷମ ହେଲାରୁ ପୁଣି ଶୁଣିଲି—ଓକିଲ ଓ ତାଙ୍କର ସଙ୍ଗିନୀ ଯେଉଁ ବିଶେଷ ଘଟଣାଟିର କଥା ପକାଇଥିଲେ ତାକୁ ଛାଡ଼ି ମୋଟା ମୋଟି ଛାଡ଼ପତ୍ର ଦିଆନିଆର ଭଲ ମନ୍ଦ ବିଚାର ଆରମ୍ଭ କଲେଣି । ଓକିଲ ବାବୁ କହୁଛନ୍ତି—ଛାଡ଼ପତ୍ର ଦେବା ଠିକ୍ କି ନୁହେଁ ଆଉ ବିଚାର କରିବାର ଅବକାଶ ନାହିଁ । ୟୁରୋପ, ଆମେରିକା ତମାମ ଏହା ଦୈନନ୍ଦିନ ଘଟଣା ହୋଇ ପଡ଼ିଲାଣି । ଆମ ଦେଶର ଶିକ୍ଷିତ ଲୋକେ ବି ଏହା ଠିକ୍ ବୋଲି କ୍ରମେ କ୍ରମେ ବୁଝୁଛନ୍ତି ।

ହଠାତ୍ ଜମିଦାର ବାବୁଙ୍କ ଆଡ଼କୁ ଚାହିଁ ସେ କହିଲେ—ପୂର୍ବକାଳରେ ଆମ ଦେଶରେ ଏକଥା ସବୁ ନଥିଲା ?

ଜମିଦାର ବାବୁ ଏମାନଙ୍କ କଥା ଶୁଣି ଆଗରୁ ଯେପରି ନାକ ଟେକୁଥିଲେ, ସେଥିରୁ ଜଣା ପଡୁଥିଲା ତାଙ୍କୁ ଏ ସବୁ ଭଲ ଲାଗୁନଥାଏ । ସେ ନିଜର ପକ୍ଷେ ଅଧେ ମତ ଜଣାଇବାକୁ ତିଆର ଥିଲେ । ବର୍ତ୍ତମାନ ଓକିଲଙ୍କ ପ୍ରଶ୍ନ ଫଳରେ ସୁଯୋଗ ମିଳିଗଲା । ସେ କହିଲେ "ନଥାନ୍ତା କାହିଁକି ? ହାବୁଡ଼ା ଝଟକା କେଉଁଠି ଜମିଛି, ନୀଚ ଜାତି ଲୋକଙ୍କ ଭିତରେ ଗୋଟେ ଅଧେ ଛାଡ଼ପତ୍ର ଦିଆ ଶୁଣାଥିଲା । କିନ୍ତୁ ଉଚ୍ଚ ଜାତିର ଲୋକଙ୍କ ଭିତରେ ଆଜି ଏହା ଯେପରି ବ୍ୟାପୁଛି ସେ ନୂଆ କଥା । ଆଜି କାଲି ଆମ ଦେଶରେ ଯେ ଉନ୍ନତ ଶିକ୍ଷା ଓ ଉତ୍କୃଷ୍ଟ ସଭ୍ୟତାର ହାଉଆ ବହୁଛି ସେଥିରେ ଏପରି ହେବା ତ ସ୍ୱାଭାବିକ ।

ଜମିଦାର ବାବୁଙ୍କ କଥା, କହିବା ଢଙ୍ଗରୁ ବୁଝିଲି ଯୁକ୍ତିତର୍କ ଟିକିଏ ସରଗରମ ହୋଇ ଲାଗିବ। ଭଲ କଥା ଶୁଣିବାକୁ ମୁଁ ଟିକିଏ ପାଖକୁ ଘୁଞ୍ଚି ଆସିଲି। ଆମ ସହଯାତ୍ରୀ ଅଦ୍ଭୁତ ଲୋକଟି ମଧ୍ୟ ହଠାତ୍ ଟିକିଏ ଆଗ୍ରହ ଦେଖାଇ କାନ ଡେରିଲେ। ଅବଶ୍ୟ ସେ ତାଙ୍କ ଜାଗାରୁ ଘୁଞ୍ଚିଲେ ନାହିଁ।

ମହିଳାଟି ଟିକିଏ ବଡ଼ ଉତ୍ତେଜିତ ହୋଇ ପଚାରିଲେ—ଶିକ୍ଷା ସଭ୍ୟତାର ଦୋଷ କଣ ? ଆଉ ଆପଣ କହୁଛନ୍ତି ପରା, ସେହି ପୁରୁଣା ଅସଭ୍ୟ ଯୁଗର ପ୍ରଥା ଅନୁସାରେ ଯୋଡ଼ିଏ ଅଜଣା ଅଚିହ୍ନା ବାଳକ ବାଳିକାଙ୍କୁ ବାନ୍ଧି ଦିଅନ୍ତେ ? ସେମାନେ ପରସ୍ପର ସୁଖରେ ରହିବେ, ତାଙ୍କର ମନ ମିଳିବ କି ନାହିଁ ସେ କଥାକୁ ଖାତିର ନାହିଁ। ଏଇ କଥାଟା ଆପଣଙ୍କୁ ଭଲ ପରା ?

ଜମିଦାର ବାବୁ ପୁରୁଣା କାଳିଆ ବିବାହ ପଦ୍ଧତିକୁ ପସନ୍ଦ କରି କିଛି କହି ନ ଥିଲେ। ସେ ଯାହା କହିଥିଲେ ଗୁଜି ପଣି ଦରୁବରେ କିନ୍ତୁ ସେତିକରୁ ମହିଳା ଠଉରେଇ ନେଲେ, ସେ ପୁରୁଣା ବିବାହ ପଦ୍ଧତିର ପକ୍ଷପାତୀ। ସେହି ଅନୁମାନରେ ସେ ପୁରୁଣା ବିବାହ ପଦ୍ଧତିର ନିନ୍ଦାକରି ଆହୁରି କେତେ କଣ ଗାଇ ଗଲେ।

ଜମିଦାର ବାବୁ ଖୁବ୍ ଅବଜ୍ଞାରେ ମହିଳାଙ୍କ ବକ୍ତୃତାକୁ ଉଡ଼ାଇ ଖାଲି ଏତିକି କହିଲେ,—ଆଜିକାଲି ଲୋକେ ବଡ଼ ଭୟଙ୍କର ସଭ୍ୟ ହୋଇ ଗଲେଣି।

ଓକିଲ ବାବୁ ପଚାରିଲେ—ସଭ୍ୟତା ସଙ୍ଗେ ଆପଣ ଗୁଜିପନ୍ଥ ପ୍ରଥା ଅର୍ଥାତ୍ ବିବାହ ଜୀବନରେ ଅଶାନ୍ତିର କି ସମ୍ବନ୍ଧ ଧାର୍ଯ୍ୟ କରୁଛନ୍ତି ?

ଜମିଦାର ବାବୁ କଣ କହୁଥିଲେ। କିନ୍ତୁ ମହିଳା ତାଙ୍କୁ ବାଧା ଦେଇ କହିଲେ—ଆଜି ସେ ଅନ୍ଧାର ଯୁଗ ଆସିବ ନାହିଁ ଗୋ ଆସିବ ନାହିଁ। ବିଚାରୁଛ ପରା ସେମିତି ଅସଭ୍ୟ ଭାବରେ ବିବାହ କରାଉଥିବ ?

ଓକିଲ ବାବୁ—ସେ କଥା କାହିଁକି ପଡ଼ିଛି। ସେ କଣ କହିବେ ଟିକିଏ ଅପେକ୍ଷା କରି ଶୁଣ। ଆପଣ ଜଣଟି କିଏ ବୁଝେଇ ଦେଲେ।

ଜମିଦାର ବାବୁ—ଆଜିକାଲି ଯାହାକୁ ଶିକ୍ଷା ବୋଲି କହୁଛ ତାହାର

ଫଳରେ ଲୋକେ ଅଧିକ ବୋକା ହେଉଛନ୍ତି । ଜମିଦାର ବାବୁ କିଛି କହିବା ପୂର୍ବରୁ ମହିଳାଟି ତୁରନ୍ତ ବକ୍ତୃତା ଆରମ୍ଭ କରି ଦେଲେ—

ବାଃ, ଅଜଣା ଅଚିହ୍ନା ଲୋକ ଯୋଡ଼ିଏ ଆଣି ବାହା କରିଦେବ । ତାଙ୍କ ଭିତରେ ପ୍ରେମ ନାହିଁ, ତାଙ୍କର ପରସ୍ପର ପ୍ରତି ଆକର୍ଷଣ ନାହିଁ । ଏପରି ଅବସ୍ଥାରେ ସେମାନେ ସୁଖରେ ରହିବେ କିପରି କହିଲ ? ମଣିଷ ସବୁ କଣ ଗୋରୁଗାଈ ହୋଇଛନ୍ତି ? ମନ ଇଚ୍ଛା ଯୋଡ଼ିଏ ଆଣି ଏକା ଖୁଣ୍ଟରେ ବାନ୍ଧି ଦେବ ? ମଣିଷଙ୍କର ତ ପୁଣି ବୁଦ୍ଧି ଅଛି, ଭଲ ମନ୍ଦ ବିଚାର କରିବାର ଶକ୍ତି ଅଛି—ମାନସିକ ବୃତ୍ତି ସବୁ ଅଛି ?

ଜମିଦାର ବାବୁ—ଆଉ କି ଏପରି ବକ୍ତୃତାଏ ବଢ଼ ଯାଉଛ । ମଣିଷ ପଶୁ ନୁହେଁ ବୋଲି ସମସ୍ତେ ଜାଣନ୍ତି । ମଣିଷଙ୍କର ସମାଜ ଅଛି—ନୀତି ଅନୀତି ଅଛି ।

ମହିଳା—ହଉ ତେବେ । କହିଲ ଦେଖି ସ୍ତ୍ରୀ ପୁରୁଷ ପ୍ରତି ପ୍ରେମ ନଥିଲେ ସେ ତା ସଙ୍ଗେ ରହିବ କିମିତି ?

ଜମିଦାର ବାବୁ ଭାରି ଗମ୍ଭୀର ଭାବରେ କହିଲେ—ଏ ଯେଉଁ 'ପ୍ରେମ ପ୍ରେମ' ବୋଲି ଚିତ୍କାର କରୁଛ, ସେ କଥା ପୂର୍ବକାଳରେ ନଥିଲା । ଏ ପ୍ରେମ ଭୂଆ ଲୋକେ ଏଇନେଗେ ଧରୁଛନ୍ତି । ଏ ପ୍ରେମ ବିଷ ଏପରି ଘାରିଲାଣି ଯେ ଇଉରୋପରେ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ 'ଡାଇଭୋର୍ସ' ହଥା ହଥା ଚାଲିଛି, ଆମର ବି ସେହିପରି ହେବାର ଉପକ୍ରମ ହେଲାଣି । ଏଥିରେ ଏଣିକି ଟିକିଏ ମନ ନ ମାନିଲେ ସ୍ତ୍ରୀ ବାହାରି ପଡ଼ି କହିବ, 'ମୁଁ ତୋ ସାଙ୍ଗରେ ମୁଁ ଆଉ ରହିବି ନାହିଁ । ଅମୁକର ମୁହଁଟି ସୁନ୍ଦର, ନାକଟି ସୁନ୍ଦର ମୁଁ ଯାଉଛି ତାର ସାଙ୍ଗେ ଘର କରିବି ।' ଏମିତି ଅବସ୍ଥାରେ ଆଉ ସମାଜ ରହିବ ନା ସଂସାର ରହିବ ? ସ୍ତ୍ରୀ ପତିବ୍ରତା ହେବା ଦରକାର; ସ୍ୱାମୀର ମନ ପ୍ରତି ଭକ୍ତି, ଭକ୍ତି ଥିଲେ ସିନା ହେବ !

କିରଣୀ ବାବୁ ଓ ଉତ୍କଳ ବାବୁଙ୍କ ମୋତେ ଓ ମୋ ବନ୍ଧୁଙ୍କ ଉପର ଦୃଷ୍ଟି ମଜଭୁତ୍ ରଖି ଚୁପ୍ ରହିଲେ । ଉଦ୍ଦେଶ୍ୟ, ଆମ ମୁହଁର ଭାବ ଦେଖି ସେହି ଅନୁସାରେ ଜମିଦାର ବାବୁଙ୍କ କଥାକୁ ପସନ୍ଦ ବା ନାପସନ୍ଦ କରିବେ ।

ମହିଳା ଉତ୍ତେଜିତ ହୋଇ କହିଲେ—ହେଇ ତ ସେଇ ପୁରୁଣା କାଳିଆ କୁସଂସ୍କାର । ଭକ୍ତି କଣ ? ସ୍ତ୍ରୀ ଭକ୍ତି ପୁଣି କଣ କରିବ ? ସେ ଦିନ ଗଲାଣି ଗୋ, ଗଲାଣି ।

ଜମିଦାର ବାବୁ—ଭକ୍ତି କଣ ? ଶାସ୍ତ୍ର ପରା ଡାକୁଛି, ସ୍ୱାମୀଙ୍କୁ ଭକ୍ତି କରିବା ସ୍ତ୍ରୀର କର୍ତ୍ତବ୍ୟ ?

ମହିଳା—ସେ ଦିନ ଗଲାଣି । ଧର୍ମଶାସ୍ତ୍ର କଥାରେ ଆଶ୍ରୟ ନେବା ଆଉ ଚଳିବ ନାହିଁ ।

ଜମିଦାର ବାବୁ—ସେ ଦିନ ଯିବାର ନୁହେଁ । ଧର୍ମ ଶାସ୍ତ୍ର କଥା, ରହିବ, ରହିବ, ଶାସ୍ତ୍ରରେ ଅଛି ସ୍ତ୍ରୀ ପୁରୁଷର ଅଧୀନ । ସେହି ଅଧୀନତା ରହିବ । ପୁରୁଷର ଯାହା ଧର୍ମ ସ୍ତ୍ରୀ ତାହା ମାନି ଚଳିବ । ମିଛରେ ଗୁଡ଼ାଏ ବାଡ଼େଇ ଜଗୃଡ଼ ହେବାରେ ଲାଭ ନାହିଁ ।

ଜମିଦାର ବାବୁ ଏପରି ଜୋର ଦେଇ ଏ କଥା ଗୁଡ଼ିକ କହିଲେ ଯେ କଗଣୀ ବାବୁ ପରିଷ୍କାର ବୁଝିନେଲେ, ଜମିଦାର ବାବୁଙ୍କର ଜିତ୍ । ତେଣୁ ସେ ଆଉ ଆମ୍ଭମାନଙ୍କୁ ଅପେକ୍ଷା ନକରି ତାଙ୍କ ମଜୁଡ଼ି ରଖିଥିବା ହସଟି ଜୋରରେ ଫୁଟାଇ ଦେଲେ ।

ମହିଳା ଏକଥାରେ ବିବ୍ରତ ହେଲେ । ସେ ତ ହାର ମାନିବା ଲୋକ ନୁହନ୍ତି । ଖୁବ୍ ଟାଣରେ କହିଲେ—ହିଁ ପୁରୁଷମାନଙ୍କର ତ ଏଇ କଥା । ଆପଣା ବେଳକୁ ଭକ୍ତି ଫକ୍ତି କିଛି ନାହିଁ । ଆପଣା କାର୍ଯ୍ୟକୁ ବାଡ ବତା ନାହିଁ; କିନ୍ତୁ ସ୍ତ୍ରୀମାନଙ୍କ କଥା ପଡ଼ିଲା ବେଳକୁ ଭକ୍ତି, ପତିବ୍ରତାପଣ, ସବୁ ।

ଜମିଦାର ବାବୁ—ତା ତ ହେବାର କଥା । ପୁରୁଷ ସ୍ତ୍ରୀ ଉଭୟଙ୍କୁ ସମାନ ସୁବିଧା ଦେଲେ ତ ଚଳିବ ନାହିଁ । ପୁରୁଷ ଅବିବେକପଣିଆ କଲେ ଘରଭିତରେ ତ ନିନ୍ଦା ପଶିବ ନାହିଁ । କିନ୍ତୁ ସ୍ତ୍ରୀ ଯଦି ନଷ୍ଟଚରିତ୍ରା ହୁଏ, ତେବେ ବାହାରେ ଦୁଷ୍କୃତ କରି ଘରଭିତରେ ଆଣି କଳଙ୍କ ବୁଜୁଳା ପକ୍ଷୁଆଇବ ।

ଏ କଥାଟା ସେ ଏମିତି ଗମ୍ଭୀର ଭାବରେ ଏପରି ଜଡ଼ି ଭାବରେ କହିଲେ ଯେ ଏଥିରେ ମହିଳା ଦବିଗଲେ । କିନ୍ତୁ ବିନତି କଲି ଭଳିଆ

ଆପତ୍ତି କଲେ—ଠିକ୍ କଥା, କିନ୍ତୁ ସ୍ତ୍ରୀ ତ ପୁଣି ମନୁଷ୍ୟ ! ତା'ର ତ ପୁଣି ମନ ଅଛି । ସେ ମନ ଯଦି ନ ମାନିଲା ତେବେ ସେ କପଟ ପୁରୁଷ ସଙ୍ଗେ ଘରକରି ରହିବ କିଲା ?

ଜମିଦାର ବାବୁ କଥାଟାକୁ ବେଖାତିର କରି କହୁଥିଲେ.—ଏଇ କଥା ତ ? ଏଥିକି କିଛି ଭୟନାହିଁ । ସ୍ତ୍ରୀ ର ମନ ନଲାଗିବ ତ ନଲାଗୁ, ଚିନ୍ତା ନାହିଁ । ମୂଳରୁ ଯଦି ମନ ନମାନିଛି ବାହାଦେଲେ ବଳେ କାଳକ୍ରମେ ମନ ମାନିଯିବ ।

ମଣ୍ଡଳ—ଏ କଥା ଅସମ୍ଭବ । ମନ ମୂଳରୁ ନଥିଲେ, ଯେତେ ସମସ୍ତ ଯାଉ ପଛେ, ଆଉ କିଏ ମନ ମାନିବ ? ଜୋର ଜବରଦସ୍ତିରେ ତ ମନ ମାନେ ନାହିଁ ।

ଓକିଲ ବାବୁ କହିଲେ—ଆଚ୍ଛା, ସେ କଥାତ ସେମିତି ହେବ । କିନ୍ତୁ ଧରନ୍ତୁ କୌଣସି ସ୍ତ୍ରୀ ଅସନ୍ତୁଷ୍ଟ ହେଲା, ସେତେବେଳେ କର୍ତ୍ତବ୍ୟ କଣ ?

ଜମିଦାର ବାବୁ ଉତ୍ତର ଦେଲେ—ଅସନ୍ତୁଷ୍ଟ ହେବ କାହିଁକି ନା ? ମୂଳରୁ ସେ ବାଟ ବନ୍ଦ କରିଦେବାକୁ ହେବ ।

କିନ୍ତୁ ଯେତେ ବାଟ ବନ୍ଦକଲେ ବି ଯଦି ଏପରି ହୁଏ ?

ହେଉ କି ନ ହେଉ । ଆମେ ଏତିକି ଜାଣୁ ଯେ ଆମ ସମାଜରେ ଏପରି ହେବା ଖୁବ୍ କ୍ୱଚିତ୍ ।

ଏଥିରେ ସମସ୍ତେ ଚୁପ ହେଲେ । କିରାଣୀ ବାବୁ କିନ୍ତୁ ଚୁପ ହେଲେନାହିଁ । ସେ ଟିକିଏ ପାଖକୁ ଘୁଞ୍ଚି ଆସି ଗୋଟିଏ କଥା ଆରମ୍ଭକଲେ । ସେ ବର୍ଣ୍ଣନା କଲେ—ତାଙ୍କର ଜଣେ କୌଣସି ବନ୍ଧୁଙ୍କ ସ୍ତ୍ରୀ ଅସତ୍ ମାର୍ଗରେ ଯାଇ ଅନେକ ଗୁଡ଼ିଏ କୀର୍ତ୍ତି ଅର୍ଜିଲେ । ସ୍ୱାମୀ ବିଚରା ଝୁରି ମରିଲା । ଶେଷକୁ ଅଗତ୍ୟା ତାକୁ ତ୍ୟାଗ କରିବାକୁ ପଡ଼ିଲା । ଏବେ, ସ୍ତ୍ରୀଟି ଲଗାମ ଛୁଡ଼ି ପାଇ ପୂର୍ଣ୍ଣମାତ୍ରାରେ କୁପଥଗାମିନୀ ହୋଇଛି, ପୁରୁଷ ବିଚରା ଏକୁଟିଆ ବ୍ରହ୍ମଚର୍ଯ୍ୟ ଜୀବନ କଟାଉଛି ।

କଥାଟି କହିସାରି କିରାଣୀ ବାବୁ ବୃଦ୍ଧଙ୍କୁ ପଚାରିଲେ ।

ବୃଦ୍ଧ ଜମିଦାର ଉତ୍ତର ଦେଲେ—ଆଗରୁ ପୁରୁଷ ସତର୍କ ହୋଇଥିଲେ

ଏପରି ଘଟି ନଥାନ୍ତା । କଥା ଅଛି 'ବିଶ୍ୱାସେ ନୈବ କର୍ତ୍ତବ୍ୟଂ ସ୍ତ୍ରୀଷୁ ରାଜ କୁଳେଷୁ ଚ ।' ଏକଥା ମନେ ରଖି ସ୍ତ୍ରୀମାନଙ୍କୁ ଗୋଡ଼େ ଗୋଡ଼େ ଜଗିବାକୁ ପଡ଼ିବ । ଟିକିଏ ନ ଜଗିଲେ ସର୍ବନାଶ !

ମୁଁ ଆଉ ସ୍ଥିର ହୋଇ ପାରିଲି ନାହିଁ । କହିଲି—'ସ୍ତ୍ରୀମାନଙ୍କୁ ତ ଗୋଡ଼େ ଗୋଡ଼େ ଜଗିବାକୁ କହୁଛନ୍ତି । କିନ୍ତୁ ପୁରୁଷର ତାଙ୍କୁ ଆଉ ଜଗିବା ଦରକାର ନାହିଁ ପରା ? ଆପଣ ଗାଡ଼ିକୁ ପ୍ରଥମେ ଆସିଲା ବେଳେ କରଣୀ ବାବୁଙ୍କୁ ଯେ ସବୁ କଥା କହୁଥିଲେ, ମନେ ଅଛି ତ ?

ଜମିଦାର ବାବୁ ମୂଳରୁ ମାରିଦେଲେ—ସେ ତ ଅନ୍ୟ କଥା । ସେ କଥାର ଏଠାରେ ପ୍ରୟୋଜନ ନାହିଁ ।—

ଗାଡ଼ି ଆସି ଷ୍ଟେସନରେ ଠିଆ ହେଲା । ସେହି ଷ୍ଟେସନରେ ଜମିଦାର ବାବୁ ଓହ୍ଲାଇବାର କଥା । ସେ ତର ତର ହୋଇ ପ୍ଲାଟ୍‌ଫର୍ମକୁ ଚାଲିଗଲେ ।

## — ଦୁଇ —

ଜମିଦାର ବାବୁ ଯିବା ମାତ୍ରେ ପୁଣି କଥାବାର୍ତ୍ତା ଚାଲିଲା ।

କରଣୀ ବାବୁ କହିଲେ—ଅସଲ ମରହଟି ବୁଢ଼ାଟା ।

ମହିଳା ପକେଟ ଭିତରୁ ସିଗାରେଟ୍ ଖଣ୍ଡେ ବାହାର କରି ନିଆଁ ଧରାଇ ଧରାଇ ମତ ଦେଲେ—ପୁରୁଣା ଯୁଗର ବର୍ବରତାର ସାକ୍ଷାତ ଗୋଟିଏ ପ୍ରତିମୂର୍ତ୍ତି । କି କୁସଂସ୍କାର ! ନାରୀ ଜାତି ବିଷୟରେ କି ଭ୍ରାନ୍ତ ଧାରଣା । ଏହି ଭଳି ଲୋକଙ୍କ ଯୋଗୁଁହିଁ ନାରୀ ଜାତିର ଏତେ ଅଧଃପତନ ।

ଓକିଲ ବାବୁ ତ କହିଲେ—ପାଶ୍ଚାତ୍ୟ ଜଗତର ଉନ୍ନତ ଆଲୁଅ ଓ ମତ ସବୁ ଆମ ଦେଶରେ ପଶୁ ପଶୁ ଆହୁରି ଅନେକ ଦିନ ଲାଗିବ । ଏପରି ଲୋକଙ୍କର ସଂଖ୍ୟା ଆଜି କାଲି ବି ବଡ଼ କମ୍ ନୁହେଁ ।

ମହିଳା ଟିକିଏ ଉତ୍ତେଜିତ ହୋଇ କହିଲେ—ଦେଖ, ବିବାହ

ବିଷୟରେ ଏମାନଙ୍କର କି ଧାରଣା ! ସତେ ଏ ଧାରଣା ଲୋପ ହେବ ନା, ଦେଶର ସୁଦିନ ଫେରିବ ! ଏମାନେ ଏହି ଟିକକ ବୁଝନ୍ତି ନାହାନ୍ତି ଯେ, ପ୍ରେମ ନଥିଲେ ବିବାହର କିଛି ଅର୍ଥ ନାହିଁ । ପ୍ରେମ ବିବାହକୁ ପବିତ୍ର କରେ—ପ୍ରେମ ଥିଲେ ଯାଇ ବିବାହ ବାସ୍ତବିକ ବିବାହ ନାମର ଉପଯୁକ୍ତ ।

କିରଣୀ ବାବୁ ଖୁବ୍ ଧ୍ୟାନ ଦେଇ ଏକଥା ଶୁଣୁଥାନ୍ତି, ସତେ ଅବା ଯେପରି କଥା ପିଇ ଯାଉଥାନ୍ତି । ମୋର ମନେ ହେଲା, ଭବିଷ୍ୟତରେ ନିଜର ପାଣ୍ଡିତ୍ୟ ଦେଖାଇ ତାଙ୍କ ଭଳିଆ ଲୋକଙ୍କ ଆଗରେ କହିବା ନିମନ୍ତେ ସେ କେତେ ଗୁଡ଼ିଏ କଥା ବାଛି ବାଛି ମନେ ରଖି ଦେଉଥାନ୍ତି । ଏହିମତି ସମୟରେ ଆମ ଅଦ୍ଭୁତ ଲୋକଟିଙ୍କର ନିମ୍ନ ଅଦ୍ଭୁତ ଶବ୍ଦ ଶୁଣାଗଲା । ସତେ ଯେପରି ସେ ମହିଳାଙ୍କ କଥାରେ ଉପହାସ କରିବାକୁ ଯାଇ ଲୁଚବଲୁଚ ହେବ ବୋଲି ଭୟରେ ହସ ଲୁଚି କରି ରଖୁଛନ୍ତି ବା ମହିଳାଙ୍କ କଥାରେ ତାଙ୍କର କୌଣସି ସ୍ମୃତି ଜାଗ୍ରତ ହେବାରେ ତାଙ୍କ ହୃଦୟର କୋହ ପ୍ରକାଶ ହେବାପାଇଁ ବାଟ ଖୋଜି ପାଟିଠେଇଁ ଆସି ରୁଦ୍ଧ ହୋଇ ରହିଯାଇଛି ।

ଏପର୍ଯ୍ୟନ୍ତ ଆମ୍ଭମାନଙ୍କର ତାଙ୍କ ଉପରେ ଦୃଷ୍ଟି ନ ଥିଲା । ହଠାତ୍ ଶବ୍ଦଟି ଶୁଣି ସମସ୍ତେ ତାଙ୍କ ଆଡ଼କୁ ଚାହିଁଲୁ । ସେ ଆପଣା ବସିବା ଜାଗାରୁ ଉଠି ଠିଆ ହୋଇଥାନ୍ତି । ରୁଦ୍ଧ ଆବେଗ ଓ ଉତ୍ତେଜିତ ଭାବ ତାଙ୍କ ମୁହଁରେ ସଫା ଜଣା ପଡ଼ୁଥାଏ ।

ସେ ସେହି ଆବେଗରେ ପଚାରିଲେ—ଯେଉଁ ପ୍ରେମ ବିବାହକୁ ପବିତ୍ର କରେ, ଯାହା ବ୍ୟତୀତ ବିବାହର ଅର୍ଥ ନାହିଁ, ସେ ପ୍ରେମ ଜିନିଷଟା କଣ ?

ମହିଳା ତାଙ୍କ ଅବସ୍ଥା ଦେଖି ଟିକିଏ ମଧୁର ସ୍ୱରରେ ଉତ୍ତର ଦେଲେ—ପ୍ରକୃତ ପ୍ରେମ, ଅସଲ ପ୍ରେମ,—ଏ ପ୍ରେମ ନଥିଲେ ବିବାହ ଅସମ୍ଭବ ।

ଅଦ୍ଭୁତ ଲୋକଟି ପୁଣି ଅତି ସନ୍ତର୍ପଣରେ ପଚାରିଲେ—ହଁ ଯେ, ସେହି ପ୍ରକୃତ, ଅସଲ ପ୍ରେମଟି କଣ ?

ମହିଳା—ସେ କଣ, ସମସ୍ତେ ଜାଣନ୍ତି !

କିନ୍ତୁ ମୁଁ ତ ବୁଝି ପାରୁନାହିଁ ସେ କଣ ମୋତେ ଟିକିଏ ବୁଝାଇ ଦିଅନ୍ତୁ !

ଏ ପୁଣି ଗୋଟାଏ କଣ ଯେ ବୁଝିପାରୁ ନାହାନ୍ତି ? ଏ କଥା ତ ବଡ଼ ସାଦାସିଧା ।

ମହିଳା ଏତକ କଥା ଶୁଣି ଖୁବ୍ ଟିକିଏ ଚିନ୍ତିତ ହେଲେ । ବୋଧହୁଏ ଯେ ଜିନିଷକୁ ସେ ଅତି ସାଦା ସିଧା ବୋଲି କହୁଥିଲେ, ତାହା ପ୍ରକୃତରେ ତାଙ୍କୁ ଅତି ସାଦା ସିଧା ପରି ଜଣା ପଡ଼ିଲା ନାହିଁ । ଟିକିଏ ସମସ୍ତ ଚିନ୍ତା କଲା ପରେ ସେ ପୁଣି କହିଲେ—ପ୍ରକୃତ ପ୍ରେମ କଣ? ନା—ପୁରୁଷ ବା ସ୍ତ୍ରୀ ଯେତେବେଳେ ଅନ୍ୟ ସମସ୍ତଙ୍କୁ ବାଦ୍‌ଦେଇ ଜଣେ ସ୍ତ୍ରୀ ବା ପୁରୁଷକୁ ପସନ୍ଦ କରେ ସେତେବେଳେ କୁହାଯାଏ ସେହି ପୁରୁଷ ଓ ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଅଛି ।

ଭଦ୍ର ଲୋକଟି ସ୍ୱରରେ ଉପହାସ ପୂରାଇ କହିଲେ—ପ୍ରେମ ତାହା ହେଲେ ପସନ୍ଦ ? ଆଚ୍ଛା, ଏ ପସନ୍ଦ କେତେ ଦିନ ପାଇଁ ? ମାସେ ? ଦିନେ ? କି ପାଞ୍ଚ ମିନିଟ୍ ?

ଅବଳା ଟିକିଏ ବିରକ୍ତ ହେଲେ, କହିଲେ—ଆପଣ ତାହା ହେଲେ ଖାଲି ଯୁକ୍ତି କରିବା ପାଇଁ ଏପରି ଗୁଡ଼ାଏ ପ୍ରଶ୍ନ କରୁଛନ୍ତି ?

ଭଦ୍ରଲୋକ—ଆଦୌ ନୁହେଁ । ପ୍ରେମ ବୋଇଲେ ଆପଣ କଣ ବୁଝୁ-ଛନ୍ତି, ଖାଲି ସେହି କଥା ବୁଝିବା ମୋର ଉଦ୍ଦେଶ୍ୟ । ଯୁକ୍ତି ତର୍କ କରିବା ମୋର ପ୍ରକୃତି ନୁହେଁ ।

ଓକିଲ ବାବୁ ବର୍ତ୍ତମାନ ମହିଳାଙ୍କ ପକ୍ଷରେ ଓକିଲାତି କରି ତାଙ୍କ କଥା ପରିଷ୍କାର ବୁଝାଇବାକୁ ଯାଇ କହିଲେ—ମହିଳାଙ୍କର କହିବା ଉଦ୍ଦେଶ୍ୟ—ପ୍ରଥମତଃ ବିବାହ ମୂଳରେ ଯଦି ପ୍ରେମ ନାହିଁ, ତେବେ ବିବାହର କୌଣସି ଅର୍ଥ ନାହିଁ, ଦ୍ୱିତୀୟତଃ, ପ୍ରେମ ବିନା ଯଦି ବିବାହ ହୋଇଥାଏ ତେବେ ସେ ବିବାହ ସମାଜ ଚକ୍ଷୁରେ ଯାହା ହେଉପଛେ, ଈଶ୍ୱରଙ୍କ ଦୃଷ୍ଟିରେ ତାହା ବିବାହ ନୁହେଁ ଏବଂ ସେପରି ବିବାହ ସୂତ୍ରରେ ବନ୍ଧା ହୋଇଥିବା ନରନାରୀ ଯଦି ପରସ୍ପର ପ୍ରତି ଆକୃଷ୍ଟ ହୋଇ ନ ରହନ୍ତି ଏବଂ କୌଣସି ତଥାକଥିତ ଗର୍ହିତ କାର୍ଯ୍ୟ କରନ୍ତି, ତେବେ ସେଥିପାଇଁ ସେମାନେ ପ୍ରକୃତରେ ଦାୟୀ ନୁହନ୍ତି । ତୃତୀୟତଃ—

ଭଦ୍ରଲୋକ ଅଧୀର ଭାବରେ ବାଧା ଦେଇ କହିଲେ—ବିଶ୍ଳେଷଣରେ

କିଛି ଲାଭ ନାହିଁ । ମୋର ପ୍ରଥମ ପଗ୍ଭରିବାର କଥା—ସେ ଯେଉଁ ପ୍ରେମ, ତାହା କଣ ? ପ୍ରେମ ଯେବେ ପସନ୍ଦ ହେଲା ତେବେ ଏ ପସନ୍ଦ କେତେଦିନ ସ୍ଥାୟୀ ?

ମହିଳା—କେତେ ଦିନ ? ବହୁତ ଦିନ । ଅନେକ ସମୟରେ ଜୀବନତମାମ ।

ଭଦ୍ରଲୋକ—ତେବେ ତ ଆଉ କିଛି ଗଣ୍ଡଗୋଳ ନ ଥିଲା । କିନ୍ତୁ ଆପଣ ଯାହା କହୁଛନ୍ତି ତାହା ଖାଲି ଉପନ୍ୟାସରେ ଦେଖାଯାଏ । ବାସ୍ତବ ଜଗତ୍‌ରେ ଏ ପ୍ରେମ ବହୁତ ଦିନ ସ୍ଥାୟୀ ହୁଏ କି ? ବଡ ହେଲେ ଏହା ବର୍ଷେ ଖଣ୍ଡେ ରହେ । ଅନେକ ସ୍ଥଳରେ ବିବାହର କେତେ ସପ୍ତାହ, କେତେ ଦିନ, ଏପରିକି କେତେ ଘଣ୍ଟା ପରକୁ ଏହାର ସତ୍ତା ନ ଥାଏ ।”

ଆମ୍ଭେମାନେ ସମସ୍ତେ ଏ ପ୍ରକାର ମତ ପ୍ରକାଶରେ ସ୍ତମ୍ଭୀଭୂତ ହେଲୁ । ମହିଳା ଟିକିଏ ଉତ୍ତେଜିତ ହୋଇ କହିଲେ—ଏପରି ଗୁଡ଼ାଏ କଥା ଆପଣ କିମିତି କହୁଛନ୍ତି କେଜାଣି । ଆମ୍ଭେମାନେ ସମସ୍ତେ ମଧ୍ୟ ‘କିନ୍ତୁ’ ‘ମାନେ’ କହି ନିଜ ନିଜର ପ୍ରତିବାଦ ଟିକିଏ ଟିକିଏ ଜଣାଇଲୁ ।

ଭଦ୍ରଲୋକଟି ଖୁବ୍ ଜୋରରେ କହିଲେ-‘ହଁ ମୁଁ ଜାଣୁଛି, ମୋ କଥା ଆପଣମାନଙ୍କ ସମସ୍ତଙ୍କୁ ବାଧିଲା । ଆପଣମାନେ ସ୍ୱପ୍ନ ରାଜ୍ୟରେ ବୁଲିବାକୁ ଚାହାନ୍ତି । କିନ୍ତୁ ମୁଁ ଯାହା କହୁଛି ତାହା ବାସ୍ତବ, ସତ୍ୟ । ଆପଣମାନେ ପ୍ରେମକୁ ଯାହା ବିଗ୍ଭରୁଛନ୍ତି ତାହା ସେପରି ନୁହେଁ । ଜଣେ ଜଣକୁ ପ୍ରେମ କରେ, ବା ତା ପ୍ରତି ବିଶେଷ ଭାବରେ ଆକୃଷ୍ଟ ହୁଏ, କିନ୍ତୁ ସେତ ବେଶୀ ଦିନ ନୁହେଁ । ପୁରୁଷ ଅନ୍ୟ ଗୋଟିଏ ଅପେକ୍ଷାକୃତ ସୁନ୍ଦରୀ ସ୍ତ୍ରୀ ଦେଖିଲା ଯାକେ ଯାକେ ତା’ର ନିଜ ସ୍ତ୍ରୀ ପାଖରୁ ମନ ଗୁଞ୍ଜି ଯାଏ । ସ୍ତ୍ରୀ ଆଉ ଗୋଟିଏ ଅଧିକ ସୁପୁରୁଷ ଦେଖିଲେ ତା’କୁ ସ୍ୱାମୀ ରୂପେ ବରଣ କରିବାକୁ ହୃଦୟରେ ଅନ୍ତତଃ ଲାଳସା କରେ ।

ମହିଳା—ଆପଣ ଯାହା କହୁଛନ୍ତି, ତାହା ଅତି ଜଘନ୍ୟ । ପ୍ରେମ ସ୍ଥାୟୀ ହେବା କଣ ଏକାବେଳକେ ଅସମ୍ଭବ ?

ଭଦ୍ରଲୋକ—ଅସମ୍ଭବ ହୋଇ ନ ପାରେ । କିନ୍ତୁ ପ୍ରକୃତରେ ଦେଖାଯାଉଛି କଣ ? ହୁଏତ ପୁରୁଷ ନିଜର ସ୍ତ୍ରୀ ପ୍ରତି ବିଶେଷ ଅନୁରକ୍ତି ଜୀବନ ତମାମ ରଖିପାରେ; କିନ୍ତୁ ସ୍ତ୍ରୀର ଏକ ପୁରୁଷଠାରେ ଅନୁରକ୍ତି ବେଶି ଦିନ ରହିବା ସମ୍ଭବ ନୁହେଁ—ଏହା କେବେ ହୋଇନାହିଁ କି କେବେ ହେବ ନାହିଁ ।

ଓକିଲ ଏ କଥାର ପ୍ରତିବାଦ କରି ଜଣାଇଲେ—ନା, ଏ କଥା ଠିକ ନୁହେଁ । ଦମ୍ପତି ମଧ୍ୟରେ ପ୍ରେମ ସ୍ଥାୟୀ ହୋଇ ରହିବା ତ ସେପରି କିଛି ଅସମ୍ଭବ ନୁହେଁ

ଭଦ୍ରଲୋକ ଜୋରରେ କହି ଉଠିଲେ—ଅସମ୍ଭବ—ଅସମ୍ଭବ । ଆପଣ ବାସ୍ତବ ଜଗତକୁ ଦୃଷ୍ଟି ନ ଦେଇ ଖାଲି କଳ୍ପନାରେ ମାତି ଏହି ସାମାନ୍ୟ କଥାଟା ବୁଝୁ ନାହାନ୍ତି । ମହାଶୟ, ଖାଲି କହିଲେ ତ ହେବନାହିଁ । ଭିତରର କଥା ଦେଖନ୍ତୁ, ଯେଉଁ ଯେଉଁ ଉଦ୍ଦେଶ୍ୟରେ ବିବାହ ହୋଇଥାଏ, ସେହି ଉଦ୍ଦେଶ୍ୟର ତୃପ୍ତି ହୋଇଗଲେ ତ ପ୍ରେମ ଶେଷ ହେଲା । ତୃପ୍ତି କଣ ଜୀବନ ତମାମ ଆସିବ ନାହିଁ ? ତୃପ୍ତିର ତ ସୀମା ଅଛି । କହନ୍ତୁ ଦେଖି, ଗୋଟାଏ ବଳିତା ଜାଳି ଦେଲେ ସେ କ'ଣ କାଳକାଳ ଯାକ ଜଳୁଥିବ ? ଲିଭିବ ନାହିଁ ?—

ମହିଳା ! ବିରକ୍ତିରେ ବାଧା ଦେଇ କହିଲେ—ଓହୋ ! ଆପଣ ତ ଅନ୍ୟ ଏକ ପ୍ରେମର କଥା କହୁଛନ୍ତି, ଏ ତ ପାଶବିକ ପ୍ରେମ । ଖାଲି ପଶୁପରି ଶାରୀରିକ ବିଳାସ ବାସନା ଚରିତାର୍ଥ କରିବାର ଅର୍ଥ କ'ଣ ପ୍ରେମ ? ଦୁଇ ଲୋକଙ୍କର ଆଦର୍ଶ ଏକ ହେଲେ ଯେଉଁ ପ୍ରେମ ସ୍ୱତଃ ଜାତ ହୁଏ ମୁଁ ସେ ପ୍ରେମର କଥା କହୁଅଛି । ସେ ପ୍ରେମ ଆଧ୍ୟାତ୍ମିକ । ତାହା ସ୍ଥାୟୀ ହେବ ନାହିଁ ?

ଭଦ୍ରଲୋକଟି ସ୍ୱରରେ ଷୋଳ ଅଣା ବିଦ୍ରୂପ ରଖି ଉତ୍ତର ଦେଲେ, ବାଃ, ଆଦର୍ଶର ସାମ୍ୟ ? ଆଧ୍ୟାତ୍ମିକ ପ୍ରେମ ? ଓଃ, ଏହି ଆଧ୍ୟାତ୍ମିକ ପ୍ରେମ ଯୋଗରୁ ପରା ସ୍ତ୍ରୀ ପୁରୁଷ ଏକ ଶଯ୍ୟାରେ ଶୁଅନ୍ତି, ଆଧ୍ୟାତ୍ମିକ ଉତ୍କର୍ଷ ନିମନ୍ତେ ପରା ବିବାହ ଦିନଠାରୁ ମଧୁ ଶଯ୍ୟା କରନ୍ତି ! ଆଧ୍ୟାତ୍ମିକ ପ୍ରେମ ! ବଡ଼ ସୁନ୍ଦର କଥା ଏଟା ।

ମହିଳା ଏତିକିରେ ଚୁପ୍ ହେଲେ । ମୋତେ ମଧ୍ୟ ଏ ଶେଷ କଥାକୁ କିଛି ଉତ୍ତର ଯୁଟିଲା ନାହିଁ ।

ଓକିଲ ବାବୁ ଯୁକ୍ତି ଚଳାଇଲେ—ହଁ, ଆପଣ ଯାହା କହୁଛନ୍ତି ସତ । କିନ୍ତୁ ଆପଣ କହୁଛନ୍ତି, ପ୍ରେମ ନାହିଁ । ପ୍ରେମ ନାହିଁ ତ ବିବାହ କିପରି ଚଳୁଛି ?

ଭଦ୍ରଲୋକଟି ଅଧୀର ଭାବରେ କହିଲେ—ମୁଁ କଣ ବିବାହ ନାହିଁ ବୋଲି କହୁଛି ? ମୁଁ କହୁଛି ପ୍ରେମ ଥିଲେ, ବିବାହ ସମ୍ଭବ ବୋଲି ଯାହା କହୁଛ, ତାହା କେବଳ ଏ କଳ୍ପନା ମାତ୍ର । ବିବାହ ଚଳୁଛି ବୋଲି ଦେଖା ଇ ଦେଲେ ତ ପ୍ରେମର ଅସ୍ତିତ୍ୱ ପ୍ରମାଣ ହେଲା ନାହିଁ । ଯେଉଁ ଦେଶରେ ପ୍ରେମକୁ ବିବାହର ମୂଳ କରି ଧରାଯାଉଛି ସେଠାରେ ତ ବିବାହ ନାହିଁ । ସେଠାରେ ଅଛି କାଲି ଛାଡ଼ପତ୍ର ଏବଂ ପାରିବାରିକ ଅଶାନ୍ତି । ଆମ ଦେଶରେ ପୂର୍ବକାଳରୁ ଯେ ବିବାହ ଚଳି ଆସୁଛି ବୋଲି କହୁଛନ୍ତି, ସେ ପ୍ରେମମୂଳକ ବିବାହ ନୁହେଁ, ସେ ବିବାହ ପ୍ରେମ-ପ୍ରଧାନ ନୁହେଁ । ସେ ବିବାହ ମୂଳରେ ଆତ୍ମାର ମହତ୍, ଆତ୍ମାର ଉନ୍ନତ ଉପାଦାନ ଥିଲା । ବିବାହ ଆମର ଥିଲା ଧର୍ମ, ସତ୍ୟ । ଧର୍ମସଂପୃକ୍ତ ହୋଇଥିବାରୁ ବିବାହରେ ପବିତ୍ରତା ଥିଲା, ସ୍ଥାୟିତ୍ୱ ଥିଲା । ସ୍ତ୍ରୀ ପୁରୁଷ ମର୍ତ୍ତ୍ୟରେ ଏକ, ଇହକାଳରେ ଆଉ ପରକାଳରେ ମଧ୍ୟ ଏକ ରହୁଥିଲେ । କିନ୍ତୁ ଯେଉଁ ଦିନ ଆମେ ପାଶ୍ଚାତ୍ୟ ଭାବବହୁଳ ହୋଇ ବିବାହକୁ ଏ ଧର୍ମକୁ ଛାଡ଼ପତ୍ର ଦେଲେ, ସେହିଦିନୁ ବିବାହର ପବିତ୍ରତା ନଷ୍ଟ ହୋଇଛି । ପ୍ରେମ ଦୁଆ ଧରିଲା ଦିନଠାରୁ ବିବାହରେ ପଣ୍ଡୁ ପଶିଛି । ଆଗେ ସ୍ତ୍ରୀ ପାତି-ବ୍ରତ୍ୟକୁ ବ୍ରତ ସ୍ୱରୂପ ଅବଲମ୍ବନ କରୁଥିଲା ; ସାବିତ୍ରୀ ଥିଲେ ପତିବ୍ରତାର ଉଦାହରଣ, ଆଜି ଆମ ଶିକ୍ଷିତ ମହିଳାମାନେ ସାବିତ୍ରୀଙ୍କୁ କୁସଂସ୍କାରାଚ୍ଛନ୍ନ ଅଶିକ୍ଷିତା ଅବଳା ବୋଲି ଅବଜ୍ଞା କରିବେ, ନ ହେଲେ ସାବିତ୍ରୀ ଚରିତ୍ରକୁ କଳ୍ପିତ ବୋଲି ଉପହାସ କରିବେ ।

ମହିଳା କହିଲେ—ଆପଣ ତ ତେବେ ଭାରି ଖାଣ୍ଟି ହିନ୍ଦୁ ।

ଭଦ୍ରଲୋକ—ମୁଁ ହିନ୍ଦୁ ନୁହେଁ, ମୁଁ ତୁମପରି ଭଲ ବ୍ରାହ୍ମ । ତୁମଠାରୁ ଏକ ନମ୍ବର ଅଧିକା ଉନ୍ନତ ! ମାର୍କ୍ସ ତରୁଚ ବାଲା ଥିଲି । କିନ୍ତୁ ପ୍ରେମର ସ୍ୱାଦ ଚାଖି, ଶିକ୍ଷିତା କୁସଂସ୍କାର ଶୂନ୍ୟ ଖଣ୍ଟି ପାଶ୍ଚାତ୍ୟ ପ୍ରେମରେ ଜର୍ଜରିତ ହୋଇ ଆଜି ଏ ଜ୍ଞାନ ପାଇଛି । ମୁଁ କିଏ ଆପଣମାନେ ଜାଣନ୍ତି ?

ଉକିଲ ବାବୁ---ନା ମୋର ଦୁର୍ଭାଗ୍ୟ ମୁଁ ଆପଣଙ୍କୁ ଚିହ୍ନି ନାହିଁ !

ଭଦ୍ରଲୋକ ହୃଦୟର ଆବେଗରେ କହି ଉଠିଲେ—ମୋତେ ନ ଚିହ୍ନିବା ଦୁର୍ଭାଗ୍ୟ କି ସୌଭାଗ୍ୟ ଠିକ୍ କହିପାରୁନାହିଁ । ମୋର ନାମ

ଚନ୍ଦ୍ରମଣି ଦାସ। ଖବର କାଗଜରେ ପଢ଼ିଥିବେ, ମୁଁ ଏହି ତଥାକଥିତ ପ୍ରେମରେ ପାଗଳ ହୋଇ ମୋର ନିଜ ବିବାହିତା ସ୍ତ୍ରୀକୁ ହତ୍ୟା କରିଛି।

ଏତିକି କହିଦେଇ ଭଦ୍ରଲୋକଟି ହଠାତ୍ ଉଠିଯାଇ ତାଙ୍କ ବିଛଣା-ହୋଇଥିବା ବେଞ୍ଚରେ ମୁହଁକୁ ମାଡ଼ି ଶୋଇଲେ।

ମୁଁ ତାଙ୍କର କହିଥିବା ସବୁ କଥା ମନେ ମନେ ବିଚାରୁଥାଏ। ଶେଷରେ ସେ ଯାହା କହିଲେ ସେ କଥା କଳ୍ପନା କରୁଥାଏ।

ଓକିଲ ବାବୁ ଏବଂ ମହିଳା ପର ଷ୍ଟେସନ୍‌ରେ ଗାଡ଼ି ରହିବା ମାତ୍ରେ ଗାର୍ଡ ସଙ୍ଗେ ବନ୍ଦୋବସ୍ତ କରି ଅନ୍ୟ ବଖରାକୁ ଚାଲିଗଲେ। କାହିଁକି କେଜାଣି? ସେମାନଙ୍କ ଭାବ ଭଙ୍ଗୀରୁ ଜଣାଗଲା, ବୋଧହୁଏ ସେ ଆମ ସଙ୍ଗୀ ଭଦ୍ରଲୋକଟି ସାଙ୍ଗେ ଆଉ କେଉଁ ସମୟ କଟାଇବା ଉଚିତ ମନେ କଲେ। କିରାଣୀ ବାବୁ ଆଗରୁ ଓହ୍ଲାଇ ଯାଇଥାନ୍ତି, ଆଉ ରହିଲୁ ଆମେ ଦୁହେଁ—ସେ ଆଉ ମୁଁ।

## —ତିନି—

ମୁ ଚନ୍ଦ୍ରମଣି ଦାସଙ୍କ ପାଖ ବେଞ୍ଚରେ ବସିଥାଏ। କିନ୍ତୁ ତାଙ୍କୁ କଣ କହିବି କିଛି ଠିକ କରି ନ ପାରିବାରୁ ଚୁପ ହୋଇଥାଏ। ସେ ମଧ୍ୟ ମୋତେ କିଛି ନ କହି ଧୂଆଁ ଖିଆ ଓ ଚା ଆପିଆରେ ଲାଗିଥାନ୍ତି।

ଅଧଘଣ୍ଟେ ଖଣ୍ଡେ ଗଲା। ଗାଡ଼ି ଆସି ଆଉ ଗୋଟିଏ ଷ୍ଟେସନ୍‌ରେ ଲାଗିଲା। ଚନ୍ଦ୍ରମଣି ବାବୁ ଚା ପିଆଲାରୁ ମୁହଁ କାଢ଼ି ମୋତେ ପଚାରିଲେ, "ମୁଁ କଏ ଚିହ୍ନି ସିବାରୁ ଆପଣଙ୍କୁ ବୋଧହୁଏ ମୋ ପାଖରେ ବସିବାକୁ ଖରାପ ଲାଗୁଥିବ। ତେବେ ମୁଁ ଅନ୍ୟ ବଖରାକୁ ଚାଲି ଯାଉଛି।"

ମୁଁ ଟିକିଏ ବ୍ୟସ୍ତ ହୋଇ ଉତ୍ତର ଦେଲି—କି ଅଭଦ୍ର କଥା! ଆପଣ ଏପରି ବିଚାରୁଛନ୍ତି କାହିଁକି? ମୋତେ ଆଦୌ ଖରାପ ଲାଗୁନାହିଁ।

ଚନ୍ଦ୍ରମଣି ବାବୁ—ଟିକିଏ ଚା' ଖାନ୍ତୁ। ବଡ଼ କଡ଼ା ଚା' ମୋର। ଆପଣଙ୍କୁ କିମିତି ଲାଗିବ କେଜାଣି? ଏହା କହି ସେ ମୋତେ ମୁନ୍ଦିଏ ଚା' ଦେଇ ପୁଣି କହିଲେ—ତାଙ୍କ କଥାରେ ସବୁ କିଛି ମୂଲ୍ୟ ନାହିଁ। କିଛି ନ ଜାଣି ବୃଥାରେ ଗୁଡ଼ାଏ ଗପ ହେଉଛନ୍ତି।

ମୁଁ—କାହା କଥା ?

"ସେଇ କଥା । ସେଇ ପ୍ରେମ କଥା । ଆପଣଙ୍କୁ ନିଦ ଲାଗିଲଣି କି ?

"ନା, ନିଦ ତ ଆଦୌ ଲାଗୁ ନାହିଁ ।

"ତେବେ ଭଲ । ଆପଣଙ୍କର ଇଚ୍ଛା ହେଲେ ମୁଁ ଆପଣଙ୍କୁ ଗୋଟିଏ କଥା କହନ୍ତି । କହନ୍ତି, କିପରି ଏହି ପ୍ରେମ ଯୋଗୁଁ ହିଁ, ମୁଁ ଘୋର ପାପ କରିଛି—ମୋ'ର ସ୍ତ୍ରୀକୁ ମାରିଛି ।"

ମୁଁ କହିଲି, "କହନ୍ତୁ, ଅବଶ୍ୟ କହିବାରେ ଯଦି ଆପଣଙ୍କର ଦୁଃଖ ନ ହୁଏ ।"

ଚନ୍ଦ୍ରମଣି ବାବୁ—ଦୁଃଖ ପୁଣି କଣ ? ଅନ୍ୟ ଆଗରେ ନିଜର ଦୁଃଖ କାହାଣୀ କହିଲେ ଦୁଃଖ ଲାଘବ ହୁଏ । ପ୍ରକୃତରେ ଆପଣ ମୋ ଗଳ୍ପ ଶୁଣିବାରେ ବିରକ୍ତ ହେବେ ନାହିଁ ତ ?

ମୁଁ ତାଙ୍କ କଥା ଶୁଣିବା ପାଇଁ ମୋର ଆଗ୍ରହ ପ୍ରକାଶ କଲି । ସେ ଆରମ୍ଭ କଲେ—

"ବର୍ତ୍ତମାନ ମୋର କିଛି ନାହିଁ । ମୁଁ ଗୃହଦ୍ୱାରଶୂନ୍ୟ ହୋଇ ଏଣେ ତେଣେ ବୁଲୁଛି । କିନ୍ତୁ ମୁଁ ଥିଲି ଜଣେ ଜମିଦାର । ମୋର ପୂର୍ବ ପୁରୁଷର ଜଣେ କେହି ଓଡ଼ିଶାରେ ଖଣ୍ଡେ ଜମିଦାରୀ ନିଲାମରେ କିଣିଥିଲେ, ମୋର ପଢାବି ଥିଲା । ଏ ଦେଶରେ ଯେତେ ଯାଏଁ ପଢା ଅଛି ସବୁ ପଢିଥିଲି । ବେଶ୍ ଉଚ୍ଚ ଶ୍ରେଣୀରେ ବି ଥିଲି । ଯାଉ ସେ ସବୁ; ସେ ସବୁ ବର୍ତ୍ତମାନ ଅପ୍ରାନ୍ତର କଥା ।

ପ୍ରଥମ ଯୌବନରେ ମୁଁ ଥିଲି ବେଶ ଭଲ ଲୋକ । ତା' ଅର୍ଥ ମୋର ସଙ୍ଗୀମାନେ ଯିମିତି ଭଲ ଥିଲେ, ମୁଁ ବି ସେହିପରି ଭଲ ଲୋକ ଥିଲି । ନୀତି ଶାସ୍ତ୍ରର ମାନଦଣ୍ଡରେ ମୁଁ ପାପୀ ହୋଇପାରେ, କିନ୍ତୁ ମୁଁ ମନେ କରୁଥିଲି ମୋର ଚରିତ୍ରରେ କିଛି 'ଦୋଷ ନାହିଁ । ବିଳାସକୁ ମୁଁ ଜୀବନର ଚରମ ଲକ୍ଷ୍ୟ ବୋଲି ମନେ କରୁଥିଲି । ମୁଁ ଲମ୍ପଟ ନ ଥିଲି, ପ୍ରଥମ ଯୌବନରେ ମୋର ଅନ୍ୟ ସ୍ତ୍ରୀମାନଙ୍କ ସହିତ ସମ୍ପର୍କ ଥିଲା । କିନ୍ତୁ ମୁଁ ଏ ସମ୍ପର୍କ ଦୂର କରିବା ପାଇଁ ଖୁବ୍ ଚେଷ୍ଟା କରୁଥିଲି, ମୋର ପରିଚିତା କୌଣସି ସ୍ତ୍ରୀଲୋକ ମୋ ପ୍ରତି ପ୍ରେମରେ ଆକୃଷ୍ଟା ହେବାର ଦେଖିଲେ ମୁଁ ତା'ଠାରୁ ନିଜକୁ

ଦୂରରେ ରଖିବାକୁ ଚେଷ୍ଟା କରି ତାକୁ ଛାଡ଼ି ଅନ୍ୟକୁ ବରଣ କରୁଥିଲି । କୌଣସି ସ୍ତ୍ରୀ ଲୋକ ପ୍ରତି ଆକୃଷ୍ଟ ନ ହେବାକୁ ମୁଁ ଗୋଟାଏ ବଡ଼ ଭଲଗୁଣ ବୋଲି ମନେ କରୁଥିଲି ଏବଂ ମୋର ଏ ଗୁଣଟା ଥିବାରୁ ମନେ ମନେ ବଡ଼ ଗର୍ବିତ ହେଉଥିଲି ।"

ଏହିଠାରେ ବନ୍ଦ ହୋଇ ସେ ତାଙ୍କର ସେହି ଅଦ୍ଭୁତ ଶବ୍ଦ କଲେ ଏବଂ କ୍ଷଣେ କାଳ କଣ ଚିନ୍ତାକରି ପୁଣି କହିଲେ, "ଗତ ବର୍ଷ ତମାମ ଜେଲଖାନାରେ ପଡ଼ି ମୋର ଜ୍ଞାନ ଉଦୟ ହୋଇଛି, ମୁଁ ବୁଝିଛି. ମୁଁ ଯାହା ଗୁଣ ବୋଲି ମନେ କରି ଗର୍ବ ଅନୁଭବ କରୁଥିଲି ତା ଠାରୁ ବଳି ଭ୍ରମାତ୍ମକ ପାପ ଆଉ ନାହିଁ । କୌଣସି ସ୍ତ୍ରୀ ପ୍ରତି ଆକୃଷ୍ଟ ନ ହେବାକୁ ମୁଁ ଗୁଣ ବୋଲି ମନେ କରିଥିଲି—ସ୍ତ୍ରୀକୁ ବିଳାସର ସାମଗ୍ରୀ ମନେ କରି ଭୋଗ କରୁଥିଲି , କିନ୍ତୁ ହୀନ ବିଳାସ ବାସନାକୁ ଅତିକ୍ରମ କରି ଆକର୍ଷଣର ଅଙ୍କୁର ଫୁଟି ଉଠିଲା ବେଳକୁ ସେ ଅଙ୍କୁରକୁ ମୋଡ଼ି ଫୋପାଡ଼ି ଦେଉଥିଲି । ବର୍ତ୍ତମାନ ବୁଝିଛି, ମୋର ଏ ଗୁଣ ସବୁଠାରୁ ବଡ଼ ଦୋଷ । କୌଣସି ସ୍ତ୍ରୀ ପ୍ରତି ଆକୃଷ୍ଟ ହେବାରେ କିଛି ଦୋଷ ନାହିଁ, ସେଥିରେ ମହତ୍ତ୍ୱ ଅଛି ।

"ଆଉ ଏ କଥା । ଏହା ଆପଣଙ୍କୁ ଅବାନ୍ତର ବୋଧ ହେଉଥିବ । ବର୍ତ୍ତମାନ ମୁଁ ମୋର ଇତିହାସ କହେଁ । ମୋତେ ଯେତେବେଳେ ଷୋଳ ବର୍ଷ ବୟସ, ସେତିକିବେଳେ ମୋ ଗୋଡ଼ ପାପ-ପଙ୍କରେ ବୁଡ଼ିଲା । ସେତେବେଳେ ମୁଁ ସ୍କୁଲରେ ପଢ଼ୁଥାଏ; ଭାଇ ନୂଆ କରି କଲେଜରେ ଭର୍ତ୍ତି ହୋଇଥାନ୍ତି । ଏହି ସମୟରେ ମୁଁ ଭଲକରି ପାପରେ ପଡ଼ିଲି, କିନ୍ତୁ ତା ପୂର୍ବରୁ ଯେ ମୁଁ ପୂରା ନିଷ୍ପାପ ଥିଲି, ତାହା କହି ହେବ ନାହିଁ । ଦୁଇବର୍ଷ ପୂର୍ବରୁ, ମୋତେ ଯେତେବେଳେ ଚଉଦ ବର୍ଷ, ସେତେବେଳକୁ ମୋର ସାଙ୍ଗ ପିଲାମାନେ ତାଙ୍କ କଥା ବାର୍ତ୍ତାରେ ମୋ ମନ କଳୁଷିତ କରୁଥିଲେ । କୌଣସି ନିର୍ଦ୍ଦିଷ୍ଟ ସ୍ତ୍ରୀଲୋକ ନୁହେଁ, ସାଧାରଣ ସ୍ତ୍ରୀଜାତି ମୋ ମନକୁ ତୀବ୍ରରେ ଆଲୋଡିତ କରୁଥିଲା । ମୁଁ ଏକାନ୍ତରେ ବସି କାଳ୍ପନିକ ସ୍ତ୍ରୀର ସଙ୍ଗସୁଖ କଳ୍ପନାରେ ଅନୁଭବ କରି କେତେବେଳେ ସୁଖ ଅନୁଭବ କରୁଥିଲି, କେତେବେଳେ ବା ଆତ୍ମଗ୍ଲାନିରେ ହୃଦୟ ଭରିଦେଇ ମୋତେ ପାପରୁ ମୁକ୍ତ କରିବାପାଇଁ ଈଶ୍ୱରଙ୍କୁ ନିଷ୍ଫଳ ପ୍ରାର୍ଥନା କରୁଥିଲି ।

"ସେ ଯାହାହେଉ, ଏପର୍ଯ୍ୟନ୍ତ ମୋ ପାପ ଥିଲା ମୋ ନିଜର । ମୁଁ ଅନ୍ୟ କାହାରିକୁ ମୋ ପାପକୁ ଟାଣି ଆଣି ନ ଥିଲି । କଳ୍ପନାରେ ସ୍ତ୍ରୀର ସଙ୍ଗସୁଖ ଅନୁଭବ କରି ଆତ୍ମପ୍ରସାଦ ଅନୁଭବ କରୁଥିଲେହେଁ, ରକ୍ତମାଂସବିଶିଷ୍ଟ ସ୍ତ୍ରୀର ପାର୍ଶ୍ୱବର୍ତ୍ତୀ ହେବାର ଦୁର୍ଭାଗ୍ୟ ମୋର ଏପର୍ଯ୍ୟନ୍ତ ହୋଇ ନ ଥିଲା ।

"ଏଥର ହେଲା । ମୋତେ ଏ ସର୍ବନାଶର ବାଟ ବତାଇଲା ମୋର ଏବଂ ମୋ ଭାଇର ଜଣେ ସାଙ୍ଗ । ସେତେବେଳେ ସେ ବଡ଼ ସୁନ୍ଦର ପିଲାଟିଏ ବୋଲି ମୋତେ ଜଣା ଯାଉଥିଲା । ବିଡ଼ିଖିଆ ଶିଖାଇଥିଲା ଆମକୁ ସିଏ; ମଦ-ପିଆ ଶିଖାଇଥିଲା, ଏବେ ବେଶ୍ୟା ଘରକୁ ବାଟ କଢ଼ାଇଲା ।

"ମୁଁ ଗଲି, ମୋ ଭାଇ ଗଲେ । ସେଦିନ କି ପାପ କଲି; କି ନରକକୁ ଆନନ୍ଦରେ ଗୋଡ଼ ବଢ଼ାଇଦେଲି, ସେତେବେଳେ ଜାଣିପାରି ନ ଥିଲି । ଜାଣିବାର ସୁବିଧା ବି ନ ଥିଲା । ଏ ସବୁ ବିଷୟ ଗୁରୁଜନମାନେ ଆମ ଆଗରେ କହନ୍ତି ନାହିଁ । ସେମାନେ ବିଶ୍ୱାସ କରନ୍ତି, ଏ କଥାଟା ଆମ ଆଗରେ ପ୍ରକୃତିତ ହୋଇଗଲେ ଆମର ସର୍ବନାଶ । ସ୍କୁଲରେ ଧର୍ମଶିକ୍ଷା ଦିଆଯାଏ, କିନ୍ତୁ ଏ ଧର୍ମଶିକ୍ଷା ଉପରେ ଆମେମାନେ ଦୃଷ୍ଟି ଦେଉ ନାହିଁ । ଯେଉଁମାନେ ଆମ୍ଭ-ମାନଙ୍କୁ ଧର୍ମଶିକ୍ଷା ଦିଅନ୍ତି, ସେମାନଙ୍କର ବି ଇଚ୍ଛା ନ ଥାଏ, ଏଥି ପ୍ରତି ଆମର ମନୋଯୋଗ ପଡ଼ୁ । ଇଂରେଜୀରେ କିପରି ଶୁଦ୍ଧ ବାକ୍ୟ ଲେଖାଯିବ, ସେ କଥା ମାଷ୍ଟ୍ରେ ଯେତେ ଯତ୍ନରେ ପଢ଼ାନ୍ତି, ଧର୍ମଶିକ୍ଷା ତହିଁରୁ ଶହେ ଭାଗରୁ ଭାଗେ ଯତ୍ନରେ ଦିଅନ୍ତି ନାହିଁ, ଫଳରେ ପିଲାଦିନୁ ସ୍କୁଲରେ ଆମର ଧାରଣା ବଦ୍ଧମୂଳ ହୁଏ ଯେ, ଧର୍ମ ଗୋଟାଏ ଗୌଣ ବସ୍ତୁ, ନ୍ୟାୟାନ୍ୟାୟ ବିଚାର କରି ଚଳିବାରେ ଲାଭ କିଛି ନାହିଁ, ଜଗିରଖି ଚଳି ପାରିଲେ ହେଲା ।

"ପୂର୍ବରୁ କହିଛି, ଗୁରୁଜନମାନେ ଏପରି ବିଷୟରେ ଆମ ଆଗରେ ବିନ୍ଦୁ ବିସର୍ଗ କିଛି ପକାନ୍ତି ନାହିଁ । ଆଉ ଯେଉଁମାନେ ଏ କଥା ପକାନ୍ତି, ସେମାନେ ଏ ସବୁ ଗର୍ହିତ ବୋଲି କହନ୍ତି ନାହିଁ । ଏପରି କାର୍ଯ୍ୟ ଯେ ନେଇ ଆଣି ଥୋଇ ପାରିଲା, ତାର ପ୍ରଶଂସା ତ କହିଲେ ନ ସରେ । ଏ ସବୁ ଆମ୍ଭମାନଙ୍କୁ ଏଥିରୁ ବାରଣ କରିବ କଣ, ଓଲଟି ଏପରି କାର୍ଯ୍ୟ କରି ପ୍ରଶଂସା ପାଇବାକୁ ଉତ୍ସାହିତ କରେ ।

"ସରକାର ମଧ୍ୟ ଏ କାର୍ଯ୍ୟକୁ ପ୍ରଶ୍ରୟ ଦିଅନ୍ତି । ସରକାର ଲାଇସେନ୍ସ ଦେଇ ବେଶ୍ୟା ରଖାଇଛନ୍ତି, ଡାକ୍ତରମାନଙ୍କୁ ରଖାଇଛନ୍ତି, ଏ ପାପର ଫଳ-ସ୍ୱରୂପ କୌଣସି ବେମାର ହେଲେ ଭଲ କରିବେ ବୋଲି । ଡାକ୍ତର ମାନେ ଆହୁରି ଅଧିକ କରନ୍ତି ! ଲୋକଙ୍କୁ ଏପରି କାର୍ଯ୍ୟରେ ପ୍ରବର୍ତ୍ତାନ୍ତି, ବେଳେ ବେଳେ ବେଶ୍ୟାଘରକୁ ଗଲେ ଦେହ ଭଲ ହେବ ବୋଲି ବ୍ୟବସ୍ଥା ଦିଅନ୍ତି । ଏସବୁ ଶିକ୍ଷାର ଫଳ, ସଭ୍ୟତା ଓ ବିଜ୍ଞାନର ଫଳ ।"

ମୁଁ ଆଶ୍ଚର୍ଯ୍ୟ ହେଲି । ପଚାରିଲି—"ଶିକ୍ଷା, ସଭ୍ୟତା, ଡାକ୍ତରଙ୍କର ଏଥିରେ ଦୋଷ କଣ ? ଡାକ୍ତର କଣ ରୋଗ ହେଲେ ଚିକିତ୍ସା କରନ୍ତେନାହିଁ ? ନାନା ପ୍ରକାର କୁତ୍ସିତ ରୋଗର ଚିକିତ୍ସା କରିବା ହେତୁ ସେମାନେ ଯେ ସମାଜର କୃତଜ୍ଞତାର ପାତ୍ର ।"

ସେ ଉତ୍ତେଜିତ ହୋଇ କହିଲେ "କୃତଜ୍ଞତାର ପାତ୍ର ନା ଅଭିଶାପର ପାତ୍ର ? ରୋଗ ଚିକିତ୍ସା କରିବାରେ ସେମାନେ ଯେତେ ସମୟ ନଷ୍ଟ କରୁଛନ୍ତି, ତହିଁରୁ ଶହେ ଭାଗରୁ ଭାଗେ ଯଦି ବିଳାସ, ଲମ୍ପଟତା ଦୂର କରିବାରେ ଲଗାଉଥାନ୍ତେ, ଲୋକଙ୍କୁ ସତ୍‌ମାର୍ଗରେ ଯିବାକୁ ଶିକ୍ଷା ଦେଉଥାନ୍ତେ, ତେବେ ରୋଗ ତ ମୋଟେ ହୁଅନ୍ତା ନାହିଁ । ତାଙ୍କ ଚିକିତ୍ସାର କି ପ୍ରୟୋଜନ ରହନ୍ତା ? ରୋଗଟିଏ ହେଲେ ତାକୁ ଆରୋଗ୍ୟ କରିଦେଇ ସେମାନେ ପାପକୁ ପ୍ରଶ୍ରୟ ଦେଉଛନ୍ତି । ଲୋକଙ୍କର ରୋଗଭୟ ରହୁ ନାହିଁ । ଡାକ୍ତରଙ୍କ-ଠାରୁ 'ଅଭୟ' ପାଇ ସମାଜ ରସାତଳକୁ ଯାଉଛି ।

"ମୁଁ ଯେ ବେଶ୍ୟା ଘରକୁ ଗଲି, କଣ ପ୍ରେମରେ ଆକୃଷ୍ଟ ହୋଇ ଗଲି ? ନା—ବିଳାସ ବାସନା ତୃପ୍ତ କରିବା ପାଇଁ ଗଲି । ମୋର ସଙ୍ଗୀମାନେ ବୁଝାଇ ଦେଲେ, ମୁଁ ମୋର ଶରୀରର ଉପକାର ନିମନ୍ତେ ଯେପରି ସିଗାରେଟ୍ ଖିଆ, ମଦପିଆ ଧରିଥିଲି, ସେହିପରି ଶରୀର ରକ୍ଷା ନିମନ୍ତେ ସ୍ତ୍ରୀଗମନ ପ୍ରୟୋଜନ । ମୋ କାର୍ଯ୍ୟରେ ପାପର ଗନ୍ଧ ରହିଲା ନାହିଁ । ମୁଁ ଯାହା କଲି ତାହା ଲୋକଚକ୍ଷୁରେ ଗର୍ହିତ ନୁହେଁ ବୋଲି ବୁଝିଲି । ତାହା ନ କଲେ ଶରୀରର ଶରୀରଧାରଣ ଅସମ୍ଭବ ବୋଲି ବିଶ୍ୱାସ କଲି ।

"ବେଶ୍ୟା ଘରେ ପଶିଗଲାବେଳେ ବିବେକ ଟିକିଏ ସତର୍କ କରି ଦେଇଥିଲା; କିନ୍ତୁ ତାହା କିଛି ନୁହେଁ । ପାପ କଲା ଭଳି ମନକୁ ଟିକିଏ ଲାଗିଲା, କିନ୍ତୁ ସେ ଚିନ୍ତା ବେଶୀ କ୍ଷଣ ରହିଲା ନାହିଁ ।

"ନରକର ବାଟ ଖୋଲିଗଲା । ନାରୀ ପ୍ରତି ପବିତ୍ର ପ୍ରେମଭାବ ପୋଷଣ କରିବା ମୋ ପକ୍ଷରେ ଅସମ୍ଭବ ହେଲା । ସେହି ଦିନୁଁ ମୁଁ ସ୍ତ୍ରୀମୁଖ ଦେଖିଲେ ପାପଚିନ୍ତା କଲି । ମୋର ଭାବ, ଭଙ୍ଗୀ, ସବୁଥିରେ ଲମ୍ପଟତା ଜଡ଼ିତ ହୋଇଗଲା । ମୁଁ ହେଲି ପାପୀ ଲମ୍ପଟ । ଏହି ପାପ, ଏହି ଲମ୍ପଟତା ମୋର ସର୍ବନାଶର କାରଣ । ଏହି ଦିନ ଯେଉଁ ପାପଜୀବନ ଆରମ୍ଭ କଲି, ତାହାର ଫଳରେ ମୁଁ ଆଜି ସ୍ତ୍ରୀ-ଘାତି ଜଘନ୍ୟ ନରକ କୀଟ !

## —ଚାରି—

"ଏହାପରେ ଦିନକୁ ଦିନ ମୋର ଅଧୋଗତି ହେଲା । ଆଗ ଆଗ ବିବେକର ଯେଉଁ ଟିକିକ ଶାସନ ମୋ ଉପରେ ପ୍ରଭାବ ବିସ୍ତାର କରିବାକୁ ଦୁର୍ବଳ ଚେଷ୍ଟା କରୁଥିଲା, କ୍ରମେ ସେତକ ବି ବନ୍ଦ ହୋଇଗଲା । ମୁଁ ପାପୀ ବୋଲି ଆଜି ସିନା କହୁଛି, କିନ୍ତୁ ସେତେବେଳେ ମୋର ପାପ ମୋତେ ଦିଶୁ ନ ଥାଏ—ନ ଦିଶିବାର କଥା । ମୋ ଠାରୁ ଅଧିକ ପାପୀ କେତେ ଥାନ୍ତି ! ସେମାନେ ମୋର ନିସ୍ପୃହତା, ସଚ୍ଚରିତ୍ରତା (?) ଦେଖି ମୋତେ ଟାହିଲି କରୁଥାନ୍ତି । ମୁଁ ସେମାନଙ୍କଠାରୁ ଭଲ ବୋଲି ଗର୍ବ ଅନୁଭବ କରୁଥାଏ ।

"ସେମାନଙ୍କ ଭଳିଆ ହୋଇଥିଲେ ଯେ ଗର୍ବ ଅନୁଭବ ନ କରନ୍ତି, ତାହା ନୁହେଁ । ସମାଜ ତ ଆମକୁ କୌଣସି ଶାସ୍ତି ଦେଉ ନ ଥାଏ, ଆମ ପାପ ଆମେ ବୁଝନ୍ତୁ କିପରି ? ମୋ ସଙ୍ଗୀମାନେ ଓ ମୁଁ ଉନ୍ନତ ସମାଜରେ ସୁଶିକ୍ଷିତ ଉଚ୍ଚବଂଶୀୟ ପରିବାର ଭିତରେ ଅବାଧ ପ୍ରବେଶ ଅଧିକାର ପାଇ-ଥାଉଁ । ସମାଜ ଆମ ପାପକୁ ପୁଣ୍ୟ ବୋଲି ଧରି ନେଇଥାଏ କି ନାହିଁ

କେଜାଣି, ଯାହା ହେଉ, ଅନ୍ୟମାନଙ୍କ ଠାରୁ ଆମ୍ଭମାନଙ୍କୁ କୌଣସି ପ୍ରକାର ନୀଚ ଦୃଷ୍ଟିରେ ଦେଖୁ ନ ଥାଏ। ଅବିବାହିତା ଯୁବତୀମାନଙ୍କ ସଙ୍ଗେ ଆମେ ହସଖେଳ କରିବାକୁ ସେମାନଙ୍କ ବାପ ମା ମନା କରିବେ କଣ, ଆମକୁ ଆଗ୍ରହରେ, ଇଙ୍ଗିତରେ ଆହ୍ୱାନ କରୁଥାନ୍ତି।

"ଆମ ଭଳିଆ ନୀଚ ଦୁଶ୍ଚରିତ୍ର ଯୁବକ କୌଣସି ଭଦ୍ର ଗୃହସ୍ଥ ଘରକୁ ଗଲେ କଣ ହେବା ଉଚିତ କହିଲେ? ଗୃହସ୍ଥ ଆମକୁ କହିବେ, 'ବାବୁ, ତମ ଗୁଣ ଆମେ ଜାଣୁ। ଆମର ଏଠାରେ ସରଳା ଯୁବତୀ ଅଛନ୍ତି; ଆପଣମାନେ ଏଠାରୁ ତୁରନ୍ତ ଦୂର ହୁଅନ୍ତୁ।' ଏହା ହେବାର କଥା ; କିନ୍ତୁ ପ୍ରକୃତରେ ହୁଏ କଣ? ଗୃହସ୍ଥ ଆମକୁ ଆଦରରେ ଘରକୁ ଡାକି ନିଅନ୍ତି ଏବଂ ତାଙ୍କ କନ୍ୟାମାନଙ୍କ ସଙ୍ଗେ ଆମେ ହସ ଖୁସି କଲେ ଆମଦ୍ୱାରା ଅନୁଗୃହୀତ ହେଲା-ପରି ମନେ କରନ୍ତି।

"ଏପରି ଅବସ୍ଥାରେ ଆମର ଅନୁତାପ ଆସିବ କିପରି କହିଲେ? ମୁଁ ନିଜକୁ ଅସଲ ସଚ୍ଚରିତ୍ର ଯୁବକ ବୋଲି ଗର୍ବ କରୁଥାଏ ଏବଂ ମୋ' ଭଳିଆ ସଚ୍ଚରିତ୍ର ଯୁବକର ଉପଯୁକ୍ତା ପତ୍ନୀ ମିଳିଲେ ତା' ସଙ୍ଗେ ଗୃହସ୍ଥାଶ୍ରମ ଆରମ୍ଭ କରିବାକୁ ଆଶାୟୀ ହୋଇ ରହିଥାଏ!

"ସମୟ ଗଡ଼ି ଯାଉଥାଏ, ବୟସ ବଢ଼ି ଯାଉଥାଏ ଏବଂ ବୟସ ସଙ୍ଗେ ସଙ୍ଗେ ମୁଁ ନରକର ତଳକୁ ତଳକୁ ଯାଉଥାଏ। କିନ୍ତୁ ମୋ'ର ସେ'ଦିନର ଆତ୍ମପ୍ରସାଦରେ ଟିକିଏ ବାଧା ପଡୁ ନ ଥାଏ। ମୁଁ ମୋ 'ଚକ୍ଷୁରେ' ମୋ ସଙ୍ଗୀ ମାନଙ୍କ ଚକ୍ଷୁରେ, କନ୍ୟପିତାଙ୍କର ବିଶେଷତଃ କନ୍ୟାମାତାଙ୍କ ଚକ୍ଷୁରେ ଗୋଟାଏ ପହିଲା ନମ୍ବର ଯୁବକ ବୋଲି ଦିଶୁଥାଏ। ଏହି ସମୟରେ ମୋର ବିବାହ ହେଲା। ଆଜଯାଏ ମୁଁ ଉପଯୁକ୍ତ ପାତ୍ରୀ ଅନ୍ୱେଷଣରେ ଥିଲି ଏତେ ଦିନେ ମୋର ଉପଯୁକ୍ତା ଜଣେ ମିଳିଲା। ମୁଁ ତାକୁ ପସନ୍ଦ କଲି।

"ସେ କଲିକତାର ଜଣେ ସମ୍ଭ୍ରାନ୍ତ ବ୍ରାହ୍ମ ଗୃହସ୍ଥଙ୍କର କନ୍ୟା ଦୁଇଙ୍କ ଭିତରୁ ଜଣେ —ଦିନେ ରବିବାର ଉପାସନା ମନ୍ଦିରରେ ମୁଁ ପ୍ରଥମେ ଦେଖିଲି। ସେ ଦିନ ଠାରୁ ମୋର ମନ୍ଦିରକୁ ଯିବା ରବିବାରର ଗୋଟାଏ

ଅସ୍ଫୁଟିତ କାର୍ଯ୍ୟ ହୋଇଗଲା । ତହିଁ ପୂର୍ବରୁ ମୁଁ ତାର ସେହି ସୁଗଠିତ ଗୋଲ ମୁହଁଟି ଦେଖିବା ପାଇଁ, ଈଶ୍ୱରପ୍ରୀତି ମୋ ମନରେ ବିଶେଷ ପ୍ରଭାବ ବିସ୍ତାର ନ କରିଥିଲେହେଁ, ରବିବାର ସନ୍ଧ୍ୟାଠାରୁ ଆଗ ରବିବାର ଉପାସନାକୁ ଯିବାବେଳ ଯାଏଁ ଗୃହିଁ ବସିଥାଏ । ରବିବାର ଦିନ ତରବରରେ ସବୁ କାର୍ଯ୍ୟ ସାରି ଦେଇ ତାର ସେହି ମୁହଁ, ତାର ସେହି ସୁନ୍ଦର ଘନକୃଷ୍ଣ କେଶ ଅପେକ୍ଷାରେ ମନ୍ଦିର ଦୁଆରମୁହଁରେ ପଦ ଚାରଣ କରୁଥାଏ । ମୋର ଏ ଭାବ ତା ନଜରରେ ପଡିଲା । ସେ ମୋତେ ଯେପରି ଚାହିଁଲା, ସେଥିରୁ ଆଶା ହେଲା । ଆଉ ଦିନେ ସନ୍ଧ୍ୟାବେଳେ ତାଙ୍କ ବଗିଚାରେ ତା ସଙ୍ଗେ ଦୁଇ ଚାରି ପଦ କଥାବାର୍ତ୍ତା ପରେ ମୁଁ 'ପ୍ରସ୍ତାବ' କରିଦେଲି । ସେ ମୋତେ ଗ୍ରହଣ କଲା ।

"ସେ ସ୍ତ୍ରୀ ଲୋକଟି କହୁଥିଲେ ପରା ଶୁଣିଲେ, ଆଦର୍ଶର ମିଳନ କଥା—ପ୍ରେମରେ ଆଧ୍ୟାତ୍ମିକତା କଥା ? କି ମୂର୍ଖତା ! ସୁନ୍ଦରୀ ସ୍ତ୍ରୀ ମୁହଁରୁ ଯୁବକ କି ଆଦର୍ଶର ପରିଚୟ ପାଏ କେଜାଣି ? ତା କଥାରୁ କି ମହତ୍ ଭାବର ସଙ୍କେତ ପାଏ କେଜାଣି ? ମୋ ବିଷୟରେ ତ ସେପରି କିଛି ଘଟି ନାହିଁ । ମୋର ଭାର୍ଯ୍ୟା ବିବାହ ପୂର୍ବରୁ କିଛି ତା ହୃଦୟର କୌଣସି ମହତ୍ତ୍ୱର ସୂଚନା ଦେଉଥିଲା ପରି ତ କାହିଁ ମୋର ମନେ ହେଉ ନାହିଁ ! ଆଜି ତାର ସେ ବେଳ କଥାବାର୍ତ୍ତାରୁ ଯାହା କିଛି ମନେ ପଡୁଛି, ସେଥିରେ ମହତ୍ତ୍ୱର କିଛି ଭାଗ ନ ଥିଲା । ସେ ସେତେବେଳେ ଯାହା କହୁଥିଲା, ତାହା ଅତି ସାଧାରଣ କଥା; କିନ୍ତୁ ତା ସୁନ୍ଦର ମୁହଁରୁ ବାହାରୁଥାଏ ବୋଲି ସେତେବେଳେ ଅସାଧାରଣ ମନେ ହେଉଥାଏ । ଯେଉଁ ରମଣୀ ଯେପରି ସୁନ୍ଦରୀ, ସେ ସେପରି ମହତ୍ ବୋଲି ଯୁବକ ମନେ କରେ ! ଯାହା ହେଉ, ମୁଁ ତାହାର ସମ୍ମତି ପାଇ ଘରକୁ ମହାଆନନ୍ଦରେ ଫେରିଲି । ନିଜକୁ ନିଜେ କେଡ଼େ ଭାଗ୍ୟବାନ୍ ବୋଲି ମନେ କରୁଥାଏ । ବିବାହ ସ୍ଥିର ହେଲା । ଯେଉଁ ରମଣୀକୁ ଆଜିଯାଏ ଖୋଜି ହେଉଥିଲି, ତାକୁ ପାଇଲି ।

"ବିବାହ—ବି—ବା—ହ—କେଡ଼େ ନୂଆ କଥାଟାଏ ପରି ଜଣା ପଡୁଥାଏ । କିନ୍ତୁ ନୂଆ କଣ ? ମୁଁ ତ ଏଥି ପୂର୍ବରୁ ଅନେକ ଥର ବିବାହ

କରିଥିଲି । ଖାଲି ମୁଁ କାହିଁକି ? ଆମ ଶିକ୍ଷିତ ସମାଜରେ ଏବଂ ଆମ ପ୍ରଭାବରୁ, ଦୁର୍ଭାଗ୍ୟ କ୍ରମେ ସାଧାରଣ ଲୋକଙ୍କ ଭିତରେ ବି ଶହେକେ ଜଣେ ସୁଦ୍ଧା ଲୋକ ବାହାରିବେ ନାହିଁ, ଯେ ତାଙ୍କ ଅସଲ ବିବାହ ପୂର୍ବରୁ ବହୁବାର ବିବାହ କରି ନାହାନ୍ତି । ଅବଶ୍ୟ ଶୁଣିଛି, ପୂର୍ବକାଳରେ ଏ ଦେଶରେ ଲୋକ ଥିଲେ, ଯେଉଁମାନେ କି ଯୌବନକୁ ବିଳାସର ସମୟ ବୋଲି ମନେ କରୁ ନ ଥିଲେ; ବ୍ରହ୍ମଚର୍ଯ୍ୟ ବ୍ରତ ପାଳୁଥିଲେ । ଆଜି ମଧ୍ୟ ଠାଏ ଠାଏ ଦେଖୁଛି, କେତେକ ଯୁବକଙ୍କ ଭିତରେ ସେ ପୁରୁଣା ଭାବ ପୁଣି ଜାଗିଉଠୁଛି; କିନ୍ତୁ ଆମ ବେଳେ, ମୋର ଯୌବନରେ ଆମ ଶିକ୍ଷିତ ସଂପ୍ରଦାୟରେ ଗୋଟିଏ ବୋଲି ସଚ୍ଚରିତ୍ର ଲୋକ ଖୋଜି ପାଇବା କଷ୍ଟ ଥିଲା । କିନ୍ତୁ ମନୁଷ୍ୟର କି ମୂଢ଼ତା—କେହି ଏ କଥାକୁ ଗାରକଟି ଧରୁ ନ ଥିଲେ । ମନେ କରୁଥିଲେ, ସମାଜ ବେଶ୍ ଉନ୍ନତ ! ଚରିତ୍ରହୀନଙ୍କ ସଂଖ୍ୟା ଏତେ କମ୍ ଯେ, ତାଙ୍କୁ ବେଖାତିର୍ କରିଯାଇ ପାରେ ! ସମସ୍ତେ ଏ ଦିଗଟାକୁ ଅବଜ୍ଞାରେ ଉଡ଼େଇ ଦେଉଥିଲେ ।

"ଉପନ୍ୟାସମାନଙ୍କରେ ଦେଖୁଥିବେ, ଉପନ୍ୟାସକାର ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା କରିବାରେ ଏତେ ଜାଗା ଦେଉଛନ୍ତି, ପ୍ରେମିକ ପ୍ରେମିକା-ଙ୍କର ମିଳନ ଚିତ୍ର ବର୍ଣ୍ଣନା କଲାବେଳେ 'ଛୁଞ୍ଚି ମାଛି' ଛାଡ଼ୁ ନାହାନ୍ତି । କିନ୍ତୁ କୌଣସି ଉପନ୍ୟାସକାର ପ୍ରେମିକର ପୂର୍ବ ଇତିହାସର ପୃଷ୍ଠାଏ ପ୍ରକାଶ କରିବାର କେଉଁଠାରେ ଦେଖିଛନ୍ତି କି ? ଉପନ୍ୟାସକାର ସେ-ଗୁଡ଼ାକ ଗୌଣ ବୋଲି ଛାଡ଼ି ଦେଉଛନ୍ତି । ନ ଛାଡ଼ିଲେ ବା କଣ ହୁଅନ୍ତା ? ସେ ଯଦି ଏସବୁ ବିଷୟ ଲେଖନ୍ତେ, ତେବେ ଯେଉଁ ଯୁବତୀମାନଙ୍କର ଏ କଥା ପଢ଼ିବାର ଏକାନ୍ତ ଦରକାର ସେମାନଙ୍କ ହାତରେ ଏ ବହି ତାଙ୍କ ବାପ ମା ଦିଅନ୍ତେ କି ? କେବେ ନୁହେଁ । ପୃଥିବୀ ତମାମ୍ ପାପ ପୂର୍ଣ୍ଣ ରହିଛି ବୋଲି ନିଜ ଝିଅଙ୍କୁ ଜଣାଇଦେବା ସେମାନଙ୍କର ଇଚ୍ଛା ନୁହେ ।

"ପ୍ରତ୍ୟେକ ଲୋକ ଏ ବିଷୟସବୁ ଲୁଚେଇ ରଖିବାକୁ ଚାହେଁ । ଏ ବିଷୟ ନିଜେ କରିଥିଲେ ବି ଆମେମାନେ ତାକୁ ଭୁଲିଯାଉ; ମନେକରୁ, ଆମେ ସମସ୍ତେ ବେଶ୍ ଭଲଲୋକ । ଆମେ ଯିମିତି ଭଲ, ଆଉ ସମସ୍ତେ ବି ସିମିତି ଭଲ ।

"ହତଭାଗିନୀ ଅବିବାହିତାମାନେ ଏ କଥା ବେଶ୍ ଭଲରୂପେ ବିଶ୍ୱାସ କରନ୍ତି । ମୋ ଅଭାଗିନୀ ଭାର୍ଯ୍ୟା ମଧ୍ୟ ଏହିପରି ବିଚାରିଥିଲା । ମୁଁ ତାକୁ ମୋ ବିବାହ ପୂର୍ବ ଜୀବନର ଡାଇରି ଦେଇଥିଲି । ସେଥିରେ ମୂଳରୁ ଶେଷ ପର୍ଯ୍ୟନ୍ତ ମୋର ସବୁ କଥା ଲେଖାଥାଏ । ମୁଁ ନିଜ ଆଡ଼ୁ ତାକୁ ଏସବୁ ଦେଖାଇ-ଦେଲି । ଅନ୍ୟ କୌଣସିଠାରୁ ସେ ଏ ବିଷୟ ଶୁଣିଲେ ବେଶୀ ମର୍ମାହତ ହେବ ବୋଲି ଭୟ କଲି । ଦେଖାଇଦେଇ ସାରି, ଅନୁତାପ କଲି । ତା ମୁହଁରେ ସେତେବେଳେ ଯେ ଦୁଃଖ, ଯେ ହତାଶ ଭାବ, ଯେ ଅନୁତାପର ଚିହ୍ନ ଆଙ୍କି ହୋଇଗଲା, ତହିଁରୁ ମନେ ହେଉଥାଏ, ସତେ ଯେପରି ସେ ସେହିକ୍ଷଣି ମୋତେ ଛାଡ଼ି ଚାଲିଯିବ ।"

ମୁଁ ପଚାରିଲି—"ଛାଡ଼ି କି, ସେ ଛାଡ଼ିଗଲେ ନାହିଁ ?" ସେ କହିଲେ ମୋହ ଯୋଗୁଁ—ମୁଁ ହତଭାଗ୍ୟ ତାକୁ କ୍ଷମା ଭିକ୍ଷା କଲି । ବିବାହିତ ଜୀବନ ଭିତରେ ଏପରି ଆଉ କେବେ କରିବି ନାହିଁ ବୋଲି କରିଥିବା ସଂକଳ୍ପ ତାକୁ ଜଣାଇଲି । ଏହିଠାରେ ବନ୍ଦ ହୋଇଯାଇ ସେ ଗୋଟାଏ ଦୀର୍ଘ ନିଶ୍ୱାସ ପକାଇଲେ । ତାଙ୍କର ସେ ଅଦ୍ଭୁତ ଚୀତ୍କାର କଲେ ଏବଂ କିଛିକ୍ଷଣ ପରେ ପୁଣି କହିଲେ—"ନିର୍ବୋଧ ମୁଁ ଯଦି ସେତେବେଳେ ତାକୁ ବାଧା ଦେଇ ନ ଥାନ୍ତି, ଛାଡ଼ପତ୍ର ନେଇ ଚାଲିଯିବାକୁ ଯଦି ଛାଡ଼ି ଦେଇଥାନ୍ତି, ତେବେ କେଡ଼େ ଭଲ ହୋଇଥାନ୍ତା ।

## —ପାଞ୍ଚ—

"ମୋର ଏ ବିଷୟରେ ବେଶି କହିବାର କଥା ଯେ, ଏଣିକି ପ୍ରକୃତ କଥା ଲୁଚାଇ ରଖିବା ଦ୍ୱାରା ବିଚରା ବାଳିକାଗୁଡ଼ିକ ଠକେଇ ହୁଅନ୍ତି । ତାଙ୍କ ମାମାନେ ଅଗରୁ ନିଜ ସ୍ୱାମୀମାନଙ୍କ ଦ୍ୱାରା [illegible] ହୋଇ ଏସବୁ କଥା ଦେଖିଲେ ସୁଦ୍ଧା ନ ଦେଖିଲା ପରି ହୁଅନ୍ତି ଏବଂ ମନୁଷ୍ୟ ଚରିତ୍ରର ପବିତ୍ରତା ଉପରେ ବିଶ୍ୱାସ କରୁଥିଲା ପରି ବ୍ୟବହାର ଦେଖାନ୍ତି । କିନ୍ତୁ ସେମାନେ ଆମ୍ଭମାନଙ୍କୁ ଜାଲରେ ପକାଇବା ନିମନ୍ତେ ଯେଉଁ ଉପାୟ ଅବ-ଲମ୍ବନ କରନ୍ତି, ସେଥିରୁ ସ୍ପଷ୍ଟ ଜଣାଯାଉଥାଏ, ସେମାନେ ପୁରୁଷର ନିର୍ଯାତ

ଉପରେ ଯେପରି ବିଶ୍ୱାସ ଥିବାର ଭାନ କରନ୍ତି , ବାସ୍ତବିକ୍ ସେମାନଙ୍କର ଆଦୌ ସେ ନାରୀହିତାରେ ଆସ୍ଥା ନ ଥାଏ ।

"ବଡ଼ିଶଖିଆରେ କେଉଣ୍ଡି ଦେଖାଇ ଲୋକେ ଯେପରି ମାଛ ଧରନ୍ତି, ଜାଲିଆ ଚାଉଳ ପକାଇ ଯେପରି ପକ୍ଷୀଙ୍କୁ ଜାଲରେ ଧରେ, ସେହିପରି ସେମାନେ ଜାଲରେ ପୁରୁଷଙ୍କୁ ଧରନ୍ତି, ତାଙ୍କ ଝିଅମାନଙ୍କ ପାଇଁ । ସ୍ତ୍ରୀମାନେ ଜାଣନ୍ତି, କବି ଓ ଉପନ୍ୟାସକାର ଯାହାକୁ ପବିତ୍ର ପ୍ରେମ ବୋଲି କହନ୍ତି, ତାହା ହୃଦୟର ବୃତ୍ତି ଉପରେ—ଯୁବତୀର ଭିତର ମହତ୍ତ୍ୱ ଉପରେ ନିର୍ଭର କରେ ନାହିଁ । ସେମାନେ ଜାଣନ୍ତି, ଯୁବତୀ ସଙ୍ଗେ ଯୁବକର ଥରକୁ ଦି'ଥର ଭେଟ ହେଲେ, ଯୁବତୀ ଭଲ ଖୋସା ପାରି, ଭଲ ବେଶ ହୋଇ ଯୁବକକୁ ପ୍ରଲୋଭିତ କଲେ, ଯୁବକର ମନରେ ପ୍ରେମ ଜାଗରୂକ ହୁଏ । ସେମାନେ ଜାଣନ୍ତି, ଖଣ୍ଡେ ଶାଢ଼ୀର ବିଣ୍ଟି ଉପରେ ଯୁବକର ପ୍ରେମ ଯେତେ ନିର୍ଭର କରେ, ଯୁବତୀର ସହସ୍ର ସଦ୍‌ଗୁଣ ଉପରେ ତେତେ ନିର୍ଭର କରେ ନାହିଁ ।

"ଏ କଥା ଆପଣଙ୍କୁ ଅପସନ୍ଦ ଲାଗୁଛି ପରି ? ଅପସନ୍ଦ ଲାଗିବାର କୌଣସି କାରଣ ନାହିଁ । ପୁରୁଷ ପ୍ରକୃତି ଜାଣିଥିବା ଜଣେ ନାରୀକୁ ପଚାରିଲେ ସବୁ କଥା ବେଶ୍ ଜାଣି ପାରିବେ । ସେ କହିବ, 'ନାରୀ ଯେଉଁ ପୁରୁଷକୁ ତା ଫାନ୍ଦରେ ପକାଇବାକୁ ବସିଥିବ, ତା ଆଗରେ ନାରୀର ଶଠତା, ସ୍ୱାର୍ଥପରତା ଜଣାପଡ଼ୁ, ସେଥିପାଇଁ ଭୟ ନାହିଁ । କିନ୍ତୁ ବେଶର ପରିପାଟୀରେ ହେଳା କଲେ ଚଳିବ ନାହିଁ ।' ନାରୀ ଜାଣେ, ପୁରୁଷ ଉନ୍ନତ ଆଦର୍ଶ, ଚରିତ୍ରର ମହତ୍ତ୍ୱ ବିଷୟରେ ଯାହା ସବୁ ଗାଇ ହୁଅନ୍ତି, ସେଥିରେ କଣାକର ମୂଲ୍ୟ ନାହିଁ । ତାହା ସବୁ ନକଲି । ପୁରୁଷ ନାରୀର ଗୁଣ ଚାହେଁ ନାହିଁ, ସେ ଚାହେଁ ରୂପ । ଅସଚ୍ଚରିତ୍ରା ନାରୀ ଏ କଥା ଜାଣେ । ଆମ ଘରମାନଙ୍କର ନିରୀହ ସମ୍ଭ୍ରାନ୍ତ ମହିଳା ମଧ୍ୟ ଅଜାଣତରେ ଏସବୁ ଶିଖିଯାଏ ।

"ଆମ୍ଭମାନଙ୍କର ପୂର୍ବ ସଂସ୍କାର ଯୋଗୁଁ ଆମକୁ ଭଦ୍ରମହିଳା ଭଦ୍ରମହିଳା ପରି ଦିଶନ୍ତି ଏବଂ ବେଶ୍ୟା ବେଶ୍ୟା ପରି ଦିଶନ୍ତି କିନ୍ତୁ, ଠିକଏ ଚିନ୍ତା କରି ଦେଖିଲେ ସମସ୍ତେ ସମାନ । ବେଶ୍ୟାର ଯେଉଁ ଆଦର୍ଶ, ଆମ ଘର ସ୍ତ୍ରୀ-ମାନଙ୍କର ସେହି ଆଦର୍ଶ । ଯଦି ଏମାନଙ୍କର ଆଦର୍ଶ ଭିନ୍ନ ହୋଇଥାନ୍ତା,

ତାହାହେଲେ ଏହି ଆଦର୍ଶର ପାଥକ୍ୟ ସେମାନଙ୍କ ବାହାର ବ୍ୟବହାରରେ ଦେଖାଯାନ୍ତା ; କିନ୍ତୁ ପାର୍ଥକ୍ୟ କଣ କିଛି ଦେଖାଯାଏ ? ବାରବାଳା ଯେପରି ବେଶଭୂଷାରେ ନାନାପ୍ରକାର ପରିପାଟୀ କରେ, ଠିକ୍ ସେହିପରି ଯାହାଙ୍କୁ ଆମେ କୁଳବଧୂ କହୁଥାଇଁ, ଭଦ୍ରମହିଳା କହୁଥାଇଁ, ସେମାନେ ଇତରର ମହତ୍ତ୍ୱକୁ ଭ୍ରୂକ୍ଷେପ ନକରି ବାହାର ଚୁପଚିକ୍କଣରେ ମତ୍ତ । ସେହି ଭଳିଆ ସେହିଭଳିଆ ଅଳଙ୍କାର ପ୍ରେମ; ସେହିଭଳିଆ ସବୁ । ଉଦ୍ଦେଶ୍ୟ ବି ଠିକ୍ ସମାନ ବାରବାଳା ପୁରୁଷକୁ ପ୍ରଲୋଭିତ କରିବା ପାଇଁ ଏସବୁ ଉପାୟ ଅବଲମ୍ବନ କରେ—ସମ୍ଭ୍ରାନ୍ତ କୁଳବଧୂର ମଧ୍ୟ ସବୁ ବେଶଭୂଷାର ଉଦ୍ଦେଶ୍ୟ ସେଇଆ ।

"ମୁଁ ଆଗରୁ କହିଛି, ମୁଁ ଆକୃଷ୍ଟ ହେଲି ଏହି ବେଶଭୂଷା ଯୋଗୁ । ମୋତେ ଆକର୍ଷଣ କରିନେବା ସହଜ ହେବାର କଥା । ଖତ ଦିଆ ଦେଇ ଯେପରି ଆଳୁ କୋଡ଼ ତିଆରି ହୁଏ, ମରୁଭୂମିକୁ ମଧ୍ୟ ଉର୍ବର କରି ଯେପରି ଫସଲ କରାଯାଏ, ସେହିପରି ପିଲାଦିନୁ ମୁଁ ସମାଜରେ ଯୌନ ଭାବରେ ଲାଳିତପାଳିତ ହୋଇଥିଲି, ତା ଫଳରେ ମୁଁ ଏପରି ହୋଇଥିଲି ଯେ ଟିକିଏ ଆକର୍ଷଣରେ ମୋର ପ୍ରେମକରିବାର କଥା । ମୁଁ ଯେ ଘରରେ ପିଲାଦିନ ବଢ଼ିଥିଲି, ସେଥିରେ ମୋର ପ୍ରେମିକ ହେବା ଅତି ସ୍ୱାଭାବିକ ।

"ଆଜି ସକାଳ ଓଳି ଯେଉଁମାନେ ରେଳଲାଇନ୍ ପାଖ ବିଲରେ କାମ କରୁଥିଲେ, ସେମାନେ ଖାଆନ୍ତି କଣ ? ସେମାନେ ଖାଆନ୍ତି ଭାତ ଡାଲି— ଜଣେ ଅଧେ ତାଙ୍କ ଭିତରୁ ପାଆନ୍ତି ଭାତ ଡାଲି ସାଙ୍ଗକୁ ଦଖଣ୍ଡ ପରିବା-ପାତ । ଖାଦ୍ୟ ସେମାନଙ୍କୁ ଯେ ଶକ୍ତି ଦିଏ, ସେ ଶକ୍ତିର ସମସ୍ତ ଅଂଶ ହଳ-କାମରେ ଖର୍ଚ୍ଚ ହୋଇଯାଏ । ଆମେ ଖାଉଁ ଭାତ ଡାଲି, ଘିଅ ଦୁଧ ଏବଂ ଏ ସବୁ ସାଙ୍ଗକୁ ମାଛ ମାଂସ । ଏ ସବୁ ଖାଦ୍ୟ ଦେହରେ ଯେ ପ୍ରଚୁର ଶକ୍ତି ଦିଏ, ତାକୁ ଖର୍ଚ୍ଚ କରିବା ପାଇଁ ଆମେ କରୁ କଣ ? କିଛି ନାହିଁ । ବହି ଖଣ୍ଡେ ପଢ଼ି ଦେବା ବା ଦସ୍ତଖତଟାଏ କରି ଦେବାରେ ଶକ୍ତି ବା ଖର୍ଚ୍ଚ ହେଉ କେତେ ? ଫଳରେ ଦେହରେ ପ୍ରଚୁର ଶକ୍ତି ଗଚ୍ଛିତ ହୋଇ ରହେ । ଖର୍ଚ୍ଚ ହେବାର ବାଟ ନ ପାଇ ତାହା ଶରୀରରେ ନାନା ପ୍ରକାର ଉତ୍ତେଜନା,

ଅଭିଳାଷ ପ୍ରବୃତ୍ତି ଜାତ କରାଏ । ଏମାନଙ୍କ ସମବାୟରେ, ଯାହାକୁ କହନ୍ତି ପ୍ରେମ ଅର୍ଥାତ୍ ସ୍ତ୍ରୀସଙ୍ଗଲିପ୍ସା, ତାହା ଅତ୍ୟଧିକ ପରିମାଣରେ ଜାତ ହୁଏ ।

"ମୁଁ ପ୍ରେମରେ ନ ପଡନ୍ତି କିପରି ? ମୋ ସ୍ତ୍ରୀର ମା ଯଦି ସୁଚତୁର ଭାବରେ ଜାଲ ପକାଇ ନ ଥାନ୍ତା, ମୋ ସ୍ତ୍ରୀର ଶାଢ଼ୀ ତିଆରି କରିବା ବାଲା ଯଦି ଶାଢ଼ୀରେ ସେ ଲୋଭନୀୟ ରଙ୍ଗ ଦେଇ ନ ଥାନ୍ତା, ଗୁଡାଏ ସାରବାନ ଖାଦ୍ୟ ଖାଇ ଖାଇ ମୁଁ ଯଦି ଉନ୍ମତ୍ତ ହୋଇ ନ ଥାନ୍ତି ଏବଂ ମୋ ସ୍ତ୍ରୀକୁ ଯଦି ଭଲ ପୋଷାକ ପିନ୍ଧାଇ ତାର ମା ପୁରୁଷ ଶିକାର ପାଇଁ ପ୍ରସ୍ତୁତ କରି ନ ଥାନ୍ତା, ତେବେ ତା ସହିତ ମୋର ଦେଖା ହୋଇ ନ ଥାନ୍ତା, ମୁଁ ପ୍ରେମରେ ପଡ଼ି ନ ଥାନ୍ତି, ପରେ ଯାହା ଘଟିଲା ସେ ସବୁ ବି ଘଟି ନ ଥାନ୍ତା ।

"ସେ ଯାହା ହେଉ, ମୁଁ ଜାଲରେ ପଡ଼ିଲି । ପାଶ୍ଚାତ୍ୟ ଧରଣର ବିବାହ ଏବଂ ଯାହାକୁ ଆମ ଉଚ୍ଚ ଶିକ୍ଷିତ ଲୋକେ ଅନୁକରଣ କରୁଛନ୍ତି, ତାକୁ ମୁଁ ଜାଲ ବୋଲି କହୁଛି । ଆପଣଙ୍କୁ ଟିକିଏ ଆଶ୍ଚର୍ଯ୍ୟ ଲାଗୁଥିବ, କିନ୍ତୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ବାସ୍ତବିକ୍ ଏହା ଗୋଟାଏ ଜାଲ ।

"ସନାତନ କାଳରୁ ଆମ ଦେଶରେ ଚଳି ଆସୁଛି, କନ୍ୟାର ବୟସ ହେଲେ ତା ପାଇଁ ତାର ପିତାମାତା, ଅଭିଭାବକମାନେ ପାତ୍ରଟିଏ ସ୍ଥିର କରି ତାର ବିବାହ ଦିଅନ୍ତି । ଖାଲି ଆମ ଦେଶରେ କାହିଁକି, ଚୀନ ଦେଶରେ, ସମସ୍ତ ମୁସଲମାନ ରାଜ୍ୟରେ ଏବଂ ଇୟୁରୋପର ସାଧାରଣ ଶ୍ରେଣୀର ଲୋକମାନଙ୍କ ଭିତରେ ଏ କଥା ଚଳୁଛି । କିନ୍ତୁ ପୃଥିବୀଜନସଂଖ୍ୟାର ଶହେ ଭାଗରୁ ଭାଗେ ଲୋକ, ଯେଉଁମାନେ କି ନିଜକୁ ସଭ୍ୟ ବୋଲି ଗର୍ବ କରନ୍ତି ଏବଂ ଆମ ଦେଶର ମୁଷ୍ଟିମେୟ ପଞ୍ଚାଏ ଯେଉଁମାନେ କି ଏ ସଭ୍ୟତାର ଅନୁକରଣରେ ବ୍ୟସ୍ତ, ସେମାନଙ୍କୁ ସନାତନ ବିବାହ ପ୍ରଥା ବଡ଼ ପୁରୁଣାକାଳିଆ ବଡ଼ ଅସଭ୍ୟ ଜଣା ପଡ଼ୁଛି ! ସେମାନେ ଗୋଟାଏ ନୂଆ ଗୁଳ ଧରିଛନ୍ତି । ଏ ଯେଉଁ ଉନ୍ନତ (!) ବିବାହ ପ୍ରଣାଳୀ, ତାହାର ପ୍ରକୃତ ପ୍ରକାର କ'ଣ ? ଯୁବତୀମାନେ ଘରେ ସଜଡ଼ାସଜଡ଼ି ହୋଇ ବସିଥିବେ । ଦୋକାନରେ ସଜାଡ଼ି ରଖା ହୋଇଥିବା ଜିନିଷପତ୍ର ପରି, ଯୁବକମାନେ ବଜାରର କିଣାଳିମାନଙ୍କ ପରି ଯୁବତୀ-ହାଟରେ ବୁଲି ବୁଲି ନିଜ ପସନ୍ଦ ମୁତାବକ ଯୁବତୀ ଆଣିବେ । କେଜ

ସରିଲେ ଯଦି ଭାଗ୍ୟ ଫିଟିଲା ଅର୍ଥାତ୍ ଯୁବତୀ ଯେବେ ରସିଲା, ତେବେ ବିବାହ ସମ୍ପନ୍ନ ହେବ । ଦୋକାନୀ ଯେପରି ଗ୍ରାହକ ଆସି ଦୋକାନ ପାଖରେ ବସିଲେ ଜିନିଷର ଗୁଣଗ୍ରାମ ବର୍ଣ୍ଣନା କରେ, ଜିନିଷ ସବୁ ସଜାଡ଼ାମଜାଡ଼ି କରି ଚମତ୍କାର କରି ଦେଖାଇ ଥୋଇଥାଏ, କନ୍ୟାମାତାମାନେ ସେହିପରି କନ୍ୟାମାନଙ୍କୁ ଏପରି ପୋଷାକ ପିନ୍ଧାଇଥାନ୍ତି, ଯେପରି ତାଙ୍କ ମୁଣ୍ଡର ବେଣୀ, ବେକ ଓ ସ୍ତନ, ଉନ୍ମୁକ୍ତ ବାହୁ ଯୁବକ ମନକୁ ଡ଼ାକି ଆଣିବା କଥା । ନିଜେ ତାର ଭାବ-ଭଙ୍ଗୀ ଦ୍ୱାରା ସତେ ଯେପରି କହୁଥାଏ, 'ଏ, ମତେ ନିଅ ! ମୋ ହାତକୁ ଦେଖୁ ନାହଁ, କେଡେ ଗୋଲ, ମୋ ବାଳକୁ ଦେଖୁ ନାହିଁ, କମିତି କଳା, ଚିକ୍କଣ, ମସୃଣ । ଏଣେ ପୁରୁଷ ତନ୍ନ ତନ୍ନ କରି ସମସ୍ତଙ୍କୁ ପରୀକ୍ଷା କରୁଥାଏ, କେଜାଣି ଠକରେ ପଡ଼ିଯିବ ବୋଲି ହୃଦୟରେ ଭାରି ସତର୍କ ହୋଇ ଚାଲୁଥାଏ । ହଠାତ୍ ସେ ଜଣକୁ କାହାକୁ ଦେଖି ଝଲସିଯାଏ । ସତର୍କତା ଉଭେଇଯାଏ, ଗୋଡ଼ ଖସିଯାଏ ଏବଂ ନାରୀର ଚାତୁରୀ ଦ୍ୱାରା ସେ ତାଙ୍କ ଫାନ୍ଦିଥିବା ଜାଲରେ ଯାଇ ପଡ଼େ ।"

ମୁଁ ପଚାରିଲି—ତେବେ ଆପଣ କଣ ଚାହାନ୍ତି ? ପୁରୁଷ ବର୍ତ୍ତମାନ ସ୍ତ୍ରୀ ବାଛୁଛି । ସ୍ତ୍ରୀ ପୁରୁଷ ବାଛିଲେ କଣ, ଭଲ ହୁଅନ୍ତା । ତାହା କଣ ଅତି କଦର୍ଯ୍ୟ ପ୍ରଥା ହୁଅନ୍ତା ନାହିଁ ?

ଚନ୍ଦ୍ରମଣି ବାବୁ କହିଲେ—"ମୁଁ କଣ ଚାହେଁ, ନିଜେ ଜାଣେ ନାହିଁ । ତେବେ ମୋର ଏତିକି କହିବାର ଇଚ୍ଛା ଯଦି ସମାଜ ନ୍ୟାୟ ବିଚାର କରିବାକୁ ଚାହେଁ, ତେବେ ସ୍ତ୍ରୀ ପୁରୁଷ ଉଭୟଙ୍କୁ ସମାନ ସୁବିଧା ଦିଆଯାଉ । ଆମ୍ଭମାନଙ୍କ ସନାତନ ବିବାହ ରୀତି ଯଦି ଘୃଣାର ପଦାର୍ଥ, ତେବେ ଏ ନୂଆ ପ୍ରଣାଳୀକୁ ଶତଗୁଣ ଘୃଣା କରିବାର କଥା । ଆମ୍ଭମାନଙ୍କ ଦେଶୀୟ ରୀତି ଯେତେ ମନ୍ଦ ହେଉ ପଛେ ତାର ଏତିକି ଗୁଣ ଥିଲା ଯେ, ତୃତୀୟ ପକ୍ଷ ବିବାହ ସ୍ଥିର କରୁଥିବା ହେତୁ ବରକନ୍ୟା ଉଭୟଙ୍କ ପ୍ରତି ସମାନ ନ୍ୟାୟ ଦେଖାଇବାର ସୁଯୋଗ ମିଳୁଥିଲା । ସେତିକି ବର୍ତ୍ତମାନ ଏ ନବ୍ୟ ସଭ୍ୟ ପ୍ରଣାଳୀରେ ନାହିଁ । ବର୍ତ୍ତମାନ ନାରୀ ହୁଏତ ଦାସୀ, ନ ହେଲେ ପ୍ରଲୋଭନକାରିଣୀ ପିଶାଚୀ ହୁଏତ ପୁରୁଷ ଶାଇବଳଦ ପରି ସ୍ତ୍ରୀ କିଣୁଛି ବା ନାରୀ ତା ବେଶଭୂଷାର ପ୍ରଲୋଭନ ଦେଖାଇ

ପୁରୁଷକୁ ପ୍ରଲୋଭିତ କରି ଆତ୍ମହତ୍ୟା କରୁଛି । ଏ ଅବସ୍ଥାରେ ନ୍ୟାୟ ରହିଲା କେଉଁଠାରେ ? ହୁଏତ ପୁରୁଷ ପ୍ରତି ଅବିଚାର ହେଲା ଅଥବା ନାରୀ ପ୍ରତି ଅବିଚାର ହେଲା ।"

ଏତକ କହିସାରି ଚନ୍ଦ୍ରମଣି ବାବୁ ଟିକିଏ ଚିନ୍ତାକରି ତୁନି ହୋଇ ବସିଲେ । ଗାଡି ଭିତରୁ ବାହାରର ଅନ୍ଧକାରକୁ ଖୁବ୍ ତନ୍ନ ତନ୍ନ କରି ଚାହିଁଲେ । ମୁଁ ତାଙ୍କର କହିବା କଥା ସବୁ ମନରେ ପାଞ୍ଚୁଥାଏ ।

କିଛି ସମୟ ଚିନ୍ତାକରି ସେ କହିଲେ—"ହଁ, କଣ କହୁଥିଲି ?— ଆଜିକାଲିର ଏହି ତଥାକଥିତ ପ୍ରେମଜଗତର ଦୁର୍ଭାଗ୍ୟର କାରଣ । ଆମ୍ଭମାନଙ୍କର ଅତି ଇର୍ଷିତା ଆଜି ନାରୀ ଜାତି ହାତରେ ପ୍ରଭୂତ କ୍ଷମତା ଦେଇଛି । ନାରୀ ଆଜି ଆମର ପ୍ରଭୁ ।"

ମୁଁ କହିଲି—ସ୍ୱା କମିତି ହେଲା ? ସମସ୍ତ ଅଧିକାର ତ ଆଜି ପୁରୁଷ ହାତରେ ! ନାରୀ ଜାତିକୁ ଆମ୍ଭେମାନେ ସାମାଜିକ ସବୁ କ୍ରିୟାକଳାପରୁ ଅଲଗା କରି ରଖିଥାଇଁ !

ଚନ୍ଦ୍ରମଣି ବାବୁ—ଠିକ୍ ସେହି କାରଣରୁ ତ ସ୍ତ୍ରୀ ଆମ ଉପରେ ଏପରି ଅଯଥା ଆଧିପତ୍ୟ ବିସ୍ତାର କରିଛି । ପୂର୍ବକାଳରେ ୟୁରୋପର ଖ୍ରୀଷ୍ଟିଆନ୍ ରାଜା ଓ ପ୍ରଜାମାନେ ଇହୁଦୀମାନଙ୍କୁ ସମସ୍ତ ରାଜନୈତିକ ଏବଂ ସାମାଜିକ ଅଧିକାରରୁ ବଞ୍ଚିତ କରି ରଖିଥିଲେ, ସେମାନଙ୍କ ଉପରେ ନାନା ପ୍ରକାର ଅତ୍ୟାଚାର କରୁଥିଲେ; କିନ୍ତୁ ଇହୁଦୀମାନଙ୍କ ହାତରେ ଥିଲା ଟଙ୍କା, ରାଜାମାନେ ଏହି ଟଙ୍କା ପାଇଁ ତାଙ୍କ ଉପରେ ନିର୍ଭର କରୁଥିଲେ । ଫଳରେ ଇହୁଦୀମାନେ ଏହି ଟଙ୍କା ଯୋଗୁଁ ନିଜ ଉପରେ ହେଉଥିବା ଅତ୍ୟାଚାରର କିଛିମାତ୍ର ପ୍ରତିଶୋଧ ନେଇ ପାରୁଥିଲେ—ଟଙ୍କା ବଳରେ ଅତ୍ୟାଚାରୀ ରାଜା ଏବଂ ପ୍ରଜାମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ପାରୁଥିଲେ । ବର୍ତ୍ତମାନ ନାରୀ ଜାତିର ଅବସ୍ଥା ଠିକ୍ ଏହି ଇହୁଦୀମାନଙ୍କ ଅବସ୍ଥା ସଙ୍ଗେ ସମାନ । ନାରୀମାନଙ୍କଠାରୁ ଆମେ ସମସ୍ତ ଅଧିକାର ଛଡ଼ାଇ ନେଇଥାଇଁ—ସେମାନେ ଭୋଟ ଦେଇ ପାରିବେ ନାହିଁ, ସେମାନେ ବିଚାରପତିର ଆସନରେ ବସି ପାରିବେ ନାହିଁ, ସମାଜର, ସରକାରର ମୁଖ୍ୟ

ମୂଖ୍ୟ କାର୍ଯ୍ୟରେ ତାଙ୍କର ବିଶେଷ ହାତ ରହିବ ନାହିଁ । ଖାଲି ଏତିକି ନୁହେଁ, ନାରୀର ନାରୀତ୍ୱକୁ ମଧ୍ୟ ଆମେ ଦବେଇ ରଖି ଦେଉଥାଉଁ । ନିଜର ପତି ନିଜେ ବରଣ କରିବାର ଅଧିକାର ଆମେ ତାଙ୍କୁ ଦେଇ ନ ଥାଉଁ । ଆମେ ସେମାନଙ୍କୁ ବାଛିବା, ସେମାନେ ଆମରି ପ୍ରେମ ବା ଘୃଣା ଉପରେ ନିର୍ଭର କରି ବସିଥିବେ ।

"ଆପଣ କହୁଛନ୍ତି, ନାରୀ ଯଦି ତାର ପତି ବରଣ କରୁଥାନ୍ତା, ତେବେ ସମାଜ ବଡ଼ ବିଶୃଙ୍ଖଳ ହୋଇ ପଡ଼ନ୍ତା; କିନ୍ତୁ ଏହି ଦେଶରେ ପୂର୍ବକାଳରେ ନାରୀର ତ ଏହି ଅଧିକାର ଥିଲା । ସେ କାଳର ସମାଜ ବର୍ତ୍ତମାନ ସମାଜ ଠାରୁ କେଉଁ ଭାବରେ ବେଶୀ ବିଶୃଙ୍ଖଳ ହୋଇଥିଲା, କହିଲେ ଦେଖି ? ଉତ୍ତ, ଆପଣଙ୍କ କଥା ଏବେ ହେଉ । ଯଦି ନାରୀକୁ ଏ ଅଧିକାର ଦେବା ଜଘନ୍ୟ, ତେବେ ପୁରୁଷ ହାତରୁ ମଧ୍ୟ ତାହା ଛଡ଼ାଇ ନିଆଯାଉ । ବର୍ତ୍ତମାନ ପ୍ରେମ କରିବା ଅର୍ଥାତ୍ ସ୍ତ୍ରୀ ବାଛିବା ଅଧିକାର ପୁରୁଷର ଏକଚାଟିଆ ସ୍ୱତ୍ୱ । ନାରୀର ସମସ୍ତ ଅଧିକାର ଯାଇଛି, ଫଳରେ ସ୍ତ୍ରୀ ଅଧିକାର ନାଶ ପାଇଁ ପ୍ରତିଶୋଧ ନେବା କାରଣ ନାରୀ ପୁରୁଷର ମାନସିକ ବୃତ୍ତି ଉପରେ ଅଧିକାର ଜାରି କରୁଛନ୍ତି ଏବଂ ପୁରୁଷକୁ ଏପରି ଭାବରେ ଆୟତ୍ତ କରିଛନ୍ତି ଯେ, ସେ ପୁରୁଷକୁ ଖେଳର ଜିନିଷ କରି ପକାଇଛନ୍ତି । ପୁରୁଷକୁ ନିଜର କ୍ରୀତଦାସ କରି ରଖିଛନ୍ତି ।"

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି—କିପରି ?

"କିପରି ? ବୁଝି ପାରୁ ନାହାନ୍ତି ? ଆମ ଦେଶର ସହରମାନଙ୍କର ବଡ଼ ବଡ଼ ବଜାର ସବୁ ଦେଖିଛନ୍ତି ଟି ? ବଜାରରେ କଣ ଦେଖୁଛନ୍ତି ? ମସ୍ତବଡ଼ ଅଳଙ୍କାର ଦୋକାନ, କେତେ ରକମ ସୁନ୍ଦର ସୌଖୀନ ଅଳଙ୍କାର ସବୁ ସଜ୍ଜିତ ହୋଇ ଥୁଆ ହୋଇଛି । ଲୁଗା ଦୋକାନରେ କେତେ ରକମର ଚକଚକିଆ ଶାଢ଼ୀ ଗଚ୍ଛିତ ହୋଇଛି । କେତେ ରକମର ମୁଣ୍ଡବନ୍ଧା କଣ୍ଟା, ବାସନାତେଲ, ସାବୁନ ତିଆରି ହୋଇ ଥୁଆ ହୋଇଛି । ଏସବୁ କାହାପାଇଁ ? ଆମ ଦେଶର ଏ ଦ ଅପେକ୍ଷା ଇଉରୋପ ଅବସ୍ଥା ଆହୁରି ଶୋଚନୀୟ । ସେଠାରେ ଶତକଡ଼ା ନବେ ପୁରୁଷ ସ୍ତ୍ରୀମାନଙ୍କ ମନମାଫିକ ଜିନିଷ ତିଆରି କରିବାରେ, ସ୍ତ୍ରୀଙ୍କୁ

ହସ୍ତା ସେମାନଙ୍କ ପାଇଁ ନୂଆ ନୂଆ ପୋଷାକ ଉଦ୍‌ଭାବନ କରିବାରେ ବ୍ୟସ୍ତ । ସ୍ତ୍ରୀମାନଙ୍କୁ ଖୁସି କରିବା ପୁରୁଷର ଆଜିକାଲି ଏକମାତ୍ର ବ୍ୟବସାୟ ହୋଇ ପଡ଼ିଛି । ଆମ ଦେଶରେ ଅବଶ୍ୟ ଏତେଦୂର ନୁହେଁ ! କିନ୍ତୁ ଗତି ଯେଉଁ ଦିଗରେ ଚାଲିଛି, ଆମର ବି ଦିନେ ଏହିପରି ହୋଇଯିବାର ଆଶଙ୍କା ।

"ନାରୀ ବିଳାସର ସାମଗ୍ରୀ ହୋଇଥିବାରୁ ଅବସ୍ଥା ଆଜି ଏପରି ଭୟଙ୍କର ହୋଇଛି ଯେ, ପୁରୁଷର ନିର୍ବିକାର ଚିତ୍ତରେ କୌଣସି ନାରୀର ପାର୍ଶ୍ୱବର୍ତ୍ତୀ ହେବା ଆଜିକାଲି ଅସମ୍ଭବ । ମୋ ପିଲାଦିନେ ବି ନାରୀର ପାର୍ଶ୍ୱବର୍ତ୍ତୀ ହେଲେ ମୋତେ କିମିତି କିମିତି ଲାଗୁଥିଲା । ଆଜି ସୁବେଶା ନାରୀ ଦେଖିଲେ ମୋ ମନରେ ମହା ଭୟ ଜାତ ହେଉଛି । ମନେ ହେଉଛି, ପୁଲିସକୁ ଡାକନ୍ତି, କହନ୍ତି, "ଏ ମୋର ସର୍ବନାଶ କରିବାପାଇଁ ମୋତେ ଧମକଉଛି । ସମଗ୍ର ଜଗତ୍‌ର ସର୍ବନାଶ କରିବା ଏହାର ଉଦ୍ଦେଶ୍ୟ । ସ୍ତ୍ରୀକୁ କବନ୍ଦ କର, ମନୁଷ୍ୟ ପାଖରୁ ସ୍ତ୍ରୀକୁ ଦୂରରେ ରଖ । ଏ ବଡ଼ ଭୟଙ୍କର ଜୀବ ।

"ଏସବୁ ଶୁଣି ଆପଣଙ୍କୁ ହସ ମାଡ଼ୁଛି; ନା ? କିନ୍ତୁ ଏ ହସ କଥା ନୁହେଁ, ବାବୁ ! ଦିନ ଆସିବ, ଯେତେବେଳେ ଲୋକେ ଏ ବିପଦ ବୁଝି ପାରିବେ । ଇଉରୋପର ପଣ୍ଡିତମାନେ ଏସବୁ ବୁଝି ପାରିଲେଣି । ଆମ ଦେଶର ତଥାକଥିତ ଶିକ୍ଷିତ ଲୋକେ ମଧ୍ୟ କ୍ରମେ ଏସବୁ ସତ୍ୟ ବୁଝିବେ ଏବଂ ବୁଝି ବିସ୍ମିତ ହେବେ—ଏତେ ଦିନଯାଏ ତାଙ୍କୁ କିପରି ନାରୀ ଏପରି ଜଘନ୍ୟ ଉପାୟରେ, ଜଘନ୍ୟ ଉଦ୍ଦେଶ୍ୟରେ ବଶ କରି ରଖିଥିଲା ? ଏହା ଦ୍ୱାରା ଆପଣାକୁ ଆପେ ମଧ୍ୟ ଧିକ୍କାରିବେ ।

"ବଡ଼ ଆକ୍ଷେପର କଥା, ଲୋକେ ଏ ସତ୍ୟ ଏବେ ସୁଦ୍ଧା ବୁଝୁ ନାହାନ୍ତି । ଠକମାନଙ୍କୁ ସମାଜ ଦଣ୍ଡ ଦେଉଛି, ଜୁଆଖେଳ ବନ୍ଦ କରା ହୋଇଛି—କିନ୍ତୁ ଏସବୁ ଠାରୁ ବେଶୀ ମାରାତ୍ମକ ଏ ସ୍ତ୍ରୀମାନଙ୍କର ଦୁର୍ବିଷହ ପ୍ରାଦୁର୍ଭାବ ବନ୍ଦ କରିବାପାଇଁ କିଛି ବନ୍ଦୋବସ୍ତ ହେଉ ନାହିଁ । ସ୍ତ୍ରୀ ଆଜି ଜଗତ୍‌ର ଚାରିଆଡ଼େ ଜାଲ ପକାଇ ଦେଇ ପୁରୁଷମାନଙ୍କୁ ସାଧୁଛି । ପୁରୁଷ ଏ କଥା ବୁଝୁ ନାହିଁ, ବୁଝି ବି କୌଣସି ପ୍ରକାର ଆତ୍ମରକ୍ଷାର ଉପଯୁକ୍ତ ଚିନ୍ତା କରୁ ନାହିଁ ।

## —ଛଅ—

"ପୂର୍ବରୁ କହିଛି—ମୁଁ ଏହି ଜାଲରେ ପଡ଼ିଲି; ମୋର ସ୍ତ୍ରୀର ସୁନ୍ଦର ବେଶ ଓ ସୁନ୍ଦର ରୂପର ମୋହରେ ପଡ଼ି ମୁଁ ତା ପ୍ରତି ଆକୃଷ୍ଟ ହେଲି ଏବଂ ବିବାହ ପ୍ରସ୍ତାବ କଲି ; ସେ ମୋ ପ୍ରସ୍ତାବରେ ସମ୍ମତ ହେଲା ।

"ଆମ ବ୍ରାହ୍ମ ସମ୍ପ୍ରଦାୟ ଏବଂ ନୂଆ ଧରଣର ଶିକ୍ଷା ପାଇ ସଭ୍ୟ ବୋଲାଇ ଯେଉଁମାନେ ଆମର ସନାତନ ରୀତି ଛାଡ଼ି ପାଶ୍ଚାତ୍ୟ ନୀତି ରୀତିର ଅନୁକରଣ କରୁଛନ୍ତି ସେମାନେ, ବିବାହ ପ୍ରସ୍ତାବ ଏବଂ ଯଥାର୍ଥ ବିବାହ ମଧ୍ୟରେ ଯେଉଁ ସମୟ ଅର୍ଥାତ୍ 'ନିର୍ବନ୍ଧ' ସମୟ, ତହିଁରେ ସ୍ତ୍ରୀ ପୁରୁଷ ଯଥାସମ୍ଭବ ଏକତ୍ର ରହିବେ ବୋଲି ବ୍ୟବସ୍ଥା କରିଛନ୍ତି । ସେହି ପ୍ରଥା ଅନୁସାରେ ମୁଁ ମୋର ସ୍ତ୍ରୀଙ୍କ ସଙ୍ଗେ ଦିନର ଅଧିକାଂଶ ସମୟ କଟାଇଲି ।

ସେ 'ନିର୍ବନ୍ଧ' ସମୟଟା ମୋ ମନରୁ ଯାଉ ନାହିଁ । ବାସ୍ତବିକ୍ ଯଦି ମନର ମେଳ ହୋଇଥିବାରୁ ଆମ ଦୁହିଁଙ୍କ ମନରେ ପ୍ରେମ ଜାଗରୂକ ହୋଇଥାନ୍ତା, ତେବେ କଥାବାର୍ତ୍ତା ହେବାକୁ ଆମକୁ ଏତେ ଅଭାବ ପଡ଼ି ନ ଥାନ୍ତା; କିନ୍ତୁ ଆମର ପ୍ରେମରେ ପାଶବିକ ଭୋଗର ଲାଳସା ପୂର୍ଣ୍ଣମାତ୍ରାରେ ଥିଲା । ମୋ ସ୍ତ୍ରୀର ମୁହଁକୁ ଚାହିଁଦେଲା ମାତ୍ରେ, ମୋ ହୃଦୟରେ ସେହି ପାଶବିକ ଭାବ ଚଳବଉଳ ହୋଇ ଉଠେ, ମୁଁ ତାକୁ ଧରି ପକାଇ ଚୁମ୍ବନ ଦେବାକୁ ଦୃଢ଼ ଇଚ୍ଛା କରି ବସେ । ମୋର ସ୍ତ୍ରୀର ମନରେ ମଧ୍ୟ ସେହିପରି ଭାବ ହେଉଥିବ, ସନ୍ଦେହ ନାହିଁ; କିନ୍ତୁ ବିବାହଟା ଅଗରେ ଅଛି । ସେ କାର୍ଯ୍ୟଟା ନ ସରିଲେ ସ୍ୱାଧୀନ ବିଳାସ ପାଇଁ ପୂର୍ଣ୍ଣ ଅବସର ମିଳିବ ନାହିଁ । ଫଳରେ ଆମେ ଦୁହେଁଯାକ ଏକାଠି ହେଲେ ମନେ ମନେ ବା ପ୍ରକାଶ୍ୟରେ ସେହି ବିବାହ ଦିନ ବିଷୟ ଚିନ୍ତା କରିବାରେ ଲାଗୁଁ, ସେହି ଦିନକୁ ପ୍ରତୀକ୍ଷା କରୁଥାଉଁ । ଆଉ ସ୍ଫୂର୍ତ୍ତିରେ କେଉଁ ବିଷୟରେ କି କଥାବାର୍ତ୍ତା ହେବୁ ?

"ସେହି ଚିର-ପ୍ରତୀକ୍ଷିତ ବିବାହ ଦିନଟା ଆସିଲା, ବିବାହ ମଧ୍ୟ ହେଲା । ଏହି ବିବାହକୁ ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଗୋଟିଏ ପବିତ୍ର ଧର୍ମକାର୍ଯ୍ୟ ବୋଲି ମନେ କରୁଥିଲେ । ଈଶ୍ୱରଙ୍କୁ ସାକ୍ଷୀ ରଖି, ଅଗ୍ନିଙ୍କୁ ସାକ୍ଷୀ ରଖି,

ପୁରୁଷ ସ୍ତ୍ରୀ ଚିରଦିନ ପାଇଁ ବିବାହ ବନ୍ଧନରେ ବାନ୍ଧି ହେଉଥିଲେ । ସେ ବନ୍ଧନ ଥିଲା ଅଚ୍ଛେଦ୍ୟ—ଇହକାଳରେ ଅଚ୍ଛେଦ୍ୟ, ପରକାଳରେ ଅଚ୍ଛେଦ୍ୟ । ସେ ବିବାହରେ ପଶୁତ୍ୱର ବିକାଶ ନଥିଲା । ଭୋଗ ଥିଲା, କିନ୍ତୁ ସେ ଭୋଗ ଭୋଗ ପାଇଁ ନୁହେଁ—ତାହା ସେହି ପରମ ଈଶ୍ୱରଙ୍କର ସନାତନ ନିୟମ-ପାଳନ ପାଇଁ । ପୁତ୍ର କାମନାରେ ବିବାହ ହେଉଥିଲା, ସେହି ପୁତ୍ର ଥିଲା ନରକରୁ ତ୍ରାଣକର୍ତ୍ତା, ଇହକାଳର ସୁଖ ବା ଗର୍ବର ବସ୍ତୁ ନୁହେଁ, ପିତାର ପରକାଳର ଏକମାତ୍ର ଅବଲମ୍ବନ ।

କିନ୍ତୁ ଏ ଦୃଷ୍ଟିରେ ବିବାହକୁ ଆଜି ଦେଖୁଛି କିଏ ? ବର୍ତ୍ତମାନ ବିବାହରେ ପରମେଶ୍ୱର ନାହାନ୍ତି, କି ପ୍ରତିଜ୍ଞା ନାହିଁ, ବନ୍ଧନ ନାହିଁ । ଆଜି-କାଲିର ବିବାହ ସ୍ୱେଚ୍ଛାଭୋଗ ଓ ବିହାରର ଗୋଟାଏ ଲାଇସେନ୍ସ । ବିବାହରେ ଗୁରୁତ୍ୱ ନାହିଁ, କାରଣ ବିବାହ ପୂର୍ବରୁ ପୁରୁଷ ବାରନାରୀ ଗୃହକୁ ଗମନ କରିଛି ଏବଂ ବିବାହ ପରେ ମଧ୍ୟ ଏପରି ଗମନ କରିବା ପାଇଁ କିଛି ବାଧା ଅଛି ବୋଲି ସେ ମନେ କରୁ ନାହିଁ ବା ତାକୁ ମନେ କରାଇ ଦେବା ପାଇଁ ସମାଜର କୌଣସି ବ୍ୟବସ୍ଥା ନାହିଁ । ବିବାହଟା ଗୋଟାଏ ନିହାତ୍ ମାମୁଲି, ବାଜେ କଥା । ଇଚ୍ଛାକଲେ ଏକ ମୁହୂର୍ତ୍ତରେ ରାଜାଙ୍କ କଚେରୀର କର୍ମଚାରୀ ସାହାଯ୍ୟରେ ପୁରୁଷ ସ୍ତ୍ରୀଠାରୁ ଏବଂ ସ୍ତ୍ରୀ ପୁରୁଷଠାରୁ ସ୍ୱାଧୀନତା ଦାବୀ କରି ପାଇ ପାରିବ ।

ଆମେ ଦୁହେଁ ଏହି ପ୍ରକାର ବିବାହର ପ୍ରତୀକ୍ଷାରେ ଥିଲୁ, ବିବାହ ହୋଇ ଗଲା ଏବଂ ଆମ୍ଭମାନଙ୍କର ସେହି ତଥାକଥିତ ସୁଖର ସମୟ ମଧୁଚନ୍ଦ୍ର ( honey-moon) ଆସି ପହଞ୍ଚିଲା ।

ଆପଣ ଦେଖିଥିବେ, ଅନେକ ସମୟରେ ଆମ୍ଭେମାନେ ଭୁଲ କରୁ, ଅସୁବିଧାରେ ପଡ଼ୁ, କିନ୍ତୁ ଲଜ୍ଜା ଯୋଗୁଁ ହେଉ ବା ନିଜର ଝୋକ ବଜାୟ ରଖିବା ଉଦ୍ଦେଶ୍ୟରେ ହେଉ, ଆମ୍ଭେମାନେ ସେ ଭୁଲ୍ ସ୍ୱୀକାର କରୁ ନାହିଁ । ଏପରି କି ଭୁଲ୍ ଟାକୁ ଠିକ୍ ବୋଲି ବି ନିଃସଙ୍କୋଚରେ ଲୋକଙ୍କ ଆଗେ ପ୍ରକାଶ କରୁ । ଫଳରେ ଅନ୍ୟମାନେ ସେହି ଭୁଲ୍ ରେ ପଡ଼ନ୍ତି । ଆମ୍ଭେମାନେ ଯେଉଁ କାରଣରେ ଭୁଲ ସ୍ୱୀକାର କରୁ ନ ଥିଲେଁ, ସେହି କାରଣରେ

ସେମାନେ ତ ଭୁଲ୍ ସ୍ୱୀକାର କରନ୍ତି ନାହିଁ । ଫଳରେ ସେ ବାଟରେ ଯେ ଯାଆନ୍ତି, ସମସ୍ତେ ସେ ଭୁଲ୍‌ରେ ପଡ଼ନ୍ତି, କେହି ତାହାକୁ ବନ୍ଦ କହନ୍ତି ନାହିଁ । ଭୁଲ୍‌ରେ ପଡ଼ିବା ଲାଗିଥାଏ, ମୁହଁଲାଜରେ ସମସ୍ତେ ଚୁପ୍ ରହନ୍ତି ଏବଂ ନିଜର ସୁନାମ କେଜାଣି ଚାଲେ ପଡ଼ିଯିବ ବୋଲି ଉଲଟେ ଭୁଲ୍‌କୁ ଠିକ୍ ବୋଲି ରଟି ହେଉଥାନ୍ତି ।

ଥରେ ମୁଁ ବଜାରରେ ଚାଲି ଯାଉଥିଲି, ଆଖି ପଡ଼ିଗଲା ଗୋଟିଏ ଘସରା ଉପରେ—ଜଣେ ଦାଢ଼ିବାଲା ସ୍ତ୍ରୀଲୋକ ଠିଆ ହୋଇ ଲୋକଙ୍କୁ ହାତ ଦେଖାଉଛି । ମୋର ଟିକିଏ କୌତୂହଳ ହେଲା । ଭିତରେ କଣ ଥିବ ଦେଖିବାକୁ ମୁଁ ଭିତରେ ପଶିଲି । ପ୍ରଥମେ ପାଖକୁ ଯାଇ ଦେଖିଲି, ଦାଢ଼ିବାଲା ସ୍ତ୍ରୀଲୋକ ପରି ମୋତେ ଯେ ଦିଶୁଥିଲା, ସେ ଜଣେ ବୁଢ଼ା, ଶାଢ଼ୀ ଟଏ ପିନ୍ଧିଛି । ମନେ ମନେ ଟିକିଏ ବିରକ୍ତ ହୋଇ ଭିତରେ ପଶିଲି । ଭିତରେ ଯାହା ଦେଖିଲି, ସେଥିରେ ବିରକ୍ତି ଆହୁରି ବଢ଼ିଗଲା । ସର୍କସବାଲା ଗୋଟେ ମାଙ୍କଡ଼ ପାଖରେ ନେଇ ବିଡ଼ି ଟଏ ପୂରେଇ ଦେଉଛି । ମାଙ୍କଡ଼ ବିଡ଼ି ଖାଇ ଧୂଆଁ ବାହାର କରୁଛି । ଏଥିପାଇଁ ଆଉ ଗୁଡ଼ାଏ ବାଜେ କଥା । ଟିକିଏ ଦେଖି ସାରି ମନେ ମନେ ଭାରି ବିରକ୍ତ ହୋଇ, ପଇସା କେଇଅଣା ବୃଥା ହାଡ଼ି ଖାଇଲା ବୋଲି ମନେମନେ ବଗୃନ ପଦାକୁ ବାହାରି ଆସିଲି । ସର୍କସ-ବାଲା ମୋତେ ବୋକା ସମଝିଲା କି କଣ କେଜାଣି, ମୋ ପାଖୋ ପାଖୋ ପଦାକୁ ଆସି ବାହାରେ ଠିଆ ହୋଇ ଯେଉଁମାନେ 'ଯିବେ କି ନ ଯିବେ' ଦୋ ଦୋ ପାଞ୍ଚ ହେଉଥିଲେ, ସେମାନଙ୍କୁ କହିଲା, "ଆପଣମାନେ ଏହି ବାବୁଙ୍କୁ ପଚାରନ୍ତୁ—ମୋ ସର୍କସ୍ ଭଲ କି ନାହିଁ ? ବାବୁ, ଆପଣ କହନ୍ତୁ ।" ମୋତେ ଆହୁରି ବିରକ୍ତ ଲାଗିଲା: ମୁଁ କପଟ ଠକେଇ ହେଲି, ସେ କଥା ଲାଜରେ କହି ନ ପାରି ତୁନି ହୋଇ ବାହାରି ଆସିଲି । ଲୋକେ ମୋ ମୌନକୁ ସମ୍ମତି ଲକ୍ଷଣ ବୋଲି ବଡ଼ ଆଗ୍ରହରେ ସର୍କସ୍ ଭିତରେ ପଶିଲେ ।

ଯାହାକୁ ଆମ ପଣ୍ଡିତ ( ? ) ମାନେ 'ମଧୁଚନ୍ଦ୍ର' ବୋଲି ଅନୁବାଦ କରିଛନ୍ତି, ସେହି ସମୟର ଅନୁଭୂତି ଠିକ୍ ଏହି ସର୍କସ ଦେଖିଲା ପରି । ଏ

ମଧୁଚନ୍ଦ୍ର ଅବସ୍ଥାଟା ଯେଉଁ ହତଭାଗା ପୁରୁଷମାନେ ଭୋଗ କରିଛନ୍ତି ସେମାନେ ଏ ସମୟର ଯନ୍ତ୍ରଣା ବେଶ୍ ଜାଣନ୍ତି । କିନ୍ତୁ ସଂସାର ଯେଉଁ ସମୟଟାକୁ ସୁଖର ସମୟ ବୋଲି କହେ, ସେ ସମୟଟାର ଅସଲ ସ୍ୱରୂପ ପ୍ରକାଶ କରି ଅପଦସ୍ଥ ହେବାକୁ ମନ କାହାର ହେବ ? ସୁତରାଂ ଯେତେ ଯାହା ଯନ୍ତ୍ରଣା ଭୋଗ କରିଥିଲେ ସୁଦ୍ଧା ବିବାହିତ ପୁରୁଷ ନିଜ ମର୍ଯ୍ୟାଦା ରକ୍ଷା କରିବା ଇଚ୍ଛାରେ ମୁହଁରେ ଏ ସମୟଟାକୁ ସୁଖ ଓ ସମ୍ଭୋଗର ସମୟ ବୋଲି ମାନି ନିଏ, ସଙ୍ଗୀମାନଙ୍କୁ ସେହିପରି କହେ ଏବଂ ମନେ ମନେ ଯନ୍ତ୍ରଣାକୁ ସୁଖ ବୋଲି ବିଚାରି ଆପେ ଆପଣାକୁ ଠକାଇବାକୁ ଚେଷ୍ଟା କରେ ।

ହୃଦୟରେ ଟିକିଏ ସାହସ ବାନ୍ଧି ଯଦି କେହି ପ୍ରକୃତ ସତ୍ୟଟା ପ୍ରକାଶ କରି ଦେଇଥାନ୍ତା, ତାହାହେଲେ ବାସ୍ତବିକ ଜଗତର ପ୍ରଭୂତ ମଙ୍ଗଳ ହୋଇଥାନ୍ତା । ଜଗତର ଆଖି ଫିଟି ଯାଇଥାନ୍ତା ; ମନୁଷ୍ୟ ଆତ୍ମ-ବଞ୍ଚନା ତ୍ୟାଗ କରନ୍ତା । କିନ୍ତୁ ଏ ସାହସ ଆଜିପର୍ଯ୍ୟନ୍ତ କାହାର ହୋଇନାହିଁ । ମୁଁ ବି ସତ୍ୟ ପ୍ରକାଶ କରି ଉପହାସର ପାତ୍ର ହେବା ପାଇଁ ବର୍ଷକ ଆଗରୁ ପ୍ରସ୍ତୁତ ନ ଥିଲି । କିନ୍ତୁ ଆଜି ଆଉ ଘୋଡ଼େଇବାର କିଛି କାରଣ ନାହିଁ । ଅସଲ ସତ୍ୟ କହି ଜନସମାଜର ମଙ୍ଗଳସାଧନ କରିବା ପାଇଁ ବର୍ତ୍ତମାନ ସାହସୀ ଲୋକ ଦରକାର ।

ପ୍ରକୃତ ସତ୍ୟ କହିବାକୁ ଗଲେ ଏ ଯେଉଁ ମଧୁଚନ୍ଦ୍ରକୁ ଲୋକେ ଅତି ଆନନ୍ଦର ସମୟ ବୋଲି ବିଚାରନ୍ତି ଏବଂ ଯୁବକ ଯୁବତୀ ଯେଉଁ ସମୟକୁ ବିଶେଷ ଆବେଗରେ ପ୍ରତୀକ୍ଷା କରିଥାନ୍ତି, ତାହା ଅପେକ୍ଷା ଅଧିକ ମାନସିକ ଯନ୍ତ୍ରଣାଦାୟକ, ଅଧିକ ବିରକ୍ତିକର ସମୟ ଆଉ ନାହିଁ । ଅନ୍ତତଃ ମୋର ଏ ସମୟଟା ବଡ଼ ଅସହ୍ୟ ହୋଇଥିଲା । ବିବାହର ପ୍ରାୟ ଦୁଇଦିନ ଯାଉ ନ ଯାଉଣୁ ମୋ ସ୍ତ୍ରୀ ସହିତ ଏକସଙ୍ଗରେ ରହିବା ଅତି ଅସହନୀୟ ହୋଇ ପଡ଼ିଲା । କିନ୍ତୁ ଅସହନୀୟତାକୁ ସୁଖ ବୋଲି ବିଚାରିବାକୁ ଚେଷ୍ଟା କରି ମୁଁ ମୋ ହୃଦୟର ବିରକ୍ତିକୁ ରୁଦ୍ଧ କରି ରଖୁଥାଏ, ଜଗତକୁ ଦେଖାଇବାକୁ ଚେଷ୍ଟା କରୁଥାଏ,—ମୁଁ ଯେଉଁ ସୁଖଭୋଗ କରୁଛି ନାହିଁ ନ ଥିବ ।

ଏହି ମଧୁଚନ୍ଦ୍ର ସମୟରେ ମୋର ମନେ ପଡ଼ିଲା, ମୋ ପ୍ରଥମ ବିଡ଼ିଖିଆ ବେଳ । ସାଙ୍ଗମାନଙ୍କ ପ୍ରରୋଚନାରେ ମୁଁ ବିଡିଖିଆଟା ଗୋଟାଏ ଭାରି ମଉଜ ବୋଲି ମନେକରି ବିଡିଖିଆ ଆରମ୍ଭ କଲି । ପ୍ରଥମେ ଧୂଆଁ ଶୋଷିଦେଲା ବେଳକୁ ଅତି କଦର୍ଯ୍ୟ ଲାଗିଲା । ପାଟି ଓ ପେଟ ଭିତର ଗୋଟାଏ କିପରି ଅକଥନୀୟ ଅସ୍ୱସ୍ତିରେ ପୂର୍ଣ୍ଣ ହୋଇ ଯାଉଥାଏ । କିନ୍ତୁ ବନ୍ଧୁମାନେ ଏ ଯେଉଁ ବିଡିଖିଆକୁ ଏତେ ପ୍ରଶଂସା କରି କହିଛନ୍ତି, ତାହା ଖରାପ ବୋଲି କୌଣସି ପ୍ରକାର ଇଙ୍ଗିତ କରିବା ଅସୁନ୍ଦର ହେବ ବୋଲି ଭାବି ଅତି କଷ୍ଟରେ ବାହାରେ ହସ ହସ ମୁହଁ ଦେଖାଇ ଭିତରର କଷ୍ଟ ଓ ଅସ୍ୱାଦ ଘୋଡାଇ ରଖୁଥିଲି ଏବଂ ବିଡିଧୂଆଁରେ ପେଟ ଯେ ଦରଣ୍ଡି ହୋଇ ଯାଉଥିଲା, ତାହା ଯନ୍ତ୍ରଣା ନୁହେଁ, ପ୍ରକୃତ ବିଡିଖିଆ ସୁଖ ବୋଲି ମନକୁ ଆଶ୍ୱସ୍ତ କରୁଥିଲି । ମଧୁଚନ୍ଦ୍ରଟା ଠିକ୍ ସେହିପରି, ସମସ୍ତେ ଏ ସମୟଟାକୁ ଭଲ ବୋଲି କହନ୍ତି । ତେଣୁ ବାଧ୍ୟ ହୋଇ ଅତି କଷ୍ଟରେ ଏ ଅସହ୍ୟ ସମୟର ଅସହ୍ୟ ଅନୁଭୂତିକୁ ସୁଖ ବୋଲି ମୁଁ ମୋ ମନକୁ ଭୁଲାଉଥାଏ । କିନ୍ତୁ ପ୍ରକୃତରେ କହିବାକୁ ଗଲେ ଏ ସମୟ ପରି ଦୁଃସମୟ ଆଉ ନାହିଁ ।"

ତାଙ୍କର ଏ କଥା ଶୁଣି ମୁଁ ବାସ୍ତବିକ୍ ବଡ଼ ଆଶ୍ଚର୍ଯ୍ୟ ହୋଇ କହିଲି,—

"ଆପଣ ବିବାହିତ ଜୀବନକୁ ବିଶେଷତଃ ନବ ବିବାହିତ ଜୀବନକୁ ଯଦି ଏ ଦୃଷ୍ଟିରେ ଦେଖନ୍ତି ତେବେ ସଂସାର ଚଳିବ କିପରି ?"

ସେ ଟିକିଏ ଗୁମ୍ ମାରି ବସିଲେ । ତା ପରେ ଖୁବ୍ ଗମ୍ଭୀର ଭାବରେ ଅଥଚ ଜୋରରେ ଉତ୍ତର ଦେଲେ "କଣ କହିଲେ ? ସଂସାର ଚଳିବ ନାହିଁ ? ଅର୍ଥାତ୍ ବିବାହିତ ଜୀବନ ଅସହ୍ୟ ହେଲେ ବଂଶବୃଦ୍ଧି ହେବ କୁଆଡୁ, ନା ? ଆଚ୍ଛା, ମହାଶୟ ପିଲା କବିଲା ଯଦି ଜନ୍ମ ନ ହୁଅନ୍ତି, ବଂଶବୃଦ୍ଧି ଯଦି ନ ହୁଏ, ତେବେ କ୍ଷତିଟା କଣ ?"

ମୁଁ—କ୍ଷତି ? କ୍ଷତି କଣ ? ଏ ତ ଆଉ ପ୍ରଶ୍ନ କରିବାର କଥା ନୁହେଁ । ବଂଶବୃଦ୍ଧି ନ ହେଲେ ଅର୍ଥାତ୍ ପିଲାପିଲି ଯଦି ନ ହୁଅନ୍ତି, ତେବେ ମାନବ ଜାତିର ଲୋପ ଯେ ନିଶ୍ଚୟ !

ସେ ଉତ୍ତର ଦେଲେ—ମନୁଷ୍ୟ ଜାତିର ଲୋପ ହୋଇଗଲେ ବା କ୍ଷତି କଣ ?

ମୁଁ—ସଂସାର ଲୀଳା ଯେ ସରିଯିବ !

ମୋର ଏ କଥା ଶୁଣି ସେ ଠୋ ଠୋ ହସିଲେ—ଘୋର ଅବଜ୍ଞାରେ ତା ପରେ ଖୁବ୍ ମଧୁର ଭାବରେ କହିଲେ, "ଓହୋ ! ଏହି ସଂସାର ଲୀଳାଟା ଲଗାଇ ରଖିବା ପାଇଁ ଆପଣ ଚାହାନ୍ତି । ମନୁଷ୍ୟ ବିବାହ କରୁ, ପିଲାକବିଲା ଜାତ କରୁ । ସଂସାର ଲୀଳାଟା ଲାଗିଥିଲେ ଈଶ୍ୱରଙ୍କର ଉଦ୍ଦେଶ୍ୟ ସିଦ୍ଧ ହେଲା ବୋଲି ଆପଣ କହୁଛନ୍ତି ।"

"କିନ୍ତୁ ଈଶ୍ୱରଙ୍କର ଉଦ୍ଦେଶ୍ୟ କଣ ସେତିକି ? ମୁଁ ମନେକରେ ଈଶ୍ୱର ଖାଲି ଲୀଳା ଲଗାଇବା ପାଇଁ ମନୁଷ୍ୟ ସୃଷ୍ଟି କରି ନାହାନ୍ତି । ଲୀଳା ଯଦି ଉଦ୍ଦେଶ୍ୟ ହୋଇଥାନ୍ତା ତେବେ ମନୁଷ୍ୟକୁ ସେ ଭାଷା ଦେଇଥାନ୍ତେ କାହିଁକି ? ବୁଦ୍ଧି ବିଚାର ଦେଇଥାନ୍ତେ କାହିଁକି ? ଈଶ୍ୱରଙ୍କର ଉଦ୍ଦେଶ୍ୟ ସେତିକି ନୁହେ । ସେ ମନୁଷ୍ୟ ଗଢ଼ିଛନ୍ତି, ମନୁଷ୍ୟକୁ ବୁଦ୍ଧି ବିଚାର ଦେଇଛନ୍ତି—ସେ ସେହି ବୁଦ୍ଧି, ସେହି ବିଚାର ବଳରେ ପୂର୍ଣ୍ଣତା ପାଇବ ବୋଲି । ପୂର୍ଣ୍ଣତା ଜିନିଷଟା କଣ ଆପଣ ବୋଧହୁଏ ବୁଝୁଥିବେ । ମୁଁ ବୁଝୁଛି, ମନୁଷ୍ୟ ମନୁଷ୍ୟ ପ୍ରତି ସଦ୍‌ଭାବ ରଖିଲେ, ସମାଜର ସମସ୍ତଙ୍କୁ ଭାଇ ବୋଲି ବିଚାରିଲେ, ଯାହା ନୀଚ, ଯାହା ହୀନ ତା'କୁ ଛାଡି ଏହି ମହତ୍ତ୍ୱ ଉପଲବ୍ଧି କରି ପାରିଲେ ସେ ପୂର୍ଣ୍ଣତ୍ୱ ପାଇଲା । ସେତିକିରେ ତାର ନିର୍ବାଣ । ତା ପାଇଁ ଆଉ ପୁନର୍ଜନ୍ମ ଦରକାର ନାହିଁ । ସମସ୍ତେ ଏହି ପୂର୍ଣ୍ଣତ୍ୱର ଅଧିକାରୀ ହୋଇଗଲେ ଈଶ୍ୱରଙ୍କର ଉଦ୍ଦେଶ୍ୟ ସାଙ୍ଗ ହେଲା; ସେହିଠାରେ ସଂସାରଲୀଳା, ସୃଷ୍ଟିର ଆବଶ୍ୟକତା ଶେଷ । ତା ପରେ ସଂସାରରେ ମନୁଷ୍ୟ ଅଉ ରହିବ ନାହିଁ, ମନୁଷ୍ୟର ଆବଶ୍ୟକତା ବି ଆଉ ନାହିଁ । ବୁଦ୍ଧ ଏହି ଧର୍ମ ପ୍ରଚାର କରିଥିଲେ । ଅଳ୍ପ ବହୁତେ ସବୁ ଧର୍ମରେ ବି ଏହି କଥା । ସମସ୍ତେ ସ୍ୱୀକାର କରୁଛନ୍ତି, ଏ ସଂସାର ଅନନ୍ତ ନୁହେ, ସାନ୍ତ । ଦିନ ଆସିବ ଯେବେ ସଂସାର ଅନନ୍ତ ପରମେଶ୍ୱରଙ୍କଠାରେ ଲୀନ ହୋଇଯିବ ।"

ମୁଁ କହିଲି—ଏ ତ ଠିକ୍ କଥା । କିନ୍ତୁ ମନୁଷ୍ୟର ଏହି ପୂର୍ଣ୍ଣତା ଯେତେଦିନ ଯାଏ ନ ଆସିଛି, ସେତେଦିନ ଯାଏ ସଂସାର ତ ଚାଲିବା ଦରକାର । ସେତେଦିନ ଯାଏ ତ ପୁରୁଷ ସ୍ତ୍ରୀ ଏକତ୍ର ରହିବା ଦରକାର, ପୁତ୍ର ଉତ୍ପାଦନ କରିବା ଦରକାର, ନ ହେଲେ ମନୁଷ୍ୟ ପୂର୍ଣ୍ଣତା ପାଇବ କାହୁଁ ?

ସେ କହିଲେ—ମୁଁ ଆପଣଙ୍କ କହିବା କଥା ବୁଝିଲି । ଆପଣ କହୁଛନ୍ତି, ମନୁଷ୍ୟ ପୂର୍ଣ୍ଣତା ପାଇବା ପଥରେ ଅଗ୍ରସର ହେଉଛି, କିନ୍ତୁ ନିଜର ଆୟୁଷ କାଳ ମଧ୍ୟରେ ସେ ପୂର୍ଣ୍ଣତା ନ ମିଳିବାରୁ ସେ ପୁତ୍ର ଉପରେ ସେ ଭାରଦେଇ ନିଜେ ସଂସାର-ରଙ୍ଗମଞ୍ଚରୁ ବିଦାୟ ନେଉଛି । ଏହା ଯଦି ପ୍ରକୃତ ହୋଇ-ଆନ୍ତା, ତାହାହେଲେ ମୋର କିଛି ଆପତ୍ତି ହୁଅନ୍ତା ନାହିଁ । କିନ୍ତୁ ବାସ୍ତବିକ ଏହା କଣ ହେଉଛି ? ମନୁଷ୍ୟ ଈଶ୍ୱରଙ୍କ ଉଦ୍ଦେଶ୍ୟ ସାଧନ କରିବା ପାଇଁ ବାସ୍ତବ ଜନ୍ମ ଉଦ୍ଦେଶ୍ୟରେ କଣ ବିବାହ କରୁଛି ନା ପୁତ୍ର ଉତ୍ପାଦନ କରୁଛି ?

"ମହାଶୟ, ଆପଣ ଯାହା କହୁଛନ୍ତି ସେପରି ହେବା ଉଚିତ । କିନ୍ତୁ ବାସ୍ତବରେ ତାହା ହେଉ ନାହିଁ । ପୂର୍ବକାଳରେ କେତେ ମାତ୍ରାରେ ଏହା ଥିଲା; କିନ୍ତୁ ବର୍ତ୍ତମାନ ସେ ସବୁ ନାହିଁ । ବର୍ତ୍ତମାନ ବିବାହରେ ବଡ଼ ମହତ୍ ଉଦ୍ଦେଶ୍ୟ କିଛି ନାହିଁ । ବିଳାସ ବିବାହର ଏକମାତ୍ର ଉଦ୍ଦେଶ୍ୟ । ପାଶବିକ ସୁଖ ସମ୍ଭୋଗ ପାଇଁ ଆମ୍ଭେମାନେ ପରମେଶ୍ୱରଙ୍କର ଏହି ପବିତ୍ର ଅନୁଷ୍ଠାନଟିକୁ ବ୍ୟବହାର କରୁଥାଇଁ, ସ୍ୱର୍ଗର ଜିନିଷଟିକୁ ନରକର ଉପଯୁକ୍ତ କରିଥାଇଁ ।

ମୁଁ ଆଜିକାଲିର ବିବାହକୁ ପାଶବିକ କହିଲି; କିନ୍ତୁ ପାଶବିକ ନୁହେଁ, ଆହୁରି ହୀନ । ପଶୁ ଜୀବନର ଏକମାତ୍ର କାର୍ଯ୍ୟ ଏ ହୀନ ସମ୍ଭୋଗ ନୁହେଁ । ପଶୁମାନଙ୍କର ସମସ୍ତ ଜୀବନ ଏ କାମପ୍ରବୃତ୍ତି ଚରିତାର୍ଥ କରିବାରେ ନିୟୋଗ ହୁଏ ନାହିଁ । ସେଥିପାଇଁ ସେମାନଙ୍କର ଇନ୍ଦ୍ରିୟ ସମସ୍ତ ଅଛି । ଜୀବନର ଶହେ ଭାଗରୁ ଭାଗେ ବା ତହିଁରୁ ଅଳ୍ପ ସେମାନେ ଏଥିରେ ଖର୍ଚ୍ଚ କରନ୍ତି । କିନ୍ତୁ ମନୁଷ୍ୟର ଏହାହିଁ ଏକମାତ୍ର କାର୍ଯ୍ୟ ହୋଇ ପଡ଼ିଛି ଯେ

ବିବାହର ପ୍ରଥମ ଦିନଠାରୁ ବାର୍ଦ୍ଧକ୍ୟ ଶରୀରକୁ ଅସମର୍ଥ ନ କଲା ପର୍ଯ୍ୟନ୍ତ ଏହାହିଁ ଆମ୍ଭମାନଙ୍କ ଜୀବନର ସର୍ବସ୍ୱ ହୋଇ ପଡ଼ିଛି । ବୁଝୁଛନ୍ତି ନା ?”

ମୋ ସଙ୍ଗୀ କଥାଟିକୁ ଟିକିଏ ଅତିରଞ୍ଜିତ କରୁଥାନ୍ତି । ଅଥବା ସେ ନିଜ ପ୍ରାଣର ତୀବ୍ର ତାପର ସହିତ ଏସବୁ କଥା ପ୍ରକାଶ କରୁଥାନ୍ତି ବୋଲି ମୋତେ ଏ ସବୁ ଅତିରଞ୍ଜିତ ପରି ଜଣାଯାଉଥାଏ । କିନ୍ତୁ ସେ ମୋଟାମୋଟି ଯେଉଁ କଥାଟି ମୋତେ କହିଲେ, ତାହା ସତ୍ୟ ବୋଲି ମୁଁ ଉପଲବ୍ଧି କଲି । ସେ ମୋ ହୃଦୟର ଚିନ୍ତା ବୁଝିପାରିଲା ପରି କହିଲେ, “ହଁ, ହଁ, ଆପଣ ମୋ କଥାକୁ ଟିକିଏ ଅତିରଞ୍ଜିତ ହୋଇଗଲା ବୋଲି ବିଚାରୁଛନ୍ତି ପରା ! କିନ୍ତୁ ଏଥିର କୌଣସି ପଦକ ଅତିରଞ୍ଜିତ ନୁହେଁ । ଏ କଥାର ସତ୍ୟତା ମୁଁ ଅଙ୍ଗେ ନିଭେଇଛି । ମୋର ୧୨ବର୍ଷର ବିବାହିତ ଜୀବନରେ ମୁଁ ଏ ସତ୍ୟର ପ୍ରମାଣ ପାଇଛି । ମୁଁ ବର୍ତ୍ତମାନ ବୁଝିଛି ଯୌନ ସଂଯୋଗ ଯଦି ମନୁଷ୍ୟର ଏକମାତ୍ର କାମ୍ୟ ବସ୍ତୁ ନ ହୋଇଥାନ୍ତା, ତେବେ ମୁଁ ଆଜି ଏପରି ଭାଙ୍ଗି ପଡ଼ି ନ ଥାନ୍ତି ଏବଂ ଶେଷରେ ମୋ କ୍ଷୁଦ୍ର ଶିଶୁମାନଙ୍କର ମାକୁ ନିଜ ହାତରେ ମାରିପକାଇ ନ ଥାନ୍ତି ।”

ଏତିକି କହି ସେ ଗୋଟିଏ ଦୀର୍ଘ ନିଶ୍ୱାସ ପକାଇଲେ ଏବଂ ତାଙ୍କର ସେହି ଅଦ୍ଭୁତ ଚୀତ୍କାର କଲେ । ନିଜର ଅତୀତ ଜୀବନ ଆଖି ଆଗରେ ସ୍ପଷ୍ଟ ପଡ଼ି ଯିବାରୁ ଏବଂ ଗୋଟାଏ ନୀତି ବ୍ୟାଖ୍ୟାନ କରୁ କରୁ ହଠାତ୍ ସ୍ତ୍ରୀର ସ୍ମୃତି ଜାଗରୂକ ହୋଇ ତାଙ୍କ ସ୍ୱାଭାବିକ ମନୋଭାବକୁ ଟିକିଏ ବେଶୀ ଯନ୍ତ୍ରଣାମୟ କରି ଦେଲା ପରା ! ସେ ନିଜ ଆସନରେ ମୁହିଁ ମାଡ଼ି ଶୋଇ ପଡ଼ିଲେ । ମୁଁ ଏ ଅଦ୍ଭୁତ ଲୋକଟିର ଅଦ୍ଭୁତ ଗତିବିଧି ଦେଖି ତାର ହୃଦୟର ଯାତନା ଅନୁମାନରେ ଉପଲବ୍ଧି କରୁ କରୁ ନିଜେ ମଧ୍ୟ ଗଭୀର ବ୍ୟଥା ଅନୁଭବ କଲି ।

## —ସାତ—

ଚନ୍ଦ୍ରମଣି ବାବୁ କିଛି ସମୟ ପରେ ପୁଣି କହିଲେ, "ମନୁଷ୍ୟ ଯେଉଁ ଉଦ୍ଦେଶ୍ୟରେ ସୃଷ୍ଟ ହୋଇଛି ସେ ଉଦ୍ଦେଶ୍ୟ ସାଧିତ ହେବ,—ସଂଯମ, ସାଧନା, ବିଶ୍ୱମୈତ୍ରୀ ଓ ଆତ୍ମତ୍ୟାଗରେ। କିନ୍ତୁ ଯେଉଁ ରାସ୍ତାରେ ଚାଲିଲେ ଈଶ୍ୱରଙ୍କର ଉଦ୍ଦେଶ୍ୟ ସାଧିତ ହେବ, ସେ ରାସ୍ତାରେ କଣ ଆମ୍ଭେମାନେ ଚାଲୁଥାଉଁ ? ନା, ଆମ୍ଭେମାନେ ଠିକ୍ ବିପରୀତ ଦିଗରେ ପଥିକ ହୋଇଥାଉଁ। ଏ ବିପରୀତ ଦିଗରେ କିଏ ଚଳାଉଛି ? ଇନ୍ଦ୍ରିୟମାନେ। ଇନ୍ଦ୍ରିୟ ନିରୋଧ ନ କଲେ ଏ ଉଦ୍ଦେଶ୍ୟ ସାଧିତ ହେବା ଅସମ୍ଭବ।

"କାମପ୍ରବୃତ୍ତି ମନୁଷ୍ୟର ସର୍ବପ୍ରଧାନ ରିପୁ। ଜଗତ୍‌ରେ କିଛି କରିବାକୁ ହେଲେ ପ୍ରଥମେ ଏ ରିପୁକୁ ଦମନ କରିବାର କଥା। କିନ୍ତୁ ଆମ୍ଭେମାନେ ତାହା କଣ କରୁଥାଉଁ ? ନା, ତତ୍ପରିବର୍ତ୍ତେ ଆମ୍ଭେମାନେ ଏ ଘୃଣ୍ୟ ପ୍ରବୃତ୍ତିକୁ ଯଥାସାଧ୍ୟ ପରିତୃପ୍ତ କରିବା ପାଇଁ ଜୀବନତମାମ ବ୍ୟସ୍ତ କରୁଥାଉଁ। ଫଳରେ ମୂଷାମାନଙ୍କ ପରି ଖାଲି ବଂଶବୃଦ୍ଧି କରିବା ମନୁଷ୍ୟର ବ୍ୟବସାୟ ହୋଇ ପଡ଼ିଛି।

"ଆପଣ ଏଥିଠାରେ ଆପତ୍ତି କରି ପାରନ୍ତି ! ଆପଣ ଆପଣଙ୍କ ଅର୍ଥନୀତିଜ୍ଞ ପଣ୍ଡିତମାନଙ୍କୁ ଦେଖାଇ କହି ପାରନ୍ତି ଯେ ଆଜିକାଲି ଅଯଥା ବଂଶବୃଦ୍ଧି କିପରି ନ ହେବ, ସେଥିପାଇଁ ପ୍ରଚାର ଚାଲିଛି। ଜନ୍ମ ନିରୋଧ ( Birth control ) ଉପାୟ ଉଦ୍ଭାବିତ ହୋଇଛି। କିନ୍ତୁ ଏ କଥା ଆହୁରି ଖରାପ। ଆମ୍ଭେମାନେ ଜନ୍ମନିରୋଧ ପାଇଁ ବର୍ତ୍ତମାନ ଯେ ଚେଷ୍ଟା କରୁଥାଉଁ, ତା ମୂଳରେ ବେଶୀ ପାପ ପୂରି ରହିଛି। ଜନ୍ମନିରୋଧ ମୂଳରେ ମହତ୍ ଉଦ୍ଦେଶ୍ୟ ବା ଆଦର୍ଶ ନାହିଁ। ଆର୍ଥିକ ବା ଅନ୍ୟାନ୍ୟ ବୈଷୟିକ କାରଣରେ ସିନା ଜନ୍ମନିରୋଧ ହେଉଛି; କିନ୍ତୁ ଆଜିକାଲି ଜଗତ୍‌ରେ କେହି ଇନ୍ଦ୍ରିୟ ସଂଯମ ପ୍ରଚାର କରୁଛନ୍ତି କି ? ବ୍ରହ୍ମଚର୍ଯ୍ୟ ଉପରେ କେହି ଜୋର୍ ଦେଉଛି କି ? କାମପ୍ରବୃତ୍ତି ଶାନ୍ତ ହେଉ; କିନ୍ତୁ ତାର ଯାହା ସ୍ୱାଭାବିକ ଫଳ, ସେ ସବୁ ବନ୍ଦ କରାଯାଉ କୃତ୍ରିମ ଉପାୟରେ। ଏହା ଆଜି

ଯେଉଁମାନଙ୍କୁ ଆମ୍ଭେମାନେ ପଣ୍ଡିତ ବୋଲୁଥାଉଁ, ସେମାନଙ୍କର ଶିକ୍ଷାର ଉଦ୍ଦେଶ୍ୟ । ବ୍ରହ୍ମଚର୍ଯ୍ୟ ଆତ୍ମସଂଯମ ଦ୍ୱାରା ଜନ୍ମନିରୋଧ କରିବା ପାଇଁ ଆଜି ଯଦି କେହି ପ୍ରଚାର କରେ, ତେବେ ତାର ଉପଦେଶ କେହି ଗ୍ରହଣ କରିବେ କି ? ତାକୁ ଟାହୁଲି କରି ଟାପରା କରି ଆମ୍ଭେମାନେ ଉଡ଼ାଇ ଦେବା ।

"କୃତ୍ରିମ ଉପାୟରେ ଜନ୍ମନିରୋଧ କଲେ ଜନସଂଖ୍ୟା ଉପରେ ଆମ୍ଭେମାନେ ଚାପ ଦେଇ ପାରିବା ଅବଶ୍ୟ । ଫଳରେ ଯେଉଁ ଅଳ୍ପ ଲୋକ ଜନ୍ମ ହେବେ ଓ ବଞ୍ଚି ରହିବେ, ସେମାନେ ଅପେକ୍ଷାକୃତ ଭୌତିକ, ବୈଷୟିକ ସୁଖସ୍ୱାଚ୍ଛନ୍ଦ୍ୟ ଭୋଗ କରିପାରନ୍ତି । କିନ୍ତୁ ଯାହା ପ୍ରକୃତ ସୁଖ, ତାହାର ପ୍ରାପ୍ତି ଏ ଉପାୟରେ ସମ୍ଭବପର ନୁହେ । ଈଶ୍ୱରଙ୍କ ସୃଷ୍ଟିର ଉଦ୍ଦେଶ୍ୟ ଏହା ଦ୍ୱାରା ସାଧିତ ହେବ ନାହିଁ । ବରଂ ବେଳକୁ ବେଳ ମନୁଷ୍ୟ ଅଧିକ ହୀନତା ପ୍ରାପ୍ତ ହେବ ।

"ଫଳରେ ସେହିକଥା ହେଉଛି । ଆମ୍ଭେମାନେ ଈଶ୍ୱରଙ୍କଠାରୁ ପ୍ରତି ମୁହୂର୍ତ୍ତରେ ଦୂରତର ହେଉଥାଉଁ । ଶେଷରେ ଦିନ ଆସିବ ଯେବେ ପରମେଶ୍ୱର ନିଜ ସୃଷ୍ଟିର ଅସାରତାରେ କ୍ଷୁବ୍ଧ ହୋଇ ମହାପ୍ରଳୟ ଘଟାଇବେ, ମନୁଷ୍ୟ ଜାତିକୁ ସଂହାର କରି ପୃଥିବୀର ଭାର ଲାଘବ କରିବେ ।

"ଏ ସବୁର କାରଣ କଣ ? ପୂର୍ବରୁ କହିଛି, କାମପ୍ରବୃତ୍ତି । ଏହି ପ୍ରବୃତ୍ତିକୁ ଦମନ କଲେ ମନୁଷ୍ୟର ଅନ୍ୟ ସମସ୍ତ ରିପୁ ଚଳେ ଚଳେ ଦମିତ ହେବେ ଏବଂ ମନୁଷ୍ୟ ସୃଷ୍ଟିର ଉଦ୍ଦେଶ୍ୟ ସାଧନ କରି ପରମେଶ୍ୱରଙ୍କର ନିକଟବର୍ତ୍ତୀ ହେବ ବା ତାଙ୍କ ଦେହରେ ଲୀନ ହେବ । କିନ୍ତୁ ଏ ପ୍ରବୃତ୍ତିକୁ ପ୍ରଶ୍ରୟ ଦେଲେ ଅନ୍ୟ ସମସ୍ତ ଇନ୍ଦ୍ରିୟ ସଙ୍ଗେ ସଙ୍ଗେ ମାତି ବସିବେ ଏବଂ ମନୁଷ୍ୟର ମନୁଷ୍ୟତ୍ୱ ଲୋପ ହେବ, ମନୁଷ୍ୟ ପଶୁ ହେବ ଏବଂ ଏପରିକି ପଶୁଠାରୁ ମଧ୍ୟ ହୀନତା ପାଇବ । ଏହି କଥାବେଶୀ ବୁଝାଇ କହିବାର ପ୍ରୟୋଜନନାହିଁ । ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଆପଣ ନିଜ ଆଖିରେ ଦେଖୁଥିବେ ।

"ଲୋକମାନଙ୍କ ମଧ୍ୟରେ ଗୋଟାଏ ଭୁଲ ଧାରଣା ରହି ଯାଇଛି ଯେ, କେବଳ ପର ସ୍ତ୍ରୀ ପ୍ରତି କାମଲୋଲୁପ ଦୃଷ୍ଟି ପକାଇବା ପାପ । ନିଜର

ବିବାହିତା ସ୍ତ୍ରୀ ପ୍ରତି ଯେତେ କାମଲୋଲୁପ ହେଲେ କ୍ଷତି ନାହିଁ । ବରଂ ତାହା ପ୍ରଶଂସ୍ୟ, ପାରିବାରିକ ପ୍ରେମର ନିଦର୍ଶନ । କିନ୍ତୁ ଏ ଧାରଣା ଭ୍ରାନ୍ତ । ପରମେଶ୍ୱର ଆମ୍ଭମାନଙ୍କ ଧର୍ମଶାସ୍ତ୍ରରେ କହିଛନ୍ତି, ବିଳାସବାସନା ଚରିତାର୍ଥ କରିବା ନିମନ୍ତେ ଯେ ପୁରୁଷ ଅନ୍ୟ ସ୍ତ୍ରୀ ପ୍ରତି ଦୃଷ୍ଟି ପକାଏ, ସେ ସେହି ଦୃଷ୍ଟି ପକାଇବା ସଙ୍ଗେ ସଙ୍ଗେ ପାପ କରିଛି, ବ୍ୟଭିଚାରୀ ହୋଇଛି । ଏକଥା ଅନ୍ୟ ସ୍ତ୍ରୀ ସମ୍ବନ୍ଧରେ ଯେପରି ସତ୍ୟ, ନିଜର ବିବାହିତା ସ୍ତ୍ରୀ ସମ୍ବନ୍ଧରେ ମଧ୍ୟ ସେହିପରି ସତ୍ୟ ।

"କିନ୍ତୁ ବର୍ତ୍ତମାନ ସମାଜରେ ପ୍ରଣୟ ବିଷୟରେ ଯେଉଁ ଧାରଣା ଅଛି, ତାହା ସମ୍ପୂର୍ଣ୍ଣ ଭିନ୍ନ । ପ୍ରଭୁଙ୍କ ଉପଦେଶକୁ ଲୋକେ ଅଗ୍ରାହ୍ୟ କରିଛନ୍ତି, ନିତାନ୍ତ ଅଗ୍ରାହ୍ୟ ନ କଲେହେଁ ତାର ଅର୍ଥକୁ ମୋଡ଼ିଭିଡ଼ି ନିଜର ପ୍ରବୃତ୍ତି ସଙ୍ଗେ ଖାପ ଖୁଆଇ ଦେଇଛନ୍ତି ।

"ଫଳରେ ଆଜିକାଲିର ବିବାହିତ ଜୀବନରେ ନୀତି ନାହିଁ, କୌଣସି ପ୍ରକାର ଶୃଙ୍ଖଳା ନାହିଁ । ବିଶୃଙ୍ଖଳ ଭାବରେ ଆମ୍ଭେମାନେ ବିବାହିତ ଜୀବନକୁ ଭୋଗ ବିଳାସର ପ୍ରକୃଷ୍ଟ ସୁଯୋଗ ଏବଂ ବିବାହକୁ ଇନ୍ଦ୍ରିୟ ସେବା ନିମନ୍ତେ ଗୋଟାଏ ପ୍ରକାର ଲାଇସେନ୍ସ ବୋଲି ମନେ କରୁଆଉଁ ।"

## —ଆଠ—

"ସମାଜ ଅନୁମତି ଦେଉଛି, ପିତାମାତା ବିବାହିତ ଦମ୍ପତିଙ୍କୁ ଅଲଗା ରହିବା ପାଇଁ ସୁବିଧା ଦେଇ ନୀତି-ଗର୍ହିତ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେଉଛନ୍ତି ସତ୍ୟ, କିନ୍ତୁ ପ୍ରକୃତିର ନିୟମ ଅଛି । ପ୍ରକୃତିର ନିୟମ ଲଙ୍ଘନ କଲେ, ଯାହା ଅନୀତି ତାର ଆଚରଣ କଲେ ଦଣ୍ଡ ବିଳେ ବିଳେ ଆସି ପହଞ୍ଚିବ ହିଁ ପହଞ୍ଚିବ ।

"ମୋ ସମ୍ବନ୍ଧରେ ସେ ଦଣ୍ଡ ବଡ଼ ତୁରନ୍ତ ଆସି ପହଞ୍ଚିଗଲା । ମୁଁ ମୋର ନବବିବାହିତ ସମୟଟି ସୁଖଶାନ୍ତିରେ କଟାଇବା ପାଇଁ ଯେତେ

ଚେଷ୍ଟା କଲି ସବୁ ବିଫଳ ହେଲା । ଯେଉଁ ପ୍ରେମକୁ ସ୍ୱର୍ଗୀୟ ବୋଲି, ହୃଦୟ ଓ ଆଦର୍ଶର ସାମଞ୍ଜସ୍ୟ-ସଂଭୂତ ବୋଲି ମନେ କରିଥିଲି, ତାହା ଦୁଇ ତିନ ଦିନରେ କୁଆଡ଼େ, ଦୂରୀଭୂତ ହୋଇଗଲା । ମୋର ମଧୁଚନ୍ଦ୍ର ସମସ୍ମୃତି ଲଜ୍ଜା, ଆତ୍ମଗ୍ଲାନି ଏବଂ ମନସ୍ତାପରେ ଅତିବାହିତ ହେଲା । ବିଷୟଟିର ଟିକିଏ ବିଶେଷ ବିବୃତି ଦରକାର ।

"ଦିନେ—ବିବାହର ୪।୫ ଦିନ ମଧ୍ୟରେ ହେବା ପରି—ମୁଁ ଦେଖିଲି ମୋ ସ୍ତ୍ରୀଙ୍କ ମନଟି କେଜାଣି କାହିଁକି ଟିକିଏ ଅସୁଖ ଅଛି । କାରଣ ଜାଣିବା ପାଇଁ ମୁଁ ତାଙ୍କୁ ପ୍ରଶ୍ନ କଲି ଏବଂ ଆଲିଙ୍ଗନ କରି ଚୁମ୍ବନ ଦେଲି । ବିଚାରିଥିଲି ଏହି ଚୁମ୍ବନ ତାଙ୍କ ଦୁଃଖ ଦୂର କରିବ; କିନ୍ତୁ ଫଳ ବିପରୀତ ହେଲା । ସେ ମୋତେ ଛାଡ଼ିଦେଇ କାନ୍ଦିବାକୁ ଲାଗିଲେ । ମୁଁ ପଚାରିଲି—"କଥା କଣ, ଏପରି କାନ୍ଦୁଛ କାହିଁକି, ପ୍ରିୟେ !

"ସେ କିଛି କହିଲେ ନାହିଁ, କିନ୍ତୁ ସ୍ପଷ୍ଟ ଜଣାଯାଉଥାଏ, ତାଙ୍କ ମନରେ ଘୋର ଦୁଃଖ । ଆମ ପରସ୍ପର ମଧ୍ୟରେ ସମ୍ବନ୍ଧର ହୀନତା ବୋଧହୁଏ ସେ ଉପଲବ୍ଧି କରିଥିଲେ; କିନ୍ତୁ କଥାଟା ଭଲ କରି ବୁଝି ନ ପାରି କଣ କହିବେ କିଛି ସ୍ଥିର କରି ପାରୁ ନ ଥିଲେ । ଯାହା ହେଉ, ମୁଁ କାତର ଭାବରେ ତାଙ୍କୁ ଦୁଃଖର କାରଣ ପଚାରିବାକୁ ଲାଗିଲି । ବହୁବାର ପଚାରିବା ପରେ ସେ କହିଲେ, ତାଙ୍କ ମାଙ୍କଠାରୁ ସେ ଦୂରରେ ରହିଥିବାରୁ ତାଙ୍କ ମନଦୁଃଖ ହେଉଛି । ମତେ କଥାଟା ପସନ୍ଦ ହେଲା ନାହିଁ । ମୋର ବୁଝିବାକୁ ବାକି ନ ଥିଲା ଯେ ତାଙ୍କ ଦୁଃଖର ମୂଳରେ ମାଙ୍କର କିଛି ସମ୍ବନ୍ଧ ନାହିଁ । ମୁଁ ତାଙ୍କ ମାଙ୍କ ବିଷୟ ଆଦୌ ଉଲ୍ଲେଖ ନକରି ନାନାପ୍ରକାର ପ୍ରେମମୟ ଯୁକ୍ତିରେ ତାଙ୍କୁ ବୋଧ କରିବାର ଚେଷ୍ଟାକଲି । ସେ ସେଥିରେ ଶାନ୍ତ ହୁଅନ୍ତେ କଣ, ଅଧିକ ଚଟିଗଲେ । ମୁଁ ତାଙ୍କ ମାଙ୍କ କଥା ଆଦୌ ନ ଉଠାଇବା ଦ୍ୱାରା ତାଙ୍କ ମାଙ୍କୁ ଅବଜ୍ଞା କରୁଛି ଏବଂ ତାଙ୍କୁ ଅବିଶ୍ୱାସ କରୁଛି ବୋଲି ମୋତେ ଜଣାଇ ଦେଲେ । କହିଲେ 'ହେଁ ହେଁ ହଁ, ମୁଁ ଏଥର ଜାଣିଲିଣି ଯେ ତୁମେ ମତେ ଯାହାସବୁ କହିଥିଲ, ସେଗୁଡ଼ାକ ମିଛ ।'

"ମୁଁ ଏ କଥାରେ ଘୋର ବ୍ୟଥା ଅନୁଭବ କଲି ଏବଂ ବ୍ୟଥାଜନିତ ଅଭିମାନରେ ତାଙ୍କୁ ନିଷ୍ଠୁରା, ସ୍ନେହ–ମମତା-ହୀନା ବୋଲି କହିଲି ।

"ମୋର ଏକଥା ଶୁଣି ତାଙ୍କ ଦୁଃଖ କୁଆଡ଼େ ଦୂର ହୋଇଗଲା । ଦୁଃଖ ପରିବର୍ତ୍ତରେ ବିରକ୍ତି ଓ କ୍ରୋଧ ଦେଖାଗଲା । ସେ ମୋତେ ସ୍ୱାର୍ଥପର, ନିଷ୍ଠୁର, ଘୃଣ୍ୟ,ଅମନୁଷ୍ୟ ବୋଲି ଗାଳିଦେଲେ । ମୁଁ ଏ ନୂତନ ଅନୁଭୂତିରେ ବିସ୍ମିତ ହୋଇ ତାଙ୍କ ଆଡ଼କୁ ଚାହିଁ ରହିଲି—ତାଙ୍କ ଚକ୍ଷୁରେ ମୋ ପ୍ରତି ଘୋର ଘୃଣା ଓ ବିଦ୍ରୋହଭାବ ପ୍ରତିଫଳିତ ହେଉଥାଏ ।

"ମୋ ହୃଦୟର ସେତେବେଳର ଅବସ୍ଥା ଆପଣ କଳ୍ପନା କରନ୍ତୁ । ମୁଁ ତାଙ୍କର ଭାବଭଙ୍ଗୀ ଦେଖି ସ୍ୱର୍ଗରୁ ରସାତଳକୁ ଖସି ପଡ଼ିଲି । ପ୍ରେମ-ହୃଦୟର ମିଳନ ଆଦର୍ଶର ସାମଞ୍ଜସ୍ୟ କଣ ଏଇଆ ! ବିଶ୍ୱାସ ହେଲା ନାହିଁ । ମନେ ମନେ ଭାବିଲି, ନିଶ୍ଚୟ ତାଙ୍କର ମସ୍ତିଷ୍କ-ବିକୃତି ଘଟିଛି ।

"ତାଙ୍କୁ ପ୍ରକୃତିସ୍ଥ କରିବାପାଇଁ ଢ଼େର ଚେଷ୍ଟା କଲି । କେତେ ମଧୁର କଥା ଶୁଣାଇଲି, କିନ୍ତୁ ମୋର ସମସ୍ତ ମଧୁରତାର ପ୍ରତିଦାନରେ ତାଙ୍କଠାରୁ ଅଧିକ ନିଷ୍ଠୁର ବାକ୍ୟବାଣ ପାଇ ମୁଁ ବି ରାଗିଗଲି ଏବଂ ଆମ ଦୁହିଙ୍କ ଭିତରେ ବେଶ୍ ଗାଳିଦିଆଦେଇ ଚାଲିଲା । ଓହୋ ! କି ପାଶବିକ ଭାବରେ ଆମ୍ଭେମାନେ ପରସ୍ପର ପ୍ରତି ନିଷ୍ଠୁର ବାକ୍ୟବାଣ ପ୍ରହାର କଲୁ !

"ବିବାହିତ ଜୀବନର ଏହି ପ୍ରଥମ କଳିର ସ୍ମୃତି ମୋ ହୃଦୟରେ ଗୋଟାଏ ଗଭୀର ଦାଗ ପରି ରହିଗଲା । ମୁଁ ଏହାକୁ କଳି ବୋଲି କହୁଛି । କିନ୍ତୁ ପ୍ରକୃତିରେ ଏହା କଳି ନୁହେଁ । ଏହା ଆମ୍ଭମାନଙ୍କ ଚକ୍ଷୁର ଜ୍ଞାନାଞ୍ଜନ ଶଳାକା । ଏହା ଦ୍ୱାରା ଆମ ଦୁହିଙ୍କ ଭିତରେ କେତେ ଅସାମଞ୍ଜସ୍ୟ, କେତେ ଅମେଳ ପରିଷ୍କାର ଜଣା ପଡ଼ିଗଲା । ପରସ୍ପର ବୁଝିଲୁ, ଯାହାକୁ ଆମ୍ଭେମାନେ ସନାତନ ପ୍ରେମ ବୋଲି ମନେ କରିଥିଲୁ, ତାହା ଏହି ଅଳ୍ପ ଦିନଦିନ ଭିତରେ ଶେଷ ହୋଇଗଲା ଏବଂ ପରସ୍ପରର ବିଭିନ୍ନ ପ୍ରକୃତି ପ୍ରେମକୁ ଦଳିମକଟି ବାହାରି ପଡ଼ିଲା ।

ଆଜି ଏପରି ମନେ ହେଉଛି ; କିନ୍ତୁ ସେତେବେଳେ ବିବାହର ନୂତନତାରେ କଳହର କଟୁତ୍ୱ ଦୂର ହୋଇଗଲା । ଆମ୍ଭେମାନେ ଶୀଘ୍ର ମିଶା କରି ଯାଇ ପୁଣି ପୂର୍ବବତ୍ ପ୍ରେମମୟ ( ? ) ଜୀବନ ଯାପନ କରି-

ତାକୁ ସନ୍ତେଷ୍ଟ କରିଲି, ମନେ କଲି ଆଉ ଏପରି ହୀନ କଳହ ଘଟିବ ନାହିଁ । ହାୟ, ମାସେ ମଧ୍ୟ ଗଲା ନାହିଁ । ପୁଣି କଳି ପଡ଼ିଥିଲା । ପ୍ରଥମ କଳିଠାରୁ ଏହା ଅଧିକ ଗୁରୁତର ଏବଂ ହୃଦୟରେ ଗଭୀରତର ଦାଗ ପକାଇ ଦେଲା । ମୁଁ ଦ୍ୱିତୀୟ କଳି ପରେ ବୁଝିଲି, ପ୍ରଥମ କଳିଟା ଯେ ଗୋଟାଏ ଆକସ୍ମିକ ଦୁର୍ଘଟନା ତାହା ନୁହେଁ । ଏହାର କାରଣ ଥିଲା ଏବଂ ସେହି କାରଣ ଦୂର ହେବାର ନୁହେଁ । ଫଳରେ ଆହୁରି ମଧ୍ୟ ଏହିପରି କଳି ଲାଗିବ ।

"ଦ୍ୱିତୀୟବାର କଳହଟି ମୋ ହୃଦୟରେ ଗଭୀର ଦାଗ ପକାଇବାର କାରଣ ଆଉ ଗୋଟିଏ—ଏ କଳିର କାରଣର ହେୟତା । କି କ୍ଷୁଦ୍ର ନଗଣ୍ୟ କାରଣରେ ସେ କେତେ ଚଟିଗଲା ! ମୁଁ ଟଙ୍କା ପଇସା ବିଷୟରେ ଚପା ଲୋକ ନୁହେଁ । ଅନ୍ୟମାନଙ୍କ ପ୍ରତି ମୁକ୍ତହସ୍ତ, ମୋ ସ୍ତ୍ରୀ ପ୍ରତି ଯେ ମୁଁ ଚପା ହେବି, ଏ କଥା କଳ୍ପନା ମଧ୍ୟ କରିବାର ନୁହେଁ । ମାତ୍ର ମୁଁ ଗୋଟାଏ କଣ କହିଲି, ସେ କଥାର ସେ ବିକୃତ ଅର୍ଥ ବାହାରକଲା ଯେ, ମୁଁ ମୋର ଟଙ୍କା ଯୋଗୁଁ ତା ଉପରେ ପ୍ରାଧାନ୍ୟ ବିସ୍ତାର କରିବାକୁ ଯାଉଛି ଏବଂ ଟଙ୍କା ସାହାଯ୍ୟରେ ତାକୁ ଅଧୀନ କରିବାକୁ ବସୁଛି ।

"ତାଠାରୁ ଏକଥା ଶୁଣି ସ୍ତମ୍ଭିତ ହେଲି ଏବଂ କ୍ଷଣକ ପରେ ତାକୁ ନିଷ୍ଠୁର,ହୀନସ୍ୱଭାବା ବୋଲି ଗାଳିଦେଲି । ସେ ମୋତେ ଗାଳି ଦେଲା ଏବଂ ଏପରି ମୁଖଭଙ୍ଗୀ ଦେଖାଇଲା—ଓହୋ, ସେ ମୁଖଭଙ୍ଗୀ ବର୍ତ୍ତମାନ ଦିଶିଯାଇ ମୋ ହୃଦୟରେ ଶେଳ ଆଘାତ କରୁଛି—ସତେ ଯେପରି ମୁଁ ତାର ଅର୍ଦ୍ଧାଙ୍ଗ ନୁହେଁ, ତାର ଚିର ଶତ୍ରୁ !

"ବାପ, ଭାଇ ଏବଂ ଅନ୍ୟାନ୍ୟ ଆତ୍ମୀୟ ସ୍ୱଜନମାନଙ୍କ ସଙ୍ଗରେ ଅନେକ ବାର କଳି କରିଛି । କିନ୍ତୁ ସେ କଳିରେ ମୋର ସ୍ତ୍ରୀ ସହିତ କଳି ପରି ଏତେ ବୈରଭାବ ଓ ଘୃଣା ଜାତ ହୁଏ ନାହିଁ ।

"ଏ କ୍ଷେତ୍ରରେ ଏ ଘୃଣା ମଧ୍ୟ ବେଶୀ ସମୟ ସ୍ଥାୟୀ ହେଲା ନାହିଁ । ତଥାକଥିତ ପ୍ରେମ ଘୃଣାକୁ ଦୂର କରିଦେଲା । ନିର୍ବୋଧ ମୁଁ । ପୁଣି ବିଚାରିଲି, ଏପରି କଳି ଆଉ ଭବିଷ୍ୟତରେ ଘଟିବ ନାହିଁ । ଦୁର୍ଦ୍ଦୈବକୁ ଏପରି ଘଟିଛି ।

"କିନ୍ତୁ ତୃତୀୟ ଓ ଚତୁର୍ଥ ବିବାହ ଆସି ଶୀଘ୍ର ଏ ଧାରଣାକୁ ଦୂର କରିଦେଲା । ମୁଁ ପରିଷ୍କାର ଦେଖିଲି ବିବାହ ଆମ ଜୀବନରେ ଦୈନନ୍ଦିନ ଘଟଣା ହେବା ଉପରେ । ଦୁଃଖମୟ ଭବିଷ୍ୟତ ଚିନ୍ତାରେ ଦେହ ଶୀତେଇ ଗଲା । ମୋପରି ହତଭାଗ୍ୟ ଏ ଜଗତ୍‌ରେ ଆଉ କେହି ନାହାନ୍ତି ଏବଂ ଅନ୍ୟ କାହା ଘରେ ଏପରି କଳି ଘଟୁ ନ ଥିବ, ଏକଥା ଚିନ୍ତା କରି ମୋ ହୃଦୟର ଦୁଃଖ ବହୁଗୁଣ ହେଲା । ସେତେବେଳେ ମୁଁ ଜାଣି ନ ଥିଲି ଯେ, ଯେଉଁଥି ପାଇଁ ମୁଁ ନିଜକୁ ହତଭାଗା ବୋଲି ମନେ କରୁଛି, ତାହା ଏକୁଟିଆ ମୋର ନୁହେଁ । ଜଗତ୍ ସାରା ସମସ୍ତଙ୍କର ସେହି ଦଶା । ଲୋକେ ନିଜର ଏହି ଦଶାକୁ ଅନ୍ୟମାନଙ୍କଠାରୁ ଘୋଡ଼ାଇ ରଖନ୍ତି । ଏପରି କି ନିଜଠାରୁ ମଧ୍ୟ ଘୋଡ଼ାଇ ରଖିବାକୁ ପ୍ରାଣପଣେ ଚେଷ୍ଟା କରନ୍ତି ।

"ମୁଁ ଯେ ଏପରି ଚେଷ୍ଟା କରୁ ନ ଥିଲି ତାହା ନୁହେଁ । ବିବାହ ଦିନଠାରୁ ମୋ ମନରେ କିପରି ଗୋଟାଏ ଗ୍ରନ୍ଥି ପଡ଼ିଗଲା ଯେ, ବିବାହ ଜୀବନ ସୁଖର ନୁହେଁ, ସମ୍ପୂର୍ଣ୍ଣ ଦୁଃଖପୂର୍ଣ୍ଣ । କିନ୍ତୁ ମୁଁ ଏ ଗ୍ରନ୍ଥିଟାକୁ ଦୂର କରିବାକୁ ଯଥାସାଧ୍ୟ ଚେଷ୍ଟା କରୁଥାଏ । ଏ କଳିଗୋଳ ଭିତରେ ପ୍ରେମର ଟିକିଏ ମୂର୍ଚ୍ଛନା ଥିବ ବୋଲି କଳିଗୋଳକୁ ମନରେ ନାନାପ୍ରକାର ବ୍ୟବଚ୍ଛେଦ କରି ଦେଖୁଥାଏ । ଆଜି ମୋ ବିବାହିତ ଜୀବନ ଚିରଦିନ ପାଇଁ ଶେଷ ନ ହୋଇଥିଲେ ମୁଁ ସେହିପରି ଆତ୍ମବଞ୍ଚନାରେ ମାତି ନଥାନ୍ତି ବୋଲି ବା କିଏ କହିବ ? ଯାହାହେଉ, ମୁଁ ଆଜି ଭାଗ୍ୟବାନ୍ । ମୋର ବିବାହିତ ଜୀବନରେ ଡଉମ୍ବୁଦ ଦେଇ ଦେଇଛି । ସ୍ତ୍ରୀକୁ ସ୍ୱହସ୍ତରେ ମାରି ତାଙ୍କୁ ଓ ମୋତେ ବିବାହ ରୂପ ନରକରୁ ମୁକ୍ତ କରିଛି ।"

## —ନଅ—

ଠିକ୍ ଏହି ସମୟରେ ଗାଡ଼ି ଆସି ଗୋଟିଏ ଛୋଟ ଷ୍ଟେସନ୍‌ରେ ରହିଲା ଏବଂ ଦୁଇଜଣ ଯାତ୍ରୀ ଆସି ଆମ ବଖରାଟିର ଶେଷମୁଣ୍ଡ କୋଣରେ ଯାଇ ବସିଲେ ଗାଡ଼ି ଷ୍ଟେସନରେ ଠିଆ ହେଲା ବେଳକୁ ଯାତ୍ରୀମାନଙ୍କୁ ନେଇ ଗାଡ଼ି ପୁଣି

ଥରେ ଚାଲିବା ପର୍ଯ୍ୟନ୍ତ ଚନ୍ଦ୍ରମଣି ବାବୁ ତୁନିହୋଇ ବସି ରହିଲେ । ଗାଡ଼ି ଘୁଞ୍ଚି ଚାଲିଲା ଏବଂ ସେ ତାଙ୍କ କଥା ଆରମ୍ଭ କଲେ ।

“ଏ ସବୁ ବିଷୟରେ ସବୁଠାରୁ ବେଶୀ ଖରାପ କଥା ଏହି ଯେ ସାଧାରଣତଃ ପ୍ରେମକୁ ଲୋକେ ମନର ଗୋଟିଏ ଆଦର୍ଶ ପ୍ରବୃତ୍ତି ବୋଲି ମନେ କରୁଥିଲେହେଁ ଏବଂ ଏହାର ମହିମାସୂଚକ ବିଷୟରେ ପ୍ରକାଣ୍ଡ ଗ୍ରନ୍ଥମାନ ଲେଖିବାରେ ହେଳା ନ କରୁଥିଲେହେଁ ପ୍ରକୃତ କାର୍ଯ୍ୟରେ ଯେ ପ୍ରେମ ଦେଖାଯାଏ, ତାହାଠାରୁ ବଳି ଘୃଣ୍ୟ, ପୈଶାଚିକ କିମ୍ବା ଆଉ ନାହିଁ । ବଡ଼ ପରିତାପର ବିଷୟ, ଏହାର ପୈଶାଚିକତା ଲୁଚାଇ ରଖିବା ପାଇଁ ସମସ୍ତେ କେଜାଣି କାହିଁକି ସବୁବେଳେ ବ୍ୟାକୁଳ । ଏହାର ସ୍ୱରୂପ ପ୍ରକାଶ କରିବାକୁ ଏତେ କୁଣ୍ଠା କାହିଁକି ? ପ୍ରକୃତ ଘୃଣ୍ୟ ଜିନିଷଠାରେ ଏତେ ଅକାରଣ ପ୍ରଶଂସା କାହିଁକି ?

“ଏହି ଅକାରଣ ପ୍ରଶଂସା ମୋ ମନରେ ପ୍ରେମ ବିଷୟରେ ଏପରି ଗୋଟାଏ ଉଚ୍ଚ ଧାରଣା କରାଇ ଦେଇଥିଲା ଯେ ମୋ ସ୍ତ୍ରୀ ସଙ୍ଗରେ ହୋଇଥିବା କଳହମାନଙ୍କରେ ଆମ୍ଭମାନଙ୍କର ପରସ୍ପର ପ୍ରତି ଯେଉଁ ଘୃଣା ଦେଖାଯାଇଥିଲା, ତାହାର ଜାତକ କାରଣ ମୁଁ କୌଣସିମତେ ପ୍ରଥମେ ବୁଝିବାକୁ ସକ୍ଷମ ହେଲି ନାହିଁ । କିନ୍ତୁ ଏହାର କାରଣ କେତେ ପରିଷ୍କାର ବର୍ତ୍ତମାନ ସ୍ପଷ୍ଟ ଜଣା ଯାଉଛି । ଆମ ଦୁହିଙ୍କର ପ୍ରକୃତି ସଂପୂର୍ଣ୍ଣ ଭିନ୍ନ, ପରସ୍ପର ବିରୋଧୀ ଥିଲା । ଇନ୍ଦ୍ରିୟସୁଖଲାଳସା ପ୍ରେମରୂପରେ ଆବିର୍ଭୂତ ହୋଇ ପ୍ରକୃତିର ପାର୍ଥକ୍ୟକୁ ଗୋଟାଏ କୃତ୍ରିମ ବନ୍ଧନରେ ଏକ କରି ଦେଇଥିଲା, କିନ୍ତୁ ସେହି ଇନ୍ଦ୍ରିୟ ସୁଖ ସମ୍ଭୋଗର ନୂତନତ୍ୱ ଦୂର ହେବା ସଙ୍ଗେ ଆମ୍ଭମାନଙ୍କର ପ୍ରକୃତି ଦୁଇଟି ପରସ୍ପର ଭିତରେ ଯୁଦ୍ଧ ଆରମ୍ଭ କଲେ । ସ୍ୱତଃ ପରସ୍ପର ପ୍ରତି ଘୃଣା ଓ ଅସୂୟାର ଉଦ୍ରେକ ହେଲା ।

“ଏ ଘୃଣା ଓ ଅସୂୟା ମୋତେ ବଡ଼ ଖରାପ ଲାଗୁଥାଏ ଏବଂ ଅନ୍ତତଃ ମୋ ମନରୁ ଏହାକୁ ଦୂର କରିବା ପାଇଁ ମୁଁ ଯତ୍ପରୋନାସ୍ତି ଚେଷ୍ଟା କରୁଥାଏ । କିନ୍ତୁ ସମସ୍ତ ଚେଷ୍ଟା ନିରର୍ଥକ । ତାର ମୋ ପ୍ରତି ଯେପରି, ମୋର ବି ତା ପ୍ରତି ସେହିପରି ଘୃଣା । ସେ ଘୃଣାର ସ୍ୱରୂପ ବର୍ଣ୍ଣନା କରି

ପାରୁ ନାହିଁ । ଦୁଇଜଣ ଦୋଷୀ ପରସ୍ପର ପ୍ରତି ଯେପରି ଘୃଣା କରନ୍ତି, ଏହା ଏକପ୍ରକାର ସେହିପରି । ମୋର ପ୍ରବଞ୍ଚନାରେ ଓ ସାହଚର୍ଯ୍ୟରେ ମୁଁ ତାଙ୍କୁ ବିବାହ ରୂପ ପାପରେ ପକାଇଛି ବୋଲି ସେ ମନେ କରୁଥାନ୍ତି ଏବଂ ମୁଁ ମନେ କରୁଥାଏ, ସତେ ଯେପରି ସେ ମୋ ସମସ୍ତ ଦୁଃଖର କାରଣ ।

"କିପରି ? ମୁଁ ବିଚାରୁଥାଏ ଯେ ମୁଁ ପ୍ରକୃତ ଆଦର୍ଶ ପୁରୁଷ । ପର ସ୍ତ୍ରୀ ପ୍ରତି ମୁଁ ଦୃଷ୍ଟି ଦେଉ ନାହିଁ । ତେଣୁ ମୋ ଚଳନରେ ନୀତିବିରୁଦ୍ଧ କିଛି ନାହିଁ । କଳିର କାରଣ ମୋର ସ୍ତ୍ରୀ । ତାର ଚରିତ୍ର ମନ୍ଦ, ସେ କଳହ-ପ୍ରିୟା, ପ୍ରେମ ତା ହୃଦୟରେ ନାହିଁ । ତେଣୁ ଆମ୍ଭମାନଙ୍କ ପାରିବାରିକ ଜୀବନରେ ବିଶୃଙ୍ଖଳା । ଏହିପରି ଚିନ୍ତା କରି ମୁଁ ସବୁତକ ଦୋଷ ମୁଣ୍ଡରୁ ଛଡ଼ାଇ ସ୍ତ୍ରୀ ମୁଣ୍ଡରେ ନେଇ ଥାକି ଦେଉଥାଏ ।

"କିନ୍ତୁ ସେ ନିରପରାଧା । ତାର ଦୋଷ କଣ ? ଆମ ସମାଜର ସବୁ ସ୍ତ୍ରୀମାନେ ଯାହା, ସେ ମଧ୍ୟ ତାହା । ସେହିପରି ବେଷ୍ଟନୀରେ ସେହିପରି ଶିକ୍ଷା ପାଇ ବଢ଼ିଥିଲେ । ଦୋଷ ଆମ୍ଭମାନଙ୍କର ସେହି ପ୍ରେମର—ଯେଉଁ ପ୍ରେମ-ବ୍ୟାଜରେ ଆମ୍ଭେମାନେ ଜଗତର ସ୍ତ୍ରୀମାନଙ୍କୁ ପୁରୁଷର ଭୋଗ୍ୟ ବସ୍ତୁ ବୋଲି ଦାବୀ କରୁଥାଉଁ । ଏହି ପ୍ରେମ ବ୍ୟାଜରେ ଆମ୍ଭେମାନେ ସ୍ତ୍ରୀ ଜାତିର ବିନାଶ ସାଧନ କରୁଥାଉଁ ।

ମୁଁ ଏକଥା ପରିଷ୍କାର ବୁଝି ପାରିଲି ନାହିଁ ପଚାରିଲି, "କିପରି ?"

ଚନ୍ଦ୍ରମଣି ବାବୁ ମୋର ମୂର୍ଖତାର ଉପହାସ କଲା ପରି ଟିକିଏ ହସି କହିଲେ, "କିପରି, କାହିଁକି ? ଏକଥା ତ ବଡ଼ ସହଜ । ଆପଣ ତ ଦେଖୁଛନ୍ତି, ସ୍ତ୍ରୀମାନଙ୍କୁ ଆମ୍ଭେମାନେ କି ଦୃଷ୍ଟିରେ ଦେଖୁଁ । ତାଙ୍କୁ ସହ-ଧର୍ମିଣୀ ବା ଜୀବନର ସାହାଯ୍ୟକାରିଣୀ ବୋଲି କଥାରେ କହୁଥିଲେହେଁ ଆମ୍ଭେମାନେ ମନରେ କେବେ ବିଚାରୁଥାଉଁ କି ? ଆମ୍ଭେମାନେ ସ୍ତ୍ରୀମାନଙ୍କୁ ଦାସୀ କରି ରଖିଥାଉଁ ; ଦାସୀମାନେ ଦାସ ବ୍ୟବସାୟୀମାନଙ୍କୁ ଯେ ଦୃଷ୍ଟିରେ ଦେଖନ୍ତି, ସେମାନେ ଆମ୍ଭମାନଙ୍କୁ ସେ ଦୃଷ୍ଟିରେ ଦେଖିଲେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ଏବଂ ଦାସୀମାନଙ୍କୁ ସେମାନଙ୍କ ପ୍ରଭୁମାନେ ଘୃଣା କରିବାକୁ, ସେମାନଙ୍କ ଉପରେ ଅତ୍ୟାଚାର କରିବାକୁ ଯେପରି ସ୍ୱାଭାବିକ ଅଧିକାର

ବୋଲି ମନେ କରନ୍ତି, ଆମ୍ଭେମାନେ ସେହିପରି ସେମାନଙ୍କ ପ୍ରତି ଯଥେଚ୍ଛାଚାର କରୁଥାଉଁ ।

"ଏହାର ଉତ୍ତରରେ ଆପଣ କହିପାରନ୍ତି, ସ୍ତ୍ରୀମାନେ ଆମ୍ଭମାନଙ୍କର ଦାସୀ ନୁହନ୍ତି । ସ୍ତ୍ରୀମାନଙ୍କୁ ଆମ୍ଭେମାନେ ଶ୍ରେଷ୍ଠ ଅଧିକାର ଦେଇଥାଉଁ । ସ୍କୁଲ କଲେଜରେ ଆମ ସାଙ୍ଗରେ ସେମାନେ ପଢ଼ି ଲେଖି, ଆମ ପରି ସରକାରୀ ଚାକିରି କଲେଣି, ଓକିଲ ହେଲେଣି, ସ୍ତ୍ରୀ ସ୍ୱାଧୀନତା ପାଇଁ ଆମ୍ଭେମାନେ ଲଢୁଥାଉଁ, ସ୍ତ୍ରୀମାନେ ଲଢୁଛନ୍ତି, ଏଥିରେ ଦାସତ୍ୱ ରହିଲା କେଉଁଠାରେ ? ଏଣୁ ମୁଁ କହେ, ଠିକ୍ ଏହି ସ୍ତ୍ରୀ, ସ୍ୱାଧୀନତା ମୂଳରେ ସ୍ତ୍ରୀଙ୍କୁ ଦାସୀ କରିବାର ଅଭିସନ୍ଧି ରହିଛି । ଉଦାହରଣ ଦେଲେ କଥାଟା ବେଶ୍ ବୁଝିବେ ।

"ଆମେରିକାରୁ ଦାସତ୍ୱ ପ୍ରଥା ଉଠାଇ ଦିଆଗଲା । ପୃଥିବୀରୁ ଦାସତ୍ୱପ୍ରଥା ଉଠିଛି । କିନ୍ତୁ ମନୁଷ୍ୟ କଣ ବର୍ତ୍ତମାନ ମନୁଷ୍ୟର ଦାସ ନୁହେଁ ? ଦାସତ୍ୱପ୍ରଥା ଆଇନଦ୍ୱାରା ଉଠାଇ ଦେଇସାରି ଲୋକେ ଯେଉଁ ଆର୍ଥିକ ଅବସ୍ଥା ସୃଷ୍ଟି କରିଛନ୍ତି, ତାହାଫଳରେ କେତେକ ଲୋକ ଅନ୍ୟର ଦାସ ହେବାପାଇଁ ବାଧ୍ୟହୋଇଛନ୍ତି । ଦାସତ୍ୱ ସେମାନଙ୍କ ଜୀବିକାର ଏକମାତ୍ର ଉପାୟ ହୋଇଛି । ସୁତରାଂ କହିବାକୁ ଗଲେ ମନୁଷ୍ୟ କୃତ୍ରିମ ଉପାୟରେ ଦାସତ୍ୱ ଉଠାଇଛି । କିନ୍ତୁ ଅନ୍ୟର ସେବା ଗ୍ରହଣ କରିବାକୁ, ନିଜେ ଆଳସ୍ୟରେ ରହି ଅନ୍ୟର ପରିଶ୍ରମ ସାହାଯ୍ୟରେ ନିଜର କାର୍ଯ୍ୟ ହାସଲ କରାଇନେବାକୁ ମନୁଷ୍ୟର ଯେଉଁ ପ୍ରବୃତ୍ତି ନ ଯାଇ ରହିଛି, ଦାସତ୍ୱର ପ୍ରାକୃତିକ ଉତ୍ପତ୍ତି ସେହିଠାରେ । ସେହିପରି ଆମ୍ଭେମାନେ ସ୍ତ୍ରୀମାନଙ୍କୁ ଅନେକ ଅଧିକାର ଦେବାକୁ ମେଲିକି ଦେଖାଇବା ପାଇଁ ଯତ୍ନ କରୁଥାଉଁ; କିନ୍ତୁ ପ୍ରକୃତ ସ୍ତ୍ରୀକୁ ଭୋଗର ସାମଗ୍ରୀ କରିବାକୁ ଯେ ଇଚ୍ଛା, ତାହା ଆମଠାରୁ—ଆମ ସମାଜର ସମସ୍ତଙ୍କଠାରୁ ଯାଇଛି କି ? ତାହା ନ ଗଲା ପର୍ଯ୍ୟନ୍ତ ସ୍ତ୍ରୀ ସ୍ୱାଧୀନତା କଥା କେବଳ କଥାରେହିଁ ରହିବ ।

"ମନୁଷ୍ୟ ବ୍ୟତୀତ ଆଉ ସବୁ ଜୀବଜନ୍ତୁ, ପକ୍ଷିପତଙ୍ଗଙ୍କ ଭିତରେ ସ୍ତ୍ରୀ ସ୍ୱାଧୀନତା ଅଛି । ସେମାନଙ୍କ ସମାଜରେ ପୁରୁଷ ଓ ସ୍ତ୍ରୀର ଆସନ ସମାନ; ପୁରୁଷ ଯାହା କରୁଛି, ସ୍ତ୍ରୀ ସେଥିରେ ସହଯୋଗ କରିପାରୁଛି । କାହିଁକି ? ସେମାନେ ପ୍ରକୃତିର ନିୟମ ପାଳନ କରୁଛନ୍ତି ବୋଲି । କିନ୍ତୁ ମନୁଷ୍ୟ

ପ୍ରକୃତିର ନିୟମ ପାଳୁଛୁ କି ? ଗୋଟିଏ କଥାରୁ ବେଶ୍ ବୁଝିବେ ।

"ଗର୍ଭଧାରଣ ସ୍ତ୍ରୀମାନଙ୍କର ଗୋଟିଏ ପ୍ରଧାନ କର୍ତ୍ତବ୍ୟ ଏବଂ ସ୍ତ୍ରୀ ଏ କର୍ତ୍ତବ୍ୟ କରୁଥିଲାବେଳେ ତାକୁ ବିଶିଷ୍ଟ ବ୍ୟବହାର ଦେଖାଇବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଗର୍ଭଧାରଣ ଈଶ୍ୱରଙ୍କ ସୃଷ୍ଟିର ଉଦ୍ଦେଶ୍ୟ ସାଧନର ଗୋଟିଏ ଅଙ୍ଗ ବୋଲି ଯଦି ତୁମେ ମନେକର, ତେବେ ଐଶ ଉଦ୍ଦେଶ୍ୟର ସେହି ଅଙ୍ଗ ସାଧିତ ହେଉଥିଲାବେଳେ ବା ସ୍ତ୍ରୀ ତାର ଶିଶୁମାନଙ୍କୁ ପାଳୁଥିବା ଅବସ୍ଥାରେ ତା ପ୍ରତି କାମାତୁର ହୋଇ ଦୃଷ୍ଟି ପକାଇବା ପାପ । ଏକଥା ଜୀବଜନ୍ତୁ ମାନୁଛନ୍ତି; କିନ୍ତୁ ମନୁଷ୍ୟ ମାନୁଛି କି ? ମନୁଷ୍ୟ ଗର୍ଭଧାରଣ ଓ ଶିଶୁପାଳନରେ କୌଣସି ପବିତ୍ରତା ଅଛି ବୋଲି ବୁଝୁଛି କି ? ମନୁଷ୍ୟର କର୍ମପନ୍ଥାର ମାପ-କାଠି ଡ଼ାକ୍ତରର ମତ । ଡାକ୍ତର ଯେପର୍ଯ୍ୟନ୍ତ ଯେ କାର୍ଯ୍ୟକୁ ଦେଲେ ସେ ପର୍ଯ୍ୟନ୍ତ କିଛି ଦୋଷ ନାହିଁ ।

"ଆଜି ଏ ଡ଼ାକ୍ତରମାନେ ! ମନୁଷ୍ୟ ସେମାନଙ୍କ ଉପରେ ଏତେ ନିର୍ଭର କରୁଛି । କିନ୍ତୁ ସେମାନେ ନିଜର ଦାୟିତ୍ୱ ବୁଝି କାର୍ଯ୍ୟବିଧାନ କରୁଛନ୍ତି କି ? ବୈଜ୍ଞାନିକମାନେ ଏତେ ଲେଖା କଥା ଆବିଷ୍କାର କରୁଛନ୍ତି; କିନ୍ତୁ ମନୁଷ୍ୟର କି ନୀତିରେ ଜୀବନଯାପନ କରିବାର କଥା, ତାହା ସେମାନେ କେତେବେଳେ ଚିନ୍ତା କରୁଛନ୍ତି କି ? ବୈଜ୍ଞାନିକ ନୂଆ ନୂଆ ଔଷଧ ଆବିଷ୍କାର କରି ପ୍ରକୃତିର ନିୟମ ଲଙ୍ଘନ କରିବା ପାଇଁ ପ୍ରଶ୍ରୟ ଦେଉଛି ଏବଂ ପ୍ରକୃତିର ନିୟମ ଲଙ୍ଘନ ଫଳରେ ଯେଉଁ ପ୍ରତିଫଳ ମନୁଷ୍ୟ ମୁଣ୍ଡକୁ ଆସୁଛି, ତାହା ଦୂର କରିବା ପାଇଁ ଡାକ୍ତରମାନେ ଔଷଧ ବ୍ୟବସ୍ଥା କରି ପାପର ଗୁରୁତ୍ୱ ବୁଝିବା ପାଇଁ ଆମ୍ଭମାନଙ୍କୁ ଅବସର ଦେଉ ନାହାନ୍ତି । ଡ଼ାକ୍ତର ଯାହା କରୁଛନ୍ତି, ତା ଫଳରେ ଆମ୍ଭମାନଙ୍କୁ ପାପ ବେଶୀ ଗ୍ରାସୁଛି ଏବଂ ନାମ୍ନି ଆମ୍ଭମାନଙ୍କର ଅଧିକରୁ ଅଧିକତର ଦାସୀ ହେଉଛି । ଏ କଥା ବାହୁଲ୍ୟ କରି ଆପଣଙ୍କୁ ବୁଝାଇବାର କୌଣସି ପ୍ରୟୋଜନ ନାହିଁ ।"

ବାସ୍ତବିକ କୌଣସି ପ୍ରୟୋଜନ ନ ଥିଲା । ମୁଁ ଚନ୍ଦ୍ରମଣି ବାବୁଙ୍କ କଥା ଶୁଣି ସବୁ ବୁଝି ପାରିଥିଲି । ମୋ ଆଖି ଆଗରୁ ସତେ ଯେପରି ପରଳ ଉଠି ଯାଉଥିଲା ।

ଚନ୍ଦ୍ରମଣି ବାବୁ ହଠାତ୍ କିଛି ସମୟ ତୁନି ହୋଇ ରେଳ ଝରକା ବାଟେ ବାହାରର ଅନ୍ଧାରକୁ ନିର୍ନିମେଷ ଦୃଷ୍ଟିରେ ଚାହିଁ ରହି ତା ପରେ କ୍ଷମା ମାଗିଲା ପରି ମୋତେ କହିଲେ, "ଆପଣ ମୋତେ ପାଗଳ ବୋଲି ମନେ କରୁଥିବେ । ମୁଁ ଏପରି ଗୁଡ଼ାଏ ଅନର୍ଥକ ବକୁଛି ବୋଲି ମନେ କରୁଥିବେ । ନା, ମୁଁ ଆପଣଙ୍କୁ ମୋର ସ୍ତ୍ରୀଙ୍କୁ ହତ୍ୟା କରିବାର କାହାଣୀ କହୁଛି । ଏ ବିଷୟରେ ମୁଁ ଏତେ ଚିନ୍ତା କରିଛି ଯେ, ମୋର ଅନିଚ୍ଛାରେ ମୋ ଭାବଗୁଡ଼ାକ କ୍ରମେ କ୍ରମେ ବାହାରି ପଡୁଛି ।"

## —ଦଶ—

"ଅଚ୍ଛା, ମୁଁ କହୁଥିଲି, ସ୍ତ୍ରୀମାନଙ୍କୁ ଆମ୍ଭେମାନେ ଦାସୀ ବୋଲି ମନେ କରୁଥିବାରୁ ଏବଂ ଡାକ୍ତରମାନେ ତାଙ୍କ ଚିକିତ୍ସା ବଳରେ ପ୍ରକୃତିର ନିୟମ ଭାଙ୍ଗିବାକୁ ସାହାଯ୍ୟ କରିବାରୁ ସମାଜ ଭାଙ୍ଗି ଯାଉଛି । ସ୍ତ୍ରୀ ପୁରୁଷ ସମ୍ବନ୍ଧରେ ଅପବିତ୍ରତା ପଶୁଛି ଏବଂ ଠିକ୍ ଏହି କାରଣରୁ ମୁଁ ମୋ ସ୍ତ୍ରୀକୁ ହତ୍ୟା କରିଛି । ମୋର ଗଳ୍ପ ଶେଷରେ ଆପଣ ଏକଥା ପରିଷ୍କାର ବୁଝିବେ । ଯାହା ହେଉ, ବର୍ତ୍ତମାନ ମୋ ଗଳ୍ପକୁ ଆସେ ।

"ମୁଁ କହୁଥିଲି ମୋ ସ୍ତ୍ରୀ ଓ ମୋ ମଧ୍ୟରେ ଜାଗରୂକ ହୋଇଥିବା ଘୃଣା କଥା । କ୍ରମେ କ୍ରମେ ଏହି ଘୃଣା ତାର ସଙ୍ଗୀ ରୂପେ ଅବିଶ୍ୱାସକୁ ଡାକି ଆଣିଲା । ତା ମନରେ ମୋ ପ୍ରତି ଅବିଶ୍ୱାସ ଆସିଲା କି ନାହିଁ କେଜାଣି, ମୁଁ ଅନ୍ତତଃ ତା ପ୍ରତି ପୂରା ଅବିଶ୍ୱାସ କରିବାକୁ ଲାଗିଲି । ସେ ଅବିଶ୍ୱାସ ମୂଳରେ ସେହି ଡାକ୍ତରମାନେ ।"

ମୁଁ ଟିକିଏ ଜିଜ୍ଞାସୁ ନୟନରେ କହିଲି, "ଆପଣଙ୍କର ଡାକ୍ତରଙ୍କ ଉପରେ ତ ଭାରି ରାଗ !"

ସେ ହଠାତ୍ ଉତ୍ତେଜିତ ହୋଇ ଉଠିଲେ, "କଣ ? ମୋର ରାଗ ହେବାଟା ତେବେ ଅନ୍ୟାୟ ! ଆପଣ ମୋର ଇତିହାସ ଟାଉଲ କରି ଶୁଣିଲା ପରେ ବୁଝିବେ, କିପରି ଏ ଡାକ୍ତରମାନେ ମୋର ସର୍ବନାଶର ମୂଳ କାରଣ ।

ମୋର ସ୍ତ୍ରୀର ଗୋଟିଏ ପୁତ୍ର ଜାତ ହେଲା । ପୁତ୍ର ଉତ୍ପନ୍ନ କରିବା ଯେପରି ମାତାର କର୍ତ୍ତବ୍ୟ , ତେବେ ତାର ଲାଳନ ପାଳନର ଭାର ନେବା ତା ପକ୍ଷରେ ଦୁଇଗୁଣ କର୍ତ୍ତବ୍ୟ । କିନ୍ତୁ ମୋ ସ୍ତ୍ରୀ ତାର ପ୍ରଥମ ପୁତ୍ରକୁ ପାଳି ମାତୃତ୍ୱର ଗୌରବତାର ଅଧିକାରିଣୀ ହେବା ବାଟରେ ଏହି ଡାକ୍ତରମାନେ ପ୍ରତିବନ୍ଧକ ହୋଇ ଠିଆ ହେଲେ । ଯଦି ସେ ସ୍ୱାଭାବିକ ଭାବରେ ପୁତ୍ରର ସମସ୍ତ ଭାର ନେଇଥାନ୍ତା, ତେବେ ହୁଏତ ଆମ୍ଭମାନଙ୍କ ମଧ୍ୟରେ ଥିବା ବିରୋଧ ଭାବ ଦୂର ହୋଇ ପାରିଥାନ୍ତା ଏବଂ ଆଜି ସେ ଓ ମୁଁ ଏକସଙ୍ଗରେ ମହା ଐଶ୍ୱର୍ଯ୍ୟରେ ବାସ କରୁଥାନ୍ତୁ । ଥାଉ ସେ ଚିନ୍ତାରେ ଫଳ କଣ ?”

ଦୀର୍ଘ ନିଶ୍ୱାସଟିଏ ମାରି ସେ ପୁଣି କହିଲେ, “ଆମ୍ଭମାନଙ୍କର ପ୍ରଥମ ପୁତ୍ରର ଜନ୍ମପରେ ଡାକ୍ତର ମୋ ଘରକୁ ଆକ୍ରମଣ କଲେ । ମୋ ସ୍ତ୍ରୀର ଭିତର ବାହାର ସବୁ ଅଙ୍ଗପ୍ରତ୍ୟଙ୍ଗ ପରୀକ୍ଷା କରିବା ବାହାନାରେ ବୁଢେ ଦରାଣ୍ଡିଲେ । ଏସବୁ ପାଇଁ ପୁଣି ମୋତେ କୃତଜ୍ଞତା ପ୍ରକାଶ କରିବାକୁ ପଡ଼ିଲା ଏବଂ ସେମାନଙ୍କୁ ଫିସ୍ ଟଙ୍କା ଗଣିବାକୁ ପଡ଼ିଲା । ଟଙ୍କା ଧରି ସେମାନେ ବ୍ୟବସ୍ଥା ଦେଲେ, ମୋ ସ୍ତ୍ରୀ ଅତି ଦୁର୍ବଳ; ପିଲାକୁ ଦୁଧ ଦେଲେ ତାର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିବ ଏବଂ ପିଲାର ବି କ୍ଷତି ହେବ ।

“ଫଳରେ ଗୋଟିଏ ଦରିଦ୍ର ମାର ଅସହାୟତାର ସୁଯୋଗ ପାଇ ଆମ୍ଭେମାନେ ତାକୁ ଧାଈ କରି ନିଯୁକ୍ତ କଲୁଁ ଏବଂ ମୋ ସ୍ତ୍ରୀ ମାତୃତ୍ୱର ଗୋଟିଏ ମୌଳିକ ଅଧିକାର ନିଜ ହାତରୁ ଛାଡ଼ି ଆଶ୍ୱସ୍ତ ହେଲା ।

“ଏହି ବିଷୟ ମୋ ହୃଦୟରେ ଘୋର ଆଘାତ ଦେଲା । ମୁଁ ମନେ ମନେ ବିଚାରିଲି, ଆଚ୍ଛା, ଏ ତ ମାର କର୍ତ୍ତବ୍ୟ । ଏତେ ଶୀଘ୍ର ଟିକିଏ କୁଣ୍ଠା ଅନୁଭବ ନ କରି ଛାଡ଼ି ଦେଲା । ସ୍ତ୍ରୀ କର୍ତ୍ତବ୍ୟ ଛାଡ଼ି ଦେବାକୁ କେତେ ବେଳ ? ମୋଠାରୁ ଅନୁରକ୍ତି କାଢ଼ି ନେଇ ତାହା ଅନ୍ୟଠାରେ ସ୍ଥାପନ କରିବା ଅସମ୍ଭବ କାହିଁକି ?

“ଏହିଠାରେ ମୋର ଅବିଶ୍ୱାସର ମୂଳ । ମୋର ସ୍ତ୍ରୀର ମାତୃତ୍ୱରେ ଅବହେଳା ମୋ ସନ୍ଦେହକୁ ଜାତ କରାଇଲା ଏବଂ ତାର ମାତୃତ୍ୱ ପୁଣି ସେ ସନ୍ଦେହ ମୂଳରେ ଜଳସେଚନ କରି ତାକୁ ବଢ଼ାଇଲା । ବୁଝିପାରୁ ନାହାନ୍ତି କି ?

"ମୋ ସ୍ତ୍ରୀ ଶିଶୁକୁ ସ୍ତନ୍ୟ ଦାନ କରିବା ଅଧିକାର ସିନା ଅନ୍ୟକୁ ଦେଇଥିଲି ; ଶିଶୁ ଯେ ତାର, ମନରୁ ଶିଶୁଚିନ୍ତା ଯାଉଛି କେଟଡକେ ! ବିବାହିତ ତାର ମନ ଶିଶୁଠାରେ ଥାଏ । ପିଲାର କେତେବେଳେ ଦାନ୍ତ ହେଲା, ମୁଣ୍ଡ ହେଲା, ସେ ବିଷୟ ନେଇ ସେ ବାଧହୋଇ ଅନେକ ସମୟରେ ବ୍ୟସ୍ତ ରହୁଥାଏ । ତାହା ଦେଖି ମୋର ସନ୍ଦେହ ଦୃଢ଼ ହେଲା । ସେ ଶିଶୁକୁ ସ୍ତନ୍ୟ ନ ଦେବାରୁ ବା ସେଥିପାଇଁ ବ୍ୟାକୁଳତା ପ୍ରକାଶ ନ କରିଥିବାରୁ ମୁଁ ସ୍ଥିର ବୁଝି ନେଇଥିଲି ଯେ ସେ ମାତୃପ୍ରବୃତ୍ତି-ହୀନ । ବର୍ତ୍ତମାନ ପିଲା ପାଇ ଚିନ୍ତା କରି ମୋ ପ୍ରତି ବିଶେଷ ଦୃଷ୍ଟି ନ ଦେବାରୁ ମୁଁ ମନେ ମନେ ସିଦ୍ଧାନ୍ତ କଲି ଏହା ଗୋଟାଏ ଛଳନା । ବାସ୍ତବିକ ତାର ଶିଶୁପ୍ରତି ଅନୁରକ୍ତି ନାହିଁ । ମୋ ପ୍ରତି ଅସୂୟା ଆସିଲାଣି । ମୋଠାରୁ ଅଲଗା ରହିବା ପାଇଁ ତାର ସବୁବେଳେ ଇଚ୍ଛା ହେଉଛି । ସେହି ଇଚ୍ଛା ଲୁଚାଇ ରଖିବା ପାଇଁ ଶିଶୁ ବିଷୟରେ ଏ ଅନୁରକ୍ତ ହୋଇ ଛଳନା କରୁଛି । ସନ୍ଦେହ, ଘୃଣା ବିଦ୍ୱେଷ ସବୁ ଏହିରୂପେ ବଢିବାକୁ ଲାଗିଲା ।

"ଏ ସବୁ ଯେ ମାତ୍ରାରେ ଦିନକୁ ଦିନ ବଢ଼ିଆସୁଥିଲା, ସେହିପରି ବଢ଼ିବାର ସୁଯୋଗ ପାଇଥିଲେ ଏବଂ ମୋ ସ୍ତ୍ରୀ ଶିଶୁମାନଙ୍କର ପାଳନରେ ଡାକ୍ତରଙ୍କ ଆଦେଶରେ ପ୍ରଥମରୁ ଯେଉଁ ଟିକକ ଅବହେଳା ଦେଖାଇଥିଲା ବୋଲି ମୁଁ ମନେ କରୁଥିଲି, ସେହିପରି ଅବହେଳା କ୍ରମାଗତ ରହିଥିଲେ ଅତି ଅଳ୍ପଦିନ ଭିତରେ ଶେଷ ପରିଣତିର ସମୟ ପହୁଞ୍ଚି ଯାଇଥାନ୍ତା; କିନ୍ତୁ ପ୍ରଥମପୁତ୍ର ପରେ ଆଉ ଯେଉଁ ୫ଟି ଜନ୍ମ ହେଲେ, ସେମାନଙ୍କୁ ସ୍ତନ୍ୟ-ଦାନ ମୋ ପ୍ରରୋଚନାରେ ଡାକ୍ତର ପରାମର୍ଶକୁ ଅବଜ୍ଞା କରି ସେ ନିଜେ ଗ୍ରହଣ କରିବାରୁ ଏବଂ ପିଲାଙ୍କ ଅଳିଝଲି, ହାଲ ହଇକଳି ବୁଝିବାରେ ତାର ବହୁତ ସମୟ ଯିବା ହେତୁ ମୋର ତାର ସଂଘର୍ଷ ବେଶୀ ବାଧିଲା ନାହିଁ ଏବଂ ଶେଷ ପରିଣତିରେ ଦିନ ଟିକିଏ ପଛେଇଗଲା ।"

ମୁଁ ଏହିଠାରେ ପଚାରିଲି, "ଆପଣଙ୍କ ପିଲାଟିମାନେ ବର୍ତ୍ତମାନ କେଉଁଠାରେ ?"

ତାଙ୍କ ହୃଦୟର ଗୋଟିଏ କୋମଳ ଜାଗାରେ ମୋର ଏ ପ୍ରଶ୍ନ ଆଘାତ

ଦେଲା । ସେ ଛଳଛଳ ଆଖିରେ କହିଲେ, "ମୋ ପିଲାଟିମାନେ ? ମୋର କିଏ ? ସେମାନେ ବର୍ତ୍ତମାନ ଆଉ ମୋର ନୁହନ୍ତି ।

"ମୁଁ ବି ସେମାନଙ୍କୁ ମୋର ବୋଲି ବିଗ୍ଭରୁଥିଲି ଏବଂ ମୋ ସ୍ତ୍ରୀର ଭଉଣୀ ପାଖରୁ ସେମାନଙ୍କୁ ବାହାର କରି ଆଣିବାପାଇଁ ହାଜତ୍‌ରୁ ମୁକ୍ତି ପାଇବା ମାତ୍ରେ ଧାଇଁଥିଲି । କିନ୍ତୁ ଭଉଣୀ ମୋତେ ପାଗଳ ବୋଲି ଅବଜ୍ଞା କଲେ ଏବଂ ମୋର ପିଲାମାନେ ମୋତେ ଭୟ କରି ମୋ ପାଖ ପଶିବାକୁ ସୁଦ୍ଧା କୁଣ୍ଠିତ ହେଲେ । ବର୍ତ୍ତମାନ ସେମାନେ ତାଙ୍କ ମାଉସୀ ପାଖରେ । ଅନ୍ୟାନ୍ୟ ସମସ୍ତଙ୍କ ପରି ରାକ୍ଷସ ରାକ୍ଷସୀ ହେବା ନିମନ୍ତେ ଶିକ୍ଷା ପାଉଛନ୍ତି ।

"ପିଲାମାନଙ୍କ ବିଷୟ ପଡ଼ିବାରୁ ମୋର ସେହି ଡାକ୍ତରମାନଙ୍କ କଥା ପୁଣି ମନେ ପଡ଼ିଗଲା । ଡାକ୍ତରମାନେ ଆମ ସମାଜରେ କି ବିପ୍ଳବ ଓ ଅଧଃ–ପତନର ମଞ୍ଜି ବୁଣିଛନ୍ତି, ଦେଖିବେ ? ପୂର୍ବକାଳରେ ପିଲାପିଲି ଥିଲେ ଈଶ୍ୱରଙ୍କର ଅନୁଗ୍ରହର ନିଦର୍ଶନ; ତାଙ୍କର ଶ୍ରେଷ୍ଠ ଦାନ । କିନ୍ତୁ ବର୍ତ୍ତମାନ ଆଉ ତାହା ଅଛି କି ? ଆଜି ପିଲାପିଲି ଆମ୍ଭମାନଙ୍କର ଏକପ୍ରକାର କଣ୍ଟକ ! ପିତାମାତା ଦିନରାତି ସବୁବେଳେ ସେମାନେ କିପରି ସୁସ୍ଥ ରହିବେ, ସୁଖରେ ରହିବେ, ତାହା ଚିନ୍ତା କରୁଛନ୍ତି । ଏହାର ମୂଳରେ ଡାକ୍ତରଙ୍କ ବିଦ୍ୟା ।

"ପୂର୍ବକାଳରେ ପିଲାଟିଏ ରୋଗରେ ପଡ଼ି ମରି ଯାଉଥିଲେ, ପିତାମାତା ମନକୁ ସାନ୍ତ୍ୱନା ଦେଉଥିଲେ, 'ହଉ, ଦୁଃଖ କାହିଁକି ? ପରମେଶ୍ୱର ଦେଇଥିଲେ; ପୁଣି ତାଙ୍କ ମନକୁ ପାଇଲା, ସେ ନେଇଗଲେ । ପରମେଶ୍ୱରଙ୍କ ଇଚ୍ଛାରେ ବାଧା ଦେବା ମନୁଷ୍ୟର କି ସାମର୍ଥ୍ୟ ?' ପିଲାଟିଏ ବେମାରି ହୋଇପଡ଼ିଲେ, ପିତାମାତା ପରମେଶ୍ୱରଙ୍କୁ ଡାକୁଥିଲେ । କିନ୍ତୁ ଅଧୁ ବେମାରି ହେଲେ, ଡାକ୍ତରଙ୍କୁ ଡାକ । ଡାକ୍ତର ନାରାୟଣ ସାଜିଛନ୍ତି । ବାସ୍ତବିକ୍ ନାରାୟଣଙ୍କ ଶକ୍ତି ଯଦି ଡାକ୍ତରଙ୍କଠାରେ ଥାନ୍ତା, ତେବେ ଅଲଗା କଥା । ଅବଶ୍ୟ କେତେଜଣଙ୍କଠାରେ ଏ ଶକ୍ତି ଯେ ନାହିଁ, ତାହା ନୁହେଁ । କିନ୍ତୁ ଅଧିକାଂଶ ଟିକଟମରା ଡାକ୍ତର । ସେମାନେ ରୋଗ ନିର୍ଣ୍ଣୟ କରି ଜାଣନ୍ତି ନାହିଁ । ଜାଣିଲେ ସୁଦ୍ଧା କରନ୍ତି ନାହିଁ । ଆସି ହୁକୁମ ଦେଇଯାନ୍ତି, 'ଅମୁକ ଖାଦ୍ୟ ଖାଅ,

ଅମୁକ ଆଜ୍ଞେ ମୁହଁ କରି ଶୁଅ; ଇତ୍ୟାଦି ।' ସମସ୍ତଙ୍କର ଏକ ନିର୍ଦ୍ଦେଶ ହୋଇ-ଥିଲେ ରକ୍ଷା ଥିଲା । କିନ୍ତୁ କୌଣସି ଦୁଇ ଡାକ୍ତରଙ୍କ ଉପଦେଶ ଏକ ହେବା ବିରଳ । ଡାକ୍ତରଙ୍କ ଉପଦେଶରେ ଆଜିକାଲି ପିଲାଙ୍କ ମୃତ୍ୟୁସଂଖ୍ୟା କିଛି ନା କିଛି ବଢିଛି । ସେ ବିଷୟରେ ନାନା ମତ; ମୁଁ ମୋର ମତ ଦେବା ଦରକାର ନାହିଁ । କିନ୍ତୁ ମୋର ଆପତ୍ତି ଏତିକି, ଡାକ୍ତରମାନେ ତାଙ୍କ ଔଷଧର ବାହାଦୁରି ଦେଖାଇ, ବୈଜ୍ଞାନିକମାନେ ବିଜ୍ଞାନର ବଡ଼ାଇକରି ଆମ ଜୀବନକୁ ବିଡ଼ମ୍ବନାମୟ କରି ପକାଇଛନ୍ତି । ଆମ୍ଭେମାନେ ଈଶ୍ୱରଙ୍କୁ ଭୁଲିଥାଉଁ । ବିଧାତା ଆଜିକାଲି ଟଙ୍କା, ଔଷଧ ଓ ଡାକ୍ତରରୂପେ ଆବିର୍ଭୂତ ହୋଇଛନ୍ତି ବୋଲି ଆମ୍ଭମାନ-ଙ୍କର ମନେ ହେଉଛି ।

''ସ୍ତ୍ରୀ,ସ୍ୱାମୀ ସମ୍ପର୍କରେ ମଧ୍ୟ ବିପ୍ଳବ ଘଟାଇଛନ୍ତି ଏହିମାନେ । ଆଗ ନୀତି ଥିଲା, ନିୟମ ଶୃଙ୍ଖଳା ଥିଲା । କିନ୍ତୁ ଆଜି ସେ ସବୁ ପୁରୁଣାକାଳିଆ କୁସଂସ୍କାର ବୋଲି ଦୂରକୁ ଯାଇଛି । ବର୍ତ୍ତମାନ କଣ ସ୍ୱାସ୍ଥ୍ୟକର, କଣ ଅସ୍ୱାସ୍ଥ୍ୟକର ଏହି ବିଚାରରେ ଆଚରଣ ନିୟନ୍ତ୍ରିତ ହେଉଛି ଏବଂ କୌଣସି ବେନିୟମ୍ କରି ଅସୁସ୍ଥ ହୋଇଗଲେ ଡାକ୍ତର ତାଙ୍କ ଔଷଧ ବାକ୍ସରେ ସଗର୍ବେ ହାତ ପକାଇ ସାହସ ଦେଉଛନ୍ତି, 'ଭୟ ନାହିଁ, ଆମେ ଅଛୁଁ, ନିର୍ଭୟରେ ଅନ୍ୟାୟ ଅନାଚାର କର; ଶିଶି ମୂଲ୍ୟ ଦୁଇଟଙ୍କା । ଏତିକି କିଣିଲେ ସବୁ ଦୋଷ ମାଫ !'

"ଆଜି ବଜାରରେ ଏତେ ବିଜ୍ଞାପନ ବାହାରୁଛି । କି ରୋଗ କି ଔଷଧ ବିଷୟରେ ବିବୃତ୍ତି ଏବଂ ପ୍ରଶଂସାପତ୍ର ଖବରକାଗଜ ଆସି ଆମ କାନରେ ଆମ ଅନିଚ୍ଛାସତ୍ତ୍ୱେ କହି ଯାଉଛି । କିନ୍ତୁ କେହି ବିଜ୍ଞାପନ ଦେଉଛି କି, ଜୀବନକୁ ଏପରି ନିୟମରେ ଚଳାଅ ? ଏହା ଗର୍ହିତ,ଏହା ହିତ;ଏହା ପ୍ରକୃତି-ନିର୍ଦ୍ଦିଷ୍ଟ, ଏହା ପ୍ରକୃତି-ଅନିର୍ଦ୍ଦିଷ୍ଟ । ଏପରି ବିଜ୍ଞାପନ ଆଜି ରୁଚିବିରୁଦ୍ଧ । ଯଦି କେହି ଏପରି କଥା କହିବାକୁ ବାହାରେ, ତେବେ ଲୋକେ ତାକୁ ସତେ ଗାନ୍ଧିଙ୍କ ଅବତାର ବୋଲି କହି ଟାହୁଲି କରିବେ ।

"ଆଜିକାଲିର ତଥାକଥିତ ଶିକ୍ଷା ଫଳରେ ବିବାହରୁ ପବିତ୍ରତା ଯାଇଛି, ସ୍ତ୍ରୀଗମନ କରିବା ଆମ୍ଭମାନଙ୍କର ବିଳାସ ହୋଇଛି ଏବଂ ନିତାନ୍ତ

ପିଲା ପୋଷିବା ଅସମ୍ଭବ ହୋଇ ପଡ଼ିଲେ ଡାକ୍ତର କାର୍ବୁଲିକ୍ ଲୋସନ୍ ବା ଫ୍ରେଞ୍ଚକ୍ୟାପ୍‌ର ବ୍ୟବସ୍ଥା କରି ଦେଉଛନ୍ତି ଏବଂ କ୍ୟାପ୍ ଓ ଲୋସନ ବଳରେ ଯଥେଚ୍ଛାଚାର କରିବାକୁ ପ୍ରଶ୍ରୟ ଦେଉଛନ୍ତି ।

"ଗୁଡ଼ନ୍ତୁ ସେ କଥା । ଗୁଡ଼ାଏ ଅବାନ୍ତର ପ୍ରସଙ୍ଗ ଉଠାଇଲି । ତେବେ ଏ ପିଲାଙ୍କ ବିଷୟ ନିତାନ୍ତ ଅବାନ୍ତର ନୁହେଁ । ମୋର ପିଲାପିଲିଗୁଡ଼ଙ୍କ ଯୋଗୁ ଶେଷ ଦୁର୍ଘଟନାର କାଳ ଟିକିଏ ଗଡ଼ିଗଲା ନିଶ୍ଚୟ, କିନ୍ତୁ ମୋ ସ୍ତ୍ରୀ ଓ ମୋ ମଧ୍ୟରେ ଥିବା ଘୃଣା ଓ ବିଦ୍ୱେଷ ଭାବ ପିଲାଙ୍କ ଯୋଗୁଁ ଟିକିଏ ମଧ୍ୟ ବଢ଼ିଲା । ବଡ଼ପୁଅଟି ମୋର କ୍ରମେ ବଡ଼ ପିଲା ହୋଇ ଉଠିଲା ଏବଂ ସବା ସାନ କୋଡ଼ପୋଛା ଝିଅଟି ପ୍ରତି ମୋ ସ୍ତ୍ରୀ ଅନୁରକ୍ତ ହେଲା । ଏହି ପକ୍ଷପାତ ଅନୁରକ୍ତି କେତେ କଳିର କାରଣ ହୋଇଛି, ତାହାର ଗଣନା କରି ପାରିବି ନାହିଁ । ପିଲାଟିମାନେ ବଢ଼ିଲାରୁ ସେମାନଙ୍କ ଚରିତ୍ର ଆମରି ଚରିତ୍ର ଭଳିଆ ହୋଇଗଲା । ବଡ଼ ପୁଅ କଳିଗୋଳରେ ମୋ ପକ୍ଷ ଧରିଲା ଏବଂ ଝିଅଟି ତା ମା'ର ପକ୍ଷରେ ରହିଲା । ଏହିପରି କଳିରେ ସହାୟକ ମିଳିବାରୁ ଆମ୍ଭମାନଙ୍କର କଳହମଙ୍କାରେ ପୂର୍ବାପେକ୍ଷା ଅଧିକ ଗୁରୁତର ହେବା ସାଙ୍ଗେ ସାଙ୍ଗେ ବାହାରକୁ ମଧ୍ୟ ବଡ଼ ଆକାର ଧରି ଜଣାପଡ଼ିଲା ।

## —ଏଗାର—

"ଏହିପରି ଦିନକୁ ଦିନ ବର୍ଷକୁ ବର୍ଷ ଚାଲିଲା । ଆମ ସ୍ତ୍ରୀପୁରୁଷ ଦୁଇଜଣଙ୍କର ଖୁବ୍ ଅଳ୍ପଦିନ ଭଲରେ କଟୁଥାଏ । କେବଳ ପରସ୍ପର ମଧ୍ୟରେ ବିଶେଷତଃ ଶତ୍ରୁତା ବଢ଼ିବାକୁ ଲାଗିଲା । ଆଗ ମତଭେଦ ହେବାରୁ କଳି ହେଉଥିଲା । ଏଥର ଏଣିକି କଳି କରିବା ପାଇଁ ଆମ୍ଭେମାନେ ମତଭେଦ ସୃଷ୍ଟି କଲୁ । ସେ ଯାହା କହେ, ଯେ ଇଚ୍ଛା ପ୍ରକାଶ କରେ, ମୁଁ ସେ କଥା ଆଉ ଇଚ୍ଛାର ବିରୁଦ୍ଧାଚରଣ କରିବାକୁ ଆଗରୁ ପ୍ରସ୍ତୁତ ହୋଇଥାଏ ଏବଂ ସେ ମୋଠାରୁ ଯେପରି ବ୍ୟବହାର ପାଏ, ମୋତେ ସେହିପରି ବ୍ୟବହାର ଫେରାଇଦେବା ନିମନ୍ତେ ଟିକିଏ କୁଣ୍ଠିତ ହୁଏ ନାହିଁ ।

"ବିବାହ କରିବାର ୫ । ୬ ବର୍ଷ ପରେ ଆମ୍ଭେମାନେ ବେଶ ବୁଝିଗଲୁ ଯେ, ଆମ୍ଭମାନଙ୍କର ପରସ୍ପରର ମତ ମିଳିବାର ସମ୍ଭାବନା ଅତି ଅଳ୍ପ । ତେଣୁ ଆମ୍ଭେମାନେ ସେ ବୃଥା ଚେଷ୍ଟା ଛାଡ଼ିଲୁ । ପରିବାରର ସାଧାରଣ ବିଷୟରେ ପିଲାମାନଙ୍କ ଶିକ୍ଷା ଓ ଲାଳନପାଳନ ବିଷୟରେ ତାର ଗୋଟିଏ ମତ; ମୋର ଗୋଟିଏ ମତ । ସେ ତାର ସୁବିଧା ପଡ଼ିଲା ବେଳେ ତା ଇଚ୍ଛା ଅନୁସାରେ ସବୁକାର୍ଯ୍ୟ କରିଯାଏ ଏବଂ ମୋ ସୁବିଧା ବେଳେ ମୁଁ ମୋର ଇଚ୍ଛା ବଜାୟ ରଖିବାପାଇଁ ତତ୍ପର ଥାଏ । ତାର ଇଚ୍ଛାରେ ବାଧା ଦେବାକୁ ମୋର ସବୁବେଳେ ଇଚ୍ଛା ହେଉଥାଏ; କିନ୍ତୁ ମୁଁ କେବଳ କଳହ ଭୟରେ ତାର ସମ୍ମୁଖୀନ ହୁଏ ନାହିଁ । ଏକା ବସିଲା ବେଳେ ଆମ୍ଭେମାନେ ଅତି ସାଧାରଣ ବିଷୟରେ କଥାବାର୍ତ୍ତା ହେଉଁ । 'ବର୍ତ୍ତମାନ କେତେ ବାଜିଛି ? ଖାଇବା ବେଳ ହେଲାଣି କି ନାହିଁ । ପିଲାର ଦେହ ଅସୁସ୍ଥ ଅଛି, ଡାକ୍ତର ଡ଼ାକିବ କି ?' ଏହିପରି ବିଷୟରେ ଆମ୍ଭମାନଙ୍କର କଥାବାର୍ତ୍ତା ଚାଲେ । ମୋର ମନେହୁଏ, ପଶୁପକ୍ଷୀ ସୁଦ୍ଧା ଏତିକି କଥାବାର୍ତ୍ତା ହେଉଥିଲେ । କିନ୍ତୁ କପରି କେବେ ଏହି ସୀମା ମଧ୍ୟରୁ କଥାବାର୍ତ୍ତା ଆଉ ଟିକିଏ ପଦାକୁ ଗଲେ କଳହର ସୂତ୍ରପାତ ହୋଇଯାଏ । ଏପରିକି ଯେ ସବୁ ବିଷୟରେ କେବେହେଁ ମତଭେଦ ହେବାର ସମ୍ଭାବନା ନ ଥାଏ, ତାହା ମତଭେଦର ବଡ଼ କାରଣ ହୋଇଉଠେ ଏବଂ କଳିତକରାଳ ଖୁଷଣଭାବରେ ଜାତ ହୋଇଥାଏ ।

"ବାସ୍ତବିକ ମୋର ତାପ୍ରତି ଏତେ ଘୃଣା ହୃଦୟରେ ବଦ୍ଧମୂଳ ହୋଇଥାଏ ଯେ, ତାର ଚାଲିବା, ଭାତ ବାଢ଼ିବା, ଭାତ ଖାଇବା ସବୁଥିରେ ମୁଁ ଘୃଣା ଓ ନିନ୍ଦା କରିବାର ଉପକରଣ ପାଏ । ମନେକରେ, ସତେ ଯେପରି ଏ ସଂସାରର ଆଉ କୌଣସି ସ୍ତ୍ରୀଲୋକ ସେପରି ଚାଲନ୍ତି ନାହିଁ କି ଖାନ୍ତି ନାହିଁ ।

"କିନ୍ତୁ ବଡ଼ ରହସ୍ୟର କଥା, କିଛିକାଳ ଏହିପରି ଘୃଣା କରିବା ପରେ ତା ପ୍ରତି ପ୍ରେମଭାବ ଉଦୟ ହୁଏ । ବେଶୀ ଘୃଣା କରିବା ପରେ ବେଶୀ ପ୍ରେମ, ଅତି ଅଳ୍ପସମୟ ବ୍ୟାପୀ କଳହ ପରେ ସେହିପରି ଅତି ଅଳ୍ପସମୟ ବ୍ୟାପୀ ପ୍ରେମ ହୁଏ । ମୁଁ ଆଜି ବୁଝୁଛି, ଆମ୍ଭମାନଙ୍କର ଏହି ତଥାକଥିତ ପ୍ରେମ ଓ ଦାମ୍ପତ୍ୟ କଳହ ଗୋଟିଏ ପ୍ରବୃତ୍ତିର ଦୁଇଗୋଟି ବିଭାବ । ଏକଥା

ସେ ସମୟରେ ଯଦି ମୁଁ ଜାଣିଥାନ୍ତି ବା ସେ ଜାଣିପାରିଥାନ୍ତା, ତାହାହେଲେ ଆମ୍ଭମାନଙ୍କ ଜୀବନ ବାସ୍ତବିକ୍ ଅସହ୍ୟ ହୋଇଥାନ୍ତା । କିନ୍ତୁ ଆମ୍ଭେମାନେ ଭିନ୍ନ ଭିନ୍ନ କାର୍ଯ୍ୟରେ ସମୟର ଅଧିକାଂଶ କଟାଉଥିବାରୁ ନିଜର ଅବସ୍ଥା ବୁଝିବାପାଇଁ ଅବସର ମିଳେ ନାହିଁ । ମୁଁ ମୋର ଚାକିରି, ପଶା ଏବଂ ଦୈନନ୍ଦିନ କାର୍ଯ୍ୟରେ ବ୍ୟସ୍ତ ଥାଏ । ସେ ତାର ଘରକରଣା, ପୋଷାକପରିଚ୍ଛଦ ଏବଂ ପିଲାଙ୍କ ଲାଳନପାଳନ, ଶିକ୍ଷାଦୀକ୍ଷା ନେଇ ବ୍ୟସ୍ତ ଥାଏ । ବେଶୀ ବେଳ ଅଲଗା ଅଲଗା ରହିବାରୁ ପରସ୍ପର ପ୍ରତି ପରସ୍ପରର କେତେ ଘୃଣା ଆମ୍ଭେମାନେ ଜାଣି ପାରୁନାହିଁ । କିନ୍ତୁ ଘୃଣା ଓ ବିଦ୍ୱେଷ ଭାବ ବଢ଼ିବାକୁ ଲାଗିଥାଏ ।

"ଅଫିସରେ ବସି ଗତରାତି ସେ ମୋ ପ୍ରତି ଯେ ଅନ୍ୟାୟ ବ୍ୟବହାର କରିଥିଲା, ତାହା ଚିନ୍ତାକରି ମୁଁ ପ୍ରତିହିଂସା ସାଧନ କରିବାର ଉପାୟ ଖୋଜୁଥାଏ ଏବଂ ମୋର ବିଶ୍ୱାସ ହେଉଛି, ସେ ମଧ୍ୟ ଘରକରଣାରେ ବ୍ୟସ୍ତ ଥିଲାବେଳେ ମୋ ଉପରେ ରାଗୁଥିଲା ହେବ । ଏହିପରି ଆହୁରି କେତେ ଦିନ ଗଲା ଏବଂ ଆମ୍ଭମାନଙ୍କ ବୈବାହିକ ଜୀବନର ଶେଷ ପରିଣତି ଯାହା ହେଲା, ତାହା ଯଦି ନ ହୋଇଥାନ୍ତା, ସେ ଯଦି ବଞ୍ଚିଥାନ୍ତା, ତାହା ହେଲେ ସେହିପରି ବର୍ତ୍ତମାନ ମଧ୍ୟ ଆମ୍ଭେମାନେ ସମୟ କଟାଉଥାନ୍ତୁ । ସ୍ୱତନ୍ତ୍ର ମନୋବୃତ୍ତି ଧରି ପରସ୍ପର ପ୍ରତି ଘୋର ଘୃଣା ହୃଦୟରେ ପୋଷି ଆମ୍ଭେମାନେ ଦୁଇଟି ଭିନ୍ନଜାତୀୟ ହିଂସ୍ର ଜନ୍ତୁ ଏକା ଖୁଣ୍ଟିରେ ବନ୍ଧା ହେଲା ପରି ବର୍ତ୍ତମାନ ସୁଦ୍ଧା ସଂସାର କରୁଥାନ୍ତୁ । ଆମ୍ଭମାନଙ୍କ ଜୀବନ ଯେ କେତେ ବିଷମୟ ହୋଇଥିଲା ବୁଝିପାରି ନ ଥାନ୍ତୁ ।"

ଏତିକି କହି ଚନ୍ଦ୍ରମଣି ବାବୁ ହଠାତ୍ କଥା ବନ୍ଦ କରି ମୋ ଆଡ଼କୁ ଚାହିଁଲେ ଏବଂ ଅତି ବିନୀତ ଭାବରେ କହିଲେ, "ମୁଁ ଗୋଟାଏ ଅବାନ୍ତର କଥା କହିଯାଉଛି । ଆପଣ ବିରକ୍ତ ଓ କ୍ଲାନ୍ତ ହେଲେଣି । ବର୍ତ୍ତମାନ ସମୟ କେତେ ?" ମୁଁ ଘଣ୍ଟା ଦେଖିଲି, ରାତି ଦୁଇଟା ହୋଇଛି । ସେ ପଚାରିଲେ, ଆପଣଙ୍କୁ ନିଦ ମାଡ଼ିଲାଣି' ମୁଁ କହିଲି, "ନା, ନିଦ ମାଡୁନାହିଁ, ଆପଣ କଥା କହି ହାଲିଆ ହେଲେଣି । ନ ହେଲେ ଶେଷ ପର୍ଯ୍ୟନ୍ତ ଶୁଣନ୍ତି ।" ସେ କହିଲେ, "ନା,

ମୁଁ ଭାଲିଆ ହୋଇନାହିଁ; କିନ୍ତୁ କାହିଁକି କେଜାଣି ମୋ ପାଟି ବନ୍ଦ ହୋଇ ଆସୁଛି । ଆସନ୍ତା ଷ୍ଟେସନ୍‌ରେ ମେଲକୁ ଯାଇ ମୁଁ ଏ ପାଣି ପିଇବି, ତା ପରେ କହିବି ?"

ସେ ତାଙ୍କ ଜାଗାଟିରେ ବସି ରହିଲେ । କମ୍ବଳରେ ମୁହଁକୁ ଘୋଡ଼ାଇ ଦେଇଥାନ୍ତି । ବେଳେବେଳେ ତାଙ୍କର ସେ ଅଦ୍ଭୁତ ଚୀତ୍କାର ଶୁଣାଯାଉଥାଏ । ବୋଧହୁଏ ତାଙ୍କ ଗଳ୍ପର ଆଉ ଯାହା କହିବାକୁ ବାକି ରହିଲା, ସେ କଥା ମନେପଡ଼ି ତାଙ୍କ କୋହ ଉଠୁଥାଏ ଏବଂ ସେ ଚେଷ୍ଟା କରି କାନ୍ଦ ବନ୍ଦ କରୁଥାନ୍ତି । ମୁଁ ତୁନିହୋଇ ବସି ସେ କହିଥିବା କଥାଗୁଡ଼ିକ ହୃଦୟ ଭିତରେ ଆଲୋଚନା କରୁଥାଏ । ଏହି ଆଲୋଚନାରେ ମୁଁ ଏତେ ନିବିଷ୍ଟ ଥିଲି ଯେ ଗାଡ଼ି କେତେବେଳେ ଆସି ଷ୍ଟେସନରେ ଲାଗିଲା ଏବଂ ସେ ମେଲ୍‌କୁ ଯାଇ ପାଣି ପିଇ ଫେରିଲେ, ସେ କଥା ମୁଁ ଜାଣି ପାରିଲି ନାହିଁ, ମୁଁ ଚାହିଁଲା ବେଳକୁ ସେ ଫେରି ଗାଡ଼ି ଭିତରେ ପଶୁଛନ୍ତି ଏବଂ ଗାଡ଼ି ଷ୍ଟେସନ ଛାଡ଼ି ତାର ଗନ୍ତବ୍ୟ ପଥରେ ଯିବାକୁ ଉପକ୍ରମ କରୁଛି ।

---

## —ବାର—

"କିଛିଦିନ ପରେ ଆମ୍ଭେମାନେ ସହରରେ ବାସ କରିବାକୁ ଗଲୁ— ସେଠାରେ ପିଲାମାନଙ୍କର ପଢ଼ାପଢ଼ିର ବେଶୀ ସୁବିଧା ହେବ ବୋଲି । ଏହି ସହରବାସ ଆମ୍ଭମାନଙ୍କର ସର୍ବନାଶର ବାଟ ପରିଷ୍କାର କରିଦେଲା । ସହରରେ ଜଣେ ଡାକ୍ତରଙ୍କ ସହିତ ଦେଖାହେଲା, ଭାରି ଖ୍ୟାତନାମା ଡାକ୍ତର ସେ । ତାଙ୍କର ରୋଗ ନିବାରଣ କରିବାର କ୍ଷମତା, ଲୋକେ ତାଙ୍କ ଘରର ଉଚ୍ଚତା ଏବଂ ମଟରଗାଡ଼ିର ସଂଖ୍ୟାରୁ ନିର୍ଣ୍ଣୟ କରନ୍ତି ! ତାଙ୍କୁ ଦିନରାତି ବେଳ ମିଳୁ ନ ଥାଏ । ସେ, ତାଙ୍କ ମଟରଗାଡ଼ି ଓ ମଟରସାଇକଲ ସକାଳ ଛଅଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସବୁବେଳେ କାର୍ଯ୍ୟବ୍ୟସ୍ତ ଥାନ୍ତି । ଏକଥା ଶୁଣି ମୋ ସ୍ତ୍ରୀ ସେ ଡାକ୍ତରଙ୍କ ସହିତ ପରାମର୍ଶ କରିବାକୁ ବଡ଼ ଉଦ୍‌ବେଗ

ହୋଇ ଉଠିଲା । ପ୍ରାୟ ସପ୍ତାହକାଳ ତାଙ୍କ ଅନୁସରଣ କରିବା ପରେ ସେ ତାହାଙ୍କୁ ଡାକ୍ତରୀଶାସ୍ତ୍ର ଅନୁଯାୟୀ ପରୀକ୍ଷା କଲେ ଏବଂ ବ୍ୟବସ୍ଥା ଦେଲେ ଯେ ସେ ଯେପରି ଆଉ ଭବିଷ୍ୟତରେ ଗର୍ଭଧାରଣ ନ କରେ । ଗର୍ଭଧାରଣ କରି ସନ୍ତାନ ଉତ୍ପାଦନ କରିବାର ଶକ୍ତି ଆଉ ତାର ନାହିଁ ।

"ଏ ବ୍ୟବସ୍ଥାଟା ସାଧାରଣତଃ ଆପତ୍ତିଜନକ ମନେ ହୋଇ ନ ପାରେ । କିନ୍ତୁ ଆଜକାଲି ଶତକଡ଼ା ୯୯ ଜଣଙ୍କୁ ଏଥିରେ ଆପତ୍ତି କରିଲାପରି କିଛି ଦେଖାଯାଉ ନାହିଁ । କିନ୍ତୁ ଏହି ବ୍ୟବସ୍ଥାଟି ହେଲା ଆମ୍ଭମାନଙ୍କର ବିବାହିତ ଜୀବନର କାଳ । ଅବଶ୍ୟ ଆମ୍ଭମାନଙ୍କର ପିଲାପିଲି ଅନେକ ହୋଇଥିଲେ । ଆଉ ଅଧିକ ପିଲା ଆମର ଆବଶ୍ୟକ ନ ଥିଲା । ତେଣୁ ମୋର ସ୍ତ୍ରୀ ଆଉ ଗର୍ଭଧାରଣ କରିବା ଆଦୌ ବାଞ୍ଛନୀୟ ନ ଥିଲା । କିନ୍ତୁ ଡାକ୍ତର ତାକୁ ଗର୍ଭଧାରଣ କରିବାକୁ ମନାକରି ଯେଉଁ ଉପାୟ ବତାଇଦେଲେ, ସେଥିରେ ସେ ସଂଯମ ଅବଲମ୍ବନ କରିବ କଅଣ, ସେହିଦିନୁ ନିଜର ଶିଶୁକୁ ହତ୍ୟା କରିବାକୁ ଆରମ୍ଭ କଲା । ଡାକ୍ତର ତାଙ୍କୁ ଓ ମୋତେ ବାନପ୍ରସ୍ଥ ଅବଲମ୍ବନ କରିବାକୁ ଯଦି ଶିକ୍ଷା ଦେଇଥାନ୍ତେ, ତାହାହେଲେ ମୁଁ ସେ ଡ଼ାକ୍ତରଙ୍କୁ ବାସ୍ତବିକ୍ ସଂସାରର ଉପକାରୀ ଲୋକ ବୋଲି ମନେ କରିଥାନ୍ତି । କିନ୍ତୁ ସେ ମୋ ସ୍ତ୍ରୀ ହସ୍ତରେ ପିଚକାରି ଓ କାର୍ବଲିକ୍‌ଲୋସନ ଦେଇ ନରହତ୍ୟାର ଏ ଉପକରଣ ଦେଇଥିବାରୁ ବେଶ୍‌ଗୁଡ଼ିଏ ଟଙ୍କା ଫିସ୍ ନେଲେ । ମୋର ସ୍ତ୍ରୀ ସେହିଦିନୁ ସତେ ଯେପରି ଗୋଟିଏ ଲାଇସେନ୍ସ ପାଇ ଆସିଲା । ତଥାକଥିତ ପ୍ରେମରାଜ୍ୟରେ ବିହାର କରିବାକୁ ତାକୁ ନିରଙ୍କୁଶ ଅଧିକାର ମିଳିଲା । ସେ ଯା ଇଚ୍ଛା ତା କରିପାରନ୍ତି; କିନ୍ତୁ ଆଉ ଯଥେଚ୍ଛାଚାରର ଦଣ୍ଡ ସ୍ୱରୂପ ଗର୍ଭଧାରଣ କରିବାକୁ ପଡ଼ିବ ନାହିଁ । ଈଶ୍ୱରଙ୍କର ମହିମା ଦାନ ଏପରି ଯେ ଶିଶୁ ସେ ମାତୃଗର୍ଭରେ ଠିକ୍ ପ୍ରବେଶ କଲାବେଳେ ଡାକ୍ତରଙ୍କ ପରାମର୍ଶ ଲବ୍ଧ କାର୍ବଲିକ୍‌ଲୋସନ ତାର ସମୂଳ ବିନାଶ କରିଦେବ ।

"ନରହତ୍ୟାକୁ ସମସ୍ତ ସଭ୍ୟସମାଜ ବଡ଼ ଗୁରୁତର ପାପବୋଲି ମନେକରୁ-ଛନ୍ତି । କୌଣସି ଅବଳା ସମାଜର ଯାତନାକୁ ଡ଼ରି ଗର୍ଭଜାତ ଶିଶୁକୁ ନଷ୍ଟ

କରଦେବାକୁ ବସିଲେ, ତାକୁ ପ୍ରାଣଦଣ୍ଡ ଆଦେଶ ହୋଇଯାଉଛି; କିନ୍ତୁ ଆମ ସଭ୍ୟ ସଂଭ୍ରାନ୍ତ ସମାଜରେ ପ୍ରତିଦିନ ଶିକ୍ଷିତ ଡ଼ାକ୍ତରମାନଙ୍କର ସାହାଯ୍ୟରେ ଯେ ଭ୍ରୂଣହତ୍ୟା ହେଉଛି, ତାହା କଅଣ ନରହତ୍ୟା ନୁହେ । ତା ବିରୁଦ୍ଧରେ କଅଣ କିଛି ବ୍ୟବସ୍ଥା ହୋଇଛି, ନା ହେବ ! ଓଲଟି ସଭ୍ୟତା ଯେତିକ ଅଗ୍ରସର ହେଉଛି, ଅମ୍ଭେମାନେ ତଥାକଥିତ ଉନ୍ନତି ଆଡ଼କୁ ଯେତିକ ଧାବମାନ ହେଉଥାଏ, ଏହି ନରହତ୍ୟା ପାଇଁ ସେତିକ ନୂତନ ସହଜ ଉପାୟ ଆବିଷ୍କୃତ ହେଉଛି । ଜଗତରେ ପାପ, ଅନୀତି, ଅନାଚାର ପ୍ରଚାର କରିବା ପାଇଁ ଏବଂ ସେଥିରେ ଲୋକଙ୍କୁ ପ୍ରଶ୍ରୟ ଦେବାକୁ ସମାଜ ବହୁଅର୍ଥ ବ୍ୟୟକରି ଡ଼ାକ୍ତରମାନଙ୍କୁ ଏ ବିଷୟରେ ବିଶେଷଜ୍ଞ କରୁଛି । ଖବରକାଗଜମାନେ ବିଜ୍ଞାପନରେ ଜନ୍ମନିରୋଧ ନାମରେ ଏହି ପାପକୁ ନିରୀହ ଅକଳଙ୍କିତ ଲୋକଙ୍କ ଆଗରେ ନେଇ ଥୋଉଛନ୍ତି । କିନ୍ତୁ ସତେ କିଏ ଏ ବିଷୟର ଗୁରୁତ୍ୱ ସମାଜ ବୁଝିବ ? କେତେ ସ୍ତ୍ରୀଲୋକ ଏହାଦ୍ୱାରା ପଥଭ୍ରଷ୍ଟ ହୋଇ ମନୁଷ୍ୟ ଜୀବନର ଆଦର୍ଶ ହରାଉଛନ୍ତି, ସେ କଥା କଅଣ କେହି ଚିନ୍ତା କରିବ, ନା ଓଲଟି ମୁଁ ବର୍ତ୍ତମାନ ଆପଣଙ୍କୁ ଯାହା କହୁଛି, ତାହା ସଭ୍ୟସମାଜରେ ପ୍ରଚାର କରିବାକୁ ବସିଲେ, ଲୋକେ ମୋତେ ପାଗଳ ବୋଲି ଉପହାସ କରିବେ । ପିଲାମାନେ ଢେଳା ପଥର ଧରି ମୋତେ ଗୋଡ଼ାଇବେ ।

"ସେ ଯାହାହେଉ, ମୋର ସ୍ତ୍ରୀ ଡ଼ାକ୍ତରଙ୍କ ପାଖରୁ ଏ ବ୍ୟବସ୍ଥା ପାଇ ଆସିବା ଦିନୁ ମତେ ଜଣାଗଲା ଯେପରି ତା ଆଗରେ ଜୀବନ ସମ୍ଭୋଗର ନୂଆ ଏକ ଦ୍ୱାର ମେଲିଗଲା । ମୋର ମନେହେଲା, ସତେ ଯେପରି ପିଲାମାନଙ୍କ ଠାରୁ ତାର ମନ ଛାଡ଼ିଗଲା । ଛାଡ଼ିବାର କଥା । ଯେ ପ୍ରତିଦିନ ପିଲାଙ୍କୁ ମାରିବାକୁ ଶିଖିଛି, ସେ ତାଙ୍କର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଝୁରି ହେବ କାହିଁକି ? ମୋର ସ୍ତ୍ରୀ ଏହିସମୟରୁ ଅତି ଅଧିକ ସ୍ୱାର୍ଥପର ହୋଇଗଲା । ନିଜର କେଶ ବିନ୍ୟାସ ବେଶପରିପାଟି ପାଇଁ ସେ ବେଶୀ ଚିନ୍ତିତ ହେଲା ପରି ମୋତେ ଜଣାଗଲା ଏବଂ କେଜାଣି କାହିଁକି ସେଦିନୁ ତାହାର ସ୍ୱାସ୍ଥ୍ୟ କ୍ରମୋନ୍ନତି ଲାଭ କରିବାକୁ ଲାଗିଲା । ସ୍ୱାସ୍ଥ୍ୟୋନ୍ନତି ଓ ସଯତ୍ନ ବେଶବିନ୍ୟାସ ଯୋଗୁଁ

ସତେ ଯେପରି ତାର ବୟସ ୨୦ବର୍ଷ ପଛକୁ ହଟିଗଲା ଏବଂ ଯୁବତୀ-ସୁଲଭ ପ୍ରବୃତ୍ତି ତା ମନରେ ଜାଗିଲା । ପ୍ରଥମ ଯୌବନରେ ସଙ୍ଗୀତ ଶିକ୍ଷା କରିବା ପାଇଁ ଆମ୍ଭେମାନେ ଯେଉଁ ପିଆନୋଟି କିଣିଥିଲୁ, ତାହା ଅଳିଆଗଦାରୁ ପୁଣି ସଫାସୁତରା ହୋଇ ବୈଠକଖାନାରେ ବିରାଜିତ ହେଲା ଏବଂ ମୋର ସ୍ତ୍ରୀ ତଥାକଥିତ ପ୍ରେମର ଉପାସିକା ରୂପେ ତା ପାଖରେ ଆବିର୍ଭୂତ ହୋଇ ପ୍ରେମିକମାନଙ୍କୁ ସାଦରରେ ଆହ୍ୱାନ କରିବାକୁ ଲାଗିଲା । ଏକେ ତ ମୁଁ ପ୍ରୌଢ଼; ଏଣେ ତା ମୋ ମଧ୍ୟରେ ଭଲଭାବର ଭାରି ଅଭାବ । ଏପରି ଅବସ୍ଥାରେ ମୋର ମନେହେଲା, ସତେ ଯେପରି ମୋର ସ୍ତ୍ରୀ ମନରେ ଅଧିକ ରସିକ, ଅଧିକ ଉପଯୁକ୍ତ ପ୍ରେମିକ ପାଇଁ ଗୋଟାଏ କିପରି ବ୍ୟାକୁଳତା ଜାଗି ଉଠିଛି । ତା ଉପରେ ମୋର ଯେ ସନ୍ଦେହ ଅବିଶ୍ୱାସ ପ୍ରଥମରୁ ଥିଲା, ତାହା ତାର ଏ ସୁସ୍ଥ ସବଳ ଦେହ, ଯୁବତୀସୁଲଭ ହାବଭାବ ଦେଖି ଶହେଗୁଣ ବଢ଼ିଗଲା ।"

## — ତେର —

ହଠାତ୍ ସେ ଉଠି ପଡ଼ିଲେ ଏବଂ ଦ୍ରୁତପଦରେ ଯାଇ ରେଳଝରକା ବାଟେ ପାହାନ୍ତିଆର ଘୋର ଅନ୍ଧାରକୁ ଖୋଜି ପକାଇଲା ପରି ଚୁପ୍ ରହିଲେ । ୧୦।୧୫ ମିନିଟ ପରେ ଫେରି ନିଜ ଆସନରେ ନିର୍ବେଦ ହୋଇ ବସି ମୋତେ କହିଲେ—"କ୍ଷମା କରନ୍ତୁ ମହାଶୟ ! ମୋ ହୃଦୟରେ ହଠାତ୍ କିପରି ଗୋଟାଏ ଅଭାବର ନିଆଁ ଜଳି ଉଠୁଛି ।" ସେହିପରି ଆଉ କିଛିକ୍ଷଣ ବସି ରହି ଶେଷରେ ହୃଦୟର କୌଣସି ଉତ୍ତେଜନା ଉପରେ ପଦାଘାତ କଲା ପରି ଭାବଭଙ୍ଗୀରୁ ଦେଖାଇ ସେ ମୋ ପାଖରେ ଆସି ବସି କହିଲେ— "ମୁଁ ଟିକିଏ କାତର କ୍ଲାନ୍ତ ହୋଇ ପଡ଼ିଲିଣି । କିନ୍ତୁ ଗଳ୍ପ ଧାଷ୍ଟ୍ୟ ଶେଷ କରିବାକୁ ହେବ । ଅନେକ ସମୟ ଅଛି । କୁଆଁତାରା ଏ ପର୍ଯ୍ୟନ୍ତ ଉଦୟ ହୋଇନାହିଁ ।"

ଏତିକି କହି ସେ ପୁଣି ତାଙ୍କର ଗଳ୍ପର ସୂତ୍ର ଧରି ଚାଲିଲେ, "ହଁ, କ'ଣ କହୁଥିଲି? — ତାର ସ୍ୱାସ୍ଥ୍ୟ ଉତ୍ତରୋତ୍ତର ବଢ଼ିଲା ଏବଂ ପିଲା ଜନ୍ମ

ହେବା ବନ୍ଦହେଲା ଦିନୁ ସେ ବେଳକୁ ବେଳ ମୋଟେଇଲା ଏବଂ ଆଗ ପିଲାଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ତାର ଯେ ଆକାଂକ୍ଷା ଥିଲା, ତାହା ଏକାବେଳକେ ଦୂର ହୋଇଗଲା ପରି ମନେହେଲା । ସତେ ଯେପରି ସେ ଗୋଟାଏ ନୂଆ ଜୀବନ ଲାଭ କରିଛି — ସେ ଗୋଟାଏ ନୂଆ ସଂସାରରେ ଆସି ହଠାତ୍ ଆବିର୍ଭୂତ ହୋଇଛି । ହଠାତ୍ ଯେପରି ତାର ମନେ ହେଉଛି ; 'ସୁଖ ସମ୍ଭୋଗ ପାଇଁ, ଭୋଗ ବିଳାସ ପାଇଁ, ସାରା ସଂସାର ପଡ଼ିରହିଛି । ମୁଁ ବୃଥାରେ ବୃଥା କଥା-ଗୁଡ଼ାକରେ ଧନ୍ଦି ହେଉଥିଲି । ଏଥର ଆଖି ଖୋଲିଛି ; ଏ ସୁଯୋଗ ଆଜି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଛାଡ଼ିବି ନାହିଁ ।' ସେ ଏପରି ବିଚାରୁଥିଲା କି ନାହିଁ, ଅବଶ୍ୟ ନିର୍ଭର କରି କହିବା ମୋ ପକ୍ଷରେ ଅସମ୍ଭବ । କିନ୍ତୁ ମୋର ଦୃଢ଼ ବିଶ୍ୱାସ ହେଉଥିଲା, ସେ ନିଶ୍ଚୟ ଏପରି ଭାବିଥିବ । ତା ପକ୍ଷରେ ଅନ୍ୟ ପ୍ରକାର ଭାବିବା ଯେ ଅସ୍ୱାଭାବିକ । ପ୍ରେମ ପରି ସଂସାରର ଶ୍ରେଷ୍ଠ ବସ୍ତୁ ବୋଲି ସେ ପିଲାଦିନୁ ଶିଖି ଆସିଛି !

"ଅନ୍ୟପ୍ରକାର ସେ ବିଚାରନ୍ତା କିପରି ? ସେ ଯଦି ଏପରି ବିଚାର ନ କରୁଥାନ୍ତା, ତାହାହେଲେ ପୁଣି ପିଆନୋ ଶିକ୍ଷାରେ ମନ ଦେଲନ୍ତା କାହିଁକି ?

"ଯାହା ହେଉ, ଏହି ପିଆନୋ ଶିକ୍ଷା ହେଲା କାଳ । ଏହି ସୂତ୍ରରେ ସେ ପାପିଷ୍ଠ ନରାଧମ ଆସି ଆମ ଘରେ ଆବିର୍ଭୂତ ହେଲା ଏବଂ ସେହି ପାପିଷ୍ଠ ଯୋଗୁଁ ମୁଁ ଆଜି ସ୍ତ୍ରୀଘାତୀ—ନିଜର ସ୍ତ୍ରୀକି ନିଜେ ହତ୍ୟା କରିଛି ।

"ଏହି ଯାହା କଥା କହିଲି, ସେ ମୋ ବିଚାରରେ ନିରର୍ଥକ କାଟ । ମୋର ସେ ସର୍ବନାଶ ଘଟାଇଲା ବୋଲି ଯେ ମୁଁ ତାକୁ ଏପରି କହୁଛି, ତାହା ନୁହେଁ । ବାସ୍ତବିକ୍ ସେ ନରାଧମ । ତେବେ ସେଥିରେ ବା କଅଣ ଅଛି ? ସେ ନ ହୋଇ ଅନ୍ୟ କେହି ଆସି ପହଞ୍ଚିଥିଲେ ମଧ୍ୟ ଅବସ୍ଥା ବଦଳି ନ ଥାନ୍ତା ।"

ଚନ୍ଦ୍ରମଣି ବାବୁ କିଛିକ୍ଷଣ ଚୁପ୍ ହୋଇ ରହିଲେ, ତା ପରେ କହିଲେ, "ସେ ଜଣେ ସଙ୍ଗୀତଜ୍ଞ ; ଜୀବିକା ଉଦ୍ଦେଶ୍ୟରେ ସଙ୍ଗୀତ ଚର୍ଚ୍ଚା କରେ । ସଙ୍ଗୀତ ବିଷୟରେ ତାର ସଉକ ମଧ୍ୟ ଖୁବ୍ । ତାର ପିତା ଥିଲେ ଜଣେ ଜମିଦାର, ମୋ ପିତାଙ୍କର ପରିଚିତ ବନ୍ଧୁ । ନିଜର ଉଡ଼ା ସ୍ୱଭାବ ଯୋଗୁଁ ଜମିଦାରୀ ହରାଇ

ଦାଣ୍ଡର ଭଉଣୀ ହୋଇଛନ୍ତି । ତାଙ୍କର ତିନୋଟି ପୁଅ । ପ୍ରଥମ ଦୁଇଟି ସମାଜରେ ଉଚ୍ଚ ଅବସ୍ଥାପନ୍ନ । ତୃତୀୟଟି—ମୁଁ ଯାହାଙ୍କ କଥା କହୁଛି ସେ; କଲିକତା ସଙ୍ଗୀତ ବିଦ୍ୟାଳୟରେ ସଙ୍ଗୀତ ଶିକ୍ଷା କରୁଥିଲେ ।

“ଶିକ୍ଷାଫଳରେ ଏବଂ ନିଜର ସଙ୍ଗୀତ ପ୍ରତି ଟିକିଏ ସ୍ପୃହା ଥିବାରୁ ସେ ବେଶ ସଙ୍ଗୀତଜ୍ଞ ହୋଇଥିଲେ । ଏପରି ଲୋକଙ୍କର ଅନ୍ତତଃ ସ୍ତ୍ରୀସମାଜରେ ବେଶ୍ ଖ୍ୟାତି ହେବାର କଥା ।

“ଯାହାହେଉ, ମୋ ଘରେ ଆସି ପାଦ ପକାଇବା ପୂର୍ବରୁ ସେ କଅଣ କରୁଥିଲେ ଜାଣେ ନାହିଁ । ମୁଁ ଏତିକି ଜାଣେ, ସେହି ବର୍ଷ—ଅର୍ଥାତ୍ ମୋର ଜୀବନର ସ୍ମରଣୀୟ ଘଟନା ଯେଉଁ ବର୍ଷ ଘଟିଲା, ସେହି ବର୍ଷ ସେ ମୋ ସାଙ୍ଗରେ ସାକ୍ଷାତ୍ କରିବାକୁ ମୋ ଘରକୁ ଆସିଲେ । ଆଖି ଦୁଇଟି ତାଙ୍କର ବଡ଼ ଅସାଧାରଣ । ଓଠ ଯୋଡ଼ିକ ସବୁବେଳେ ହସହସ । ନିଶ ଦାଢ଼ି କ୍ରମେ କ୍ରମେ ସରୁ ହୋଇ ହୋଇ ପ୍ରାନ୍ତରେ ଛୁଞ୍ଚିମୁନ ପରି ହୋଇଥାଏ । ତନୁ ଟିକିଏ କୃଶ, କିନ୍ତୁ ଗଠନ ଅସୁନ୍ଦର ନୁହେଁ । ସ୍ପଷ୍ଟତଃ ଆମ ସମାଜର ସାଧାରଣ ସ୍ତ୍ରୀ-ଲୋକଙ୍କ ଆଖି ପୁରୁଷଠାରେ ଯାହା ଦେଖିବାକୁ ଇଚ୍ଛା କରେ, ସେ ସବୁ ତାଙ୍କ-ଠାରେ ଥିଲା । ଚେହେରା ଅନୁସାରେ ତାଙ୍କ ବାହାର ଚାଲିଚଳଣ, କଥାବାର୍ତ୍ତା ଢଙ୍ଗ ବେଶ୍ ସୁନ୍ଦର । ଏହି ପୁରୁଷ ତାହାର ଚେହେରା ଚାଲିଚଳଣ ଓ ସଙ୍ଗୀତ ସାହାଯ୍ୟରେ ମୋର ସର୍ବନାଶ ଘଟାଇଛି ।

“ସ୍ତ୍ରୀହତ୍ୟା ଅପରାଧରେ ଯେତେବେଳେ ମୋର ବିଚାର ହେଲା, ସେତେ-ବେଳେ ମୋର ଇତିହାସର ଭିନ୍ନ ଭିନ୍ନ ଘଟଣାଗୁଡ଼ିକ ମୋ ଉକିଲ ଏପରି ସଜାଡ଼ି ବିଚାରପତିଙ୍କ ଆଗରେ ଥୋଇଲେ ଯେ, ବିଚାରପତି କହିଲେ, ‘ସ୍ତ୍ରୀର ଚରିତ୍ର ସ୍ଖଳନ ଯୋଗୁଁ ମୁଁ ତାକୁ ହତ୍ୟା କରିଛି ।’ କିନ୍ତୁ ବାସ୍ତବିକ କଥା ସେପରି ନୁହେଁ । ମୁଁ ସେ ସମ୍ବନ୍ଧରେ ମୋର ଜବାନ୍‌ବନ୍ଦିରେ କଥାଗୁଡ଼ିକ ଠିକ୍ ଠିକ୍ କରି କହିଥିଲି । କିନ୍ତୁ ବିଚାର-ପତି ମନେକଲେ, ସତେ ଯେପରି ମୁଁ ମୋର ସ୍ତ୍ରୀର ସୁନାମ ପ୍ରତିପାଳିତ କରିବା ପାଇଁ ମିଥ୍ୟା କହୁଛି । କିନ୍ତୁ ବାସ୍ତବିକ୍ ସତ କହିବାକୁ ଗଲେ, ସେହି ସଙ୍ଗୀତଜ୍ଞ ସାଙ୍ଗରେ ମୋ ସ୍ତ୍ରୀର ଆଚରଣ କିପରି ଥିଲା, ସେ କଥା ତନ୍ତ୍ରା

କରିବାକୁ ମୋର ଅବସର ନ ଥିଲା । ତାଙ୍କୁ ଅବିଶ୍ୱାସ କରିବାର ପ୍ରକୃତ କାରଣ ଏହି ଯେ, ତା ମୋ ମଧ୍ୟରେ ଯେଉଁ ଭୀଷଣ ସମଭାବର ଅଭାବ ଥିଲା, ସେଥି ଯୋଗୁ ଆମ୍ଭେମାନେ ଏପରି ଗୋଟିଏ ସନ୍ଧିସ୍ଥଳରେ ଆସି ପହଞ୍ଚିଥିଲୁ ଯେ, ସେଥିରେ ଅତି କ୍ଷୁଦ୍ର କାରଣ ଭୀଷଣ ପରିଣାମ ଆଣିବା କିଛି ବିଚିତ୍ର ନୁହେଁ । ଏଥିପୂର୍ବରୁ ଯେ ଭୀଷଣ ପରିଣାମ ଘଟିବାର ସୂଚନା ହୋଇ ନ ଥିଲା, ତାହା ନୁହେଁ । ମୁଁ ଥରେଅଧେ ଆତ୍ମହତ୍ୟା କରି ଏ ବିବାହ ଜୀବନ ସ୍ୱରୂପ ନରକରୁ ଉଦ୍ଧାର ପାଇବା ପାଇଁ ଚେଷ୍ଟା କରିଥିଲି ଏବଂ ସେ ମଧ୍ୟ ଗୋଟିଏ ଦାମ୍ପତ୍ୟ କଳହ ଶେଷରେ ବିଷ ପାନ କରିଥିଲା ।"

## —ଚଉଦ—

"ଆମ୍ଭମାନଙ୍କ ମଧ୍ୟରେ ଯେତେବେଳେ ଏହିପରି ଭାବ, ସେତିକିବେଳେ ସଙ୍ଗୀତଜ୍ଞ—ତାଙ୍କ ନାମ ଲଳିତ ବାବୁ, ଆସି ଆମ ମଧ୍ୟରେ ଠିଆ ହେଲେ । ଦିନେ ସକାଳୁ ସେ ଆସି ଦୁଆର ମୁହଁରେ ମୋ ସଙ୍ଗେ ସାକ୍ଷାତ୍ ମାଗିଲେ । ତାଙ୍କୁ ଭିତରକୁ ଡାକି ଆଣିବା ପାଇଁ ମୁଁ ଚାକରକୁ ଆଦେଶ ଦେଲି । ଆଗରୁ ତାଙ୍କ ମୋ ମଧ୍ୟରେ ପ୍ରଣୟ ଥିଲା । ସେ ସେହି ପ୍ରଣୟ-ସୂତ୍ରରେ ମୋ ସଙ୍ଗରେ ଏତେଦିନ ପରେ ଆସି ମୈତ୍ରୀ ସ୍ଥାପନ କରିବାକୁ ବସିଲେ ଏବଂ ଅତି ବନ୍ଧୁଭାବର ପରିଚିତ ପରି ମୋ ସଙ୍ଗରେ କଥାବାର୍ତ୍ତା ଆରମ୍ଭ କଲେ । ତାଙ୍କ ଚେହେରା,ଭାବଭଙ୍ଗୀ ମୋତେ ସୁଖ ଲାଗୁ ନ ଥାଏ । ତେଣୁ ମୁଁ ଠିକ୍ ଆରମ୍ଭରୁ ସ୍ପଷ୍ଟ ଜଣାଇଦେଲି ଯେ, ତାଙ୍କ ସଙ୍ଗରେ ମିତ୍ରତା ସ୍ଥାପନ କରିବା ପ୍ରବୃତ୍ତି ମୋଠାରେ ନାହିଁ; କିନ୍ତୁ ମୋ କଥାବାର୍ତ୍ତାରୁ ଏ ସଙ୍କେତ ପାଇ ସେ ହାର ମାନିବା ଲୋକ ନୁହନ୍ତି । ମୁଁ ତାଙ୍କ ସଙ୍ଗରେ ଯେଭଳି ବ୍ୟବହାର କରିବାକୁ ଇଚ୍ଛୁକ, ସେ ସତେ ଯେପରି ଠିକ୍ ସେହି ବ୍ୟବହାର ଆଶା କରନ୍ତି । ସେ କଥା ତାଙ୍କର କଥାବାର୍ତ୍ତାର ଢଙ୍ଗ ଟିକିଏ ବଦଳାଇ ଦେଇ ମୋତେ ଜଣାଇଦେଲେ ।

ଲଳିତବାବୁ ନାଗ୍ରେଜବନ୍ଧା ହେବାର ଦେଖି ସେହିଠାରେ ଟିକଏ ଅଭଦ୍ରତା ଆଚରଣ କଲି । ତାଙ୍କୁ ଘରୁ ବିଦାୟ କରି ଦେଇଥିଲେ ସବୁ ଗଣ୍ଡଗୋଳ ତୁଟି ଯାଇଥାନ୍ତା ; କିନ୍ତୁ କେଜାଣି କାହିଁକି ମୋ ହୃଦୟରେ ସେ ବଳଟିକକ ହେଲା ନାହିଁ । ତାଙ୍କ ସାଙ୍ଗରେ କିଛିକ୍ଷଣ କଥାବାର୍ତ୍ତାପରେ ତାଙ୍କୁ ଭଦ୍ରଭାବରେ ବିଦାୟ ଦେଇଥିଲେ ମଧ୍ୟ ଚଳିଥାନ୍ତା । ମୋର ସ୍ତ୍ରୀ ସଙ୍ଗରେ ତାଙ୍କର ପରିଚୟ କରାଇ ନ ଦେଇଥିଲେ ବେଶ୍ ହୋଇଥାନ୍ତା ।

"କିନ୍ତୁ ମୁଁ ସେ କଥା କଲି ନାହିଁ । ତାଙ୍କ ସାଙ୍ଗରେ ସଙ୍ଗୀତଚର୍ଚ୍ଚା କରିବାକୁ ବସିଲି । ମୋ ସ୍ତ୍ରୀ ସଙ୍ଗୀତଚର୍ଚ୍ଚା କରୁଛନ୍ତି ବୋଲି ତାଙ୍କୁ ଜଣାଇ ଦେଲି । ସ୍ତ୍ରୀ ସହିତ ତାଙ୍କର ପରିଚୟ କରାଇ ଦେଲି ଏବଂ ସେ ମୋ ସ୍ତ୍ରୀଙ୍କୁ ସଙ୍ଗୀତ-ଚର୍ଚ୍ଚାରେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଲେ ।

"ସେ ମୋ ଘରେ ଗୋଡ଼ ପକାଇଲା ବେଳୁ ତାଙ୍କ ପ୍ରତି କେଜାଣି କାହିଁକି ମୋର ଯେଉଁ ଘୃଣା ଜାତ ହୋଇଥିଲା, ତାହା ବଢ଼ୁଥାଏ ପଛେ, କମୁ ନ ଥାଏ । ସେ ମୋର ଯେ ସର୍ବନାଶ ଘଟାଇଥିଲେ. ତାହା ଘଟି ସାରିବା ପରେ ତାଙ୍କ ପ୍ରତି ମୋର ଯେ ଭାବ ହେବାର କଥା, ସେଭାବ କେଜାଣି କିପରି ସେହିଦିନ ମୋ ହୃଦୟରେ ଜାତ ହୋଇଥିଲା । ତଥାପି ତାଙ୍କୁ ମୁଁ ତଡ଼ିଦେଇ ପାରିଲି ନାହିଁ । ପାରିଲି ନାହିଁ ମୋର ସ୍ତ୍ରୀ ଯୋଗୁଁ ।

"ତାଙ୍କ ସଙ୍ଗରେ ଦେଖାହେଲା ମାତ୍ରେ ସେ ଯେ ତାଙ୍କ ପ୍ରତି ଅନୁରକ୍ତ ହୋଇଗଲେ, ସେ କଥା ମୁଁ ବେଶ୍ ବୁଝି ପାରିଲି ; କିନ୍ତୁ ସେ ମୋଠାରୁ ତାଙ୍କ ପ୍ରକୃତ ଭାବ ଲୁଚାଇବାକୁ ଖୁବ୍ ଚେଷ୍ଟା କରୁଥାନ୍ତି । ତାଙ୍କ ସଙ୍ଗରେ କଥାବାର୍ତ୍ତା ହେବାବେଳେ ଆଡ଼େଇ ଆଡ଼େଇ ଥରକୁ ଥର ମୋ ଆଡ଼କୁ ଚାହୁଁଥାନ୍ତି ; ସତେ ଯେପରି ବୁଝିବାକୁ ଚେଷ୍ଟା କରୁଥାନ୍ତି । ମୁଁ ତାଙ୍କ ହୃଦୟର ପ୍ରକୃତ ଭାବ ଭାବ ଜାଣି ପାରୁଛି କି ନାହିଁ ।

"ମୁଁ ତାଙ୍କୁ ସନ୍ଦେହ କରୁଛି କି ନାହିଁ, ତାଙ୍କର ଏହି ଚାହାଣୀ ଦେଖି ମୁଁ ମନକୁ ମନ କହିଲି — 'ହଁ', ତୁମେ ଅନ୍ୟର ପ୍ରେମରେ ପଡ଼ିବାର ଦେଖି ମୁଁ ଈର୍ଷା କରୁଛି ବୋଲି ଭାବୁଛ ପରା । ତେବେ ଦେଖ ତୁମକୁ କିପରି ଶେଷଯାଏ ସୁବିଧା ଓ ସୁଯୋଗ ଦେବି ।' ଲଳିତ ବାବୁ ମୋ ପ୍ରତି ସନ୍ଦେହ-

ପୂର୍ଣ୍ଣ ଭାବରେ ଥରେ ଥରେ ଚାହିଁବାର ଦେଖି ମୁଁ ତାଙ୍କୁ ମନେ ମନେ କହିଲି, 'ତମେ ଭାବୁଛ କି, ତମେ ମୋର ସ୍ତ୍ରୀକୁ ମୋ ହାତରୁ ଛଡ଼ାଇନେବ ବୋଲି ? ମୋର ଭୟ ହେଉଛି । ତେବେ ଦେଖ ମୁଁ ତୁମ୍ଭଙ୍କୁ କେତେଦୂର ପ୍ରଶ୍ରୟ ଦେଇପାରେ ।' ଏହାପର ଦିନର ସନ୍ଧ୍ୟାବେଳେ ଆସି ମୋ ସ୍ତ୍ରୀଙ୍କୁ ସଙ୍ଗୀତ ଚର୍ଚ୍ଚାରେ ସାହାଯ୍ୟ କରିବା ପାଇଁ ମୁଁ ତାଙ୍କୁ ନିମନ୍ତ୍ରଣ କଲି । ମୋର ସ୍ତ୍ରୀ ଆଶ୍ଚର୍ଯ୍ୟରେ, ଭୟରେ ଏବଂ ବୋଧହୁଏ ଲଜ୍ଜାରେ ମୋ ଆଡ଼କୁ ଟିକିଏ ଚାହିଁ "ନା ସେ ଆସିବା କିଛି ପ୍ରୟୋଜନ ନାହିଁ" ବୋଲି ଅସ୍ପଷ୍ଟ ଭାବରେ କହିଲେ । କିନ୍ତୁ ସେ ମନାକରିବା ଦେଖି ମୁଁ ବେଶୀ ଜିଦ୍ ଧରିଲି ଏବଂ ସନ୍ଧ୍ୟାବେଳେ ନିଶ୍ଚୟ ଆସିବାକୁ ମୁଁ ଲଳିତ ବାବୁଙ୍କୁ ବାରମ୍ବାର ଅନୁରୋଧ କଲି ।

"ଏହି ଅନୁରୋଧ କଲା ବେଳେ ତାଙ୍କର ଗୌରବର୍ଣ୍ଣ ସୁଗଠିତ ଦେହ ଏବଂ କୃଷ୍ଣ ସୁଚିକ୍କଣ କେଶରାଶି ଯେ ମୋ ମନରେ ନ ଥାଏ, ତାହା ନୁହେଁ । ସେ ମୋର ଅନୁରୋଧ ରକ୍ଷା କରି ସନ୍ଧ୍ୟାବେଳେ ଆସିବାକୁ ପ୍ରତିଶ୍ରୁତ ହେଲେ ।

"ସନ୍ଧ୍ୟାବେଳେ ସେ ଆସିଲେ ଏବଂ ବହୁତ ସମୟ ଯାଏ ଦୁଇଜଣଙ୍କର ଗାଉଣାବାଜଣା ଚାଲିଲା; କିନ୍ତୁ ସେ ଦୁହିଁଙ୍କର ଗାଉଣା ବାଜଣାରେ ମେଳ ନ ଥାଏ । ମୋ ସ୍ତ୍ରୀ ଯେଉଁ ଗାନଟି ଭଲ ବଜାଇ ଜାଣନ୍ତି, ତାହା ଲଳିତ ବାବୁଙ୍କୁ ଜଣା ନ ଥିଲା ଏବଂ ଲଳିତ ବାବୁଙ୍କ ଓସ୍ତାଦି ଗାନସବୁ ମୋ ସ୍ତ୍ରୀ-ହାତରେ ଭଲକରି ହେଉ ନ ଥାଏ । ଅବଶେଷରେ ଦୁଇଜଣଯାକ ଏକ ପ୍ରକାର ଚଳନୀୟ ଭାବରେ କେତୋଟି ଗାନ ଗାଇ ସେ ଦିନ ପାଇଁ ସଙ୍ଗୀତ-ଚର୍ଚ୍ଚା ସାଙ୍ଗ କଲେ । ମୁଁ ପାଖରେ ବସି ଦୁଇଜଣଙ୍କର ମନୋଭାବ ତନ୍ନ ତନ୍ନ କରି ପରୀକ୍ଷା କରିବାରେ ଲାଗିଥାଏ । ଅବିଶ୍ୱାସ ଓ ଈର୍ଷାରେ ମୋ ହୃଦୟ ଜଳି ଯାଉଥାଏ । ମୁଁ ମନେ କରୁଥାଏ, ସତେ ଯେପରି ସେ ଦୁହେଁ ପରସ୍ପର ଭିତରେ ନବଜାଗ୍ରତ ପ୍ରେମ ଯୋଗୁଁ ସୁନ୍ଦର ଗାନ କରିପାରୁ ନାହାନ୍ତି ।

"ମତେ ସେଦିନ ଆଉରି ଗୋଟିଏ କଥା ବେଶୀ ଲାଗିଲା । ମୁଁ ସେ ଦିନ ବୁଝିଲି, ମୁଁ ପାଖରେ ବସିଲେ ମୋ ସ୍ତ୍ରୀଙ୍କ ହୃଦୟରେ ଘୋର ବିରକ୍ତି ଆସୁଛି । ମୋ ଯୋଗୁଁ ସେ ଲଳିତ ବାବୁଙ୍କ ସଙ୍ଗ ସମ୍ପୂର୍ଣ୍ଣ ଉପଭୋଗ

କରିବାକୁ ସତେ ଯେପରି ଅକ୍ଷମ ହେଉଛନ୍ତି । ସେହି ଦିନ ମୋତେ ଜଣା-ପଡ଼ିଲା ଯେ ଲଳିତ ବାବୁ ମୋ ସ୍ତ୍ରୀଙ୍କ ମନମୁତାବକ ଉପଯୁକ୍ତ ସୁରସିକ । ଏହିଦିନଠାରୁ ଓ ଭବିଷ୍ୟତରେ ସଙ୍ଗୀତଚର୍ଚ୍ଚା-ବ୍ୟାଜରେ ଏମାନେ ଯେ ନିଶ୍ଚୟ ଅଧିକ ପରସ୍ପରର ସଙ୍ଗ ଲାଭ କରିବାରେ ପଶ୍ଚାତ୍ପଦ ହେବେ ନାହିଁ ଏବଂ ଶେଷରେ ସଙ୍ଗୀତ ବଳରେ ଲଳିତ ବାବୁ ମୋ ସ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ଆପଣାର କରି ନେବେ, ଏହି ଭୟ ସେଦିନ ମୋ ହୃଦୟକୁ ବିଦାରି ପକାଉଥାଏ । ମୁଁ ଭିତରେ ଘୋର ଯନ୍ତ୍ରଣା ଅନୁଭବ କରୁଥାଏ; କିନ୍ତୁ ଏ ସମସ୍ତ ସତ୍ତ୍ୱେ ମୁଁ ତାଙ୍କୁ ରୂଢ଼ ବ୍ୟବହାର ଦେଖାଇବା ଦୂରେ ଥାଉ, ତାଙ୍କ ସଙ୍ଗରେ ଅତି ସ୍ନେହ ସମ୍ଭାଷଣ କଲି ଏବଂ ଏହିପରି ବେଳେ ବେଳେ ଆସି ମୋର ସ୍ତ୍ରୀଙ୍କୁ ସାହାଯ୍ୟ କରିବା ଦ୍ୱାରା ମୋତେ କୃତାର୍ଥ କରନ୍ତୁ ବୋଲି ତାଙ୍କୁ ଅନୁରୋଧ କଲି । ମୁଁ ଯେ କାହିଁକି ଏପରି କଲି, ବର୍ତ୍ତମାନ ବୁଝି ପାରୁ ନାହିଁ । ମୁଁ ଯେ ମୋ ସ୍ତ୍ରୀଙ୍କୁ ଅବିଶ୍ୱାସ କରେ ନାହିଁ, ଏକଥା ତାଙ୍କୁ ଜଣାଇ ଦେବାପାଇଁ ନା ନିଜକୁ ନିଜେ ଠକାଇବା ପାଇଁ ମୁଁ ଏପରି କଲି, ତାହା ମୁଁ ନିଃସନ୍ଦେହ ଭାବରେ ବୁଝିପାରୁ ନାହିଁ । ତାଙ୍କୁ ସେହି ସ୍ଥାନରେ ହତ୍ୟା କରିବାପାଇଁ ମୋର ମନରେ ପ୍ରବୃତ୍ତି ହେଉଥାଏ, କିନ୍ତୁ ତହିଁ ପରିବର୍ତ୍ତେ ମୁଁ ତାଙ୍କୁ ବହୁମୂଲ୍ୟ ସାମଗ୍ରୀ ସ୍ନେହରେ ଖୁଆଇଲି, ହତ୍ୟା ନକରି ଅନ୍ତତଃ କୋତା ମାରି ମାରି ତାଙ୍କୁ ସଦର ଦରଜା ପାରି କରି ଦେଇଥିଲେ କିଛି ଅନ୍ୟାୟ ହେବ ନାହିଁ ବୋଲି ବୁଝୁଥିଲେହେଁ ମୁଁ ତାଙ୍କୁ ଭବିଷ୍ୟତରେ ଆସିବାକୁ ସନିର୍ବନ୍ଧ ଅନୁରୋଧ କଲି ଏବଂ ମୋର ସଙ୍ଗୀତ-ଶ୍ରଦ୍ଧାଳୁ ବନ୍ଧୁମାନଙ୍କୁ ଡାକି ଦିନେ ତାଙ୍କ ସଙ୍ଗୀତ ସେମାନଙ୍କୁ ଶୁଣାଇବି ବୋଲି ଇଚ୍ଛା ପ୍ରକାଶ କଲି । ମୋର ସର୍ବନାଶର କାରଣ ସେହି ନରପିଶାଚ ସଙ୍ଗରେ ପ୍ରଥମଦିନର ସମ୍ଭାଷଣ ଏହିପରି ଶେଷ ହେଲା ।"

## —ପନ୍ଦର—

"ଦୁଇ ତିନିଦିନ ପରର କଥା । ସନ୍ଧ୍ୟା ପ୍ରାୟ ୭ଟା । ମୁଁ ମୋର ସଙ୍ଗୀମାନଙ୍କ ସହିତ ମଉଜ ମଜଲିସରେ ସାରାଦିନ କଟାଇ ନଦୀକୂଳରେ

ଟିକିଏ ପବନ ଖାଇ ଘରକୁ ଫେରୁଛି । ଘର ଭିତରେ ଗୋଡ ଦେବା ସଙ୍ଗେ ସଙ୍ଗେ ମୋତେ କାହିଁକି ଭାରି ମାଡ଼ ପଡ଼ିଲା । ଘର ଭିତରେ ପଶିବାକୁ ମନ ହେଲା ନାହିଁ । ଅନିଚ୍ଛା ଓ ଗୋଟାଏ କମୂଳ କମାକାର ଶଙ୍କାରେ ମୁଁ ତରବର ହୋଇ ଉପର ମହଲାକୁ ଉଠିଲି । ଅଧେ ଶିଡ଼ି ଉଠିଛି, ଭାବିଲି ଏପରି ମାଡ଼ ପଡ଼ିବାର କାରଣ କଅଣ ? ଦାଣ୍ଡଘର ମିଞ୍ଜିମିଞ୍ଜି ଆଲୁଅରେ ଗୋଟାଏ କଟ୍ଟି ଥୁଆ ହୋଇଥିବାର ମନେ ପଡ଼ିଲା । ଫେରିଯାଇ ପୁଣି ଦେଖିଲି, ଖଣ୍ଡିଏ ବାଡ଼ି—ଖୁବ୍ ସଉଖିନ୍ । ବୋଧହୁଏ, ସେହି ସଉଖିନ ଲଳିତ ବାବୁଙ୍କର ହୋଇଥିବ ପରା—ନିଶ୍ଚୟ ତାଙ୍କର । ନ ହେଲେ ଘର ମୋତେ ମାଡ଼ ପଡନ୍ତା କାହିଁକି ? ତାଙ୍କର ଅତି କ୍ଷୀଣ ଗନ୍ଧ ଟିକିଏ ପାଇଲେ ମୋର ହୃଦୟରେ ଯେ ନିଆଁ ଜଳି ଉଠେ, ତାହା ଜଳନ୍ତା କାହିଁ କି ?

"ତେବେ ଲଳିତ ବାବୁ ନିଶ୍ଚୟ ବର୍ତ୍ତମାନ ଘରେ ଅଛନ୍ତି । ମୋ ସ୍ତ୍ରୀ ସଙ୍ଗରେ ମୋର ଅନୁପସ୍ଥିତିରେ ସଙ୍ଗୀତାଳାପ ଏବଂ ସଙ୍ଗୀତାଳାପ-ବ୍ୟାଜରେ ପ୍ରେମାଳାପ ନିଶ୍ଚୟ କରୁଥିବେ । ଖୁବ୍ ଛପି ଛପି ଉପରକୁ ଉଠିଲି ; କିନ୍ତୁ ପିଆନୋ ଥୁଆ ହୋଇଥିବା ବୈଠକଖାନା ପାଖବାଟେ ଗଲି ନାହିଁ ।

"ବୁଲିକରି ପିଲାମାନଙ୍କର ପଢ଼ାଘରକୁ ଗଲି । ସେମାନେ ପଢୁଛନ୍ତି ମାଷ୍ଟରାଣୀ ତାଙ୍କର ବସି ମୋ ଜ୍ୟେଷ୍ଠ ଝିଅକୁ କଅଣ ପଢାଉଛନ୍ତି । ଏହି ପଢ଼ାଘରକୁ ଲାଗି ବୈଠକଖାନା । ଦୁଇଘରର ଅନ୍ତର କାନ୍ଥରେ ଗୋଟିଏ ଦୁଆର ଫିଟିଛି । ଆଉଜା ଦୁଆରର ଫାଟବାଟେ ଲଳିତ ବାବୁ ଓ ମୋ ସ୍ତ୍ରୀର ଅସ୍ପଷ୍ଟ ସ୍ୱରର ଶବ୍ଦ ଶୁଣା ଯାଉଥାଏ ।

"ହଁ, ମୋ ନିଜ ଘରେ ପିଲାଟିମାନଙ୍କର ଏତେ ନିକଟରେ ଗୋଟାଏ କାହିଁ ଅଇଲା ଲୋକ ସଙ୍ଗରେ ପ୍ରେମାଳାପ ଚାଲିଛି । ହୃଦୟର ସେହି ନିଆଁ ଆହୁରି ହୁତୁହୁତୁ ହୋଇ ଜଳିଲା । ପିଆନୋର ଶବ୍ଦ ଟିକିଏ ଟିକିଏ ହେଉ-ଥାଏ । କିନ୍ତୁ ମୁଁ ବୁଝିଗଲି, ଏହି ପିଆନୋ ଶବ୍ଦ ଗୋଟାଏ ଛଳନା । ଏମଧ୍ୟରେ କେତେ ମଧୁର ପ୍ରେମାଳାପ ଚାଲିଥିବ ? ଚୁମ୍ବନ ମଧ୍ୟ ନ ହେଉଥିବ ବୋଲି କିଏ କହିବ ? କେତେ ପ୍ରକାର ପାପଚିନ୍ତା ମୋ ମନକୁ ଛୁଇଁଲା । ଆଜି ସେ ଦୃଶ୍ୟର ସ୍ମୃତିରେ ମୁଁ ବିହ୍ୱଳ ହୋଇ ଯାଉଛି ।"

ଏହା କହି ଚନ୍ଦ୍ରମଣି ବାବୁ ଘୋଡ଼ହେବା ଗହ୍ୱରରେ ମୁହଁକୁ ବନ୍ଦ କରି କେତେ ବେଳଯାଏ ନିର୍ବାକ ହୋଇ ରହିଲେ । ବର୍ତ୍ତମାନ ସୁଦ୍ଧା ତାଙ୍କ ହୃଦୟ ଏତେଦୂର ବିଚଳିତ ହୋଇଯାଉଛି ଦେଖି ମୁଁ ଆଶ୍ଚର୍ଯ୍ୟ ହେଉଥାଏ । ହଠାତ୍ ପୁଣି ସେ ମୁହଁ ବାହାର କରି କହିବାକୁ ଲାଗିଲେ ।

“କବାଟ ଆରପାଖେ କଅଣ ହେଉଥିବ, ଅନୁମାନ କରି ମୋର ହୃଦ୍‌ଯନ୍ତ୍ର ଯେପରି ସ୍ତବ୍ଧ ହୋଇଗଲା । କ୍ରୋଧ, ଘୃଣା ଏବଂ ଆତ୍ମଗ୍ଳାନି ମୋତେ ଅଧିକାର କରି ବସିଲା । ପିଲମାନଙ୍କ ଆଗରେ ସେମାନଙ୍କ ମାଷ୍ଟ୍ରାଣୀ ଆଗେ ଏହି କଥା ହିଁ ମୋତେ ବେଶୀ ବାଧୁଥାଏ । ମୋ ମୁହଁରେ ହୃଦୟ-ଚିନ୍ତା ନିଶ୍ଚୟ ପ୍ରତିଫଳିତ ହୋଇଥିବ । ପିଲାଟିମାନେ ମୋତେ ଦେଖି ଭୟତ୍ରସ୍ତ ହୋଇଗଲେ । ମାଷ୍ଟରାଣୀ ମୋତେ ପଚାରିଲେ, ‘କଅଣ ହେଲା କି ?’ ମୁଁ ଏ ପ୍ରଶ୍ନର କିଛି ଉତ୍ତର ନ ଦେଇ ମୋର ସ୍ୱାଭାବିକ ମୁଖଭଙ୍ଗୀ ଫେରାଇ ଆଣିବାକୁ ଯଥେଷ୍ଟ ଚେଷ୍ଟା କରି ହଠାତ୍ ଦୁଆର ଖୋଲି ଦେଇ ବୈଠକଖାନା ଭିତରକୁ ପଶିଲି । ସେ ପିଆନୋ ପାଖରେ ବସି ବଜାଉଛନ୍ତି । ମୋ ସ୍ତ୍ରୀ ଗୋଟିଏ କୋଣକୁ ସଙ୍ଗୀତ ବହିଟାଏ ଧରି ତାଙ୍କ ଚାହିଁଛନ୍ତି । ମୋ ପଶିବାର ଶବ୍ଦ ଶୁଣି ସେ ହଠାତ୍ ମୋ ଆଡ଼କୁ ମୁହଁ ଫେରାଇଲା । ମୋତେ ଦେଖି ତାର ବେଶୀ ଭୟ ହୋଇ-ଥିଲା ଏବଂ ତେଣୁ ସେ ଛଳନା କରି ନିଶ୍ଚିନ୍ତ ମୁଖଭଙ୍ଗୀ ଦେଖାଉଥିଲା ନା ବାସ୍ତବିକ୍ ତାର ନିର୍ମଳ ସ୍ୱଭାବ ଯୋଗୁଁ ତା ମୁଖଭଙ୍ଗୀ ପ୍ରଶାନ୍ତ ଥିଲା, ମୁଁ କହିପାରିବି ନାହିଁ । ତାହାର ମୁହଁରୁ ଟିକିଏ ହେଲେ ଭୟ, ଶଙ୍କା ବା ସନ୍ଦେହର ଚିହ୍ନ ଦେଖିପାରିଲି ନାହିଁ ।

“ସେ କହିଲା, ‘ତମର ଆଜି ଉଛୁର ହେବାର ଦେଖି ମୁଁ ବଡ଼ ଚିନ୍ତିତ ଥିଲି । ଆମେ ଆସନ୍ତା ରବିବାର ଦିନ କେଉଁ ଗୀତ ବୋଲିବୁ, ତାହା ବସି ସ୍ଥିର କରୁଛୁ ।’ ସେ ବର୍ତ୍ତମାନ ଯେଉଁ ସ୍ୱରରେ କଥା କହିଲା, ଆମେ ଦୁହେଁ ଏକାନ୍ତରେ ଥିଲେ ଏପରି ସ୍ୱର ସେ କେବେ ବ୍ୟବହାର କରେ ନାହିଁ । ସ୍ୱରର ଅଯଥା ମଧୁରତା, କଥାର ଭଙ୍ଗୀ ଏବଂ ‘ଆମେ’ ପଦଟି ମୋତେ ଅଧିକ ଚିଡ଼େଇଦେଲା । ମୁଁ କିଛି ନ କହି ମଉନରେ ଲଳିତ ବାବୁଙ୍କୁ ନମସ୍କାର କଲି । ସେ ମୋତେ ଅତି ବିନୀତ ଭାବରେ ହସି ହସି ପ୍ରତିନମସ୍କାର କରିବା

ସଙ୍ଗେ ସଙ୍ଗେ ତାଙ୍କର ଏପରି ଆସିବାର କାରଣ ଏବଂ ରହିବାର ପାଇଁ ସଙ୍ଗୀତ ବାଛିବାର କଠୋରତା ବିଷୟରେ ସମଞ୍ଜାସି ଧୈର୍ଯ୍ୟପ୍ରଦ କଥା କହିଲେ । କଥାଗୁଡ଼ିକ ବଡ଼ ସରଳ । ସେଥିରେ ଅସ୍ୱାଭାବିକ ବା ଦୋଷାବହ କିଛି ନ ଥିଲା । କିନ୍ତୁ ତାକୁ ଶୁଣିବା ମାତ୍ରେ ମୁଁ ସ୍ଥିର କରି ନେଲି, ମୋତେ ଠକିବା ପାଇଁ ଏ ଉଦ୍ୟମ ଚାଲିଛି ।

"ଆମ ସମାଜରେ ପରପୁରୁଷ ଓ ପରସ୍ତ୍ରୀ ଏକ ସଙ୍ଗରେ ଆହାର ଓ ଆମୋଦ ପ୍ରଭୃତି କରିବାର ବ୍ୟବସ୍ଥା ଅଛି ଏବଂ ଆପଣଙ୍କ ହିନ୍ଦୁସମାଜର ଲୋକେ ଏହାକୁ ଆଦର୍ଶ ବୋଲି ଧରି ଶିକ୍ଷାର ପ୍ରଚାର ସଙ୍ଗେ ଏପରି କରିବାକୁ ସଚେଷ୍ଟ ହେଉଛନ୍ତି । ଆହୁରି ମଧ୍ୟ ସଙ୍ଗୀତଚର୍ଚ୍ଚା ପ୍ରଭୃତି କାର୍ଯ୍ୟରେ ଯେଉଁମାନେ ଯୋଗ ଦେବେ, ସେମାନେ ଏପରି ସଂସ୍କାରକୁ ଦୂର ଅଲଗା ଅଲଗା ବସିବେ ବା କିପରି ? କିନ୍ତୁ ମୋ ସ୍ତ୍ରୀ ଲଳିତ ବାବୁଙ୍କର ଏତେ ନିକଟରେ ବସିବାର ଦେଖି ମୁଁ ଈର୍ଷା ଓ ଅବିଶ୍ୱାସରେ ଜଳିଗଲି । ମୁଁ ନିର୍ଭରରେ କହିପାରେ ଏମିତି କୌଣସି ସ୍ୱାମୀ ନାହାଁନ୍ତି, ଯେ କି ଏପରି ଘଟଣାରେ ହୃଦୟକୁ ଅନାବିଳ ରଖିପାରିଥାନ୍ତି । ଦୁଇଜଣ ଏକ ସଙ୍ଗରେ ବସି ସଙ୍ଗୀତ ଚର୍ଚ୍ଚା କରିବା, ଡାକ୍ତର ସ୍ତ୍ରୀର ଦେହ ପରୀକ୍ଷା କରି ଔଷଧ ବ୍ୟବସ୍ଥା କରିବାରେ ଅବିଶ୍ୱାସ କଲେ ଆଜିକାଲିର ସଭ୍ୟ ସମାଜ ଉପହାସ କରିପାରନ୍ତି; କିନ୍ତୁ ନିଜ ସମ୍ପର୍କରେ ଏପରି ଘଟିଲେ, ଏହି ଉପହାସକାରୀମାନେ ଅବିଶ୍ୱାସ କରନ୍ତେ ନାହିଁ କି ? ଆହୁରି ମଧ୍ୟ ଏହିପରି ସଙ୍ଗୀତଚର୍ଚ୍ଚା ବା ଡାକ୍ତରୀ ପରୀକ୍ଷା ସ୍ୱରୂପ ନିରୀହ କାର୍ଯ୍ୟସୂତ୍ରରେ ଆମ ସମାଜର କେତେଗୁଡ଼ିଏ ଜଘନ୍ୟ ଅନାଚାର ଓ ପାପ ଘଟୁ ନାହିଁ କି ? ସେ ଯାହାହେଉ, ଏସବୁ ମୋର ନିଜର ଚିନ୍ତା ଓ ନିଜର ମତ ।

"ମୋର ବିଚଳିତ ଭାବ ଦେଖି ସେ ଦୁହେଁ ଟିକିଏ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ । କିଛିକ୍ଷଣ ସମୟଯାଏ ମୁଁ କିଛି ନ କହି ଚୁପ ହୋଇ ରହିଲି । ମୋର ହୃଦୟ ଆବେଗରେ ଏତେ ପରିପୂର୍ଣ୍ଣ ହୋଇଥାଏ ଯେ, ସେଥିରୁ କିଛି କଥା ସେତେବେଳେ ବାହାରୁ ନ ଥାଏ । ଦୁଇଜଣଙ୍କୁ ଭୀଷଣ ଗାଳି ଦେଇ ଲଳିତ ବାବୁଙ୍କୁ ବଳାତ୍କାରରେ ଘରୁ ବାହାର କରିଦେବାକୁ ମନ ହେଲା;

କିନ୍ତୁ ଠିକ୍ ବିପରୀତ ଆଚରଣ କଲି । ହସି ହସି ତାଙ୍କୁ ବେଶ୍ ମଧୁର ବ୍ୟବହାର ଦେଖାଇଲି ତାଙ୍କ ସଙ୍ଗୀତଜ୍ଞାନର ଭୂୟସୀ ପ୍ରଶଂସା କଲି । ସେ ମୋର ଏପ୍ରକାର ବ୍ୟବହାରରେ ଆଉ ଟିକିଏ ସମୟ ରହିବାକୁ ସାହସୀ ହୋଇ ମଧୁର ବାକ୍ୟାଳାପରେ ମୋର ଦୁଶ୍ଚିନ୍ତାସବୁ ଦୂର କରିବା ପାଇଁ ଧୂର୍ତ୍ତତାର ଚେଷ୍ଟା କଲେ ଏବଂ ମୋ ମନରୁ ଦୁଶ୍ଚିନ୍ତା ସମ୍ପୂର୍ଣ୍ଣ ଦୂର ହେଲା ବୋଲି ବିଶ୍ୱାସ କରିବା ପରେ ବିଦାୟ ନେବାକୁ ବାହାରିଲେ ! ମୁଁ ହସି ହସି ତାଙ୍କ ସଙ୍ଗରେ ଦାଣ୍ଡଦୁଆର ପର୍ଯ୍ୟନ୍ତ ଗଲି । ବିଦାୟବେଳେ ହାତ ମିଳାଇବା ପାଇଁ ହାତ ବଢ଼ାଇ ଦେଲି । ସେ ଖୁବ୍ ଆନ୍ତରିକତାର ସହିତ ମୋର ହସ୍ତ କମ୍ପନ କଲେ । ଏ ଦିନ ମଧ୍ୟ ହୃଦୟର ଭାବ ଗୋପନ କରି ରଖିଲି ; ମିଥ୍ୟାଚାର୍ ଅବଲମ୍ବନ କଲି !"

## —ଷୋହଳ—

"ସେଦିନ ରାତି ଏବଂ ତହିଁ ଆରଦିନ ସାରା ସକାଳ ଭଲକରି ମୁଁ ମୋର ସ୍ତ୍ରୀ ମୁହଁକୁ ଚାହିଁ ପାରିଲି ନାହିଁ ବା ତା ସଙ୍ଗରେ କଥାବାର୍ତ୍ତା ହେଲି ନାହିଁ । ପୂର୍ବ ସନ୍ଧ୍ୟାର ଭାବ ମୋ ମନରୁ ଯାଉ ନ ଥାଏ । ସତେ ଯେପରି ମୋ ସ୍ତ୍ରୀର ଛାଇ ମୋ ଉପରେ ପଡ଼ିଗଲେ, ଦେହ ନିଆଁ ହୋଇ ଯାଉଥାଏ । ସକାଳ ପ୍ରାୟ ବାରଟା ବେଳେ ସେ, ମୁଁ ଓ ପିଲାମାନେ ଏକ ସଙ୍ଗରେ ଖାଇବାକୁ ବସିଲୁ ଏବଂ କିଛି ସମୟ ପରେ ଖାଉ ଖାଉ ସେ ମୋତେ ପଚାରିଲା, 'ତମେ କେଉଁ ଦିନ ପୁରୀ ଯିବ କି'? ଗୋଟାଏ ଗୁରୁତର କାର୍ଯ୍ୟରେ ମୋର ପୁରୀ ଯାଇ ସେଠାରେ କିଛିଦିନ ରହିବାକୁ ଥିଲା ଏବଂ ପ୍ରାୟ ୧୫ଦିନ ପୂର୍ବରୁ ମୁଁ ସେ କଥା ମୋର ସ୍ତ୍ରୀକୁ କହିଥିଲି । ବର୍ତ୍ତମାନ ମୋର ସ୍ଥାନାନ୍ତର ଯିବା ବିଷୟରେ ଏପରି ପ୍ରଶ୍ନ ବିଶେଷତଃ ପିଲାମାନଙ୍କ ଆଗରେ ପଚାରିବା ମତେ ସୁଖ ଲାଗିଲା ନାହିଁ ମୁଁ ଶୀଘ୍ରକରି ଯିବାର ଦିନ ତାକୁ କହି ଦେଲି । ସେ ମୋ ବିରକ୍ତିଭାବ ଲକ୍ଷ୍ୟ କରି ଅଧିକ ମଧୁର ସ୍ୱରରେ ପ୍ରଶ୍ନ କଲା, 'ତମର କଅଣ କଅଣ ଦରକାର ହେବ ଆଗରୁ ସଜାଡ଼ି ରଖନ୍ତି ।' ମୁଁ ଆହୁରି ଟିକିଏ ରାଗିଯାଇ 'ମୋର ପାଉଁଶ ଦରକାର ହେବ—ସଜାଡ଼ି ରଖିବାକୁ କିଛି ଦରକାର ନାହିଁ' ବୋଲି ଉତ୍ତର ଦେଲି ! ସେ ଟିକିଏ ଦବିଗଲା । ମୁଁ ତତ୍ପରରେ

ଖାଇବା କାମ ସାରି ଦେଇ ଶୋଇବାକୁ ଚାଲିଗଲି ।

"ଖଟ ଉପରେ ଯାଇ ପଡ଼ିଛି; କିନ୍ତୁ ନିଦ ହେଉନାହିଁ । ଖାଲି ତାର ବିଷୟ ଚିନ୍ତା କରୁଥାଏ । ଏତେଗୁଡ଼ିଏ ପିଲାଙ୍କର ମା ହୋଇ ଏତେ ଦିନ ଏକ ସଙ୍ଗରେ ରହିବା ପରେ ସେ ମୋତେ ମୁହୂର୍ତ୍ତକ ମଧ୍ୟରେ ଛାଡ଼ି ଦେଇ ସେହି ସଙ୍ଗୀତଜ୍ଞ ମନୁଷ୍ୟଟାର ଆପଣାର ହୋଇଗଲା । ଏହି ଚିନ୍ତା ମୋର ହୃଦୟକୁ ଆଲୋଡ଼ିତ କରି ପକାଉଥାଏ । କେତେ ପ୍ରକାର ନୃଶଂସ କଳ୍ପନାଜଳ୍ପନା ହୃଦୟରେ ଖେଳି ଯାଉଥାଏ । ହଠାତ୍ ମନେ ହେଲା, ସେ ଯେପରି ଧୀରେ ଧୀରେ ମୋ ଶୋଇବା ଘର ଆଡ଼କୁ ଆସୁଛି । ଦୁଇ ପ୍ରହର ସମୟରେ ମୋ ଗୋଡ଼କୁ ଟିକିଏ ଆଉଜି ବସି ନାନା ପ୍ରକାର କଥା ପକାଇବା ତାର ଗୋଟାଏ ବହୁଦିନର ଅଭ୍ୟାସ । କିନ୍ତୁ ସେ ଦିନକୁ ବର୍ଷେ ଖଣ୍ଡେ ହେଲା ସେ ଅଭ୍ୟାସ ସେ ଛାଡ଼ିଥାଏ । ତେଣୁ ଆଜି ହଠାତ୍ ଆସିବାର ଅନୁଭବ କରି ମୋର ଅବିଶ୍ୱାସ ଦୃଢ଼ତର ହେଲା । ମୁଁ ମନେ ମନେ ସ୍ଥିର କଲି 'ପାପକୁ ଘୋଡ଼ାଇ ରଖିବା ପାଇଁ ଏ ଗୋଟାଏ ଚେଷ୍ଟା ।' ଗମ୍ଭୀରଭାବରେ ତାର ପଦଶବ୍ଦକୁ ଶୁଣି ନ ଶୁଣିଲା ପରି ପଡ଼ି ରହିଲି ।

"ମୋର ଶୋଇବା ଘରର ଦୁଆର ଫିଟିଲା । ଦୁଆରେ ସେ ଆସି ଠିଆ । ତାହାର ସେ ସୁନ୍ଦର ଦେହକାନ୍ତି ସେ ଦିନ କେଜାଣି କାହିଁକି ଅଧିକ ସୁନ୍ଦର ଦିଶୁଥାଏ । ତେଣୁ ମୋ ହୃଦୟର କ୍ରୋଧ ଅଧିକ ବଢ଼ିଲା । ମୁଁ ତା ଆଡ଼କୁ ଅତି କଠୋର ଭାବରେ ଟିକିଏ ଚାହିଁ ମାଣ୍ଡିତଳୁ ସିଗାରେଟ ଡବା ବାହାର କରି ଖଣ୍ଡିଏ ସିଗାରେଟ ଜଳାଇ ଖାଇଲି ।

"ସେ ଘର ଭିତରକୁ ଆସି ମୋ ଖଟର ଟିକିଏ ଦୂରରେ ଛିଡ଼ା ହୋଇ କହିଲା—'କିଏ ଜଣେ ଆସୁଛି ତମ ସଙ୍ଗରେ ଟିକିଏ ବସି କଥାବାର୍ତ୍ତା ହେବ ବୋଲି; ଆଉ ତମେ ଧୂଆଁ ଛାଡ଼ି ଘର ଅନ୍ଧାର କରିବାରେ ଲାଗିଛ !' ମୁଁ ଏ କଥାର କିଛି ଉତ୍ତର ନ ଦେଇ ଅଧିକ ଧୂଆଁ ଛାଡ଼ିଲି । ସେ ଆସି ମୋ ଗୋଡ଼କୁ ଟିକିଏ ଆଉଜି ବସି ପଡ଼ିଲା । ମୁଁ ତା ଠାରୁ ଦୂରକୁ ଗୋଡ଼ ଘୁଞ୍ଚାଇ ନେଲି । ସେ କହିଲା 'ଇଏ କଅଣ ମ, ଏମିତି କାହିଁକି ହେଉଛ ? ମୁଁ ରବିବାରଦିନ ଲଳିତବାବୁଙ୍କ ସଙ୍ଗେ ସଙ୍ଗୀତ ଗାଇବି ବୋଲି କଅଣ ବିରକ୍ତ ହେଉଛ କି ?' ମୁଁ ବିରକ୍ତିରେ ଉତ୍ତର ଦେଲି—'ଏଥିରେ ବିରକ୍ତ ହେବାର

କଅଣ ଅଛି ଯେ ବିରକ୍ତ ହେବି ?'

ସେ—ନାହିଁ କରୁଛ ସିନା, ତମେ ବିରକ୍ତ ହୋଇଛ ବୋଲି ସଫା ଜଣା ପଡୁଛି ।

ମୁଁ—ଜଣା ପଡ଼ିଲେ ତମ ଜାଣିବାପଣକୁ ଧନ୍ୟ । କିନ୍ତୁ ମତେ ଜଣା ପଡୁଛି,ତମଠାରୁ ବଳି ନିର୍ଲଜ୍ଜା ସ୍ତ୍ରୀ ଲୋକ ଏ ଜଗତରେ ଆଉ ନାହିଁ । ଜଣେ ତମ ଉପରେ ବିରକ୍ତ ହେଉଛି ଦେଖୁଛ, ତେବେ ଆସି ତା ଗୋଡତଳେ ବସି ନାକେଇପାଳେଇ ହେବାର କାରଣ କଅଣ ?

ସେ—ତମେ ଯଦି ମୋତେ ଖାଲି ଏମିତି ଗୁଡ଼ାଏ ଗାଳି ଦେବ ବୋଲି ବିଚାରିଛ, ତେବେ ମୁଁ ଯାଉଛି ।

"ତାର ଏକଥା ଶୁଣି ମୁଁ ଖୁବ୍ ଚଟିଗଲି ଏବଂ ଖଟ ଉପରୁ ମୋର ଅଧେ ଦେହ ଉଠାଇ ଭାରି ବଡପାଟିରେ କହିଲି—'ଯାଆ, ଶୀଘ୍ର ଯାଆ, ଏ ଘରୁ ଯାଆ; କିନ୍ତୁ ମନେରଖ, ଏ ବଂଶର ଇଜ୍ଜତ୍ ଦାଣ୍ଡରେ ପକାଇ ଦେବାକୁ ତୁମେ ବାହାରିଲେ ମୁଁ ଆଉ ଦୟା ମାୟା ରଖିବି ନାହିଁ । ତୁମେ ରସାତଳକୁ ଯାଅ, ସେଥିରେ ମୋର କିଛି ଯାଏ ଆସେ ନାହିଁ ; କିନ୍ତୁ ପୂର୍ବ ଗୌରବମୟ ଏ ବଂଶରେ କଳଙ୍କ ଲାଗିଲେ ବଂଶର ଗୌରବ ହାନି ହେବ ।

"ସେ କାବା ପରି ମୋତେ ଗୁହିଁ ପଚାରିଲା—'କଅଣ କହିଲ ? ମୁଁ କିଛି ବୁଝି ପାରୁ ନାହିଁ ।'

ମୁଁ—ବୁଝି ପାରୁ ନାହିଁ । ଓଃ, ଭାରି ଭଲ ମଣିଷଟାଏ ଏକା—ମୋ ପାଖରୁ ଦୂର ହୁଅ ।

"ସେ ମୋ କଥା ବାସ୍ତବିକ୍ ବୁଝି ଛଳନା କରୁଥିଲା ନା ପ୍ରକୃତରେ ତା ହୃଦୟ ନିର୍ମଳ, ମୁଁ କହି ପାରିବି ନାହିଁ । ଯାହାହେଉ ମୋ କଥା ତାକୁ ଭାରି ବାଧିଲା । ସେ ଖଟରୁ ଉଠି ଧୀରେ ଧୀରେ ଯାଇ ଘର ମଝିରେ ଠିଆ ହେଲା ଏବଂ ମୋତେ ଦୁଃଖ ଓ ଘୃଣାମିଶ୍ରିତ ସ୍ୱରରେ କହିଲା—'ହଇହେ, ମୁଁ କଅଣ କଲି ଯେ ତୁମେ ମୋତେ ଏପରି ସାଧୁଛ ? ତମେ ଯିମିତି ବ୍ୟବହାର କରୁଛ, ତାହା ସହିବା ସମ୍ଭବ ହେଉ ନାହିଁ । ତମର ଏ ସ୍ୱଭାବରେ ତମ ସଙ୍ଗରେ ସ୍ୱର୍ଗର ଅପ୍ସରା ସୁଦ୍ଧା ଆଦି ରହି ପାରିବ ନାହିଁ । ହଁ, ତମେ ଇମିତି କରିବ ବୋଲି କଅଣ ଜଣା ନ ଥିଲା କି ? ଯେ ଆପଣା ଭଉଣୀକୁ ହାଡ଼ ବାଉଶୀଙ୍କ ଠାରୁ ହୀନଚକ୍ଷୁରେ ଦେଖିପାରେ, ସେ ଭାରିଯା ପ୍ରତି ଆଉ

କପଟ ବ୍ୟବହାର କରନ୍ତା ?' ମୁଁ ବାସ୍ତବିକ୍ ଅତି କ୍ରୋଧରେ ଜ୍ଞାନ ହରାଇ ମୋ ଭଉଣୀ ପ୍ରତି ବଡ ରୂଢ଼ ବ୍ୟବହାର କରିଥିଲି । ସେଥିପାଇଁ ଅନେକ ସମୟରେ ମୋ ସ୍ତ୍ରୀ ଆଗରେ ମୁଁ ଦୁଃଖ ପ୍ରକାଶ କରିଛି । ଆଜି ସେହି ଘଟଣାଟି ବାଛି ସେ ମୋତେ ଲଜ୍ଜିତ କରିବା ପାଇଁ ଚେଷ୍ଟା କରିବାର ଦେଖି ମୋ କ୍ରୋଧର ମାତ୍ରା ବଳି ପଡ଼ିଲା । ମୁଁ ବିଚାରିଲି—ହଁ, ମୋ ମର୍ଯ୍ୟାଦାରେ କଳଙ୍କ ଲଗାଇ ମୋତେ ଅପମାନ କରି ଏହା ମନ ସନ୍ତୁଷ୍ଟ ହେଉ ନାହିଁ ଯେ ସେ ପୁଣି ମୋର ପୂର୍ବ ଦୋଷର ବିବୃତ କରି ଏ ଘଟଣାରେ ମୋତେ ଦୋଷୀ ସାବ୍ୟସ୍ତ କରିବାକୁ ଚେଷ୍ଟା କରୁଛି ! ହୃଦୟର ଘୃଣାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ତୀବ୍ର ସଙ୍କଳ୍ପ ହେଲା । ଉଠିପଡ଼ି ଧାଇଁଗଲି ଏବଂ ତା ହାତକୁ ଧରି ଦି ତ୍ରିଥର ହଲାଇ ଦେଇ ପାଟି କଲି—'ଯା ବେଗେ ମୋ ପାଖରୁ ଚାଲି ଯା, ନୋହିଲେ ଏଠାରେ ତୋର ରକ୍ତ ଚାଟା କରିବି ।' ତାକୁ ଭୟ ଦେଖାଇବା ପାଇଁ ମୁଁ ସ୍ୱରକୁ ଏପରି ଚଢ଼ାଇ ଦେଇଥିଲି ଯେ, ସେ ସ୍ତବ୍ଧ ହୋଇଗଲା, ତା ଗୋଡ଼ ଚଳିଲା ନାହିଁ ।

"ଅତି ଧୀରେ ଧୀରେ କହିଲା—'କଏ, ତମର କଅଣ ହୋଇଛି ମ ? ଇମିତି କାହିଁକି ହେଉଛ ?' ମୁଁ ଆହୁରି ପାଟିକରି କହିଲି—'ଦୂର ହ, ତୋତେ ଦେଖିଲେ ମୋ ହାଡ ଜଳି ଯାଉଛି । ତୁ କଏ କି, ମୋର କଅଣ ହୋଇଛି ତତେ କହିବି ? ବାହାରି ଯା ।' ତାକୁ ସେହିଠାରେ ଗୁଡ଼ାଏ ପିଟି ପକାଇବାକୁ ଅଥବା ସେହିଠାରେ ତାର ପ୍ରାଣ ନେବାକୁ ମନ ହେଉଥାଏ; କିନ୍ତୁ ତାହା ତ ସମ୍ଭବ ନୁହେଁ । ଯେ କୌଣସିମତେ କ୍ରୋଧ ପ୍ରକାଶ କରିବାକୁ ମୁଁ ଟେବୁଲ ଉପରୁ ଗୋଟାଏ ଦୁଆତ ଉଠାଇ ଆଣିଲି ଏବଂ ଦୁଆତକୁ ଜୋରରେ ତଳକୁ ଫୋପାଡ଼ି ଦେବା ସଙ୍ଗେ ସଙ୍ଗେ ଦୂର ହେ । ବୋଲି ଆଉ ଗୋଟାଏ ଗର୍ଜନ କଲି । ସେତିକିରେ ସେ ଘରୁ ବାହାରି ପଡ଼ିଲା । କିନ୍ତୁ ଦୁଆରମୁହଁରୁ ଯାଉ ନ ଥାଏ । ତହୁଁ ମୁଁ ଟେବୁଲ ଉପରୁ ଏବଂ ସେଲ୍ଫମାନଙ୍କରୁ ଗୋଟି ଗୋଟି କରି ତଳକୁ ଜୋରରେ ଫୋପାଡ଼ି ଭାଙ୍ଗି ଚାଲି 'ଦୂର ହ—ଦୂର ହ' ବୋଲି ଚିତ୍କାର କରିବାକୁ ଲାଗିଲି । ଫୋପାଡ଼ିବା ପାଇଁ ଜିନିଷ ବି ଅଭାବ ହେଲା ଏବଂ ମୋର କ୍ରୋଧ ବି ଟିକିଏ ଦବିଗଲା ।

"ଘଣ୍ଟାକ ପରେ ଗୃହକର୍ତ୍ତ୍ରୀ ଆସି ମୋତେ ଖବର ଦେଲା, 'ବାବୁ, ଧାଇଁ ଆସ, ମାଙ୍କର କଅଣ ହୋଇ ଯାଉଛି । ମୁଁ ଗଲି, ତାର ପ୍ରଳାପ ହେଉଥାଏ । ସେ କେତେବେଳେ ଗୁଡାଏ କାନ୍ଦୁଥାଏ; ପୁଣି କେତେବେଳେ ଗୁଡାଏ ହସୁଥାଏ । ତା ମୁହଁରୁ କଥା ବାହାରୁ ନଥାଏ । ଦେହ ଥରଥର ହୋଇ କମ୍ପୁଥାଏ । ଦେଖିଲି, ସେ ଛଳନା କରୁନାହିଁ; ବାସ୍ତବିକ୍ ତାର ଶକ୍ତିବିକାର ।

"ସକାଳକୁ ପ୍ରଳାପ ଟିକିଏ ଶାନ୍ତ ହେଲା । କ୍ରମେ କ୍ରମେ ବିକାରର ସମସ୍ତ ଲକ୍ଷଣ ଦୂର ହୋଇଗଲା ଏବଂ ସେହି ତଥାକଥିତ ପ୍ରେମର ବଳରେ ଆମ୍ଭମାନଙ୍କ ମଧ୍ୟରେ ମିଳାମିଶା ହୋଇଗଲା । ସେତେବେଳେ ମୁଁ ତାକୁ ହୃଦୟ ଖୋଲି କହିଲି, ଲଳିତ ବାବୁଙ୍କ ପ୍ରତି ସେ ଯେ ପ୍ରକାର ବ୍ୟବହାର କରୁଛି, ତା ଦେଖି ମୋର ଈର୍ଷା ଓ ଅବିଶ୍ୱାସ ହେଉଛି । ସେ ଟିକିଏ ସୁଦ୍ଧା ଘାବରା ନ ହୋଇ ଅତି ସରଳ ଓ ସ୍ୱାଭାବିକ ଭାବରେ ମଧୁର ହାସ ହସିଲା ଏବଂ କହିଲା, 'ହଇ ହୋ, ସିଟିଠି ଗୋଟାଏ ଲୋକ ପ୍ରତି ମୋର ଏପରି ଗୋଟାଏ ଭାବ ହେବ ବୋଲି ତମର ସନ୍ଦେହ ହେଲା କିପରି ? ସେ ଯେଉଁ ଧରଣର ଲୋକ, ତା ପ୍ରତି ମୋର ପ୍ରେମ ହୁଅନ୍ତା ? ଖାଲି ସେ ଟିକିଏ ଭଲ ବଜେଇ ଜାଣେ ବୋଲି ତା ବିଦ୍ୟାପ୍ରତି ମୁଁ ଟିକିଏ ସିନା ଆକୃଷ୍ଟ ହେଉଛି । ତମେ ଯଦି କହିବ ତା ହେଲେ ତାକୁ ମନା କରିଦେବା ଦୁଆର ମାଡ଼ିବାକୁ । ମୁଁ କଅଣ ଏପରି ବଜାରୁଣୀ ହୋଇଛି ଯେ, ତମେ ସନ୍ଦେହ କଲା ଭଳି ଏପରି ଗୋଟାଏ କିଛି ଘଟିଯିବ ?'

"ଏ କଥା କିଛି ମିଛ ନୁହେଁ । ସେ ସେତେବେଳେ ଯାହା ମନରେ ଭାବୁଥିଲା, ତାହା କହିଥିଲା ବୋଲି ମୋର ବିଶ୍ୱାସ । ବୋଧହୁଏ, ସେହି ମୁହୂର୍ତ୍ତରେ ସେ ପାପର କବଳରୁ ନିଜକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରୁଥିଲା, କିନ୍ତୁ ଚେଷ୍ଟା ସଫଳ ହେଲା ନାହିଁ । ହୁଅନ୍ତା ବା କିପରି ? ଲଳିତ ବାବୁଙ୍କ ରୂପ ଓ ସଙ୍ଗୀତ ତାର ମହତ ମର୍ଯ୍ୟାଦା ବିରୁଦ୍ଧରେ ଯେ ପ୍ରବଳ ପରାକ୍ରାନ୍ତ ଶତ୍ରୁ ।

"ଯାହାହେଉ, ଏହିପରି ସେ ଦିନର ଇତିହାସ ସରିଲା । ତା ପ୍ରତି ମୋର ପୂର୍ବର ବିଶ୍ୱାସ ପୁଣି ଫେରି ଆସିଲା । ଲଳିତ ବାବୁଙ୍କୁ ଦୁଆର ମନା କରିବାର

କିଛି ପ୍ରୟୋଜନ ମୁଁ ଦେଖିଲି ନାହିଁ । ତା ପରେ ବନ୍ଧୁମାନଙ୍କ ପାଖକୁ ନିମନ୍ତ୍ରଣ ସବୁ ଯାଇଥିଲା ଭାରି । ଏଣେ ଏପରି ମୁହୂର୍ତ୍ତରେ ଲଳିତ ବାବୁଙ୍କୁ ଦୁଆର ମନା କରିଦେଲେ ପ୍ରକୃତ କାରଣଟା ବୁଝିପାରି ସେ ନିଜକୁ ବଡ଼ ମର୍ଷିତ ବୋଲି ଗର୍ବ ବି ଟିକିଏ ଅନୁଭବ କରି ପାରନ୍ତି ।

## —ସତର—

"ରବିବାର ସନ୍ଧ୍ୟା, ନିମନ୍ତ୍ରିତ ବନ୍ଧୁମାନେ ସମସ୍ତେ ଆସି ସାରିଲେଣି । ଲଳିତ ବାବୁ ଆସି ପହଞ୍ଚିଲେ । ସେତେବେଳେ ମୋର ସ୍ତ୍ରୀ ଠାରେ ପୂର୍ଣ୍ଣ ବିଶ୍ୱାସ ଥାଏ । ତଥାପି ଲଳିତ ବାବୁଙ୍କର ସେ ସୁପ ଚିକ୍କଣ ରୂପ ଦେଖି ତାଙ୍କ ଯିବା ଆସିବା, କଥାବାର୍ତ୍ତାର ରଙ୍ଗ ଢଙ୍ଗ ଦେଖି ମୋର ତାଙ୍କ ପ୍ରତି ମୂଳରୁ ଯେଉଁ ଧାରଣା ହୋଇଥିଲା, ତାହା ବଦଳି ପାରିଲା ନାହିଁ ; ବରଂ ଘୃଣାର ମାତ୍ରା ଟିକିଏ ବଢ଼ିଲା । ତଥାପି ମୁଁ ଭାରି ଭଦ୍ର ବ୍ୟବହାର କରୁଥାଏ । ଅନ୍ୟମାନଙ୍କ ଅପେକ୍ଷା ତାଙ୍କ ସଙ୍ଗେ ବେଶୀ ମିଳା ମିଶା କରୁଥାଏ । ସଙ୍ଗୀତ ଆରମ୍ଭ ହୋଇ ଗଲା । ମୋ ସ୍ତ୍ରୀ ଓ ସେ ରବୀନ୍ଦ୍ରନାଥଙ୍କର ସେହି 'ସୁନ୍ଦର ହେ ସୁନ୍ଦର' ଗୀତରୁ ଗାନ ଆରମ୍ଭ କରି ଆଉ କେତେ କଅଣ ଗାଇ ଗଲେ ; କିନ୍ତୁ ମୋର ସେ ସବୁରେ ଦୃଷ୍ଟି ନ ଥାଏ । ମୋ କାନକୁ ସଙ୍ଗୀତ ଶୁଭୁ ନଥାଏ । ମୁଁ ସବୁ ଇନ୍ଦ୍ରିୟମାନଙ୍କୁ ଜାଗ୍ରତ ରଖି ଲଳିତ ବାବୁଙ୍କର ଭାବ ଭଙ୍ଗୀ ଏବଂ ତାହାଁ ସଙ୍ଗେ ସଙ୍ଗେ ମୋ ସ୍ତ୍ରୀର ଭାବଭଙ୍ଗୀ ମଧ୍ୟ ତନ୍ନ ତନ୍ନ ନିରୀକ୍ଷଣ କରୁଥାଏ । ସ୍ତ୍ରୀର କଥାରେ ଯାହା ବିଶ୍ୱାସ ସ୍ଥାପନ କରିଛି, ତାହା ପ୍ରକୃତରେ ଠିକ ହୋଇଛି କି ନାହିଁ, ପ୍ରତି ମୁହୂର୍ତ୍ତରେ ବିଚାରୁଥାଏ ଏବଂ ସେହି ଦୃଷ୍ଟିରେ ସେମାନଙ୍କର ପ୍ରତ୍ୟେକ ଗତିବିଧି ନିରୀକ୍ଷଣ କରୁଥାଏ ।

"ମୁଁ ସେହି ଆମୋଦ ସମୟଯାକ ଏତେ ସାବଧାନତା-ପୂର୍ଣ୍ଣ ପରୀକ୍ଷା କରିଥିଲି ଯେ, ମୋର ବର୍ତ୍ତମାନ ସୁଦ୍ଧା ସେ ସନ୍ଧ୍ୟାର ପ୍ରତ୍ୟେକ କ୍ଷୁଦ୍ରକ୍ଷୁଦ୍ର ଘଟଣାସବୁ ମନରେ କେବେ ନ ଲିଭିଲା ଭଳି ଆଙ୍କି ହୋଇ ରହିଛି । ପିଆନୋ ଉପରୁ

ଆବରଣ କାଟି ପ୍ରଥମ ତାନ ଧରିବା ଠାରୁ ଲଳିତବାବୁ ମୋଠାରୁ ଶେଷ ବିଦାୟ ନେଇ ଯିବା ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣା ପୂର୍ବାପର କ୍ରମରେ ମୁଁ ବର୍ତ୍ତମାନ କହିଯାଇ ପାରେ । ସେମାନେ ଯେ ଗୀତ ବୋଲୁଥିଲେ, ତାହାର ବିଷୟ ସଂପୂର୍ଣ୍ଣ ରୂପେ ମନେ ନ ଥାଇପାରେ, କିନ୍ତୁ କେଉଁ କେଉଁ ପଦଟିମାନ ଦୁହେଁ ସ୍ୱର ମିଳାଇ ବୋଲିଥିଲେ ଏବଂ କେଉଁଠି ସ୍ୱରଭଙ୍ଗ ହୋଇଥିଲା, ତାହା ମୁଁ ସ୍ପଷ୍ଟ ମନେ ରଖିଛି । ଏ ସବୁ ଦେଖି ସାରି ଦୁହିଙ୍କ ଭିତର ସମ୍ବନ୍ଧରେ ପାପ ଅଛି କି ନାହିଁ ସନ୍ଦେହାନ ହେଉଛି, ଏହାପର ସମୟରେ ଲଳିତବାବୁ ଯେ ରୂପେ ମୋ ଠାରୁ ବିଦାୟ ନେଲେ, ତାହା ମୋର ସମସ୍ତ ସନ୍ଦେହ ଦୂର କରିଦେଲା ।

"ବନ୍ଧୁମାନେ ସମସ୍ତେ ଯାଇସାରିଲା ପରେ ଲଳିତ ବାବୁ ବିଦାୟ ନେଲେ । ମୁଁ ମଝିରେ ସୋମବାର ଛାଡ଼ି ମଙ୍ଗଳବାର 'ଦିନ ପୁରୀ ଯିବି ବୋଲି ସେ ଜାଣିଥିଲେ । ଗଲା ବେଳେ ସେ ମୋତେ କହିଲେ,'ଆପଣ ଯାଉଛନ୍ତି;ଫେରିଲେ ପୁଣି ଆଉ ଦେଖା ହେବ ।ଆଜିରସଙ୍ଗୀତର ତୃପ୍ତିରେ ଯେ ଟିକିକ ଅଭାବ ରହି ଯାଇଥିବ,ଫେରିଲେ ମୁଁ ଆସି ସେ ଟିକିକ ପୂର୍ଣ୍ଣ କରିଦେବାକୁ ଚେଷ୍ଟା କରିବି । ଆପଣ କେବେ ଆସିବେ ?' ପୁରୀରେ ମୋର ଯେତିକି ଦିନ କାର୍ଯ୍ୟ ଲାଗିବାର କଥା ତହିଁରୁ ଖୁବ୍ ବେଶୀ ଦିନ ଲାଗିବ ବୋଲି ତାଙ୍କୁ ମିଛରେ କହିଦେଲି । ମୁଁ ମାସେ ଅନୁପସ୍ଥିତ ରହିବି ବୋଲି ଶୁଣି ସେ ଟିକିଏ ନିରାଶ ହେଲାପରି କହିଲେ—'ଓ ହୋ, ତା ହେଲେ ତ ଆପଣ ଆସିଲା ବେଳକୁ ମୁଁ ଏ ସ୍ଥାନ ଛାଡ଼ିଥିବି ।' ଏ ଉତ୍ତରରେ ମୁଁ ଟିକିଏ ଆଶ୍ୱସ୍ତ ହେଲି ।

"ମୋ ସ୍ତ୍ରୀଠାରୁ ସେ ଯେ ରକମ ବିଦାୟ ନେଲେ ସେଥିରୁ ଜଣା ପଡ଼ିଲା, ତାହା ତାଙ୍କର ଶେଷ ବିଦାୟ । ସେମାନଙ୍କ ସମ୍ବନ୍ଧ ବିଷୟରେ ମୋର ଯେ ଧାରଣା ଥିଲା, ତାକୁ ଭ୍ରାନ୍ତ ବୋଲି ମନେକଲି ଏବଂ ଲଳିତବାବୁଙ୍କ ଆବିର୍ଭାବରେ ମୋର ପାରିବାରିକ ଜୀବନରେ ଯେଉଁ ବିଶୃଙ୍ଖଳା ଉପସ୍ଥିତ ହୋଇଥିଲା, ତାହା ଏତେ ସହଜରେ ଦୂର ହୋଇଯିବାର ଅନୁମାନ କରି ମୁଁ ବଡ଼ ସନ୍ତୋଷ ଲାଭକଲି । ବିଚାରିଲି, ମୁଁ ନଥିଲା ଯାଏ ଲଳିତବାବୁ ତ

ଆମ ଘରକୁ ଆସିବେ ନାହିଁ ପରି ଜଣା ଯାଉଛି । ଏଣେ ସେ ସହର ନ ଛାଡ଼ିବା ପର୍ଯ୍ୟନ୍ତ ମୁଁ ଫେରିବି ନାହିଁ । ଆଉ ଆଶଙ୍କା କଅଣ ? ଜୀବନର ଭବିଷ୍ୟତ ଉପରେ ଯେ କଳାମେଘ ଘୋଟି ଯାଇଥିଲା, ତାହା ସଂପୂର୍ଣ୍ଣ ଅପସାରିତ ହୋଇଥିଲା । କିନ୍ତୁ ହାୟ, ମନୁଷ୍ୟର ଅନୁମାନ କେଡ଼େ ଦୂରଦୃଷ୍ଟିହୀନ ଅସାର !”

## —ଅଠର—

“ସେହି ରବିବାରର ଦୁଇଦିନ ପରେ ମୁଁ ପୁଣି ବାହାରିଲି । ମୋ ସ୍ତ୍ରୀ ମୋର ଯିବାପାଇଁ ସବୁ ବନ୍ଦୋବସ୍ତ କରିଦେଲା । ଅନ୍ୟ କେତେବେଳେ ବାହାର ଗାଁକୁ ଗଲେ ସେ ମୋ ଜିନିଷପତ୍ରର ଯେତେ ତତ୍ତ୍ୱ ନିଏ, ଏଥର ଖୁବ୍ ଅଧିକ ନେଲା । ମୁଁ ମନେକଲି ନିକଟରେ ଆମ୍ଭମାନଙ୍କ ମଧ୍ୟରେ ନୂଆ ପ୍ରେମର ଯେ ଅଙ୍କୁରଟି ଜାତ ହୋଇଅଛି, ତାହାର ଯତ୍ନର କାରଣଟି ସେହି । ନିଶ୍ଚିନ୍ତ ମନରେ ଗୃହତ୍ୟାଗ କଲି ଏବଂ ପୁରୀରେ ପହଞ୍ଚି ଖୁବ୍ ମନଦେଇ ମୋ କାର୍ଯ୍ୟରେ ମୁଁ ଲାଗିଗଲି । କାର୍ଯ୍ୟର ଚାପ ଏତେ ବେଶୀ ପଡ଼ିଥାଏ ଯେ ନିଜ କଥା, ଘରକଥା ମନେ ପକାଇବାକୁ ଅବସର ନ ଥାଏ । ଆବଶ୍ୟକ ବି ନ ଥାଏ, କାରଣ ମୁଁ ଯେ ପୂର୍ଣ୍ଣ ବିଶ୍ୱାସରେ ନିଶ୍ଚିନ୍ତ ମନରେ ଘର ଛାଡ଼ିଛି ।

“ଦୁଇଦିନ ଏହିପରି କଟିଗଲା । ତୃତୀୟ ଦିନ ଅଫିସରେ ବସି କାମ କରୁଛି, ଖୁବ୍ କାମ ଲାଗିଛି, ଡ଼ାକବାଲା ଆସି ଚିଠିଗୁଡ଼ିଏ ଦେଇଗଲା । ସେ ଚିଠିରେ ମୋର ଖଣ୍ଡେ ଘରେଇ ଚିଠି—ମୋ ସ୍ତ୍ରୀ ହାତର ଲେଖା । ସେତେବେଳେ ଘରେଇ ଚିଠି ପଢ଼ିବାର ଅବସର ଖୁବ୍ କମ୍ । ଚିଠିଟା ଖୋଲିଦେଲି । ଖାଲି ଟିକିଏ ପଦେ ଲେଖାଟାରେ ଆଖି ପକାଇ ଦେଲି । ଜଣା ପଡ଼ିଗଲା ଘରେ ସବୁ ଭଲ । କିନ୍ତୁ କଅଣ କଅଣ ଲେଖା ହୋଇଅଛି ତାହା ପଢ଼ିଲି ନାହିଁ । ସନ୍ଧ୍ୟା ୫ଟା ବେଳକୁ ବସାକୁ ଫେରିଲି । କର୍ତ୍ତବ୍ୟରୁ ଅବ୍ୟାହତି ପାଇ ହାତ ତାର ନିଜ ଇଚ୍ଛାରେ ଏଣେ ତେଣେ ହେଉ ହେଉ ପକେଟର ସେ ଚିଠିଖଣ୍ଡିକ ଉପରେ ପଡ଼ିଗଲା । ସେହିକ୍ଷଣି ଚିଠିଖଣ୍ଡି ବାହାର କରି

ହାତରେ ପଡ଼ି ପଡ଼ି ଆସିଲି । ପ୍ରଥମେ ଦୁଇପୃଷ୍ଠା ଘର ହାଲ, ପିଲାପିଲିଙ୍କ କୁଶଳ ସମାଚାର ବିସ୍ତାରିତ ଭାବରେ ଲେଖା ହୋଇଛି । ସେ ସବୁ ପଢ଼ି ସନ୍ତୋଷ ଲାଭ କରୁ କରୁ ଶେଷ ଦୁଇ ଧାଡ଼ିରେ ନଜର ପଡ଼ିଗଲା । ଲେଖା ହୋଇଛି ଲଳିତବାବୁ ଯେଉଁ ସଙ୍ଗୀତଟି ଆଣିଦେବେ ବୋଲି କହିଥିଲେ ସେଇଟି ଆଣି ଦେଇଛନ୍ତି ଏବଂ ଗାନଟି ଶିଖାଇଦେବେ ବୋଲି ଆଉ ଦିନେ ଆସିବାକୁ ପ୍ରତିଶ୍ରୁତ ହୋଇଛନ୍ତି ।

"କଅଣ ! ଲଳିତବାବୁ ପରି ସେଦିନ ତାକୁ ଶେଷ ବିଦାୟ ଦେଇ ଯାଇଥିଲେ । କାହିଁ କୌଣସି ସଙ୍ଗୀତ ଆଣି ଦେବା କଥା ତ ସେ କହି ନ ଥିଲେ ! ତେବେ ଏ ଆଉ କଅଣ । କିଛି ବୁଝି ପାରିଲି ନାହିଁ । ସ୍ତ୍ରୀ ପ୍ରତି ଯେଉଁ ବିଶ୍ୱାସ ସେଦିନଠାରୁ ଜାଗରୂକ ହୋଇଥିଲା, ତାହା କେଉଁଆଡ଼େ ଦୂର ହୋଇଗଲା । ଈର୍ଷା ଓ ଅବିଶ୍ୱାସର ପ୍ରଚଣ୍ଡ ନିଆଁ ହୃଦୟରେ ପୁଣି ଜଳି ଉଠିଲା । ମୁଁ ତରବରରେ ଧାଇଁ ଯାଇ ବୈଠକଖାନାର ଦୁଆରଟା ଭିତରୁ କିଳିଦେଇ ଆରାମଚୌକୀ ଉପରେ ବସି ପଡ଼ିଲି; କିନ୍ତୁ ଆରାମ ଆସୁଛି କେତେବେଳେ ? ଈର୍ଷା ଯେ ଭୀଷଣ ଜିନିଷ । ସେ କଅଣ ସହଜେ ଆରାମ ଦିଏ ? ଶୋଇବାକୁ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ସେହି ଚିଠିର ସେହି ଶେଷ ଦୁଇଧାଡ଼ି ମନେ ପଡ଼ିଗଲା ।

"ଚିଠି ଖଣ୍ଡ ଖୋଲି ଆଲୋକରେ ଭଲ କରି ପଢ଼ିଲି । କାହିଁ ଚିଠିରେ ତ ସେପରି କିଛି ଅସ୍ୱାଭାବିକ କଥାର ଉଲ୍ଲେଖ ନାହିଁ ! ଚିଠିର ବିଷୟ ପାସୋରି ବାକୁ, କାଲି ସକାଳୁ କଅଣ କରିବି, ସେ ବିଷୟ ଚିନ୍ତା କରିବାକୁ ଲାଗିଲି କିନ୍ତୁ ହଠାତ୍ ମୋର ସମସ୍ତ ଚିନ୍ତାକୁ ପଛକୁ ପକାଇ ଦେଇ ସେହି ଚିନ୍ତା ମୋତେ ଅଭିଭୂତ କଲା । ମୁଁ ତା ବିଷୟ, ତାର ମୋ ପ୍ରତି ଯେ ପ୍ରେମ, ସେ ବିଷୟ ଏବଂ ଲଳିତ ବାବୁଙ୍କ ବିଷୟ ଭାବିବାକୁ ଲାଗିଲି । ଘୃଣା, ଭୟ ଓ କ୍ରୋଧ ମୋତେ ଖଣ୍ଡ ଖଣ୍ଡ କରି ନିଜେ ଅଧିକାର କରିବାକୁ ଚେଷ୍ଟାକଲେ । କିନ୍ତୁ ମୁଁ ବିବେକ ବଳରେ ସେସବୁ ଦୂର କରିବା ପାଇଁ ଚେଷ୍ଟା କରୁଥାଏ । ମ ମନକୁ ମନ କହିଲି ଏ କି ଅନ୍ୟାୟ କଥା ? ମୁଁ ଏପରି ପାପଚିନ୍ତାଗୁଡ଼ାଏ

ମନକୁ କାହିଁକି ଆଣୁଛି ? ଏ ସବୁ ଚିନ୍ତାର କି କାରଣ ବା ଅଛି ? ମୋର ସ୍ତ୍ରୀକୁ ଏତେ ହୀନ ବୋଲି ମୁଁ କାହିଁକି ବା ବିଚାର କରୁଛି ? ଲଳିତ ବାବୁ ଗୋଟାଏ ଅତି ସାଧାରଣ ଲୋକ । ଗାଉଣା ବାଜଣା କରି ପେଟ ପୋଷୁଛି । ଏଣେ ମୋ ସ୍ତ୍ରୀ ସମ୍ଭ୍ରାନ୍ତ ବଂଶର ଲୋକ, ସମ୍ଭ୍ରାନ୍ତ ଘରେ ବିଭା ହୋଇଛି, ଶିକ୍ଷା ଅଛି, ସଂସ୍କାର ଅଛି । ପୁଣି ଚାରି ଚାରିଟା ପିଲାଙ୍କର ମା । ଛି, ତା ବିଷୟରେ ଏପରି ଚିନ୍ତା କରିବା ମୋର ନିଜ ହୀନତାର ପରିଚୟ । ବିବେକ ଏପରି କହିଲା ବେଳକୁ ମନ ଭିତରେ ଆଉ ଗୋଟାଏ ସ୍ୱର ଅତି ଅସ୍ପଷ୍ଟ ଭାବରେ କହୁଥାଏ— କାହିଁକି, ଏଥିରେ ଅସମ୍ଭବ ବା କଅଣ ? ତାଙ୍କର ତ ରୂପ ଅଛି, ଯୌବନ ଅଛି, ସେ ଅବିବାହିତ, ପ୍ରେମ ରାଜ୍ୟର ପ୍ରକୃତ ପଥିକ । ଏଣେ ମୋର ସ୍ତ୍ରୀର ଚରିତ୍ର ବିଷୟରେ ମୁଁ ତ ଏପର୍ଯ୍ୟନ୍ତ କିଛି ସ୍ଥିର ଜାଣିଲି ନାହିଁ ! ତାକୁ ସଂପୂର୍ଣ୍ଣ ବିଶ୍ୱାସ କରିବାର କିଛି କାରଣ ନାହିଁ । ଗତ କେତେଦିନ ହେଲା ଯେପରି ଜଣା ଯାଉଛି, ସେଥିରୁ ତ ସେ ଉପଯୁକ୍ତ ପ୍ରେମିକ ଖୋଜିବା ପାଇଁ ବ୍ୟାକୁଳ ଥିଲାପରି ବୋଧହୁଏ । ଲଳିତ ବାବୁ ଅନୁପଯୁକ୍ତ ବା କେଉଁ ଗୁଣରେ ? ଅନୁପଯୁକ୍ତ ହେଲେ ବି ପ୍ରେମ ପ୍ରବୃତ୍ତି ସେସବୁ ବିଚାର କରିବାର ସମୟ ପାଏ ନାହିଁ । ତା ପରେ ତାଙ୍କ ସଙ୍ଗୀତଜ୍ଞାନ ତ ଫୁଲ-ଶର ପରି । ସେ ତ ରୂପରେ ଅନଙ୍ଗ । ମୋର ସ୍ତ୍ରୀ ତାଙ୍କ ପ୍ରେମରେ ପଡ଼ିବା ଅତି ସ୍ୱାଭାବିକ । ତା ପରେ ସେ ଦୁଇ ଜଣଙ୍କ ଭିତରେ ଯେ ସମ୍ବନ୍ଧ ମୁଁ ଦେଖିଛି, ସେଥିରେ ତ ଅତି ବୋକା ନ ହୋଇଥିଲେ ମୋର ବୁଝିବାର କଥା ଯେ, ତାଙ୍କ ଭିତରେ ବର୍ତ୍ତମାନ ଅଭେଦ୍ୟ ପ୍ରେମ ।

"ଏହିପରି ବିଚିତ୍ର ବିଚିତ୍ର ଦୁହିଙ୍କ ମୂର୍ତ୍ତି ଆଖି ଆଗରେ ଦିଶିଗଲା । ରବିବାର ଦିନ ସନ୍ଧ୍ୟାବେଳେ ସେମାନଙ୍କର ସଙ୍ଗୀତ ଗାଇବା ଦୃଶ୍ୟ କଳ୍ପନାରେ ନାଚି ଉଠିଲା । ସେ ଦିନ ଆମୋଦର ଶେଷରେ ସେମାନେ ଯେଉଁ କ୍ଷୁଦ୍ର ସଙ୍ଗୀତଟି ବୋଲିଥିଲେ, ତାହା ସଫା ମନେ ପଡ଼ିଗଲା । ଗୀତଟିର ନାମ 'ଏହି ସହକାର ତଳେ'—ଲେଖକ ଜଣେ ଆଧୁନିକ ନବ ରସିକ କବି । ସେମାନେ ସଙ୍ଗୀତର ମାଦକତାରେ ଥରି ଥରି,

ଏଇ ଅନ୍ଧକାର ତଳେ
ସେ ଦିନ ପ୍ରିୟାର କରକଙ୍କଣ
ଉଠୁଥିଲା ମୋର ଗଳେ—

ଏ ପଦ ଯେତେବେଳେ ଗାଇଲେ, ସେ ଦିନ ଉତ୍ସବର ରୋମାଞ୍ଚ ହେଲାପରି ମୋତେ କିପରି ଜଣା ପଡ଼ିଲା । ମନେ କଲି, କେଡ଼େ ମୂଢ଼ ମୁଁ, ସେ ଦିନ ଏଇ ପଦେ ସଙ୍ଗୀତରୁ କଥାଟା ଯା ମୁଁ ଠଉରେଇ ନ ପାରିଲି । ସେମାନଙ୍କ ଭିତରେ ଆଉ ଯେ କିଛି ବାକି ନାହିଁ, ଏ କଥାଟା ସେତିକି ବେଳେ ଜାଣିବାର ଥିଲା । ସେମାନଙ୍କର ପାପ ପ୍ରଣୟର ବିଳାସ ନିମନ୍ତ୍ର ଉତ୍କୃଷ୍ଟ ଅବସର ଦେଇ ମୁଁ ଏହିପରି ସମୟରେ ସହର ବୁଲି କି ନିର୍ବୋଧ କାର୍ଯ୍ୟ କରିଛି ! ଏ କଥା ଚିନ୍ତିରୁ ଚିନ୍ତିରୁ ସେ ଦୁହେଁ ପରସ୍ପରକୁ ଚାହିଁବାକୁ କିପରି ସଙ୍କୋଚ ବୋଧ କରୁଥିଲେ, ସେ କଥା ମନେ ପଡ଼ିଲା । ସେମାନଙ୍କର ସେତେବେଳର ଚାହାଣୀ ଆଖି ଆଗରେ ଚିତ୍ରିତ ହୋଇଗଲା । ହାୟ, ହତଭାଗା ମୁଁ, ଘର ଛାଡ଼ି କି ବୋକାମି କରିଛି ! ଏପରି ଚିନ୍ତାରେ ମୁଁ ନିର୍ବେଦ ହୋଇଗଲି । ସେତେବେଳେ ସୁପ୍ତ ବିବେକ ଦୁର୍ବଳ ପ୍ରତିବାଦ କରୁଥାଏ, କହୁଥାଏ—ତୁମେ ପୂରା ପାଗଳ । ଏ କଥା ଯେ ସମ୍ପୂର୍ଣ୍ଣ ଅସମ୍ଭବ ; କିନ୍ତୁ ବିବେକର ଅଭିଯୋଗ ସେତେବେଳେ ଶୁଣୁଛି କିଏ ? ଘରେ ସେଣେ କଅଣ ଘଟି ଯାଉଥିବ ? ଆଉ ଏଠାରେ ମୁଁ ଆରାମ ଚଉକିରେ ଆରାମ ନେଉଛି ? ଏ କଥା ଚିନ୍ତି ମନେମନେ ଆପଣାକୁ ଖୁବ୍ ନିନ୍ଦିଲି ଏବଂ ଖଣ୍ଡେ ସିଗାରେଟ ଧରି ଶୋଷିବାକୁ ଲାଗିଲି । ମୋ ସ୍ନାୟୁପଟର ଜନକ ସବୁ ଭାଉଁସି ଦେଲା ପରି ବୋଧ ହେଲା, ଆହୁରି ଅଧିକ ସିଗାରେଟ ଲଗାଇ ଶୋଷିଲି । ସିଗାରେଟ ଧୂଆଁ ମସ୍ତିଷ୍କକୁ ବିକୃତ କରି ପକାଇଲା । ଏଣୁ ତେଣୁ କେତେକଥା ଅର୍ଦ୍ଧ-ଅଚେତନ ଅବସ୍ଥାରେ ଚିନ୍ତୁଥାଏ । ହଠାତ୍ କିଏ ଗୋଟିଏ ଧକ୍କା ମାରିଦେଲା ପରି ଲାଗିଲା । ଚେତା ପଶିଲା । ଘଣ୍ଟାକୁ ଚାହିଁ ଦେଖିଲି ଛଟା ବାଜିବାକୁ ଆଉ ଅଳ୍ପ ସମୟ । ଗୁରୁତର କାର୍ଯ୍ୟରେ ଘରକୁ ଯିବାକୁ ପଡ଼ୁଛି ବୋଲି ଅଫିସକୁ ଖଣ୍ଡେ ଛୁଟି ଦରଖାସ୍ତ ଲେଖିଲି । ଦାଣ୍ଡ ଦୁଆରୁ ଦୋଡ଼ା

ଗାଡ଼ି ଖଣ୍ଡିଏ ଭଡ଼ାକରି ମୋର ଯଥାସାମାନ୍ୟ ଜିନିଷପତ୍ର ସହ ଷ୍ଟେସନ ଆଡ଼କୁ ଧାଇଁଲି ।”

## —ଉଷେଇଣ—

ଚନ୍ଦ୍ରମଣି ବାବୁ ଏତିକ କହି ତୁନି ହେଲେ । ଗାଡ଼ି ଆସି ଗୋଟିଏ ବଡ଼ ଷ୍ଟେସନରେ ଲାଗିଲା । ଗାଡ଼ିର ଆଲୋକଗୁଡ଼ିକ ଲିଭିଗଲା । ଝାଡ଼ୁଵାଲା ଆସି ଆମ ବଖରାଟି ସଫା ସୁତରା କରି ଚାଲିଗଲା । ପ୍ଲାଟ୍‌ଫର୍ମରେ ଯାତ୍ରୀମାନେ ମୁହଁ ଧୁଆ ଧୋଇ କରି ସକାଳ ଜଳଖିଆ କଲୁଥାନ୍ତି, କିନ୍ତୁ ଚନ୍ଦ୍ରମଣି ବାବୁ ସନ୍ଧ୍ୟା ପ୍ରଭାତ ହେଲାଣି ଜାଣି ସୁଦ୍ଧା ମୁହଁ ଧୁଆ ଧୋଇ କରିବାର ଆବଶ୍ୟକତା ପ୍ରତି ଦୃଷ୍ଟି ନ ଦେଇ ତୁନି ହୋଇ ଆପଣା ଜାଗାରେ ବସି ରହିଲେ । ମୁଁ ମଧ୍ୟ ସେହିପରି ବସିଥାଏ । ଆମ ବଖରାରେ ଶୋଇଥିବା ସହଯାତ୍ରୀମାନଙ୍କ ନିଦ ସେପର୍ଯ୍ୟନ୍ତ ଭାଙ୍ଗି ନ ଥାଏ । ଗାଡ଼ି ଅଧଘଣ୍ଟା ପରେ ପୁଣି ଚାଲିଲା । ଗାଡ଼ିଚକର ଖଟ୍‌ଖଟ୍ ଶବ୍ଦରେ ତ ଆଉ ସବୁ ଶବ୍ଦ ବୁଡ଼ିଗଲା । ଚନ୍ଦ୍ରମଣି ବାବୁ ପୁଣି ତାଙ୍କ ଗଳ୍ପ ଆରମ୍ଭ କଲେ—

“ଯେଉଁଠାରୁ ଘୋଡ଼ା ଗାଡ଼ିରେ ବସିଲି, ସେଠାରୁ ଷ୍ଟେସନ୍ ୫ ମାଇଲ । ଗାଡ଼ିକି ଆଉ ମୋଟେ ଘଣ୍ଟେ ସମୟ । କିପରି ଯାଇ ଷ୍ଟେସନରେ ପହଞ୍ଚିବି, ସେହି ଚିନ୍ତା ମନକୁ ଅଧିକାର କରିଥାଏ, ଘରକଥା ଟିକିଏ ମନେ ପଡ଼ିବାକୁ ଉପକ୍ରମ ହେଲା ବେଳକୁ ମନକୁ ମନ ସାନ୍ତ୍ୱନା ଦେଉଥାଏ । ରହ, ରହ, ସେ କଥା ବର୍ତ୍ତମାନ ଚିନ୍ତା କରି ଲାଭ ନାହିଁ; କିପରି ଆଗ ଷ୍ଟେସନରେ ପହଞ୍ଚି ଗାଡ଼ି ଧରେ । ଏହିପରି ଚିନ୍ତା କରୁଛି, ହଠାତ୍ ଅଧ ବାଟରେ ମୋ ଗାଡ଼ିର ଚକଟା ଫୁଗୁଲି ଗଲା । ମନ ଷ୍ଟେସନରେ ଥାଏ, କିନ୍ତୁ ଗାଡ଼ି ନ ଗଲେ ତ ଜିନିଷ ପତ୍ର ଯିବ ନାହିଁ, ବିଶେଷତଃ ଚାଲିକରି ଗଲେ ଡେରି ହେବ । ଗାଡ଼ି ଧରିବା ସମ୍ଭବ ହୋଇ ନ ପାରେ । ମାତ୍ର ତୁରନ୍ତ ଯାଇ ଘରେ ପହଞ୍ଚିବାକୁ ମନରେ ଏତେ ଉଦ୍‌ବେଗ ଥିଲା ଯେ, ଗାଡ଼ି ଧରିବାକୁ

ଧାଇଁଲି; କିନ୍ତୁ ଧାଇଁ ଧାଇଁ ଶୀତ ଦିନର ସେ ଅନ୍ଧାରରେ ଦେହ ଝାଳ ଗମଗମ ହୋଇଥିଲେ ସୁଦ୍ଧା ଯେଉଁ ଗାଡ଼ିରେ ଯିବାକୁ ଷ୍ଟେସନକୁ ଆସିଥିଲି ସେ ଗାଡ଼ି ଆଉ ମିଳିଲା ନାହିଁ—ତାର ଦୁଇଘଣ୍ଟା ପରେ ଛାଡୁଥିବା ଗାଡ଼ି ଧରିଲି । ଅବଶ୍ୟ ଘୋଡାଗାଡ଼ିବାଲା ଠିକ୍ ସମୟରେ ଆସି ଜନକ ପକ୍ଷ ପାଖରେ ଦେଇଗଲା । ପ୍ରଥମ ଗାଡ଼ିଟା ପାଇଥିଲି ସିଧା ସିଧା ଦିନ ଏଗାରଟା ବେଳେ ଘରେ ପହଞ୍ଚିଥାନ୍ତି; କିନ୍ତୁ ଏ ଦ୍ୱିତୀୟ ଗାଡ଼ି ବାଟରେ ବଦଳୁ ଥିବାରୁ ଘରେ ପହଞ୍ଚୁ ପହଞ୍ଚୁ ରାତି ଦଶଟା ଏଗାରଟା ହେଲା ।

"ମୁଁ ଗାଡ଼ିରେ ଚଢିଲି, ଗାଡ଼ି ଷ୍ଟେସନରୁ ଛାଡ଼ିଲା । ସଙ୍ଗେ ସଙ୍ଗେ ମୋର ଅନ୍ୟାନ୍ୟ ସମସ୍ତ ଚିନ୍ତା ଛାଡ଼ି ଘରେ ଯାଇ କି ଦୃଶ୍ୟ ଦେଖିବି, ସେହି ଚିନ୍ତା ହୃଦୟକୁ ଅଧିକାର କରି ବସିଲା । କାହିଁକି ଯେ ଏପରି ହେଲା, ମୁଁ କହି ପାରିବି ନାହିଁ । ମୁଁ ଖାଲି ଏତିକି ଜାଣେ, ଗାଡ଼ି ଛିବା ଭିତରେ ପଶିବା ମାତ୍ରେ ଚିନ୍ତାସ୍ରୋତର ଗତିରୋଧ କରିବା ପାଇଁ ମୋର ସାମର୍ଥ୍ୟ ରହିଲା ନାହିଁ । ଚିନ୍ତା ନାନା ପ୍ରକାର ଦୃଶ୍ୟ ମୋ ହୃଦୟରେ ଆଙ୍କି ଦେଇଗଲା । କେଉଁ ଦୃଶ୍ୟ ଦେଖି ଈର୍ଷାରେ ଦଗ୍ଧ ହୋଇଗଲି, ଅନ୍ୟ କେଉଁ ଦୃଶ୍ୟ କ୍ରୋଧରେ ମତେ ଜର୍ଜରିତ କରିପକାଇଲା, କେଉଁ ଦୃଶ୍ୟ ବା ଅପମାନରେ ମୁଣ୍ଡକୁ ତଳକୁ କରିଦେଲା । ଚିନ୍ତା ଏପରି ସଜୀବ ଭାବରେ ଚିତ୍ରଗୁଡ଼ିକୁ ଆଙ୍କି ଦେଉଥାଏ ଯେ, ସେସବୁ ସଂପୂର୍ଣ୍ଣ ସତ୍ୟ ବୋଲି ମୋତେ ବୋଧ ହେଉଥାଏ । ବିକୃତ ମସ୍ତିଷ୍କର ବିକୃତ କଳ୍ପନା ପ୍ରକୃତ ବୋଲି ମନେକରି ମୁଁ ଅଭିଭୂତ ହେଉଥାଏ । ସତେ ଯେପରି ପାପଦେବତାର କୌଣସି ଦୂତ ନାନାପ୍ରକାର କଳ୍ପନା ଓ ସୂଚନା ମୋ ମନରେ ଦେଇ କଳ୍ପନାରେ ମୋତେ କଶାଘାତ କରୁଥିଲା ।

"ସେହି ଲଳିତ ବାବୁଙ୍କର ବଡ଼ ଭାଇ ସଙ୍ଗେ କେତେଦିନ ପୂର୍ବେ ହୋଇ ଥିବା ଗୋଟିଏ କଥାବାର୍ତ୍ତା ମନେ ପଡ଼ିଲା । ଅତି ପୁରୁଣା ସେ କଥା । ଆଜି ଭାରି ନୂତନ ଲାଗିଲା । ମୁଁ ତାଙ୍କୁ ଥରେ ପଚାରିଥିଲି, 'ତୁମେ କେବେ ବେଶ୍ୟା ଘର ବା ସେପରି ହୀନ ସ୍ଥାନକୁ ଯାଅ କି ?' ସେ ହସି ହସି ଉତ୍ତର ଦେଇଥିଲେ, 'ହୀନ ସ୍ଥାନକୁ ଯିବାରେ କି ଦରକାର ଅଛି ? ଖୁବ୍ ବଡ଼ ଘରେ ବି

ବେଶ ଆମୋଦ ହୋଇପାରେ । ଏପରି ଯେ କହୁଥିଲା ତାର ନିଜ ଭାଇ ଆଜି ମୋ ପରି ସମ୍ଭ୍ରାନ୍ତ ଲୋକର ଘରେ, ମୋ ସ୍ତ୍ରୀ ପରି ଉଚ୍ଚ ଶିକ୍ଷିତା ରମଣୀ ସଙ୍ଗେ ପ୍ରେମବନ୍ଧନ ବାନ୍ଧିବାକୁ ସମର୍ଥ ହୋଇଛି । ହାୟ ରେ ବିଧାତା ! ଏହି ଚିନ୍ତା ହେବା ସଙ୍ଗେ ସଙ୍ଗେ ଗୋଟାଏ କପଟ କ୍ରୋଧମିଶ୍ରିତ ଭୟରେ ମୋ ଦେହ କମ୍ପି ଉଠିଲା । ମୁଁ ମନକୁ ମନ ସାନ୍ତ୍ୱନା ଦେଲି—'ନା, ଏ କଥା ଅସମ୍ଭବ । ଏହା ହୋଇ ନ ପାରେ । ମୋ ସ୍ତ୍ରୀ ମୋତେ ଏତେ ପ୍ରତିଶ୍ରୁତି ଦେଇଛି, ସଫା କହିଛି, ଲଳିତ ବାବୁଙ୍କୁ ସେ ଅତି ହୀନ ମନେ କରେ । ସେ କଅଣ ତାଙ୍କ ସଙ୍ଗେ ପ୍ରେମରେ ପଡ଼ିବ ? ଅସମ୍ଭବ, ସମ୍ପୂର୍ଣ୍ଣ ଅସମ୍ଭବ । କିନ୍ତୁ—କିନ୍ତୁ ସେ ତ ମିଛ କହିଥାଇ ପାରେ । ମୋ ସ୍ତ୍ରୀ ମିଛ କହିବା ତ ଆଶ୍ଚର୍ଯ୍ୟ ନୁହେ ! ଅନେକ ଥର ଦେଖା ଯାଇଛି । ଲଳିତ ବାବୁଙ୍କୁ ହୀନ ମନେ କରୁଛି ବୋଲି ମିଛରେ କହି ପ୍ରକୃତରେ ତାଙ୍କୁ ପ୍ରେମର ଉପଯୁକ୍ତ ବୋଲି ମନେ କରି ତାଙ୍କ ସଙ୍ଗେ ସଙ୍ଗେ ପ୍ରେମରେ ପଡ଼ିଥିବ—କିଏ ଜାଣେ । ଏହି ଚିନ୍ତା ସଙ୍ଗେ ସଙ୍ଗେ ପୁଣି ଅବିଶ୍ୱାସ, ଘୃଣା ଓ କ୍ରୋଧ ମୋତେ ଘାଣ୍ଟି ପକାଇଲା ।

"ମୁଁ ଯେଉଁ ବଖରାରେ ଥାଏ, ସେ ବଖରାରେ ଆଜି ମୋଠେ ଦୁଇଜଣ ବସିଥାନ୍ତି—ଜଣେ ସ୍ତ୍ରୀ ଓ ତାଙ୍କର ସ୍ୱାମୀ । ଦୁହେଁ ଖୁବ୍ ଧୀରଭାବରେ ବସିଥାନ୍ତି, ମୋ ସଙ୍ଗେ ସେମାନେ କୌଣସି ଆଳାପ କରୁ ନ ଥାନ୍ତି । ପରସ୍ପର ମଧ୍ୟରେ ମଧ୍ୟ ଖୁବ୍ କମ୍ କଥାବାର୍ତ୍ତା ହେଉଥାନ୍ତି, ଶେଷକୁ ମଝିରେ ଗୋଟାଏ ଷ୍ଟେସନରେ ସେମାନେ ମଧ୍ୟ ଚାଲିଗଲେ । ମୁଁ ଏକୁଟିଆ ରେଲ ଡ଼ବାଟା ଭିତରେ ଆବଦ୍ଧ ହୋଇ ଚିନ୍ତାର ଅତ୍ୟାଚାରରେ ପ୍ରପୀଡ଼ିତ ହେଉଥାଏ । ପିଞ୍ଜରାବଦ୍ଧ ହିଂସ୍ର ପଶୁପରି ମୁଁ ରେଳ ବଖରାର ସେହି ନିର୍ଜନ କାରାବାସରୁ ମୁକ୍ତି ପାଇବାକୁ ଉଦ୍‌ଗ୍ରୀବ ହୋଇ ପଡ଼ୁଥାଏ । କେତେ ବେଳେ ଆସନରୁ ହଠାତ୍ ଉଠିପଡ଼ି ଦୁଆର-ମୁହଁକୁ ଧାଇଁ ଯାଉଥାଏ କିନ୍ତୁ ପରମୁହୂର୍ତ୍ତରେ ଠିଆ ହେବାକୁ ଅସମର୍ଥ ହୋଇ ପୁଣି ଆସି ଆସନରେ କଣ୍ଟୁଡ଼ି ହୋଇ ପଡ଼ୁଥାଏ, କେତେବେଳେ ମୁଁ ଦ୍ରୁତ ପଦରେ ସେହି ବଖରାରେ ପଦ ଚାରଣ କରୁଥାଏ—ସତେ ଯେପରି ରେଳକୁ ଗୋଡ଼ାଉଛି । ଏଣେ ଧୀରେ ଧୀରେ ମୋ

ବଖରାଟି ହଲି ହଲି ଆସନ, ଝରକା ଏବଂ ଦୁଆରଗୁଡ଼ିକୁ ହଲାଇ ହଲାଇ ଆଗକୁ ଧାଉଁଥାଏ—ଠିକ୍ ଆମ ଏ ରେଳ ବର୍ତ୍ତମାନ ଯେପରି ଯାଉଛି ।" ଏହା କହି ଚନ୍ଦ୍ରମଣି ବାବୁ ହଠାତ୍ ଆସନରୁ ଠିଆ ହୋଇ ପଡ଼ିଲେ । କିଛିକ୍ଷଣ ସେହି ରେଳବଖରା ଉପରେ ପଦଚାରଣ କରି ପୁଣି ବସି କହିବାକୁ ଲାଗିଲେ, "ଓହୋ ! ବାସ୍ତବିକ ଏ ରେଳବଖରାଗୁଡ଼ାକ ଏତେ ଭୟଙ୍କର ଜିନିଷ। ଏଗୁଡ଼ାକ ମୋ ମସ୍ତିଷ୍କକୁ କିପରି ବିକୃତ କରି ଦେଉଛନ୍ତି ! ସେ ଦିନ ଏଇ ରେଳବଖରାରେ ମୁଁ ଯେ ଯନ୍ତ୍ରଣା ଅନୁଭବ କରିଛି, ତାହା ବର୍ତ୍ତମାନ ମନେ ପଡ଼ିଲେ ଏହି ବଖରାରୁ ଡେଇଁ ପଡ଼ି ମୁକ୍ତିଲାଭ କରିବା ପାଇଁ ମନ ହେଉଛି. ଓହୋ, ସେ ଦିନର ଯେଉଁ କଷ୍ଟ—ଯେଉଁ ଆଡ଼େ ଚାହୁଁଥାଏ, ସେ ସବୁ ମୋର ମନକୁ ଧରି ବାନ୍ଧି ଟାଣି ଓଟାରି ଆଣି ପୁଣି ସେହି ଘଟଣା ବା କଳ୍ପନା ଉପରେ ପକାଇ ଦିଅନ୍ତି । ବେଳେ ବେଳେ ମନକୁ ଟିକିଏ ଅନ୍ୟ ଚିନ୍ତାରେ ଲଗାଇବାକୁ ଉଦ୍ୟମ କରି ମୁଁ ମୋର ପୁରୀ ବସାଘରର ଚାକର ବୁଢ଼ାଟି କଥା ମନେ ପକାଇଲି । ସେ ଦାଢ଼ିଆ ବୁଢାଟିର ଦୃଶ୍ୟ ଆଖି ଆଗରେ ଦିଶିଗଲା; କିନ୍ତୁ ତହିଁ ସଙ୍ଗେ ସଙ୍ଗେ ଦିଶିଲା ତା ପାଖରେ ଛିଡ଼ା ହୋଇଥିବା ତା ନାତିଟି । ନାତିର ବୟସ ମୋର ପୁଅର ବୟସ ସଙ୍ଗେ ସମାନ । ସେହି ସୂତ୍ରରେ ମୋ ପୁଅ ମୁହଁ ଦିଶିଗଲା ଏବଂ ମନେ ପଡ଼ିଗଲା ତା ମା କଥା—କଅଣ କରୁଥିବ ବର୍ତ୍ତମାନ ସେ, ସେହି ଘୃଣ୍ୟ ଗାୟକ ମୁହଁରେ ଚୁମ୍ବନ ଦେଉଥିବ । ମୋର ସରଳପ୍ରାଣ ଶିଶୁଟି ତାର ନିଜ ମା ଗୋଟାଏ ଅପରିଚିତ ଲୋକକୁ ଚୁମ୍ବନ ଦେବାର ନିଜ ଆଖିରେ ଦେଖୁଥିବ ପରା ! ସେ ଦୃଶ୍ୟ ଦେଖି ତା ଶିଶୁପ୍ରାଣରେ କି ଭାବ ହେଉଥିବ ! ସେ ଭାବ କିନ୍ତୁ ଯେ ଭାବ ହେଉ, ତା ମା'ର ଯାଏ କେତେ ଆସେ କେତେ ? ସେ ତ ବର୍ତ୍ତମାନ ପ୍ରେମରେ ପାଗଳୀ, ଏହିପରି ପୁଣି ସେହି କଥା ଆସି ମନେ ପଡ଼େ । ସେ କଥାରୁ ହୃଦୟକୁ ପୁଣି ଅନ୍ୟତ୍ର ଓଟାରି ନେବା ପାଇଁ ମୁଁ ଚେଷ୍ଟାକରି ତହିଁ ପୂର୍ବଦିନ ସକାଳେ ପୁରୀ ଡାକ୍ତରଖାନାରେ ଯାହା ପରିଦର୍ଶନ କରିଥିଲି ସେ କଥା ମନେ ପକାଇଲି । ମନେ ପଡ଼ିଲା ଗୋଟିଏ ରୋଗୀ ରାତିରେ ନିଦ ନ ହେଉଥିବାରୁ ଡାକ୍ତରଙ୍କ ପାଖରେ ଆପତ୍ତି କରୁଥାଏ । ସେହି ଡାକ୍ତରଙ୍କର—

ଯାହାଙ୍କ ନିଶ ଲଳିତ ବାବୁଙ୍କର ନିଶପରି ମୁନିଆଁ,—ସେହି ମୁନିଆ ନିଶ ଲଳିତ ବାବୁଙ୍କୁ ଆଣି ଆଖି ଆଗରେ ଠିଆ କରିଦେଲା । ଡାକ୍ତର, ଡାକ୍ତରଖାନା, ରୋଗୀସବୁ ପାସୋରି ଗଲେ । ମନେ ପଡ଼ିଗଲା ଲଳିତ ବାବୁଙ୍କ କଥା ଓ ତା କଥା । ଲଳିତ ବାବୁ ଶୀଘ୍ର ଆମ ଜାଗା ଛାଡ଼ି ଯାଉଛନ୍ତି ବୋଲି କହି ମୋତେ କପଟ ଠକାଇ ଦେଲେ । ଆଜି ସେ—ସେ ତ ନିଶ୍ଚୟ ଜାଣିଥିବ ଲଳିତବାବୁ ଶୀଘ୍ର ସେ ସ୍ଥାନ ତ୍ୟାଗ କରୁ ନାହାନ୍ତି ବୋଲି; କିନ୍ତୁ ସେ ଚୁପ ହୋଇଗଲା—ମୋତେ ଠକାଇବାରେ ସାହାଯ୍ୟ କଲା ।

"ଏହିପରି ମନକୁ ବାଁରେଇବା ପାଇଁ ଯେତେ ଯେ ବିଷୟ ବିଚାର କରୁଥାଏ, ସବୁ ଆଣି ମୋତେ ସେହି ଜାଗାରେ ପହଞ୍ଚାଉଥାଏ । ସତେ ଯେପରି ସଂସାରର ସମସ୍ତ ଦୃଶ୍ୟ କ୍ରିୟାକଳାପ କୌଣସି ନା କୌଣସି ରୂପେ ସେମାନଙ୍କର ସେହି ପାପ ପ୍ରଣୟ ସଙ୍ଗେ ସଂପୃକ୍ତ । ଅନ୍ୟ କିଛିବିଷୟ ଚିନ୍ତା କରି ମନକୁ ଟିକିଏ ଆରାମ ଦେବା ଏକାବେଳେ ଅସମ୍ଭବ ହୋଇ ଉଠିଲା । ମୋର ଭୀଷଣ ଯନ୍ତ୍ରଣା ବେଳକୁ ବେଳ ଅଧିକ ଭୀଷଣ ହେବାକୁ ଲାଗିଲା, ସନ୍ଦେହ ଓ ସଂଶୟ ମୋତେ ବେଶୀ କଷ୍ଟ ଦେଲା । ସେ ମୋତେ ଯାହା କହୁଛି, ସତ କହୁଛି ନା ମିଛ କହୁଛି, ତାକୁ ତାର ବିଶ୍ୱାସ କରିବାର କଥା ନା ଅବିଶ୍ୱାସ କରିବାର କଥା, ପ୍ରେମ କରିବି ନା ଘୃଣା କରିବି—ଏ ବିଷୟରେ ମୋର ଘୋର ସଂଶୟ ଉପସ୍ଥିତ ହେଲା ଏବଂ ସଂଶୟ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ମୋର ଯନ୍ତ୍ରଣା ବଢ଼ିବାକୁ ଲାଗିଲା । ଏକ ସମୟରେ ମନେ କଲି, ଗାଡ଼ି ଷ୍ଟେସନରେ ଠିଆ ହେଲେ ଯାଇ ରେଳ ଲାଇନରେ ବେକ ଥୋଇଦେବି । ରେଳ ମୋ ଉପରେ ଚାଲି ଯାଇ ମୋର ସମସ୍ତ ଯନ୍ତ୍ରଣା ଏକ ମୁହୂର୍ତ୍ତରେ ଶେଷ କରି ଦେବ । ଏହିପରି ବିଚାରିଲା ବେଳେ ମନରେ ଆନନ୍ଦ ହେଉଥାଏ—ରେଳ ଲାଇନରେ ବେକ ଥୋଇଦେଲେ ଯନ୍ତ୍ରଣା ଶେଷ ହୋଇଯାନ୍ତା, ଏହି କଳ୍ପନାରେ । କିନ୍ତୁ ଏ ଚିନ୍ତାକୁ କାର୍ଯ୍ୟରେ ପରିଣତ କରି ପାରିଲି ନାହିଁ—ଲଳିତ ବାବୁଙ୍କ ପ୍ରତି ମୋର ଈର୍ଷା ଏବଂ କ୍ରୋଧର ଆଧିକ୍ୟ ଯୋଗୁ, ତା ପ୍ରତି ମୋ ଘୃଣା ଯୋଗୁ । ବିଚାରିଲି ମୁଁ ମରିଗଲେ ତ ସେ ମୋ ଯନ୍ତ୍ରଣା ବୁଝିବ ନାହିଁ । ଲଳିତବାବୁ ତ ଅବଲୀଳାରେ ନିଜ ଉଦ୍ଦେଶ୍ୟ ସାଧନ କରିବ । ମୁଁ

ସ୍ଥିତ ଷ୍ଟେସନରେ ଗାଡ଼ିରୁ ଓହ୍ଲାଇ ପ୍ଲାଟଫର୍ମରେ ବୁଲି ବୁଲି ହୃଦୟକୁ ଅନ୍ୟ ଚିନ୍ତାରେ ଅଭିଭୂତ କରିବାପାଇଁ ଚେଷ୍ଟା କରୁଥାଏ । ଗୋଟିଏ ଷ୍ଟେସନରେ ଜଣେ ବୁଢ଼ା ଯାତ୍ରୀ ପାନବାଲା ଠାରୁ ପାନ କିଣିବାର ଦେଖିଲି ! ମୁଁ ବି ସେତିକି ବେଳେ ପାନ କିଣିବାକୁ ଯାଇ ତାହା ସଙ୍ଗେ ପରିଚିତ ହେଲି ଏବଂ ତା ପଛେ ପଛେ ତାହାର ସେହି ମଇଳା ଆବର୍ଜନାପୂର୍ଣ୍ଣ ତୃତୀୟ ଶ୍ରେଣୀ ଗାଡ଼ିକି ଯାଇ ସେଠାରେ ବସିଲି । ଯାତ୍ରୀମାନେ କେତେ ବିଷୟ ପକାଇଥାନ୍ତି । ସେସବୁ ଶୁଣିବାକୁ ଚେଷ୍ଟା କଲି କିନ୍ତୁ ମନ ଲାଗିଲା ନାହିଁ । ପରବର୍ତ୍ତୀ ଷ୍ଟେସନରେ ନିଜର ସେହି ନିର୍ଜନ ବଖରାକୁ ଫେରିଲି । ମୋର ସେହି ପୂର୍ବ ଚିନ୍ତା ପୁଣି ଆରମ୍ଭ ହେଲା । ମନକୁ ମନ କହିଲି, ତାକୁ ଅବିଶ୍ୱାସ କରି ନିଜେ ଗୁଡ଼ାଏ ଯନ୍ତ୍ରଣା ଭୋଗିବା ଆଜିର ପ୍ରଥମ ନୁହେଁ, ଏହିପରି ଅନେକ ଘଟଣା ଘଟି ଯାଇଛି । ତାକୁ ବହୁବାର ବିଶ୍ୱାସ କରିଛି; କିନ୍ତୁ ସେ ସବୁ ଅବିଶ୍ୱାସର ଆଦୌ କାରଣ ନ ଥିଲା ବୋଲି ତ ଶେଷରେ ଜଣାଯାଇଛି; ଏଥର ହୁଏତ ସେହିପରି ହୋଇପାରେ । ହୁଏତ ମୁଁ ଅଧରାତିରେ ଯାଇ ଘରେ ପହଞ୍ଚିଲା ବେଳକୁ ସେ ନିଷ୍ପାପ ଲୋକସୁଲଭ ନିଦ୍ରାରେ ଅଭିଭୂତ ହୋଇଥାଇପାରେ । ହୁଏତ ତାର ସେ ସମୟର କଥାବାର୍ତ୍ତାର ସରଳତାରେ ମୋର ସମସ୍ତ ସନ୍ଦେହ ଭିତ୍ତିହୀନ ବୋଲି ପ୍ରମାଣିତ ହୋଇପାରେ । ତେବେ ଏତେ ଚିନ୍ତା କାହିଁକି ? ଏତେ ଯନ୍ତ୍ରଣାର କାରଣ କଅଣ ? କିନ୍ତୁ ହୃଦୟ ଭିତରୁ ଗୋଟିଏ କ୍ଷୀଣ ଶବ୍ଦ ଶୁଭିଲା । ନା, ଏପରି ବାଞ୍ଛାକର ମନକୁ ସାନ୍ତ୍ୱନା ଦେଉଛନ୍ତି ? ଏଥରର ସନ୍ଦେହ ସବୁ ସତ୍ୟ । ଏଥରର ସନ୍ଦେହ ଆଉ ଅମୂଳକ ନୁହେଁ; ପୁଣି ସେହି ଘୃଣା ଓ ବିଷାକ୍ତ ଚିନ୍ତାର ସ୍ରୋତ ମୋ ମନକୁ ଅଧିକାର କରି ବସିଲା, ସେତିକି ବେଳେ ମୋର ବ୍ରହ୍ମଚର୍ଯ୍ୟର ଯେ ସ୍ଖଳନ ହୋଇଥିଲା, ତାହା ମନେ ପଡ଼ିଲା । ସେ ସମୟରେ ମୁଁ ନିଜେ ପାପ କରିଛି ବୋଲି ସିନା ଆଜି ଅନ୍ୟର ପାପ ବିଷୟରେ ସନ୍ଦିହାନ ହୋଇ ଏତେ ଯନ୍ତ୍ରଣା ଭୋଗୁଛି ! ମୁଁ ଯଦି ନିଜେ ଆଜୀବନ ପବିତ୍ର ଥାନ୍ତି, ତାହାହେଲେ ଅନ୍ୟମାନଙ୍କର ପାପ ବିଷୟରେ ମୋର ସନ୍ଦେହ ହୁଅନ୍ତା କିପରି, ଏବଂ ଯନ୍ତ୍ରଣା ବା ହୁଅନ୍ତା କାହିଁକି ? ଏହିପରି ଚିନ୍ତାବଳି ସମସ୍ତ ଈର୍ଷା ଓ ସନ୍ଦେହ ମଧ୍ୟରେ

ମୋର ହୃଦୟରେ ପ୍ରକୃତ ଅନୁତାପର ଗୋଟିଏ ଗ୍ରନ୍ଥି ପଡ଼ିଗଲା । କିନ୍ତୁ ଏ ଅନୁତାପର ପ୍ରଭାବ ବଡ଼ କ୍ଷୀଣ, ଅନୁତାପରେ ସ୍ତ୍ରୀ ଓ ଲଳିତ ବାବୁଙ୍କୁ କ୍ଷମା କରି ପାରିଲି ନାହିଁ ।

"ମୋର ଏସବୁ ଚିନ୍ତା ଭିତରେ ଅଧିକ କଷ୍ଟଦାୟକ କଥା ଏହି ଯେ ମୋର ସ୍ତ୍ରୀ ଉପରେ ମୋର ଗୋଟାଏ କିପରି ସ୍ୱତଃସିଦ୍ଧ ଅଧିକାର ଅଛି ବୋଲି ମୁଁ ମନେ କରୁଥାଏ । କିନ୍ତୁ ଏ ଅଧିକାର ଜାରି କରିବା ପାଇଁ ମୋର ସାମର୍ଥ୍ୟ ନାହିଁ । ସେ ମୋର, କିନ୍ତୁ ନିଜର ଇଚ୍ଛାମତେ ଯଥେଚ୍ଛାଚାର କରିବା ପାଇଁ ତାର ଶକ୍ତି ଅଛି । ସେ ମୋର ବୋଲି ମୁଁ ମନେ କରୁଛି । କିନ୍ତୁ ତାକୁ ଶାସନ କରିବା ପାଇଁ ମୋର କ୍ଷମତା ନାହିଁ । ଲଳିତ ବାବୁଙ୍କୁ ଶାସ୍ତି ଦେବାପାଇଁ ମଧ୍ୟ ମୁଁ କଅଣ କରିପାରେ ?

"ଆହୁରି ଗୋଟିଏ ଗୋଲକଧନ୍ଦା । ସେ ଯଦି ମୋତେ ଛାଡ଼ି ପ୍ରକାଶ୍ୟରେ ଲଳିତବାବୁଙ୍କ ସଙ୍ଗକୁ ଚାଲି ଯାଇଥିବ, ତେବେ ତ ଏକ ପ୍ରକାର ଭଲ । ଜାଣିବି ସ୍ତ୍ରୀ ମୋର ଅନ୍ୟତ୍ର ବିବାହ କଲା । ଆମ୍ଭମାନଙ୍କ ଭିତରେ ତ ଛାଡ଼-ପତ୍ରର ପ୍ରଥା ଚଳେ । ଅନ୍ତତଃ ଦାଣ୍ଡକୁ ଘଟଣାଟା ବେଶୀ ଦୋଷାବହ ହେବ ନାହିଁ । ମୋର ହୃଦୟ-ଯନ୍ତ୍ରଣାକୁ କାଳକ୍ରମେ ଭବିତବ୍ୟତା ଶାନ୍ତ କରି ପାରିବ । କିନ୍ତୁ ଯଦି ମୋତେ ସଫା ନ ଛାଡ଼ି ସେ ମିଥ୍ୟାଚାରିଣୀ ହୁଏ, ମୋର ବୋଲି ମୋତେ ଦେଖାଇ ଓ ଜଗତକୁ ଦେଖାଇ ପ୍ରକୃତରେ ଅନ୍ୟକୁ ନିଜର କରେ, ତେବେ ମୋର ଉପାୟ କଅଣ ? ମୋ ସନ୍ଦେହ ଓ ଆଶଙ୍କା ଦୂର ହେବ କିପରି ? ମୋର ଆକାଙ୍କ୍ଷା ଓ ଆଶା କେଉଁ ଦିଗ ଧରି ଚାଲିବ ? ଏହି ଚିନ୍ତାରେ ମୁଁ ଏକ ପ୍ରକାର ପାଗଳ ହୋଇଗଲି ।"

## —କୋଡ଼ିଏ—

"ଘର ଆଉ ଗୋଟିଏ ଷ୍ଟେସନ୍ ବାକି । ଆମ ଷ୍ଟେସନ୍‌ର ପୂର୍ବବର୍ତ୍ତୀ ଷ୍ଟେସନ୍‌ରେ ଗାଡ଼ି ରହିଲା । ସେଠାରୁ ଆମ ସହରର ଆଲୋକଗୁଡ଼ିକ

ମିଞ୍ଜି ମିଞ୍ଜି ଦେଖା ଯାଉଥାଏ । ଆଲୋକ ମିଞ୍ଜି ମିଞ୍ଜି ହେଲେ କଅଣ ହେଲା, ତାହା ସ୍ପଷ୍ଟ ଜଣାଇ ଦେଉଥିଲା, ଘର ଆସି ପାଖ ହେଲାଣି । ଆଉ ଟିକିଏ ଗଲେ ଗାଡ଼ି ଷ୍ଟେସନ୍‌ରେ ଲାଗିବ, ଏବଂ ବର୍ତ୍ତମାନ ଯେଉଁ ଆଲୋକ ମିଞ୍ଜି ମିଞ୍ଜି ଦିଶୁଛି, ତାହାର ତୀବ୍ର ଆଲୋକ ମତେ ବାଟ କଢ଼େଇ ନେଇ ପାପ କଳୁଷିତ ମୋର ଘରେ ନେଇ ପହଞ୍ଚାଇବ । ଘର ପାଖ ହୋଇଗଲା । ମୋ ସ୍ତ୍ରୀ ଯେଉଁଠାରେ ସେହି ହୀନ ସଙ୍ଗୀତଜ୍ଞ ସଙ୍ଗେ ପାପ ପ୍ରଣୟରେ ମାତିଛି, ତାହା ବର୍ତ୍ତମାନ ମୋଠାରୁ ଘଣ୍ଟାକର ବାଟର ଦୂରତ୍ୱରେ ବି ନାହିଁ । ଏ ଚିନ୍ତା ମୋ ହୃଦୟକୁ ଯେତେ କଷ୍ଟ ଦେଲା ତାକୁ ସେତିକି ଉଦ୍‌ବିଗ୍ନ କରି ପକାଇଲା । କପଟ ଘରେ ଯାଇ ପହଞ୍ଚିବି, ସବୁ କଥା ସ୍ପଷ୍ଟ କରି ଆଖିରେ ଦେଖିବି, ସେଥିପାଇଁ ମୁଁ କାଉଳି ହେଉଥାଏ—ଗାଡ଼ି କାହିଁକି ସେ ଷ୍ଟେସନରୁ ଛାଡୁ ନାହିଁ ବୋଲି ମନେ ମନେ ବ୍ୟସ୍ତ ହେଉଥାଏ । ଏଣେ ପ୍ରକୃତ ସତ୍ୟର ସମ୍ମୁଖୀନ ହେବାକୁ ସଙ୍କୋଚ ବି ଥାଏ । ମୋ ଛାତି ଦୁରୁଦୁରୁ କମ୍ପିଲା, ଦେହ ଶୀତେଇଗଲା ଏବଂ ଦାନ୍ତ ପାଟି ଅଟଲା । ସେତେବେଳର ଅବସ୍ଥାରେ ବାସ୍ତବିକ୍ ମୁଁ ବଡ଼ ଦୟାର ପାତ୍ର ହୋଇ ଉଠିଥିଲି ।

"ଶେଷରେ ଗାଡ଼ି ଯାଇ ଆମ ଷ୍ଟେସନରେ ରହିଲା ଏବଂ ମୁଁ ଯନ୍ତ୍ର-ଚାଳିତବତ୍ ପ୍ଲାଟଫର୍ମରୁ ବାହାରି ବାହାରେ ଖଣ୍ଡିଏ ଘୋଡ଼ାଗାଡ଼ିରେ ଉଠି ଗାଡ଼ିବାଲାକୁ ଘର ଠିକଣା ବତାଇଦେଲି । ଗାଡ଼ି ଚାଲୁଥାଏ, ମୁଁ କିନ୍ତୁ ନ ବସ୍ତିର ବାଟରେ ପାର ହୋଇ ଯାଉଥିବା ଲୋକଙ୍କୁ ଚାହିଁଥାଏ ଏବଂ ଗାଡ଼ିର ଛାଇ ଆଗପଟେ ଆଲୁଅ ପଡ଼ିଲେ କପଟ ପଛକୁ ଯାଉଛି, ପଛପଟ ଆଲୁଅ କପଟ ଛାଇକୁ ଆଗକୁ ନେଇଯାଉଛି, ସେହି କଥା ଦେଖୁଥାଏ ।' ଗାଡ଼ି ଅଧବାଟ ଯିବାପରେ ହଠାତ୍ ମୋର ମନେହେଲା, ମୋର ବାକ୍ସ ଓ ଲୁଗାପଟା ସବୁ ଗାଡ଼ିରେ ଛାଡ଼ି ଆସିଛି । ଲୁଗାପଟା ପାଇଁ ଟିକିଏ ବ୍ୟସ୍ତ ହୋଇ ପଡ଼ିଲି; କିନ୍ତୁ ପୁଣି ମନେ ହେଲା, ଗାଡ଼ି ଆମ ଷ୍ଟେସନରେ ପ୍ରାୟ ଅଧଘଣ୍ଟାରୁ ବେଶୀ ରହିବ । ଫଳରେ ମୁଁ ବର୍ତ୍ତମାନ ନ ଫେରି ଘରୁ ଚାକର ପଠାଇ ଦେଲେ ମଧ୍ୟ ଜିନିଷ ମିଳି ପାରିବ । ଏକଥା ସେତେବେଳେ ଅବଶ୍ୟ ଚିନ୍ତିତ ଥିଲି କି ନାହିଁ ସଫା କହି ପାରିବି ନାହିଁ । ଗାଡ଼ି ଆମ ଷ୍ଟେସନ୍‌ରେ

ବେଶୀ ବେଳ ନ ରହୁଥିଲେ ମଧ୍ୟ ବା ଚାକର ଯାଇ ଜିନିଷ ପତ୍ର ପାଇବା ଅସମ୍ଭବ ହୋଇଥିଲେ ସୁଦ୍ଧା, ମୁଁ ଯେ ମୋ ମନର ସେତେବେଳ ଅବସ୍ଥାରେ ଷ୍ଟେସନ୍‌କୁ ଫେରିଥାନ୍ତି, ଯେପରି ବୋଧ ହେଉ ନାହିଁ । ମୋର ସ୍ମରଣ ହେଉଛି, ଘରେ ଯେ ଭୀଷଣ ଦୃଶ୍ୟ ଦେଖିବାର ଆଶଙ୍କା କରିଥାଏ, ତାହାର ଗୋଟାଏ କପଟ ଅସ୍ପଷ୍ଟ ଛାୟା ମୋ ମନକୁ ସଂପୂର୍ଣ୍ଣରୂପେ ଆବୃତ କରି ରଖିଥାଏ ।

"ମୁଁ ମୋ ଦୁଆରମୁହଁରେ ଯାଇ ପହଞ୍ଚିଲି । ସେତେବେଳକୁ ଅଧ ରାତିର ପାଖ ପାଖ । ଜଣେ ଦୁଜଣ ଗାଡ଼ିବାଲା ଆମ ଫାଟକ ଦୁଆର ଆଗରେ ବୋଧହୁଏ ଭଡ଼ା ପାଇଁ ଅପେକ୍ଷା କରି ଠିଆ ହୋଇଥାନ୍ତି । ଦୋମହଲା ଉପରେ, ମୋ ଶୋଇବା ଘର ଝରକା ବାଟେ ଆଲୁଅ ଆସି ସଡ଼କରେ ପଡ଼ିଥାଏ । ଏତେ ରାତି ପର୍ଯ୍ୟନ୍ତ କାହିଁକି ଆଲୁଅ ଜଳୁଛି, ସେ ବିଷୟରେ କୌଣସି କାରଣ କଳ୍ପନା କରିବାକୁ ଚେଷ୍ଟା ନ କରି ମୁଁ ଦୁଆରମୁହଁରେ ଯାଇ ହାତମାରିଲି । ହଠାତ୍ ମୋ ମନରେ କପଟ ଗୋଟାଏ ଆଶଙ୍କା ଆସି ପହଞ୍ଚିଗଲା ଯେ, ସତେ ଯେପରି ମୋର ଜୀବନର ଗୋଟାଏ କିଛି ସ୍ମରଣୀୟ ଦାରୁଣ ଘଟଣା ଘଟିବ । ମୋର ଦୁଆରେ ମାରିବା ଶୁଣି ଚାକର ମାଧିଆ ଦୁଆର ଖୋଲିଦେଲା । ମାଧିଆ ବହୁତ ଦିନରୁ ଗୋଟିଏ ନିମକହଲାଲ ବିଶ୍ୱାସୀ ଚାକର—କିନ୍ତୁ ଭାରି ବୋକା । ଦୁଆର ଫିଟାଇ ଦେବାମାତ୍ରେ ମୋର ଆଖି ଆଗରେ ଖଣ୍ଡିଏ ଛତା ଓ ଯୋତା ହଳେ ପଡ଼ିଗଲା । ଏହା ଦେଖି ମୋର ଆଶ୍ଚର୍ଯ୍ୟ ହେବାର କଥା; କିନ୍ତୁ ମୁଁ ଏଥିରେ ଆଶ୍ଚର୍ଯ୍ୟ ହେଲି ନାହିଁ—କାରଣ ଏହିପରି ଗୋଟାଏ କିଛି ଘଟିବ ବା ଦେଖିବି ବୋଲି ମୋର ଆଶଙ୍କା ଥାଏ । ତେବେ ମୋ ଆଶଙ୍କାକୁ ସତବୋଲି ମନେ ମନେ ବୁଝି ମାଧିଆକୁ ପ୍ରଶ୍ନ କଲି, "କିରେ, କିଏ ଆସିଛି କି ? ଏ ଛତା ଯୋତା କାହାର ?" ମାଧିଆ କୌଣସି ଉପକ୍ରମଣିକା ନ ହୋଇ ପଦେ କଥାରେ ଉତ୍ତର ଦେଲା 'ଲଳିତବାବୁ' । ମୁଁ ପଚାରିଲି—'ଆଉ କିଏ ଅଛି ?' ମାଧିଆ କିଛିକ୍ଷଣ ଚୁପ ରହି କହିଲା, କେହି ନାହିଁ । ତାର ସେହି ଉତ୍ତର ଦେବାର ସ୍ୱର ବର୍ତ୍ତମାନ ମନେ ପଡ଼ୁଛି । ସେ ମୋତେ ସାନ୍ତ୍ୱନା ଦେଲାପରି କଥାଟି କହିଦେଲା—ସତେ ଯେପରି ଆଉ କିଏ ଥିଲେ ମୁଁ ବିରକ୍ତ

ହୋଇଥାନ୍ତି । ତା କଥା ଶୁଣି 'ତେବେ ମୋ ଆଶଙ୍କା ତ ଠିକ୍' ବୋଲି ଆଉ ଥରେ ବୁଝିବା ପଚାରିଲି "କରେ, ପିଲାଏ ?" ସେ ଉତ୍ତର ଦେଲା—"ବାବୁ, ପିଲାଟିମାନଙ୍କର ସମସ୍ତଙ୍କର ଦେହ ଭଲ ଅଛି । ସେଉଟିମାନେ ତ କେତେ-ବେଳୁ ଶୋଇପଡ଼ିଲେଣି ।" ଏହାପରେ ମୋର ନିଶ୍ୱାସ ପ୍ରଶ୍ୱାସ ରୁଦ୍ଧ ହୋଇ ଆସିଲା । ମୋର ସ୍ତ୍ରୀ ନିଷ୍ପାପ ଶଯ୍ୟାକୋଡ଼ରେ ଶାୟିତ ଥିବ ବୋଲି ବେଳେ ବେଳେ ଯାହା ଆଶା କରୁଥିଲି, ସେ ଆଶା ତେବେ ପଣ୍ଡ ହେଉ . ଆଉ କାହିଁକି. ଯାହା ତ ହେବାର ହେଲାଣି, ବର୍ତ୍ତମାନ ଦମ୍ଭ ଓ ଧୈର୍ଯ୍ୟ ଦରକାର । ଏ କଥା ଯେତେ ବୁଝିଲି, ମୋର ଧୈର୍ଯ୍ୟ ସେତିକି ଲୋପ ହେବାକୁ ବସିଲା । ସବୁଠାରୁ ମନ୍ଦ ଏପରି ଯେଉଁ ଆଶଙ୍କା କରିଥିଲି, ବର୍ତ୍ତମାନ ତାହା ଯେ ନିର୍ମମ ନିଷ୍ଠୁର ସତ୍ୟ ରୂପେ ଆଗରେ ଠିଆ । ଭୋ ଭୋ ଡ଼ାକ ଛାଡ଼ିଲା ପରି ମନେ ହେଲା । କିନ୍ତୁ ପର ମୁହୂର୍ତ୍ତରେ ସୈତାନ ମୋ ମନଭିତରେ ନୂଆ ନୂଆ ଉପଦେଶ ଦେଲା । ମାଇକିନିଆ ପରି ଏପରି ଅଧୈର୍ଯ୍ୟ କାହିଁକି ? ବର୍ତ୍ତମାନ ଏପରି କାନ୍ଦିଲେ ବା କୌଣସି ପ୍ରକାର ଚିତ୍କାର କଲେ ସେମାନେ ଯେ ତମେ ଆସିବାର ଜାଣିପାରି ସେ ଘୁଆଡ଼େ ଖସିଯିବେ, ସ୍ଥିର କରି କିଛି ଜାଣି ପାରିବ ନାହିଁ । ସାରା ଜୀବନ ସଂଶୟ ଓ ଅବିଶ୍ୱାସରେ ଘାଣ୍ଟି ହୋଇ ମରିବ ।'

"ଏ ଉପଦେଶ ପାଇ ହୃଦୟରୁ ଦୁଃଖ କୁଆଡ଼େ ଚାଲିଗଲା ଏବଂ ଆପଣ ଶୁଣିକରି ଆଶ୍ଚର୍ଯ୍ୟ ହେବେ, ମୋ ମନରେ ଭାରି ଆନନ୍ଦ ଉପୁଜିଲା । କାରଣ ବର୍ତ୍ତମାନ ତାର ସ୍ୱରୂପ ଜାଣିବାକୁ ଏବଂ ତାର ପାପର ଉପଯୁକ୍ତ ପ୍ରତିଫଳ ତାକୁ ଦେବାପାଇଁ ପ୍ରକୃଷ୍ଟ ସୁଯୋଗ ମିଳିଛି । ଘୃଣା ଏବଂ କ୍ରୋଧ ସଙ୍ଗେ ସଙ୍ଗେ ମୋ ହୃଦୟକୁ ଚାଲି ଆସିଲା ଏବଂ ସେହି ମୁହୂର୍ତ୍ତରେ ମୁଁ ଗୋଟାଏ ନୃଶଂସ ଦାନବ ହୋଇ ପଡ଼ିଲି । ଘୃଣା ଓ ପ୍ରତିହିଂସା ଅଗ୍ନି-ସ୍ଫୁଲିଙ୍ଗ ପରି ମୋ ଆଖିରୁ ବାହାରି ପଡ଼ୁଥାଏ । ସେତିକି ବେଳେ ମାଧିଆ ଆସି ଉପର ମାହାଲାରେ ପହଞ୍ଚିଲା । ବୋଧହୁଏ ତାହାର ଉଦ୍ଦେଶ୍ୟ, ଯାଇ ସାନ୍ତାଣୀଙ୍କୁ ମୋର ଆକସ୍ମିକ ଆଗମନ ବାର୍ତ୍ତା ଦେବ, ସେପରି ହେଲେ ମୋର କାର୍ଯ୍ୟଟା ବ୍ୟର୍ଥ ହୋଇଯିବ ବୋଲି ମନେ କଲି । ମୁଁ ତାକୁ ଅଟକାଇଲି ଏବଂ ତୁରନ୍ତ ଷ୍ଟେସନକୁ ଗୋଟିଏ ଗାଡ଼ିରେ ଯାଇ ଷ୍ଟେସନ

ମାଷ୍ଟ୍ରଙ୍କୁ ମୋ ନାମ କହି ଗାଡ଼ିରୁ ମୋର ଜିନିଷପତ୍ର ଘେନି ଆସିବା ପାଇଁ ତାଙ୍କୁ ହୁକୁମ ଦେଲି ।

"ସଙ୍ଗେ ସଙ୍ଗେ ସେ ହୁକୁମ ତାମିଲ୍ କରିବାକୁ ଧାଇଁଲା । ସେ ଯିବାପରେ ଦାଣ୍ଡ ଦୁଆର ଭଲକରି କିଳି ଦେଇ ମୁଁ ଉପରକୁ ଉଠିଲି—ମୋର କାର୍ଯ୍ୟ ସାଧନ କରିବା ନିମନ୍ତେ—କିନ୍ତୁ କି କାର୍ଯ୍ୟ କିପରି ସାଧନ କରିବାକୁ ହେବ ସେ ବିଷୟରେ ସେ ସମୟରେ ମୋର କୌଣସି ଧାରଣା ନଥାଏ । ମୁଁ ଘୁଣାକ୍ଷରେ ସୁଦ୍ଧା ଚିନ୍ତିତ ନଥାଏ ଯେ ମୁଁ ସେଦିନ ରାତିରେ ଯାହା କଲି ମୋତେ ସେପରି କିଛି କରିବାକୁ ପଡ଼ିବ । କିଅଣ କରିବି କିଛି ମୁଁ ସ୍ଥିର କରି ନଥାଏ । ତେବେ ପ୍ରକୃତ ଘଟଣା କଣ ସେ ବିଷୟରେ ମୋର ଆଉ କୌଣସି ସନ୍ଦେହ ନଥାଏ । ହୁଏତ ଏକଥା ସତ୍ୟ ହୋଇନଥିବ, ହୁଏତ ମୋର ଆଶଙ୍କା ଭ୍ରାନ୍ତ ହୋଇଥିବ । ମୋର ଏଠାରେ ଯେ ଆଶଙ୍କା ସବୁଥିଲା, ତାହା ଯେ ସମ୍ପୂର୍ଣ୍ଣ ସତ୍ୟ ସେ ବିଷୟରେ ଆଉ କୌଣସି ପ୍ରମାଣ ଲୋଡ଼ା ନାହିଁ । ସେ ମୋର ଅଜ୍ଞାତରେ ଅଧ ରାତିରେ ତାଙ୍କ ସଙ୍ଗେ ଏକୁଟିଆ ଆସି ଆଗରୁ ପିଲମାନଙ୍କୁ ସୁଆଇ ଦେଇଛି । ଏତିକି ତ ଯଥେଷ୍ଟ, ଏହାପରେ ଆଉ କି ପ୍ରମାଣ ଦରକାର ହୋଇପାରେ ? ତେବେ ଶେଷ ପ୍ରମାଣ ଅର୍ଥାତ୍ ପ୍ରତ୍ୟକ୍ଷ ପ୍ରମାଣଟାକୁ ନେବାପାଇଁ ମନରେ କୌତୂହଳ ଜାତ ହେଲା । ସଙ୍ଗେ ସଙ୍ଗେ ମୋର ଭୟ ହେଲା, ଠିକ୍ ଏହି ସମୟରେ ସେମାନେ ଯଦି ଗୁଡ଼ ବାଡ଼ ହୋଇଯାନ୍ତି, ଲଳିତବାବୁ ଯଦି କୌଣସି ମତେ ଖସି ଚାଲି-ଯାନ୍ତି ତେବେ ମୋ ଶେଷ ପ୍ରମାଣଟା ଯେ ଅପୂର୍ଣ୍ଣ ରହିଯିବ, ସନ୍ଦେହ ପାଇଁ ଯେ ବାଟ ରହିଯିବ ।

"ଯେତେଶୀଘ୍ର ହୁଏ ସେମାନଙ୍କ ସଙ୍ଗେ ଯାଇ ପହଞ୍ଚିବା ସଙ୍କଳ୍ପରେ ମୁଁ ଗୋଡ଼ ଟିପି ଟିପି ଗୋଟାଏ ବୁଲା ବାଟରେ ଅର୍ଥାତ୍ ପିଲଙ୍କ ଶୋଇବା ଘର ଦେଇ ଯାଇ ସେମାନେ ବସିଥିବା ବୈଠକଖାନା ଦୁଆରମୁହଁରେ ପହଞ୍ଚିଲି । ମୋ ସବୁ ସାନଝିଅଟିର ଧାଈ ସେ ଘରେ ଶୋଇଥିଲା । ମୋର ମନେ ହେଲା ସତେ ଯେପରି ସେ ମୋ ପଦ ଶବ୍ଦରେ ଚମକି ପଡ଼ିଛି । ଉଠି ପଡ଼ିବା ଉପରେ ଅଛି । ହଠାତ୍ ସେ ଯଦି ଉଠିପଡ଼େ ଏକଥା ଚିନ୍ତାକରି

ଭୀରୁ ଲୁଚି ମାଡ଼ିଲା । ଭୀରୁ ଆତ୍ମଗ୍ଲାନି ଆସିଲା, ଆଉ ଘରେ କଅଣ ଚାଲିଛି ଧାଈଟା ଯଦି କୌଣସିମତେ ଜାଣିପାରିବ ଏକଥା ମନେକରି ମୋ ମୁଣ୍ଡ ତଳକୁ ହୋଇଗଲା ।

"ହାୟ, ସେ ମୋତେ ନେଇ କେତେ ଖେଳ ଖେଳୁଛି ! କେଡ଼େ ସଂଭ୍ରାନ୍ତ ଲୋକ ମୁଁ, କେଡ଼େ ବଡ ଘରର ପୁଅ, ଜୀବନସାଙ୍କ ପରିବାରରେ ବାନ୍ଧ ହୋଇ ପୂର୍ଣ୍ଣରୂପେ ପାରିବାରିକ ସୁଖ ଅନୁଭବ କରିବ ବୋଲି ଭାବୁର ଆଜି ଏହି ପରିଣାମରେ ଆସି ପହଞ୍ଚିଛି । ପାଞ୍ଚଟା ପିଲାର ମା ସେ । ଗୋଟାଏ ଅତି ହୀନ ଶାସ୍ତୁକର ପ୍ରେମରେ ପଡ଼ି ମୋ ଘରମୁଣ୍ଡରେ କଳଙ୍କ-ଟଗର ଲଦି ଦେଇଛି । ସେ ଲୋକଟାର ବର୍ଣ୍ଣ ଟିକିଏ ଅଧିକ ଗୋରା ବୋଲି ସେ ଏଡ଼େ ବଡ଼ ହୀନ କାର୍ଯ୍ୟ କରିବାକୁ ଟିକେମାତ୍ର କୁଣ୍ଠିତ ହେଉ ନାହିଁ । ଫେର ପିଲାମାନଙ୍କର ଏଡ଼େ ନିକଟରେ ଯେଉଁ ପିଲାମାନଙ୍କୁ ସେ ସ୍ନେହକରେ ବୋଲି ଜୀବନସାରା ଛଳନା କରି ଆସୁଥିଲା—ଚାକରାଣୀ ଧାଈଟା ଶୋଇବା ଘରର ଏଡ଼େ ପାଖରେ—ଓହୋ, କେତେ ହୀନ ସେ ! ନାରୀ ହୋଇ ମା ହୋଇ ସେ କି ଅକର୍ମ କରୁଛି ! ସରଳ ପିଲାଟିମାନଙ୍କ ଆଗରେ କି ଆଦର୍ଶ ଆଣି ଥୋଉଛି । ନା, ନା ସେ ନାରୀ ନୁହେ ରାକ୍ଷସୀ; ସେ ମା ନୁହେ ପିଲାଟିମାନଙ୍କର ଶତ୍ରୁ ।

"ମନେ ପଡ଼ିଗଲା ତାର ସେ ଚିଠିକଥା । ଏଣେ ଏପରି ନାଟ ଲାଗିଛି ! ତେଣେ କେଡ଼େ ସରଳଭାବରେ ଛଳନା କରି ସେ ମୋ ପାଖକୁ ଚିଠି ଲେଖିଛି । ମିଥ୍ୟାବାଦୀ—ମିଥ୍ୟାବାଦିନୀ ସେ । ମୁଁ ଯଦି ଆଜି ରାତିରେ ନଆସି କାଲି ସକାଳୁ ପହଞ୍ଚିଥାନ୍ତି ତାହାହେଲେ କେଡ଼େ ସରଳ ଭାବରେ ସେ ମୋତେ ଅଭିନନ୍ଦନ ଦେଇଥାନ୍ତା । କେତେ ପ୍ରକାର ବେଶପରିପାଟିରେ ମୋ ମନକୁ ଭୁଲାଇବାର ଚେଷ୍ଟା କରିଥାନ୍ତା । ଓହୋ ! ମିଥ୍ୟାଚାର ଆଉ କେତେ ବାଟ ଯାଇ ପାରେ ? ଏପରି ଭାବୁ ଭାବୁ ମୁଁ ଧାଈର ଚକ୍ଷୁଅନ୍ତରାଳକୁ ଚାଲି ଯିବାପାଇଁ ସେ ଘରସ୍ଥିତ ବାରଣ୍ଡାକୁ ଚାଲି ଆସିଲି ଏବଂ ବାରଣ୍ଡାର ଗୋଟିଏ ଚଉକି ଉପରେ ପଡ଼ିଗଲି । ପୁଣି ବିଚାରିଲି ଏ ତ କାଳ ବିଳମ୍ବ କରିବାର ସମୟ ନୁହେଁ । ହଠାତ୍ ଚଉକିରୁ ଉଠି ମୁଁ ସେମାନଙ୍କ ଘର ଆଡ଼କୁ

ଯିବାକୁ ଚେଷ୍ଟା କଲି; କିନ୍ତୁ ଚଉକିରୁ ଯୋଡ଼ି ଉଠିଲି ନାହିଁ । ଘୋର ଅବସାଦ ମୋତେ ଘୋଟିଗଲା । ମନେ ହେଲା, ସତେ ଯେପରି ମୁଁ ଆଉ ବଞ୍ଚି ପାରିବି ନାହିଁ । ସତେ ଯେପରି ମୋର ମୂର୍ଚ୍ଛା ହୋଇ ପ୍ରାଣନାଶ ହୋଇଯିବ ।

"ମୁଁ ସ୍ଥିର ବୁଝିଲି, ସେ ମୋର ମୃତ୍ୟୁର କାରଣ ହେବ । ମୋର ମନେ ହେଲା, ମୋର ମୃତ୍ୟୁହିଁ ସେ କାମନା କରୁଛି । ମତେ ମାରିଦେବାକୁ ମଧ୍ୟ ସେ ପଶ୍ଚାତ୍‌ପଦ ହୁଅନ୍ତା ନାହିଁ । ଏପରି ଅବସ୍ଥାରେ ମୁଁ ତ ମଲେ ନଚଳେ । ମୋର ମୃତ୍ୟୁ ହେବ ତାର ଶ୍ରେଷ୍ଠ ସୁଯୋଗ । ଏ ସୁଯୋଗ ମୁଁ ତାକୁ କେବେ ଦେବିନାହିଁ । ଉପୂର ମୁହୂର୍ତ୍ତରେ ଆତ୍ମହତ୍ୟା ଇଚ୍ଛା ମୋ ହୃଦୟରୁ ଯାଇ ତାକୁ ହତ୍ୟା କରିବାପାଇଁ ପ୍ରବୃତ୍ତି ଜାଗି ଉଠିଲା । ଏଣେ ମୁଁ ଏକାକୀ ବସିଛି । ତେଣେ ସେ ଦୁହେଁ ବୈଠକଖାନାରେ ବସି ନିଃସଙ୍କୋଚରେ ଆଳାପ କରୁଛନ୍ତି । ଏ କଥା ମନେ ପଡ଼ି ସେହିକ୍ଷଣି ତାକୁ ନଣ୍ଟିଚିପି ମାରି-ଦେବାକୁ ମନହେଲା ।

"ସପ୍ତାହ ପୂର୍ବେ ଯେଉଁଦିନ ମୁଁ ତାକୁ ମୋ ଶୋଇବା ଘରୁ ବଳାତ୍କାରରେ ବାହାର କରି ଦେଇଥିଲି ଏବଂ ଜନଷଣ୍ଡ ଛିନ୍ନଛିନ୍ନ ଫୋପାଡ଼ି ଥିଲି, ସେହି ଦିନର ସ୍ମୃତି ମନେପଡ଼ି ତାକୁ ସେ ଦିନ କାହିଁକି ହତ୍ୟା ନ କଲି ସେଥିପାଇଁ ନିଜକୁ ଧିକ୍କାର କଲି । କିନ୍ତୁ ଗୋଟାଏ ନୃଶଂସ କାର୍ଯ୍ୟ କରି ତାକୁ ଶିକ୍ଷା ଦେବା ନିମନ୍ତେ କ୍ରୂର ପ୍ରକୃତି ମୋର ହୃଦୟରେ ଜାଗିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସମସ୍ତ ସତ୍ ପ୍ରକୃତି ଦୂରହୋଇ-ଗଲା ଏବଂ ହିଂସ୍ର ଜନ୍ତୁର ହିଂସା ଓ ପାଶବିକତା ମୋର ହୃଦୟକୁ ସଂପୂର୍ଣ୍ଣ ଜୟ କଲା ।"

## —ଏକୋଇଶ—

"ଏହି ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ମୁଁ ଗୋଡ଼ରୁ ଯୋତା କାଢ଼ି ପକାଇଲି । ଏବଂ ଖୁବ୍ ଧୀରେ ଧୀରେ ଟିକିଏ ସୁଦ୍ଧା ଶବ୍ଦ ନ କରି ମୋର

ଅସ୍ତ୍ର ଶସ୍ତ୍ର ଯେଉଁ ଠାରେ ଥିଲା ସେଠାକୁ ଗଲି । ଖଣ୍ଡିଏ ଗୁପ୍ତି ବାହାର କଲି । ଖୁବ୍ ଶ୍ରେଷ୍ଠ, ହାତରେ ଧରି ଯିବାକୁ ହୁଏ ନାହିଁ, ଏବଂ ଏ ପର୍ଯ୍ୟନ୍ତ ତାହା କେବେ ବ୍ୟବହାର ହୋଇ ନ ଥିଲା, ଖୋଳଭିତରୁ ଗୁପ୍ତିଟି ବାହାରିଲା ଖୁବ୍ ଦାଢ଼ୁଆ ହୋଇଥାଏ । ଅନ୍ଧାର ଘରେ ଝକମକ୍ ଝଲସୁ ଥାଏ, ତାର ସେହି ତେଜରେ ମୁଁ ଜ୍ଞାନଶୂନ୍ୟ ହୋଇଗଲି । ବାଁ ହାତରୁ ଖୋଳଟି ତଳକୁ ଖସି ପଡ଼ିଲା । ମୁଁ ଖୋଳ ଗୋଟାଇବାକୁ ନରହି ଦେହରୁ କୁରୁତା ଓ ଚାଦର ପ୍ରଭୃତି ବାହାର କରି ସେହି ଗୁପ୍ତି ହସ୍ତରେ ଧୀରେ ଧୀରେ ସେମାନଙ୍କ ଘର ଦୁଆର ମୁହଁକୁ ଗଲି । ଦୁଆର ଏ ପାଖେ ଟିକିଏ ଠିଆ ହୋଇ କାନ ଡେରିଲି ଏବଂ ତା ପରେ—ତା ପରେ ଖୁବ୍ ଯୋରରେ ଦୁଆରକୁ ଧକ୍କାମାରି ଫିଟାଇ ସେମାନଙ୍କ ସମ୍ମୁଖରେ ଯାଇ ପହଞ୍ଚିଲି । ହଠାତ୍ ଘର ମଝିରେ ମୋତେ ଦେଖି ସେମାନଙ୍କ ଚେହେରା ଓ ଅବସ୍ଥା ଯାହା ହେଲା ବର୍ତ୍ତମାନ ମୋର ସଫା ମନେ ପଡ଼ୁଛି । ମନେ ପଡ଼ୁଛି କାରଣ ସେମାନଙ୍କର ସେହି ଚେହେରା ଦେଖି ମୋ ମନ ଆନନ୍ଦରେ ପୂରି ଯାଇଥିଲା । ମୁଁ ମୋର ସଂକଳ୍ପ କାର୍ଯ୍ୟରେ ପରିଣତ କରିବାକୁ ସେହି ଚେହେରାରେ ଶ୍ରେଷ୍ଠ ଯୁକ୍ତି ପାଇଥିଲି, ମୋତେ ଦେଖି ସେମାନଙ୍କ ମୁହଁରେ ଘୋର ନୈରାଶ୍ୟ ଏବଂ ଅତି ଘୃଣ୍ୟ ଭୟ ଚିହ୍ନିତ ହୋଇଗଲା । ହଠାତ୍ ମୋତେ ଦେଖି ସେମାନେ ଯେପରି ଭୁନପଡ଼ିଗଲେ ସେ ଦୃଶ୍ୟ ମୁଁ ମଲା ପର୍ଯ୍ୟନ୍ତ ପାଶୋରି ପାରିବି ନାହିଁ । ଲଳିତ ବାବୁ ମୋ ସ୍ତ୍ରୀର ଖୁବ୍ ନିକଟରେ ଗୋଟିଏ ଚଉକିରେ ବସିଥିଲେ । ହଠାତ୍ ମତେ ଦେଖି ସେ ଗ୍ଲାନିଆ ହୋଇଗଲେ । ଏବଂ କାନ୍ଥରେ ଯାଇ ଲେସି ହୋଇ ଠିଆ ହେଲେ । ମୁଁ ସ୍ପଷ୍ଟ ଦେଖିଲି ସ୍ତ୍ରୀରୁ ଲଳିତ ବାବୁ ଅତିଘୃଣ୍ୟ ଭୟରେ ମୁହ୍ୟମାଣ ।

"ଆଉ ସେ—ତାଠାରେ ମଧ୍ୟ ସେହି ଭୟ, କିନ୍ତୁ ଭୟ ସଙ୍ଗେ ଆଉ କିଛି ମିଶିଥାଏ । ଏହି ଆଉ କିଛି ଟିକିକ ଯଦି ନ ଥାନ୍ତା, ମୁଁ ଯଦି ଖାଲି ଭୟର ଚିହ୍ନ ତା ମୁହଁରେ ଦେଖିଥାନ୍ତି, ତେବେ ଅଳ୍ପ ସମୟ ମଧ୍ୟରେ ଯେଉଁ କାଣ୍ଡ ଘଟିଗଲା ତାହା ଘଟି ନ ଥାନ୍ତା । ଘଟଣା ଅନ୍ୟ କମରେ ଚାଲିଥାନ୍ତା, କିନ୍ତୁ ମୋତେ ଜଣାଗଲା ଭୟ ସଙ୍ଗେ ସଙ୍ଗେ ନୈରାଶ୍ୟ ବିରକ୍ତି ଏବଂ ମୋ ପ୍ରତି

କ୍ଷଣକ ପାଇଁ ତା ମୁହଁରେ ଦେଖା ଦେଇ କୁଆଡ଼େ ଲିଭିଗଲା । ମୁଁ ମନେ କଲି, ମୁଁ ତାହାର ଅନ୍ତରଙ୍ଗ ପ୍ରେମିକ ସଙ୍ଗରୁ ତାକୁ ଛଡ଼ାଇ ନେବାପାଇଁ ହଠାତ୍ ଆସି ଏପରି ଆବିର୍ଭୂତ ହେବାରୁ ତା ମନରେ ବିରକ୍ତି । ତାର ନିରବଚ୍ଛିନ୍ନ ସୁଖରେ ବାଧା ଦେବାକୁ ଯିବାରୁ ତାର ମୋ ପ୍ରତି ଏ ଘୃଣା । ଏହି ଚିନ୍ତା, ଏହି ଆଶଙ୍କା ମୋ ହୃଦୟରେ କ୍ରୋଧ ସଙ୍ଗେ ପ୍ରତି-ହିଂସାର ନିଆଁ ଜାଳି ଦେଲା ।

“ତା ମୁହଁରେ ଏହି ନୈରାଶ୍ୟ ଓ ବିରକ୍ତିର ଭାବ ବେଶି ସମୟ ରହିଲା ନାହିଁ । ସେ ଲଳିତବାବୁଙ୍କ ଆଡ଼କୁ ଚାହିଁଲା ଏବଂ ମୋର ମନେ ହେଲା, ସତେ ଯେପରି ଲଳିତବାବୁ ଚାହାଣିରେ ତାକୁ କହୁଛନ୍ତି— ‘ବର୍ତ୍ତମାନ ଆଉ ଉପାୟ କଅଣ ? ମିଛ କହି ଯଦି ଏ ବିପଦରୁ ଉଦ୍ଧାର ପାଇବାର ସମ୍ଭବ, ତା ହେଲେ ଆରମ୍ଭ କର, ବିଳମ୍ବ କାହିଁକି ?’ ଲଳିତ ବାବୁଙ୍କ ଚାହାଣୀରୁ ଏତକ ପଢ଼ି ତାର ନୈରାଶ୍ୟ ଓ ବିରକ୍ତି କୁଆଡ଼େ ଚାଲିଗଲା ଏବଂ କିପରି ନିଜ ପ୍ରେମିକକୁ ରକ୍ଷା କରିବ ସେଥିପାଇଁ ତାର ଘୋର ଉତ୍କଣ୍ଠା ଜାତ ହେଲା । ମୁଁ ଦୁଆରବନ୍ଧ ପାଖରେ ପିଠି ଆଢୁଆଳରେ ଛୁରିଟି ଧରି ଠିଆ ହୋଇଥାଏ । ଲଳିତବାବୁ ହସି ହସି ଅତି ସରଳଭାବରେ ଆରମ୍ଭ କଲେ—‘ଶାଉଣା ବାଉଣା କରୁ କରୁ’—ଠିକ୍ ସେହି ସମୟରେ ସେ କହି ଉଠିଲା, ‘ବଡ଼ ଆଶ୍ଚର୍ଯ୍ୟ କଥା ତ ! ଚିଠି’—କିନ୍ତୁ ତାକୁ ବା ତାଙ୍କୁ ନିଜର ବକ୍ତବ୍ୟ ଶେଷ କରିବାକୁ ଅବସର ମିଳିଲା ନାହିଁ । ସପ୍ତାହକ ପୂର୍ବେ ଯେଉଁ ପ୍ରଳୟଙ୍କରୀ ପ୍ରବୃତ୍ତି ମୋ ହୃଦୟରେ ଜାଗି ଉଠିଥିଲା, ଆଜି ସେହି ପ୍ରବୃତ୍ତି ପୁଣି ମୋତେ ଅଧିକାର କରିବାକୁ ବସିଲା ଏବଂ ମୁଁ ପୂର୍ଣ୍ଣ ଆଗ୍ରହ ଓ ଉତ୍ସାହର ସହିତ ସେ ପ୍ରବୃତ୍ତି ଆଗରେ ଆତ୍ମସମର୍ପଣ କଲି ।

“ସେମାନଙ୍କୁ ଆଉ ନିଜ ବକ୍ତବ୍ୟ ଶେଷ କରିବାକୁ ସମୟ ମିଳିଲା ନାହିଁ । ମୁଁ ଭୀମ ବିକ୍ରମରେ ତା ଉପରେ ପଡ଼ିଲି । ଛୁରି ଲୁଚାଇ କରି ଧରିଥାଏ— କାଳେ ଲଳିତବାବୁ ମୋ ଉଦ୍ଦେଶ୍ୟ ସାଧନରେ ବାଧା ଦେବେ । ଛୁରିର ଲକ୍ଷ୍ୟସ୍ଥାନ ଆଗରୁ ସ୍ଥିର ଥାଏ । କିନ୍ତୁ ମୁଁ ତାକୁ ଆକ୍ରମଣ କରିବାକୁ ଗଲି

ବେଳେ ସେ ଆସି ହଠାତ୍ ମୋ ହାତକୁ ଧରି ପକାଇଲେ ଏବଂ 'ହାଁ, ହାଁ, ଏ କି ପାଗଳାମି' ବୋଲି ପାଟି କଲେ ।

"ଲଳିତବାବୁଙ୍କ ପରି ଦୁର୍ବଳ ଲୋକର ହାତ ଛଡାଇ ଆଣିବା ମୋ ପକ୍ଷରେ ଅତି ସହଜ କାର୍ଯ୍ୟ । ମୁଁ ତାଙ୍କୁ ଆକ୍ରମଣ କରିବାକୁ ବସିଲି । ମୋ ଆଖି ଦେଖି ତାଙ୍କ ମୁହଁ ପାଣ୍ଡୁର ହୋଇଗଲା । ସେ ଭୟରେ ଅରି ଅରି ଟେବୁଲ ତଳେ ଗଳି ଘରୁ ପଳାଇଲେ । ମୁଁ ପଛରେ ଧାଇଁଲି; କିନ୍ତୁ ମୋତେ ଜଣାଗଲା, ପଛରୁ ଯେପରି ମୋତେ କେହି ଟାଣୁଛି । ଫେରି ଦେଖିଲି ମୋର ସ୍ତ୍ରୀ । ତାଠାରୁ ଖସି ଯିବାପାଇଁ ଖୁବ୍ ଚେଷ୍ଟା କଲି; କିନ୍ତୁ ସେ ମୋର ଅଣ୍ଟାକୁ ଏପରି ଜକଟମକଟ କରି ଧରିଲା ଯେ ଲଳିତ ବାବୁଙ୍କୁ ଗୋଡ଼ାଇ ଧରିବା ମୋ ପକ୍ଷରେ ଅସମ୍ଭବ ହେଲା ।

"ଉଦ୍ଦେଶ୍ୟ ସାଧନରେ ଏପରି ତାଠାରୁ ବାଧା ପାଇବାରୁ ଏବଂ ବିଶେଷତଃ ସେ ମୋତେ ସ୍ପର୍ଶ କରିବାରୁ ମୋ ହୃଦୟରେ କ୍ରୋଧ ବେଶୀ ଜଳି ଉଠିଲା । ଖୁବ୍ ଭୀଷଣ ଭାବରେ ତାକୁ ଆଘାତ କଲି ଏବଂ ସେହି ଆଘାତର ଜୋରରେ ସେ ଚୀତ୍କାର କରି ମୋତେ ଛାଡ଼ିଦେଲା ।

"ମୁଁ ପୁଣି ଲଳିତବାବୁଙ୍କ ପଛରେ ଧାଇଁଲି । କିନ୍ତୁ ଦାଣ୍ଡଦୁଆରେ ଆସି ପହଞ୍ଚିଛି, ବିଚାରିଲି—ମୁଁ କେଡ଼େ ପାଗଳ; ଏପରି ଅବସ୍ଥାରେ ମୁଁ ଯଦି ମୋର ସ୍ତ୍ରୀର ପାପ-ପ୍ରେମିକ ପଛରେ ସଡ଼କରେ ଧାଏଁ, ଲୋକେ ଦେଖିଲେ କଅଣ କହିବେ ? ପ୍ରତିହିଂସା ସାଧନ କରିବା ପାଇଁ ଘୋର ପ୍ରବୃତ୍ତି ହେଉଥିଲା ସତ, କିନ୍ତୁ ଏଥିପାଇଁ ଲୋକଙ୍କ ଉପହାସ୍ୟ ହେବାକୁ ମୋର ଇଚ୍ଛା ନ ଥିଲା । କ୍ରୋଧରେ ଏକପ୍ରକାର ଜ୍ଞାନଶୂନ୍ୟ ହୋଇଥିଲେହେଁ ମୋର କି କାର୍ଯ୍ୟ ଲୋକଙ୍କୁ କିପରି ଜଣା ପଡ଼ିବ, ସେ ବିଷୟରେ ଟିକିଏ ଅନୁଭୂତି ମୋର ଥାଏ । ପ୍ରବଳ ଇଚ୍ଛା ସତ୍ତ୍ୱେ ଲଳିତବାବୁଙ୍କୁ ଛାଡ଼ି ମୁଁ ପୁଣି ଉପରକୁ ଉଠିଲି । ଯାଇ ପହଞ୍ଚିଲି ସେହି ଚିରସ୍ମରଣୀୟ ବୈଠକଖାନା ଘରରେ

"ମୋର ସ୍ତ୍ରୀ ଆସି ଖଟ ଉପରେ ପଡ଼ି ଯାଇଛି । ମୋର ଆଘାତ ତାକୁ ଖୁବ୍ ବାଧିଛି ବୋଲି ଜଣା ଯାଉଛି । ସେ ମୋ ଆଡ଼କୁ ବଲବଲ କରି ଚାହୁଁଛି । ତାହାର ସେହି ଚାହାଣୀ ଜଣାଇ ଦେଉଥାଏ, ମୁଁ ତାର କପଟ ଶତ୍ରୁ ଏବଂ ମୋ ପ୍ରତି ତାର କପଟ ଭୟ ଓ ଘୃଣା । ଅବଶ୍ୟ ତା ମନରେ ଆଉ କଅଣ ଭାବ ଥିଲା, ମୁଁ ତା ଠିକ୍ କହି ପାରିବି ନାହିଁ, କିନ୍ତୁ ମୋର ମନେ ହେଲା, ସତେ ଯେପରି ଏହି ଭୟ ଓ ଘୃଣା ଦୁଇଟି ପ୍ରବୃତ୍ତି ତାକୁ ଅଧିକାର କରିଛି । ଅନ୍ୟର ପ୍ରଣୟରେ ପଡ଼ିଥିବା ନାରୀର ସେ କଥା ଜାଣି ପାରିଥିବା ସ୍ୱାମୀ ପ୍ରତି ଯେଉଁପରି ଭାବ ହେବା କଥା, ତାର ସେହି ଭାବ ହୋଇଛି ବୋଲି ମୁଁ ବୁଝିଲି । ତେବେ କେବଳ ଯେବେ ସେହି ଚାହାଣୀରେ କଥା ଥାନ୍ତା, ସେ ଯଦି ପାଟି ନ ଫିଟାଇଥାନ୍ତା, ତା ହେଲେ ବୋଧହୁଏ ମୁଁ ଆତ୍ମସମ୍ବରଣ କରିଥାନ୍ତି; କିନ୍ତୁ ସେ କଥା କହିବାକୁ ଆରମ୍ଭ କଲା ଏବଂ ମୋର ହାତରୁ ଛୁରୀ ଛଡ଼ାଇ ନେବା ନିମନ୍ତେ ତା ହାତ ପ୍ରସାରି ଦେଲା ।

"ସେ ମୋତେ କହିଲା, 'ଦେଖ, ବୁଝି ବିଚାରି କାର୍ଯ୍ୟ କର । ଏପରି କାହିଁକି ହେଉଛ ? ଲଳିତବାବୁ ଓ ମୋ ମଧ୍ୟରେ କିଛି ଘଟିନାହିଁ । ମୁଁ ନିଷ୍କଳଙ୍କ ।' ଏହି ଶେଷ ପଦକ ମୋତେ ବେଶୀ ରଗାଇଦେଲା । ଏପରି ସମୟରେ 'ମୁଁ ନିଷ୍କଳଙ୍କ' ବୋଲି କହିବାରୁ ମୁଁ ବୁଝିଲି ସେ ପୂରା କଳଙ୍କିନୀ । ଲଳିତବାବୁଙ୍କ ସଙ୍ଗେ ଆଉ ଘଟିବାକୁ ତାର କିଛି ନାହିଁ । ସୁତରାଂ କ୍ରୋଧରେ ଅଧୀର ହୋଇ ମୁଁ ଉତ୍ତରରେ ଚୀତ୍କାର କଲି, 'ମିଥ୍ୟାବାଦିନୀ, ରାକ୍ଷସି, ଶେଷ ମୁହୂର୍ତ୍ତରେ ମଧ୍ୟ ମିଥ୍ୟା ।' ବାଁ ହାତରେ ତା ହାତକୁ ମୁଁ ଚାପିଧରିଲି, କିନ୍ତୁ ସେ ହାତ ଛଡ଼ାଇ ନେଲା । ମୁଁ ଛୁରୀ ନ ଛାଡ଼ି ବାଁହାତରେ ତା ତଣ୍ଟି ଧରି ଖଟ ଉପରେ ତାକୁ ପକାଇ ଚିପିଦେଲି । ଉଃ, ତା ବେକ କେଡ଼େ ଶକ୍ତ ! ସେ ଦୁଇହାତରେ ମୋ ହାତକୁ ତା ବେକରୁ ଛୁଆଡ଼ି ଦେଲା । ସତେ ଯେପରି ଏଥିପାଇଁ ମୁଁ ଅପେକ୍ଷା କରୁଥିଲି । ସେ ମୋ ହାତ ଛୁଆଡ଼ି ଦେବା ସଙ୍ଗେ ସଙ୍ଗେ ମୁଁ ଖୁବ୍ ଜୋରରେ ତାର ବାଁପଟ ପେଟରେ ଠିକ୍ ସ୍ତନ ତଳକୁ ଛୁରୀ ଭୁଷିଦେଲି······

"ଲୋକେ କହନ୍ତି ପାଗଳ ହୋଇଥିଲା ବେଳେ କଅଣ କରି ପକାନ୍ତି, ଜଣା ପଡ଼େ ନାହିଁ, କିନ୍ତୁ ତାହା ଠିକ୍ ନୁହେଁ—ଭୁଲ୍ ମିଛ । ମୁଁ ଯାହା କଲି ସେ କଥା ମୋର ସଫା ମନେ ଆଏ ଏବଂ ମୁହୂର୍ତ୍ତକ ପାଇଁ ସୁଦ୍ଧା ମୋର କାର୍ଯ୍ୟରେ ସଂଜ୍ଞାଲୋପ ହେଉ ନ ଥାଏ । ମୋ ହୃଦୟରେ କ୍ରୋଧ ଯେତିକି ଜଳୁଥାଏ ସଂଜ୍ଞା ଓ ଅନୁଭୂତି ତେତିକି ପ୍ରବଳ ହୋଇ ଉଠୁଥାଏ ଏବଂ ମୋ ହୃଦୟର ସମସ୍ତ ସନ୍ଧିବିସନ୍ଧି ସେହି ପ୍ରବଳ ଆଲୋକରେ ଆଲୋକିତ ହୋଇ ଯାଉଥାଏ । ଏପରି ଅବସ୍ଥାରେ ମୁଁ କଅଣ କରୁଛି, ସେ ବିଷୟରେ ଜ୍ଞାନ ଲୋପ ହେବ କିପରି ? ଅବଶ୍ୟ କଅଣ କରିବି ସେ କଥା ଆଗରୁ ବିଚାର କରି ନ ଥିଲି । କିନ୍ତୁ ଘଟଣା ସମୟରେ ଏବଂ ସେହି ସମୟର କେତେ ମୁହୂର୍ତ୍ତ ଆଗରୁ ମୁଁ କଅଣ କରୁଛି, ସେ କଥା ମୋତେ ସ୍ପଷ୍ଟ ଦେଖାଯାଉଥାଏ । ମୁଁ ଠିକ୍ ଜାଣି-ପାରୁଥାଏ, ମୁଁ ଗୁପ୍ତି ତଳେ ତାକୁ ମାରୁଛି ଏବଂ ଦାଢ଼ୁଆ ଛୁରୀ ତା ପେଟରେ ପୂରି ଗଲାଯିବ । ଏ କାର୍ଯ୍ୟ କଲା ବେଳେ ମୁଁ ବୁଝୁଥାଏ, ଏହା ଅତି ନୃଶଂସ କାର୍ଯ୍ୟ ଏବଂ ଏହାର ପରିଣାମ ଭୀଷଣ ।

"କିନ୍ତୁ ଏ ଜ୍ଞାନ ଉଦୟ ହେବାର ଠିକ୍ ପରେ ଏତେ ଶୀଘ୍ର କାର୍ଯ୍ୟ ହୋଇଗଲା ଯେ, ମୋର ମନେ ହେଲା ସଂଜ୍ଞା ଓ କାର୍ଯ୍ୟ ଠିକ୍ ଏକ ମୁହୂର୍ତ୍ତରେ ହୋଇଛି । ସେ ସମ୍ପର୍କରେ ପ୍ରତ୍ୟେକ ଚ୍ଚୋଟ କଥା ମୋର ମନେ ଅଛି । ମୋର ମନେ ଅଛି, ତାର କୁରୁତା କପଡ଼ ଛୁରୀକୁ ଟିକିଏ ବାଧା ଦେଇଥିଲା ଏବଂ କପଡ଼ ପୋଷାକର ବାଧା, ଚମଡ଼ା ଓ ପଞ୍ଜରହାଡ଼ର ବାଧା ତତ୍କ୍ଷଣ ଛୁରୀ ଅବଲୀଳାରେ ଅତିକ୍ରମ କରି ତାର ପେଟ ଭିତରକୁ ପଶିଗଲା । ଛୁରୀ ନ ପଶିବ ବୋଲି ସେ ଦୁଇ ହାତରେ ତାକୁ ଧରି ପକାଇଲା, କିନ୍ତୁ ହାତ ଖଣ୍ଡିଆ ହେଲା—ଛୁରୀ ବାଧା ମାନିଲା ନାହିଁ ।

"ଜେଲଖାନା ଭିତରେ ହାଜତରେ ରହି ମୋର ନୈତିକ ପ୍ରବୃତ୍ତିର ଯେତେବେଳେ ଘୋର ପରିବର୍ତ୍ତନ ବା ବିପ୍ଳବ ହେଲା, ସେ ସମୟରେ ମୁଁ ଏହି ଘଟଣାର ପ୍ରତ୍ୟେକ ସୂକ୍ଷ୍ମ ବିଭାଗ ମନେ ପକାଇ ସେତେବେଳେ ମୋ ମନରେ କି ଧାରଣା ସବୁ ହୋଇଥିଲା, ତାହା ସ୍ମରଣ କରିଥିଲି । ମନେ ଅଛି ସେତେ-

ବେଳେ ଠିକ୍ ଛୁରୀ ଭୁଷି ଦେବାର ମୁହୂର୍ତ୍ତକ ପୂର୍ବେ ମୁଁ ସ୍ପଷ୍ଟ ବୁଝି ପାରିଥିଲି ଯେ ମୁଁ ମାରୁଛି ।

"ଜଣେ ଅସହାୟ ଅବଳା—ମୋର ନିଜ ସ୍ତ୍ରୀକୁ ମୁଁ ହତ୍ୟା କରୁଛି; କିନ୍ତୁ ପୂର୍ବରୁ କହିଛି ଚିନ୍ତାର ଠିକ୍ ସଙ୍ଗେ ସଙ୍ଗେ କାର୍ଯ୍ୟ ହୋଇଗଲା । ଆହୁରି ମଧ୍ୟ ମନେ ଅଛି, ଛୁରୀ ଭୁଷିଦେବା ପରେ ମୁଁ ଛୁରୀକୁ ପୁଣି ଟାଣି ଆଣିଥିଲି । ସତେ ଯେପରି ଏପରି କରିବା ଦ୍ୱାରା ମୋର କରିଥିବା କାର୍ଯ୍ୟର ପ୍ରତିକାର ହେବ ବୋଲି ମୋର ମନେ ହେଲା । ତା ପରେ ହଲଚଲ ନ ହୋଇ ସେହି ଛୁରୀ ହାତରେ ମୁଁ ଠିଆ ହୋଇ ରହିଲି । ଖାଲି ବହୁରୁଥାଏ, ଏ କାର୍ଯ୍ୟର ପ୍ରତିକାର ସମ୍ଭବ କି ନାହିଁ ? ଛୁରୀ କାଢି ଆଣିବା ପରେ ସତେ କଅଣ ତାର କିଛି ଉପକାର ହେଲା କି ?

"ସେ ଖଟରୁ ହଠାତ୍ ଉଠି ପଡ଼ି ଚୀତ୍କାର କଲା, 'ଧାଇ, ସେ ମୋତେ ମାରି ପକାଇଲେ ଲୋ ।' ଏ ଚୀତ୍କାର ଶୁଣି ଧାଈ ଧାଇଁ ଆସି ତାପାଖେ ପହଞ୍ଚି ଲାଗି, ତଥାପି ମୋର ମନେ ହେଉଥାଏ, ସତେ ଯେପରି ବିଶେଷ କିଛି ଅନିଷ୍ଟ ହେବ ନାହିଁ । ବୋଧହୁଏ ସେ ମିଛରେ ଏପରି ଚୀତ୍କାର କରୁଛି ।

"ଏହି ସମୟରେ ରକ୍ତଧାର ତାହାର ଲୁଗା ଭେଦି ପଦାକୁ ବାହାରିଲା, ତଳେ ଝରଝର ହୋଇ ପଡ଼ିଲା, ହଠାତ୍ ମୋର ମାନସିକ ଭାବ ମଧ୍ୟ ପରିବର୍ତ୍ତିତ ହୋଇଗଲା । ମୁଁ ବୁଝିଲି, ଯାହା ହୋଇଛି, ଠିକ୍ ହୋଇଛି, ତା ପ୍ରତି ମୁଁ ଯାହା କରିଛି, ତାହାର ପ୍ରତିକାର ହେବାର କିଛି ପ୍ରୟୋଜନ ନାହିଁ । ମୋର ମନେ ହେଲା ଯାହା ହୋଇଛି ତାହାହିଁ ମୋର କରିବା ଉଚିତ ଥିଲା । ତଥାପି ମୁଁ ଠିଆ ହୋଇଥାଏ । ଅବଶେଷରେ ସେ ରକ୍ତସ୍ରାବ ହେତୁ ଅବଶ ହୋଇ ପଡ଼ିଗଲା । ମୁଁ ଛୁରୀଟା ତଳେ ଫୋପାଡି ଦେଇ ସେ ଘର ଛାଡି ଚାଲିଗଲି । ସ୍ଥିର କଲି ଏତେବେଳେ ବିହ୍ୱଳ ହେବା ଉଚିତ ନୁହେ—ଧୀରତା ଓ ସ୍ଥୈର୍ଯ୍ୟ ବଡ଼ ପ୍ରୟୋଜନ । ତା ଆଡକୁ ବା ଧାଇ ଆଡ଼କୁ ଟିକିଏ ଚାହିଁ ନ ଚାହିଁ ଧୀରେ ଧୀରେ ବାହାରିଗଲି । ଧାଇ ଭୟରେ ଚୀତ୍କାର

କରୁଥାଏ ଓ ଗୃହକର୍ତ୍ତ୍ରୀଙ୍କ ଡ଼ାକୁଥାଏ । ମୁଁ ମୋ ଶୋଇବା ଘରକୁ ଯିବା ବାଟରେ ଗୃହକର୍ତ୍ତ୍ରୀଙ୍କୁ ଦେଖି ତା ସାନ୍ତ୍ରାଣୀ ପାଖକୁ ତାଙ୍କୁ ପଠାଇଦେଲି ଏବଂ ମୋ ଶୋଇବା ଘରେ ଯାଇ ବିଚାର କଲି, କଅଣ କରିବି ?

“ସେଠାରେ ମୋର କଅଣ କରିବା ଉଚିତ ବେଶ୍ ମନେ ଦିଶିଗଲା । କାନ୍ଥରୁ ପିସ୍ତଲ ବାହାର କରି ଆଣିଲି । ଦେଖିଲି ଟୋଟା ଭର୍ତ୍ତି ହୋଇ ତାହା ଠିକ୍ ସଜ୍ଜିତ ହୋଇ ରହିଛି । ପିସ୍ତଲ୍‌ଟି ଆଣି ହାତ ପାଖରେ ଟେବୁଲ ଉପରେ ଥୋଇଲି । ସେହି ସମୟରେ ମୋର ସଂଜ୍ଞା ଓ ବିଚାର ଶକ୍ତି ଏକ ପ୍ରକାର ଲୋପ ହୋଇଗଲା । ଅନ୍ତତଃ ମୁଁ କିଛି ବିଚାରୁ ନ ଥାଏ । ମୋର କିଛି ମନେ ପଡ଼ୁ ନ ଥାଏ ।

“ବହୁତ ସମୟ ବସି ବସି କଟିଲା । ଶେଷରେ ଦୁଆରେ ଆସି ଗୋଟିଏ ଗାଡ଼ି ଠିଆହେଲା ପରି ଜଣା ହେଲା । ଅଳ୍ପ ସମୟ ଭିତରେ ମାଧିଆ ଆସି ପହଞ୍ଚିଲା , ଷ୍ଟେସନରୁ ମୋ ଜିନିଷପତ୍ର ଧରି । କିନ୍ତୁ ବର୍ତ୍ତମାନ ଏ ଜିନିଷ ପତ୍ରରେ ଆଉ କି ପ୍ରୟୋଜନ ? ମାଧିଆକୁ କହିଲି, ‘କିରେ, କଅଣ ଘଟିଲାଣି ଶୁଣିଚୁ ? ଯା ପୁଲିସରେ ଖବର ଦେଇ ଆ ।’

“ସେ କିଛି ନ କହି ତୁନିହୋଇ ଚାଲିଗଲା । ମୁଁ ସିଗାରେଟ ଓ ଦିଆସିଲାଇ ବାହାର କରି ଧୂଆଁ ଖାଇବାକୁ ଆରମ୍ଭ କଲି । କିନ୍ତୁ ଗୋଟିଏ ପୁରା ସିଗାରେଟ୍ ସରିନାହିଁ , ମୋତେ ଭାରି ନିଦ ମାଡ଼ିଲା , ମୁଁ ଶୋଇ ପଡ଼ିଲି । ଶୋଇ ଶୋଇ ବୋଧହୁଏ ଦୁଇଘଣ୍ଟା କଟିଗଲା । ନିଦରେ ମୁଁ ସ୍ୱପ୍ନ ଦେଖୁଥାଏ—ଆମେ ଦୁହେଁ, ମୁଁ ଓ ମୋର ସ୍ତ୍ରୀ ବର୍ତ୍ତମାନ ବେଶ୍ ଭଲ ଭାବରେ ଚଳୁଛୁ । ଯେ କଳଙ୍କ ହୋଇଥିଲା, ତାହା ମେଣ୍ଟିଯାଇଛି । ଭିତରେ ଟିକିଏ ସନ୍ଦେହ ଅଛି , କିନ୍ତୁ ମୋଟାମୋଟି ଆମେ ଦୁହେଁ ବର୍ତ୍ତମାନ ବନ୍ଧୁ ।

“ଏହି ସମୟରେ ମୋର ସେହି ଦୁଆରେ ଆସି କିଏ ଡ଼ାକିଲା । ମନରେ ବିଚାରିଲି, ‘କିରେ କଅଣ ପୁଲିସ କି ?’ ତେବେ ମୁଁ କଅଣ ତାକୁ ସଫା

ମାରି ଦେଇଛି ? ନାଇଁ ବାଧହୁଏ ସେ ନିଜେ ଦୁଆରରେ ଡାକୁଛି । ସେମରି କିଛି ସାଂଘାତିକ ଘଟଣା ଘଟିନାହିଁ । ପୁଣି ଦୁଆରେ ଶବ୍ଦହେଲା, ମୁଁ ଉତ୍ତର ନ ଦେଇ ମନକୁ ମନ ପ୍ରକୃତ ଅବସ୍ଥାଟା ବୁଝିବାକୁ ଚେଷ୍ଟାକରୁଥାଏ । ଆଚ୍ଛା, ସତେ କଅଣ ମୁଁ ତାକୁ ମାରିଛି ? ହଁ, ସେଥିରେ ଆଉ ସନ୍ଦେହ କଅଣ ? ଗୁଳି କପାଳ ଟିକିଏ ଟିକିଏ ବାଧା ପାଇ ତା ପେଟ ଭିତରେ ପଶିଥିଲା, ସେ କଥା ତ ସଂପୂର୍ଣ୍ଣ ମନେ ଅଛି । ଏହି ସ୍ମୃତି ତ ତାକୁ ମାରିବାର ଶେଷ ପ୍ରମାଣ । ମୋର ହୃଦୟର ସ୍ପନ୍ଦନ ଏକାବେଳକେ ବନ୍ଦ ହୋଇଗଲା । ବିଚାରିଲି, ଆଚ୍ଛା, ତାର ମୃତ୍ୟୁ ଯଦି ନିଶ୍ଚିତ, ଏଥର ମୋର ପାଳି ମୁଁ ଆତ୍ମହତ୍ୟା କରିଦିଏ; କିନ୍ତୁ ମୋର ସବୁ ମନେ ଅଛି ଠିକ୍ ଏହିପରି ଆତ୍ମହତ୍ୟା କରିବାକୁ ବିଚାରିଲା ବେଳେ ମନ କପାଳ ଭିତରେ ନାହିଁ ନାହିଁ କରୁଥାଏ, ମୁଁ ଜାଣୁଥାଏ ଆତ୍ମହତ୍ୟା କରିବାର ସାହସ ମୋଠାରେ ନାହିଁ । ତଥାପି ଉଠି ପିସ୍ତଲ ଉଠାଇ ଧରିଲି । କିନ୍ତୁ ଟିପିବାକୁ ମନ ହେଲା ନାହିଁ । ମୋର ମନେ ଅଛି, ଆତ୍ମହତ୍ୟା କରିବା ପାଇଁ ମୁଁ ଅନେକ ଥର ଚେଷ୍ଟା କରିଛି । ହେଲେ, ଅଳ୍ପ ସମୟ ପୂର୍ବରେ ତ ଗାଡ଼ିରେ ସେହି କଥା ବିଚାରୁଥିଲି । ସେତେବେଳେ ଆତ୍ମହତ୍ୟା କରିବାଟା କେତେ ସହଜ ଲାଗୁଥିଲା । କିନ୍ତୁ ବର୍ତ୍ତମାନ ସେ ଇଚ୍ଛା ଆଉ ହେଲା ନାହିଁ । ମୁଁ ମନକୁ ମନ ପଚାରିଲି, ଆଉ ଆତ୍ମହତ୍ୟା କରିବ କାହିଁକି ? ସେତେବେଳେ ସିନା ତାକୁ ଦଣ୍ଡ ଦେବା ନିମନ୍ତେ ମୁଁ ଆତ୍ମହତ୍ୟା କରିବାକୁ ଚାହୁଁଥିଲି । ଆତ୍ମହତ୍ୟା କରିବା ପ୍ରତିହିଂସାର ଗୋଟାଏ ଉପାୟ ଥିଲା । ବର୍ତ୍ତମାନ ଆଉ କାହିଁକି ? ବର୍ତ୍ତମାନ ପ୍ରତିହିଂସା ନେବି କାହା ଉପରେ ? ଏ ସବୁ ପ୍ରଶ୍ନର ଉତ୍ତର ମିଳିଲା ନାହିଁ । ଏଣେ ଦୁଆରମରା ଚାଲିଥାଏ । ବିଚାରିଲି, ଆଚ୍ଛା ଆଗ ଦୁଆର ଫିଟାଏ । କିଏ ଆସୁଛି ଦେଖେ । ଆତ୍ମହତ୍ୟା କରିବାର ବେଳ କଅଣ କୁଆଡ଼େ ଚାଲି ଯାଉଛି ? ଏହା ବିଚାରି ମୁଁ ଟେବୁଲ ଉପରେ ପୁଣି ପିସ୍ତଲ ଥୋଇଦେଲି । ତା ଉପରେ ଗୋଟାଏ ଖବରକାଗଜ ଘୋଡ଼ାଇ ଦେଲି । ଦୁଆର ଫିଟାଇଲି । ପୁଲିସ ନୁହେଁ, ମୋର ସ୍ତ୍ରୀର ବିଧବା ଭଉଣୀଟି ମୋର ଘର ଭିତରକୁ ପଶି ଆସିଲା ଏବଂ 'ଚନ୍ଦ୍ରବାବୁ, ଏ କଅଣ' ବୋଲି ଚିତ୍କାର କଲା । ତାର

ଭାବିବା ଶୁଣିବା ଭଳି ଦେଖାଗଲା । ମୋତେ ଏହି ପଦକ କହିଦେବା ସଙ୍ଗେ ସଙ୍ଗେ ତା ଆଖିରୁ ଲୁହର ଦୁଇଟା ଅସରନ୍ତି ଧାର ଲମ୍ବିଗଲା । ମୋତେ ଏ ଅଭିନୟ ଭଲ ଲାଗୁ ନ ଥାଏ ।

"ମୁଁ ଭାରି ବିରକ୍ତ ହୋଇ କହିଲି,'କଣ ? କଥା କଣ ? ଏମିତି କାହିଁକି ହେଉଛ ମ ? ତମର କଣ ଲୋଡ଼ା ଇଠେଇ ?' ମୁଁ ବେଶ୍ ବୁଝୁଛି, ସେତେ-ବେଳେ ତା ପ୍ରତି ଏପରି ରୂଢ଼ ଭାବରେ କଥା କହିବା ଉଚିତ ନ ଥିଲା । କିନ୍ତୁ ମୁଁ ଅନ୍ୟ କୌଣସି ପ୍ରକାର ସ୍ୱରରେ ତାକୁ କଥା କହିପାରିଲି ନାହିଁ ।

"ସେ ସେହିପରି କାନ୍ଦି କାନ୍ଦି କହିଲା, 'ଚନ୍ଦ୍ର ବାବୁ, ସେ ପରା ମରି ଯାଉଛି ! ଡ଼ାକ୍ତର ଆସିଥିଲା, କହିଲା , ବଞ୍ଚିବାର ଆଉ ଆଶା ନାହିଁ ।'

"ଡ଼ାକ୍ତର ନାଁ ଶୁଣି ମୋ ସ୍ତ୍ରୀ ପ୍ରତି ମୋର ସମସ୍ତ ଘୃଣା ପୂର୍ଣ୍ଣପୂର୍ଣ୍ଣ-ମାତ୍ରାରେ ଜାଗି ଉଠିଲା । ମୁଁ ଅଧିକ ବିରକ୍ତିରେ କହିଲି, 'ଡ଼ାକ୍ତର କଣ ଇଠିକି ଆସିଛି କି !' ପୁଣି କହିଲି, 'ସେ ମରି ଯାଉଛି ! ମରୁ, ସେଥିରେ ମୋର କଣ ଅଛି, ସେ ମୋର କିଏ କି ?' ସେ କହିଲା 'ଚନ୍ଦ୍ରବାବୁ, ଏମିତି କଥଣ କହୁଛ ମ ? ଛି, ଯାଅ, ଟିକିଏ ତା ପାଖକୁ ଯାଅ । ଏତେବେଳେ ଏମିତି ନିଷ୍ଠୁର କଥା କହନ୍ତି ?'

"ମୁଁ ମନକୁ ମନ ପଚାରିଲି, 'ଆଚ୍ଛା, ତା ପାଖକୁ ମୋର ବର୍ତ୍ତମାନ ଯିବା କଣ ଉଚିତ ? ମନ ଭିତରୁ କିଏ ଯେତେ ଯେପରି କହିଲା, 'ନିଶ୍ଚୟ, ଏତେବେଳେ ନ ଗଲେ ଆଉ କଣ ବେଳ ଆସିବ ?' ଏପରି ଅବସ୍ଥାରେ ମୋର ଯିବାହିଁ ଉଚିତ । ସ୍ୱାମୀ ଯଦି ସ୍ତ୍ରୀକି ହତ୍ୟା କଲା, ତେବେ ତା ସଙ୍ଗେ ଶେଷ ଦେଖାଟା ନ ହେଲେ ଲୋକେ କଣ କହିବେ ? ମୋର ମନେ ହେଲା ମୋର ସ୍ତ୍ରୀ ସଙ୍ଗେ ଶେଷ ଦେଖା କରିବାଟା ମୋର ପ୍ରଧାନ କର୍ତ୍ତବ୍ୟ ।

"ମନେ ପଡ଼ିଗଲା, ମୋର ନିଜ ଆତ୍ମହତ୍ୟା କରିବା କଥା । ମନେ ମନେ ବିଚାରିଲି, 'ଆତ୍ମହତ୍ୟା କରିବା ପାଇଁ ବେଳ କଣ କୁଆଡ଼େ ଯାଉଛି ଭାବ ? କିନ୍ତୁ ନା ସଙ୍ଗେ ଦେଖା କରିବା ପାଇଁ ଆଉ ତ ବେଳ ମିଳିବ ନାହିଁ ?'

"ମୋର ସ୍ତ୍ରୀର ଭଉଣୀ ପଛରେ ସେ ଘରକୁ ବାହାରିଲି । ମୁଁ ଏତେ-ବେଳେ ତା ପାଖରେ ଯାଇ ପହଞ୍ଚିଲେ, ସେ ଯେ ନାନା ପ୍ରକାର ମୁଖଭଙ୍ଗୀ ଦେଖାଇ ନାନା ପ୍ରକାର କଟୁକଥା କହିବ- ସେ ବିଷୟରେ ସନ୍ଦେହ ନଥାଏ । କିନ୍ତୁ ସଂକଳ୍ପ କଲି, ସେ ମୋତେ ଯେତେ ପ୍ରକାର ବିରକ୍ତ କଲେ ସୁଦ୍ଧା ମୁଁ ଟିକିଏ ହେଲେ ବିଚଳିତ ହେବି ନାହିଁ ।

"ବାସ୍ତବିକ ବଡ଼ ଆଶ୍ଚର୍ଯ୍ୟର କଥା ମୁଁ ମୋର ଶୋଇବା ଘର ଗୁଡ଼ି ବୈଠକଖାନାକୁ ଗଲା ବେଳେ ବାଟରେ ବିଚାରୁଥାଏ, ଓହୋ, ଏ ଯେଉଁ ଘଟଣାଗୁଡ଼ାକ ଘଟିଗଲା, ସେ ସବୁ କଣ ସତ ? ନା, ଏସବୁ ମନର କଳ୍ପନା । କିଛି ଘଟି ନାହିଁ । ଯାହା ଥିଲା ସବୁ ସେହିପରି ଅଛି—ସେହି ଘର, ସେହି ଦ୍ୱାର, ସବୁ । କିନ୍ତୁ—କିନ୍ତୁ ଏ କଣ ? ଔଷଧର ଉତ୍କଟ ଗନ୍ଧ । ସେହି ଉତ୍କଟ ଗନ୍ଧ ଉତ୍କଟ ଭାବରେ ମନେ ପକାଇଦେଲା , ଯାହାକୁ ମନର କଳ୍ପନା ବୋଲି ବିଚାରୁଛି, ସେ ସବୁ ସମ୍ପୂର୍ଣ୍ଣ ସତ୍ୟ । ଘରଦ୍ୱାର ଯେପରି ଥିଲା, ସେପରି ଅଛି । କିନ୍ତୁ ସେ ଯେପରି ଥିଲା, ସେପରି ନାହିଁ । ତା ଦେହରେ ଛୁରୀ ସବୁ ଓଲଟ ପାଲଟ କରି ଦେଇଛି ।

ସେ ଶୋଇଥିବା ଘରେ ପଶିଗଲା ମାତ୍ରେ ମୋର ଆଖିରେ ପଡ଼ିଲା,ତାର ସେହି ସୁନ୍ଦର ରେଶମୀ ଶାଢ଼ୀ ଗୋଟାଏ କୋଣରେ ଚଉକି ଉପରେ ଫୋପଡ଼ା ହୋଇଛି । ଶାଢୀଟାଯାକ ରକ୍ତ ସରସର । ସେ ଶାଢ଼ୀ ସ୍ପଷ୍ଟ ଜଣାଇ ଦେଉଥାଏ ଦୁଇ ଘଣ୍ଟା ପୂର୍ବେ ମୁଁ କି କୃତ୍ୟ କରିଛି । ସେ ଶୋଇଥାଏ—ମୋର ଶେଯରେ । ଗୋଡ଼ ପାଖଟା ତକିଆ ଉପରେ ଭରିଦେଇ ଆଉଜିଥାଏ । ଆଣ୍ଠୁ ଭାଙ୍ଗି ଉପରକୁ ଟେକା ହୋଇଥାଏ । ପେଟ ଉପରେ ଲୁଗା ନ ଥିଲା; କିନ୍ତୁ ଯେଉଁ ଜାଗାରେ ଛୁରୀ ମାରିଥିଲି,ତାହା ଦିଶୁ ନ ଥାଏ । ତା ଉପରେ ଡାକ୍ତର

ଆସି ବ୍ୟାଣ୍ଡେଜ ବାନ୍ଧିଦେଇ ଯାଇଥାନ୍ତି । ଆଇଡୋଫର୍ମ ଔଷଧର ଉତ୍କଟ ଗନ୍ଧ ସେ ଘରଟିକୁ ପୂର୍ଣ୍ଣ କରି ରଖିଥାଏ । ତା ପରେ ଦେଖିଲି ତାର ସେହି ଚିରପରିଚିତ ଓ ଚିରଅପରିଚିତ ମୁହଁଟି । ମୁହଁ ଫୁଲି ଯାଇଛି। ଲଳିତବାବୁଙ୍କୁ ମୁଁ ଗୋଡ଼ାଇଲା ବେଳେ ସେ ବାଧା ଦେଇ ଯେଉଁ ଗୁପ୍ତିଟି ପୁରସ୍କାର ପାଇ-ଥିଲା, ସେହି ଆଘାତ ଯୋଗେ ତା ବାଁ ଆଖିପତା ତଳକୁ ଖଣ୍ଡେ ଖୁବ୍ ନାଲି ଦିଶୁଥାଏ । ସେ ମୁହଁରେ ଆଉ ସୌନ୍ଦର୍ଯ୍ୟର ଚିହ୍ନ ନ ଥାଏ । ମୃତ୍ୟୁର ବିଭୀ-ଷିକା କ୍ରମେ କ୍ରମେ ତାର ମୁଖମଣ୍ଡଳକୁ ଆକ୍ରମଣ କରି ଆସୁଥାଏ । ସେ ମୁହଁ ଦେଖି ମୋର ଭୟ ହେଲା । ମୁଁ ଟିକିଏ ପଛକୁ ଘୁଞ୍ଚି ଆସିଲି ।

"ଏହା ଦେଖି ତା ଭଉଣୀ କହିଲା, 'ଯା, ଯା, ତା ପାଖକୁ ଯାଅ ମ ।'

"ମୁଁ ବିଚାରିଲି ବାସ୍ତବିକ୍ ଏତେବେଳେ ତା ପାଖକୁ ଯିବାହିଁ ଉଚିତ । ବୋଧହୁଏ ବର୍ତ୍ତମାନ ସେ ଅନୁତାପ କରିବାକୁ ଇଚ୍ଛା କରୁଥିବ । ବୋଧହୁଏ ତାର ଦୋଷ ଓ ବ୍ୟଭିଚାର ନିମନ୍ତେ ମୋତେ କ୍ଷମା ମାଗିବ । ମନକୁ ମନ ପଚାରିଲି,ଆଚ୍ଛା ସେ ମୋତେ କ୍ଷମା ମାଗିଲେ,ମୁଁ କଅଣ ତାକୁ କ୍ଷମା ଦେବି ? ଉତ୍ତର ମିଳିଲା—ନିଶ୍ଚୟ, ସେ ଯେ ମୃତ୍ୟୁମୁଖରେ । ବର୍ତ୍ତମାନ ତାକୁ କ୍ଷମା ଦେବା ମୋର କର୍ତ୍ତବ୍ୟ । ଏହିପରି ମୃତ୍ୟୁ ଶଯ୍ୟାରେ ତାକୁ ମୋର ଉଦାରତା ଦେଖାଇବା ପାଇଁ ସଙ୍କଳ୍ପ କରି ଧୀରେ ଧୀରେ ମୁଁ ତାର ଶଯ୍ୟା ନିକଟବର୍ତ୍ତୀ ହେଲି । ଅତି କଷ୍ଟରେ ସେ ଆଖି ଦୁଇଟି ଟେକି ମୋ ଆଡକୁ ଚାହିଁଲା ଏବଂ ଖୁବ୍ କଷ୍ଟରେ ଅସ୍ପଷ୍ଟ ଭାବରେ ମୋତେ କହିଲା—'ଆଉ ଚିନ୍ତା କଅଣ ? ଏଥର ଏଣିକି ତୁମ ମନକାମନା ପୂର୍ଣ୍ଣ କର । ମୋତେ ତ ହତ୍ୟା କଲ—ଏଥର ତୁମ ସୁଖ ନିରବଚ୍ଛିନ୍ନ ହେଉ ।' ଏ କଥା ତାର ଆଖି ଏବଂ ମୁଖ-ଭଙ୍ଗୀରୁ ବୁଝିଲି ।

"ମୃତ୍ୟୁ ନିକଟବର୍ତ୍ତୀ ହେଲେ ସୁଦ୍ଧା ତାର ଭାବ ପରିବର୍ତ୍ତିତ ହୋଇନାହିଁ । ସେହି ପୁରୁଣା ପରିଚିତ ପାଶବିକତା ଏବଂ ଘୃଣା ବର୍ତ୍ତମାନ ସୁଦ୍ଧା ତାର ହୃଦୟକୁ ସମ୍ପୂର୍ଣ୍ଣ ଅଧିକାର କରି ରଖିଛି । ସେ ପୁଣି କହିଲା—ପିଲାଙ୍କୁ ତମେ ପାଇବ ନାହିଁ । ମୋ ପିଲାଙ୍କୁ ମୁଁ ତୁମ ହାତରେ ଛାଡ଼ିବି ନାହିଁ । ସେ ( ତା:

ଭଉଣୀ) ତାଙ୍କୁ ନେବ । ମୁଁ ମୋର ପିଲାଗୁଡ଼ିକଙ୍କୁ ତାର ହାତରେ ଛାଡ଼ିଯିବ ।"

"ପିଲାଙ୍କୁ ମୁଁ ପାଇବି କି ଆଉ କିଏ ପାଇବ, ସେ କଥା ସେତେବେଳେ ମୋର ଚିନ୍ତାର ସାମଗ୍ରୀ ନ ଥିଲା । ମୁଁ ତାର ପାପ, ବିଶ୍ୱାସଘାତକତା ଏବଂ ବ୍ୟଭିଚାରର ବିଷୟ ସେତେବେଳେ ଚିନ୍ତା କରୁଥିଲି । ଆଶା ଥିଲା, ସେ ଶେଷ ମୁହୂର୍ତ୍ତରେ ତାର ଦୋଷ ସ୍ୱୀକାର କରି ମୋର କ୍ଷମା ଭିକ୍ଷା କରିବ । କିନ୍ତୁ କାହିଁ ? ସବୁ ବିଷୟ ତାର ମନେ ପଡ଼ୁଛି । ସବୁ କଥା ସେ କହୁଛି, କିନ୍ତୁ ସେହି ବିଷୟ ତାର ମନକୁ ଆସୁ ନାହିଁ ବା ଘୁଣାକ୍ଷରରେ ସେ ସେ ପ୍ରସଙ୍ଗ ଉଠାଉ ନାହିଁ ।

"ମୁଁ ଏହି କଥା ଚିନ୍ତା କରୁ କରୁ ସେ ବିଦ୍ରୂପ କରି ପୁଣି କହିଲା 'ହଉ ଦେଖ ଦେଖ । ଆପଣା ହାତରେ କି କୀର୍ତ୍ତି କରିଛ, ସେ କଥା ଦେଖି ତୃପ୍ତି ଅନୁଭବ କର ।' ଦୁଆରବନ୍ଧ ପାଖରେ ତାର ଭଉଣୀ ଓ ପିଲାଟିମାନେ ଠିଆ ହୋଇଥାନ୍ତି । ମୁଁ ପିଲାଟିମାନଙ୍କୁ ଚାହିଁଲି ଏବଂ ସେମାନଙ୍କଠାରୁ ଆଖି ଫେରାଇ ତାର ସେହି ଯନ୍ତ୍ରଣାକ୍ଲିଷ୍ଟ ମୁଖଭଙ୍ଗୀକି ଆଉ ଥରେ ଦେଖିଲି । ସେହି ଥରକରେ ମୋର ଗର୍ବ, ଅଧିକାର, ଜ୍ଞାନ ପାଶୋର ହୋଇଗଲା । ସେ ମୋ ପ୍ରତି କି ଅନ୍ୟାୟ ବ୍ୟବହାର କରିଛି ସବୁ ଭୁଲିଗଲି । ଅତୀତ ମନରୁ ଅନ୍ତର ହୋଇ ବର୍ତ୍ତମାନ ଅନୁଭୂତିର ଅଣୁବୀକ୍ଷଣ ଯନ୍ତ୍ରରେ ପ୍ରକାଣ୍ଡ ଆକାର ଧାରଣ କଲା । ତାହାର ତଥାକଥିତ ଦୋଷସବୁ ଆଖିକି ବଡ଼ ଛୋଟ ଦିଶିଲା । ମୋର ଯେଉଁ ସନ୍ଦେହ ଓ ଈର୍ଷା ହୃଦୟରେ ପ୍ରବଳ ହୋଇ ମୋତେ ଏ କର୍ମ କରାଇଥିଲା, ସେ ଈର୍ଷା ସେ ସନ୍ଦେହ ବଡ଼ ହେୟ ବୋଧ ହେଲା । ମୁଁ ଆଖି ଆଗରେ ଦେଖିଲି, ପରମେଶ୍ୱରଙ୍କର ଗୋଟିଏ ମହାପ୍ରାଣୀକୁ ମୁଁ କି ଘୋର ଯନ୍ତ୍ରଣା ଦେଉଛି—ଗୋଟିଏ ମାନବ ମୋ ଯୋଗୁ ମୃତ୍ୟୁର କବଳରେ ପଡ଼ି କି ଯନ୍ତ୍ରଣା ସହୁଛି । ସେ ଯେ ମୋର ସ୍ତ୍ରୀ, ସେ କଥା ମୁଁ ଭୁଲିଗଲି । ଆଖି ଆଗରେ ଦିଶିଲା, ତାର ମାନବୀ—ନା, ଦେବୀମୂର୍ତ୍ତି । ମନେ ହେଲା ତାର ଗୋଡ଼ତଳେ ଲୋଟି ପଡ଼ିବି । ଆବେଗରେ ତାର ହାତକୁ ଧରି କହିବି 'ଦୋଷୀ ମୁଁ, ଦେବି, ମୋତେ କ୍ଷମା କର ।' କିନ୍ତୁ ସାହସ ହେଲା ନାହିଁ । ସେ ତାର ଦୁର୍ବଳ ଆଖି

ଦୁଇଟି ବନ୍ଦ କରି ମଉନ ରହିଲା;ତାର କଥା କହିବାର ସାମର୍ଥ୍ୟ ଦୂର ହୋଇ ଥିଲା ପରା ! ହଠାତ୍ ତାର ବଳକ ମୁହଁ ଟିକଏ ଅଟକିଗଲା । ଗୋଟାଏ ଭ୍ରୂକୁଟି ତା ମୁହଁରେ ଆଙ୍କି ହୋଇଗଲା ଏବଂ ସେ ଦୁର୍ବଳଭାବରେ ତାର ଦୁର୍ବଳ ହାତ ଦୁଇଟିରେ ଠେଲି ମୋତେ ଦୂରକୁ ତଡ଼ ଦେବାକୁ ବସିଲା । ଆଉ ସହି ପାରିଲି ନାହିଁ—'ପ୍ରିୟେ,କ୍ଷମା କର ପ୍ରିୟେ, ଦୁର୍ବୃତ୍ତ ମୁଁ କି ଭିଆଣ ଭିଆଇ ବସିଛି !' ଏହା କହି ମୁଁ ତାର ଗୋଡ଼ତଳେ ପଡ଼ିଗଲି । କିନ୍ତୁ ସେ କହିଲା 'କ୍ଷମା, ଏତେବେଳେ କ୍ଷମା ନାମ ଶୁଣି ହସ ମାଡ଼ୁଛି । କ୍ଷମା ଦେବ କାହାକୁ —ତୁମକୁ ? ଓହୋ ବଞ୍ଚିନ୍ତ ହେଲେ !' କରୁଣ କଣ୍ଠରେ ଏପରି କହି ସେ ଅନ୍ୟ ଟିକଏ ଡେର ହୋଇ ମୋ ଆଡ଼କୁ ଚାହିଁଲା । ମୃତ୍ୟୁର ଉଜ୍ଜ୍ୱଳତାରେ ତାର ଆଖିଦୁଇଟି ଛଳ ଛଳ ଦିଶୁଥାଏ । ସେ କହିଲା—ଆଉ ଏତେବେଳେ କ୍ଷମା ମାଗୁଛ କାହିଁକି ? ତୁମର କାମନା ତ ପୂର୍ଣ୍ଣ ହୋଇଛି । ତୁମକୁ ମୋର କ୍ଷମାଦେବା ଅସମ୍ଭବ, ତୁମ ପ୍ରତି ଘୃଣାରେ ମୋ ହୃଦୟ ପୂରି ରହିଛି ।

"ଏତିକି କହିଲା ପରେ ହଠାତ୍ ତାର ବାତୁଳତା ଆସି ପହଞ୍ଚିଗଲା । ତାର ମନ କୌଣସି କଥାରେ ସ୍ଥିର ହୋଇ ନ ରହି ଖାଲି ଏଣେ ତେଣେ ହେଲା ପରି ଲାଗିଲା । ସେ ବେଳେ ବେଳେ ଚୀତ୍କାର କରୁଥାଏ,'ଦିଅ,ମାରି ଦିଅ । ଛୁରୀ ଭୁଷି ଦିଅ , ମୁଁ ତୁମକୁ ଡ଼ରୁଛି ନା ତୁମ ଛୁରୀକୁ ଡ଼ରୁଛି ? ଖାଲି ଏତିକି, ମୋତେ ମାରିବା ସଙ୍ଗେ ଏ ପିଲାଟି-ମାନଙ୍କୁ ବି ମାରିଦିଅ । ତାଙ୍କୁ ମାରିଦିଅ—ହେ, ଯିଏ—ଓଃ ସେତ ପଳେଇ ଗଲେଣି,ଭଲ ହୋଇଛି । ମୋର ଏ ଅବସ୍ଥା ସେ ଦେଖନ୍ତେ କାହିଁକି ?'ଏହିପରି ପ୍ରଳାପ ଶେଷ ପର୍ଯ୍ୟନ୍ତ ଚାଲିଲା । ଆଉ ସେ କାହାକୁ ଚିହ୍ନି ପାରିଲା ନାହିଁ । ସେହିଦିନ ଦିପହରକୁ ତାର ପ୍ରାଣବାୟୁ ଉଡ଼ିଗଲା ।

"ସେତେବେଳେ ମୁଁ ତା ପାଖେ ନଥିଲି । ସେ ଦିନ ସକାଳ ୮ଟା ବେଳେ ପୁଲିସ ଆସି ମୋତେ ନେଇଗଲା ଥାନାକୁ । ସେଠାରୁ ଜେଲ ହାଜତକୁ ଗଲି, ମକଦମା ବିଚାର ଅପେକ୍ଷାରେ । ହାଜତରେ ଏଗାରମାସ ରହିବାକୁ ପଡ଼ିଲା । ଏହି ଏଗାରମାସ ବିଶ୍ରାମ ପାଇ ମୋତେ ମୋ ବିଷୟରେ, ମୋର

ଅତୀତ ଜୀବନ ବିଷୟରେ ଚିନ୍ତା କରିବାକୁ ବେଶ୍ ସୁବିଧା ମିଳିଲା । ମୋର ଅତୀତ ଜୀବନର ପ୍ରକୃତ ତଥ୍ୟ ଓ ଅର୍ଥ ମୁଁ ଏହିଠାରେହିଁ ବୁଝିବାକୁ ସମର୍ଥ ହୋଇଥିଲି । ମୋର ମାନସିକ ବୃତ୍ତିଗୁଡ଼ିକର ଘୋର ପରିବର୍ତ୍ତନ ଏହିଠାରେ ହୋଇଥିଲା । ମୋ ଆଖିରୁ ଅନ୍ଧପୋଟଳି ଫିଟିଲା, ହାଜତକୁ ଯିବାର ଦିନଦିନ ପରେ । ଯେବେ"—ସେ ଗୋଟାଏ କଅଣ କହିବାକୁ ଯାଉଥିଲେ, କିନ୍ତୁ ହଠାତ୍ ତାଙ୍କ ସ୍ୱର ବନ୍ଦ ହୋଇଗଲା । ଘୋର ଆବେଗପୂର୍ଣ୍ଣ ହୃଦୟର କ୍ରନ୍ଦନ ଦମନ କରି କଥା କହିବା ତାଙ୍କ ପକ୍ଷରେ ଅସମ୍ଭବ ହେଲା । ସେ ତୁନି ହୋଇ ମୁହଁ ଘୋଡ଼ାଇ ବସି ରହିଲେ । ତା ପରେ ଟିକିଏ ସ୍ଥିର ହୋଇ ପୁଣି କହିଲେ, "ଦିନଦିନ ପରେ ହାଜତରୁ ମୋତେ ଯେତେବେଳେ ସେମାନେ ଘରକୁ ନେଲେ, ସେତିକି ବେଳେ ବାସ୍ତବିକ ମୋର ଦିବ୍ୟ ଚକ୍ଷୁ ଖୋଲିଲା । ସେ ପର୍ଯ୍ୟନ୍ତ ତାର ସଂସ୍କାର ହୋଇ ନ ଥାଏ ।" ସେ ପୁଣି କାନ୍ଦିଲେ, କିନ୍ତୁ ତୁରନ୍ତ କାନ୍ଦ ଦବାଇ କହିଲେ । ଦିନଦିନ ପରେ ଯେତେବେଳେ ମୁଁ ତାର ମୃତମୁଖ ଦେଖିଲି, ସେତିକିବେଳେ ବୁଝିଲି, ମୁଁ କେଡ଼େ କୁକର୍ମ କରିଛି—ସେତିକି ବେଳେ ଅନୁଭବ କଲି ମୁହିଁ ତାର ହତ୍ୟାକାରୀ । ଅଳ୍ପଦିନ ପୂର୍ବରେ ଯେ ହସୁଥିଲା, ଖେଳୁଥିଲା, ସରସତାରେ ଅନ୍ୟକୁ ମୁଗ୍ଧ କରୁଥିଲା ଏବଂ ନିଜେ ମୁଗ୍ଧ ହେଉଥିଲା, ତାକୁ ମୁଁ ମୋର ନିଜ ହାତରେ ଆଜି ନିର୍ଜୀବ କରି ପକାଇଛି । ମୋର ଯୋଗୁ ତା ଦେହରେ ଆଜି ସ୍ପନ୍ଦନ ନାହିଁ । ସେ ନିର୍ଜୀବ ମାଟିକୁଣ୍ଢେଇ ହୋଇଛି । ମୁଁ ଯାହା କରିଛି ତାର ଆଉ ପ୍ରତ୍ୟାବର୍ତ୍ତନ ନାହିଁ, ଭ୍ରାନ୍ତିହିଁ ଉ ନାହିଁ ; ନିଜ କୃତିର ପ୍ରତ୍ୟକ୍ଷ ଦୃଶ୍ୟ ଦେଖି ମୁଁ ସବୁ ବୁଝିଲି; କିନ୍ତୁ ଖାଲି ବୁଝିବା ସିନା ସାର ! ମୋର ପାପର ଫଳ ତ ଆଉ ଫେରିବ ନାହିଁ । ଯାହା ଯାଇଛି, ସେ ତ ଆଉ ଆସିବ ନାହିଁ ।"

ଏତିକି କହି ସେ ଭୋ ଭୋ ଡାକ ପାରିଲେ ଏବଂ ଏପରି ଅବସ୍ଥାରେ ସାନ୍ତ୍ୱନା ଦେବା ନିରର୍ଥକ ବୋଲି ବୁଝି ମୁଁ ତୁନି ହୋଇ ଅନୁତାପଦଗ୍ଧ ସେହି ହୃଦୟବାନ୍ ପୁରୁଷଟିକୁ ଚାହିଁ ରହିଲି ।

ଅନେକ ସମୟ ଗଲା । ସେ ମୋର ପାଖରେ କାନ୍ଦୁଥାନ୍ତି ଏବଂ ଆବେଗରେ ତାଙ୍କ ଦେହ ଥରିଯାଉଥାଏ । ଅବଶେଷରେ, 'ହଉ ବିଦାୟ ହେଉଛି' ବୋଲି କହି ସେ ମୋ ଆଡ଼କୁ ପିଠି କରି ଶୋଇଲେ ଏବଂ ଘୋଡ଼ିହେଲା ଚଦରଟି ସମ୍ପୂର୍ଣ୍ଣରୂପେ ଘୋଡ଼ାଇ ହୋଇ ପଡ଼ିଲେ । ଗାଡ଼ି ଚାଲୁଥାଏ ।

ଯେଉଁ ଷ୍ଟେସନରେ ମୋର ଓହ୍ଲାଇବାର କଥା, ଦିନ ୮ଟା ବେଳକୁ ସେ ଷ୍ଟେସନ୍ ଆସି ହେଲା । ଓହ୍ଲାଇଯିବା ପୂର୍ବରୁ ମୁଁ ତାଙ୍କ ନିକଟକୁ ଗଲି । ସେ ଯେଉଁଠାରେ ଠିଆ ହୋଇଥିଲେ, ମୁଁ ସେ ପାଖରେ ଠିଆ ହୋଇ ଯାଉଛି ବୋଲି ତାଙ୍କୁ କହିଲି । ସେ ଟିକିଏ ସୁଦ୍ଧା ହଲଚଲ ହେଲେ ନାହିଁ । ବାସ୍ତବିକ୍ ତାଙ୍କୁ ନିଦ ହୋଇଯାଇଥାଏ, କି ଆଉ କଥାବାର୍ତ୍ତା ହେବା ପାଇଁ ତାଙ୍କର ମନ ନ ଥାଏ, କେଜାଣି ? କିନ୍ତୁ ସେ ଉଠିଲେ ନାହିଁ, କି ମୋ କଥାର ଉତ୍ତର ଦେଲେ ନାହିଁ । ତାଙ୍କୁ ସେ ସମୟରେ ବ୍ୟସ୍ତ କରିବା ଉଚିତ ନୁହେଁ ବୋଲି ଭାବି ମୁଁ ଧୀରେ ଧୀରେ ଗାଡ଼ିରୁ ଓହ୍ଲାଇ ପଡ଼ିଲି, କିନ୍ତୁ ଘୋଡ଼ିହେଲା ଭିତରେ ତାଙ୍କର ସେହି କରୁଣ ମୂର୍ତ୍ତି ଘୋଡ଼ିହେଲା ଭେଦ କରି ମୋ ଆଖିକୁ ଦିଶି ଯାଉଥାଏ ଏବଂ ମୋ ଆଖି ସମବେଦନାରେ ଛଳ ଛଳ ହେଉଥାଏ ।

*Printed by B K. Kar*

**The Saraswata Press,**

CUTTACK.

1931